# ଧରିତ୍ରୀ DHARITRI

ଧରିତ୍ରୀ 50 Years

ଭୁବନେଶ୍ୱର, ଶୁକ୍ରବାର, ଡିସେମ୍ବର ୨୨/୨୦୨୩ (୧୨+୮= ୨୦ ପୃଷ୍ଠା) | Bhubaneswar, Friday, December 22/2023 | Page 20 | ₹ 7.00 | SAMBALPUR

୫୦ଶ ଭାଗ ୨୯ ସଂଖ୍ୟା | www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul | VOLUME 50 ISSUE 29 | ମୂଲ୍ୟ ₹୭/-





ଧରିତ୍ରୀ 50 Years
DHARITRI
ଭୁବନେଶ୍ୱର, ଶୁକ୍ରବାର, ଡିସେମ୍ବର ୨୨/୨୦୨୩ Bhubaneswar, Friday, December 22/2023

DSPL - 475

ODISHA NEW OPPORTUNITIES | 5T | ଆମ ଓଡ଼ିଶା ନବୀନ ଓଡ଼ିଶା




*"With the implementation of the Long-term Linkage Policy for Minerals – 2023, Odisha has positioned itself as the investors' preferred destination for sustainable industrial growth".*

(Naveen Patnaik)
Chief Minister, Odisha

The Hon'ble Chief Minister's vision of rapid industrialization in Odisha is being realised through faster grounding of industrial projects.

# GROUND BREAKING

2 MTPA Alumina Refinery & Apparel Manufacturing unit of **Aditya Birla Group** at **Kanshariguda, Rayagada.**

**On 22nd December 2023**
by
**Shri Naveen Patnaik**
Hon'ble Chief Minister

## PROJECT DETAILS

| Project | Investment | Employment |
|---|---|---|
| Aditya Alumina Refinery at **Kanshariguda, Rayagada** | 8000 cr | 4000 |
| Apparel Manufacturing Unit at **Phuljuba, Rayagada** | 114 cr | 3000 |

For more information on Long-term Linkage Policy for Minerals please contact:
**Kalyan Charan Mohanty**
Executive Director IPICOL
94372 29029 | kalyancmohanty@investodisha.org

**COME. JOIN THE JUGGERNAUT.**

E-mail us at: info@investodisha.org | Toll Free Number: 1800 345 7111
For further information please visit http://www.investodisha.gov.in/

Follow us on @investInOdisha /InvestOdisha

Scarecrow M&CSaatchi/2023/Dec
OIPR-14005/13/0034/2324

ଧରିତ୍ରୀ DHARITRI
ଭୁବନେଶ୍ୱର, ଶୁକ୍ରବାର, ଡିସେମ୍ବର ୨୨/୨୦୨୩ Bhubaneswar, Friday, December 22/2023

DSPL-477

ଆମ ଓଡ଼ିଶା ନବୀନ ଓଡ଼ିଶା

ଓଡ଼ିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ

**ଶ୍ରୀଯୁକ୍ତ ନବୀନ ପଟ୍ଟନାୟକଙ୍କ**

ଦ୍ୱାରା

ଢେଙ୍କାନାଳ ଜିଲ୍ଲାର ଯୋରନ୍ଦାସ୍ଥିତ

**ମହିମାଗାଦି ଚତୁଃପାର୍ଶ୍ୱର ଉନ୍ନତିକରଣ,**
**ଭବ୍ୟ ମହିମାଗାଦି ଶୂନ୍ୟ ମଣ୍ଡପ**

ଏବଂ

**ଉପାସନା ପୀଠ ଓ ବତୀ ମଣ୍ଡପ**

ନିର୍ମାଣ ପ୍ରକଳ୍ପର

**ଭୂମିପୂଜନ**

୨୨ ଡିସେମ୍ବର ୨୦୨୩
ମହିମାଗାଦି, ଯୋରନ୍ଦା, ଢେଙ୍କାନାଳ

OIPR-34161/13/0094/2324

OBCC Odisha | OBCC_Odisha | @obcc_odisha | www.obcc.in





# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ତୋର ସାତପୁତ**
**ପର ପୁତ ଦେଖିଲେ କାଠଭୂତ।**

କିଛି ବ୍ୟକ୍ତି ଅନ୍ୟର ସୁଖ ଶିରୀକୁ ଆଦୌ ସହ୍ୟ କରିପାରି ନ ଥାନ୍ତି। ନିଜର ଯେତେ ଥାଉ ପଛେ ଅନ୍ୟର ଦେଖିଲେ ହାଇଁପାଇଁ ହୋଇଯାଇଥାନ୍ତି। ଅନ୍ୟର ଟିକିଏ ସୁଖ ସୁବିଧା ବା ଭଲ ଦେଖିଲେ ମୁହଁ ଆମ୍ବିଳା କରି ବସୁଥିବାବେଳେ ଈର୍ଷାପରାୟଣ ବ୍ୟକ୍ତିଙ୍କୁ ଲକ୍ଷ୍ୟରେ ରଖି ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ତୁ ଦେଉଥିବୁ, ମୁଁ ଖାଉଥିବି**
**ତୋ'ର ସୁନ୍ଦର ବଦନ ଚାହୁଁଥିବି**
**ତୁ ନ ଦେବୁ, ମୁଁ ନ ଖାଇବି**
**ତୋ'ର ଫଲଫଲା ମୁହଁ ନ ଚାହିଁବି।**

ସମ୍ପର୍କର ଏକ ଅପ୍ରିୟ ଅଭିବ୍ୟକ୍ତି। ମନ ଚାହିଁ ସବୁ ଦରବ ଅଯାଚିତ ଭାବେ ପାଖରେ ଅଜାଡି ଦେଲେ ସମ୍ପର୍କରେ ମଧୁରତା ଭରିଯାଏ। ଯଦି ଦେବାରେ କିଛିଟା ବିଘ୍ନ ଘଟେ, ତା'ହେଲେ ସମ୍ପର୍କ ବିଗିଡି ଯିବାକୁ ବେଶି ଡେରି ଲାଗିନଥାଏ। ଯେପର୍ଯ୍ୟନ୍ତ ଦେବାନେବା ଠିକ୍ ଥାଏ, ସେପର୍ଯ୍ୟନ୍ତ ମୋର ମୋର, ଆପଣାର ନ ହେଲେ ସାତପର ହୋଇଯାଉଥିବା ଅର୍ଥରେ ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ - ଫ୍ରେଣ୍ଡସ୍ ପବ୍ଲିଶର୍ସ




# ୩୧୬୦ କୋଟିର ଜଳସେଚନ ପ୍ରକଳ୍ପର ଶୁଭାରମ୍ଭ

ଭୁବନେଶ୍ୱର,୨୧।୧୨ (ଅନିଲ ଦାସ)

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗୁରୁବାର ଭର୍ଚୁଆଲରେ ରାଜ୍ୟର ୪ଟି ଗୁରୁତ୍ୱପୂର୍ଣ୍ଣ ଜଳସେଚନ ପ୍ରକଳ୍ପର ଶୁଭାରମ୍ଭ କରିଛନ୍ତି। ଏଥିସହିତ ଆନନ୍ଦପୁର ବ୍ୟାରେଜ ପ୍ରକଳ୍ପର ବୈତରଣୀ ବାମ ପାର୍ଶ୍ୱ କେନାଲ ସହିତ ହଳଦିଆ ଡ୍ୟାମର ଲୋକାର୍ପଣ କରାଯାଇଛି। ଆନନ୍ଦପୁର ବ୍ୟାରେଜ ପ୍ରକଳ୍ପର ୨୮ କି.ମି. ଦୀର୍ଘ ବୈତରଣୀ ବାମ ପାର୍ଶ୍ୱ କେନାଲ ଦ୍ୱାରା ବୈତରଣୀ ଓ ସାଳନ୍ଦି ନଦୀକୁ ଯୋଡ଼ା ଯାଇଛି। ଏହାଦ୍ୱାରା କେନ୍ଦୁଝର ଜିଲାର ହାଟଡିହି ଓ ଆନନ୍ଦପୁର ବ୍ଲକରେ ୨,୨୨୧ ହେକ୍ଟର ଜମିକୁ ଜଳସେଚନ ସୁବିଧା ମିଳିବା ସହିତ ବାଲେଶ୍ୱର ଜିଲାର ୭ଟି ବ୍ଲକରେ ୫୬,୫୫୦ ହେକ୍ଟର ଜମିକୁ ଖରିଫ୍ ଋତୁରେ ଜଳସେଚନ ସୁବିଧା ଯୋଗାଇ ଦିଆଯିବ। ଏଥିସହିତ ସାଳନ୍ଦି ଡ୍ୟାମ୍‌ରେ ଗଚ୍ଛିତ ଜଳକୁ ବ୍ୟବହାର କରାଯାଇ ରବି ଋତୁରେ ୫୦ ହଜାର ହେକ୍ଟର ଜମିକୁ ମଧ୍ୟ ଜଳସେଚନର ସୁବିଧା ଦିଆଯିବ। ସମୁଦାୟ ୧,୦୮,୭୭୧ ହେକ୍ଟର ଚାଷଜମିକୁ ଜଳସେଚନର ସୁବିଧା ମିଳିବ।

ସେହିପରି ହଳଦିଆ ଡ୍ୟାମ୍ ହେଉଛି ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପର ଏକ ଅଂଶ। ବର୍ତ୍ତମାନ ସୁଦ୍ଧା ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପ ଜରିଆରେ ୭୨,୪୮୦ ହେକ୍ଟର ଜଳସେଚନର ସୁବିଧା ଦିଆଯାଇଥିବା ବେଳେ ହଳଦିଆ ଡ୍ୟାମ୍ ଦ୍ୱାରା ଆଉ ୫,୫୨୦ ହେକ୍ଟର ଜମିକୁ ଜଳସେଚନର ସୁବିଧା ମିଳିପାରିବ। ଏଥିସହିତ ମୁଖ୍ୟମନ୍ତ୍ରୀ ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପର ଦ୍ୱିତୀୟ ପର୍ଯ୍ୟାୟ କାର୍ଯ୍ୟକ୍ରମ ଓ ଖଇରି ଭଣ୍ଡନ ବ୍ୟାରେଜ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଏହା କାର୍ଯ୍ୟକାରୀ ହେଲେ ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପର ଦ୍ୱିତୀୟ ପର୍ଯ୍ୟାୟ କାର୍ଯ୍ୟକାରୀ ହେବା ପରେ ମୟୂରଭଞ୍ଜ ଓ ବାଲେଶ୍ୱର ଜିଲାର ୩୯,୬୯୪ ହେକ୍ଟର ଚାଷ ଜମିକୁ ଜଳସେଚନ ସୁବିଧା ମିଳିପାରିବ। ସେହିପରି ମୟୂରଭଞ୍ଜ ଜିଲାର ଅଂଳାବଣୀ ଗ୍ରାମ ନିକଟରେ ଖଇରି ଭଣ୍ଡନ ନଦୀ ଉପରେ ବ୍ୟାରେଜ କାମ ଆରମ୍ଭ କରାଯିବ। ଏହାଦ୍ୱାରା ୩ଟି ବ୍ଲକର ୬,୯୫୦ ହେକ୍ଟର ଚାଷ ଜମିକୁ ଜଳସେଚନ ସୁବିଧା ମିଳିବା ସହିତ ୩୫,୦୦୦ ଲୋକଙ୍କୁ ପିଇବା ପାଣିର ସୁବିଧା ମିଳିପାରିବ।



■ ୧.୫୯ଲକ୍ଷ ହେକ୍ଟର ଜମି ହେବ ଜଳସେଚିତ
■ ଚାଷୀ ଭାଇ ଆମ ଅର୍ଥନୀତିର ସାରଥି: ମଖ୍ୟମନ୍ତ୍ରୀ

ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଚାଷୀ ଭାଇଙ୍କୁ ସାଥିରେ ଧରି ଆମେ ଆଗକୁ ବଢୁଛୁ। ଚାଷୀ ଭାଇ ହେଉଛନ୍ତି ଆମର ଅର୍ଥନୀତିର ସାରଥି। ସେ ସବୁବେଳେ ଚାଷୀ ଭାଇଙ୍କ ସାଥିରେ ରହିଛନ୍ତି। ସେମାନଙ୍କ ପାଇଁ କାମ କରୁଛନ୍ତି ଓ କରୁଥିବେ। ଚାଷୀଙ୍କ କଲ୍ୟାଣ ଓ କୃଷିର ବିକାଶ ସବୁବେଳେ ପ୍ରାଥମିକତା ହୋଇ ରହିଆସିଛି। ପ୍ରତିଦିନ ରାଜ୍ୟର ବିଭିନ୍ନ ଅଞ୍ଚଳର ଚାଷୀମାନଙ୍କୁ ମୁଖ୍ୟମନ୍ତ୍ରୀ ଭେଟୁଥିବା କହିଛନ୍ତି। ଚାଷୀମାନଙ୍କ ପାଇଁ କଲ୍ୟାଣ କାର୍ଯ୍ୟକ୍ରମଗୁଡ଼ିକ ଭଲ ଭାବରେ କାମ କରୁଛି। ଚାଷୀଙ୍କ ପାଇଁ କାଳିଆ ଯୋଜନା, ବିନା ସୁଧରେ ୧ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ, ମାଗଣାରେ ଫସଲ ବୀମା, ଚାଷୀ ପରିବାର ପିଲାଙ୍କ ପାଇଁ ବୃତ୍ତିର ବ୍ୟବସ୍ଥା ଏବଂ ଆହୁରି ଅନେକ ରୋଜଗାର ବୃଦ୍ଧି କାର୍ଯ୍ୟକ୍ରମ ଜାରି ରହିଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ବିଭିନ୍ନ ବିକାଶ ଓ କଲ୍ୟାଣ କାର୍ଯ୍ୟକ୍ରମ ସହିତ ଚାଷୀ ପରିବାର ଭଲ ଭାବରେ ଯୋଡ଼ି ହୋଇ ରହିଛନ୍ତି। ମିଶନ ଶକ୍ତି କାର୍ଯ୍ୟକ୍ରମରେ ଚାଷୀ ପରିବାରର ମା'ମାନେ ସବୁଠୁ ଅଧିକ ସାମିଲ ହୋଇଛନ୍ତି। ନୂଆ କାର୍ଯ୍ୟକ୍ରମ 'ଆମ ଓଡ଼ିଶା ନବୀନ ଓଡ଼ିଶା' ଓ 'ଲକ୍ଷ୍ମୀ' ଯୋଜନା ଆଦିରୁ ଚାଷୀମାନେ ସବୁଠାରୁ ଅଧିକ ଉପକାର ପାଇବେ। ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ପ୍ରତି ମାସରେ ଲକ୍ଷ ଲକ୍ଷ ଲୋକ ମାଗଣାରେ ଭଲ ଚିକିତ୍ସା ସୁବିଧା ପାଉଛନ୍ତି।

ଆୟୋଜିତ କାର୍ଯ୍ୟକ୍ରମରେ ମୟୂରଭଞ୍ଜରେ ଉପସ୍ଥିତ ଜଳ ସମ୍ପଦ ମନ୍ତ୍ରୀ ଟୁକୁନି ସାହୁ କହିଛନ୍ତି ଯେ, ରାଜ୍ୟର ୮୦ ଭାଗରୁ ଊର୍ଦ୍ଧ୍ୱ ଲୋକ ଚାଷ ଉପରେ ନିର୍ଭର କରିଥାନ୍ତି। ଚାଷ କ୍ଷେତ୍ର ହେଉ ବା ଜଳସେଚନ, ସବୁ କ୍ଷେତ୍ରର ବିକାଶକୁ ମୁଖ୍ୟମନ୍ତ୍ରୀ ଗୁରୁତ୍ୱ ଦେଉଛନ୍ତି। ଏହି ଅବସରରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁଦାମ ମାର୍ଣ୍ଡି କହିଛନ୍ତି, ଏହି ୨ ଜଳସେଚନ ପ୍ରକଳ୍ପ କାର୍ଯ୍ୟକାରୀ ହେଲେ ଜିଲାରେ କୃଷି କ୍ଷେତ୍ରରେ ବହୁ ଉନ୍ନତି ଘଟିବା ସହିତ ଜିଲାର ଚାଷୀମାନେ ଆର୍ଥିକ ସ୍ତରରେ ସୁଦୃଢ଼ ହେବେ। କାର୍ଯ୍ୟକ୍ରମକୁ ୫-ଟି ତଥା ନବୀନ ଓଡ଼ିଶା ଅଧ୍ୟକ୍ଷ ଭି.କେ. ପାଣ୍ଡିଆନ ସଂଯୋଜନା କରି କହିଛନ୍ତି ଯେ, ମୁଖ୍ୟମନ୍ତ୍ରୀ ଜଳସେଚନର ଉନ୍ନତି ଓ ଚାଷୀଙ୍କର ଉନ୍ନତିକୁ ସବୁବେଳେ ଗୁରୁତ୍ୱ ଦେଇ ଆସିଛନ୍ତି।

# ମହାପ୍ରଭୁଙ୍କୁ ପ୍ରଥମ ନିମନ୍ତ୍ରଣପତ୍ର



ମହାପ୍ରଭୁଙ୍କୁ ନିମନ୍ତ୍ରଣପତ୍ର ଦେବାକୁ ବାହାରିଥିବା ମଣ୍ଡଳୀଙ୍କ ସହ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ରଞ୍ଜନ କୁମାର ଦାସ।

## ଜାନୁୟାରୀ ୧୭ରେ ପରିକ୍ରମା ପ୍ରକଳ୍ପ ଲୋକାର୍ପଣ ଉତ୍ସବ

ପୁରୀ, ୨୧।୧୨(ଅଜିତ୍ ମହାନ୍ତି)

ଆସନ୍ତା ଜାନୁୟାରୀ ୧୭ରେ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ଲୋକାର୍ପଣ ଉତ୍ସବ ଅନୁଷ୍ଠିତ ହେବାକୁ ଯାଉଛି। ଏହି ଲୋକାର୍ପଣ ଉତ୍ସବ ପୂର୍ବରୁ ପରମ୍ପରା ଅନୁସାରେ ଯଜ୍ଞ ହେବ। ଏଥିରେ ଯଜମାନ ଭାବେ ଗଜପତି ମହାରାଜା ଦିବ୍ୟସିଂହ ଦେବ ପୂର୍ଣ୍ଣାହୁତି ଦେବେ। ପରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପ୍ରକଳ୍ପ ଲୋକାର୍ପଣ କରିବାର କାର୍ଯ୍ୟକ୍ରମ ରହିଛି। ଏଣୁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଉଛି। ଦେଶ ବିଦେଶରେ ଥିବା ଜଗନ୍ନାଥ ମନ୍ଦିର ଓ ବ୍ୟକ୍ତିବିଶେଷଙ୍କୁ ପ୍ରତିଷ୍ଠା ଉତ୍ସବକୁ ନିମନ୍ତ୍ରଣ କରାଯିବ। ଏଥିଲାଗି ସ୍ୱତନ୍ତ୍ର ନିମନ୍ତ୍ରଣପତ୍ର ପ୍ରସ୍ତୁତ କରାଯାଉଛି। ତେବେ ପରମ୍ପରା ଅନୁଯାୟୀ, ଗୁରୁବାର ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ପ୍ରଥମ ନିମନ୍ତ୍ରଣପତ୍ର ପ୍ରଦାନ କରାଯାଇଛି। ଭବ୍ୟ ପଟୁଆରରେ ଘଣ୍ଟୁଆମାନଙ୍କ ଘଣ୍ଟନାଦ, ତେଲିଙ୍ଗି ବାଦ୍ୟ ଓ ଶଙ୍ଖୁଆଙ୍କ ଶଙ୍ଖନାଦ ମଧ୍ୟରେ ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟଠାରୁ ସେବାୟତମାନେ ସ୍ୱତନ୍ତ୍ର ନିମନ୍ତ୍ରଣପତ୍ର ନେଇ ମହାପ୍ରଭୁଙ୍କ ଶ୍ରୀଚରଣରେ ଅର୍ପଣ କରିଛନ୍ତି। ପରେ ଶ୍ରୀମନ୍ଦିର ପରିସରସ୍ଥ ପ୍ରଭୁ ନୃସିଂହ, ମା' ବିମଳା, ମା' ମଙ୍ଗଳା ଏବଂ ଶ୍ରୀକ୍ଷେତ୍ରର ପଞ୍ଚୁପାଣ୍ଡବଙ୍କୁ ନିମନ୍ତ୍ରଣପତ୍ର ଦିଆଯାଇଛି। ନିମନ୍ତ୍ରଣପତ୍ର ସହିତ ନଡ଼ିଆ, ପାନ, ଚାଉଳ, ହଳଦି, ଗୁଆ, ନୂତନ ବସ୍ତ୍ର ମଧ୍ୟ ପ୍ରଦାନ କରାଯାଇଛି।

ସୂଚନାଯୋଗ୍ୟ, ଓଡ଼ିଆ ପରମ୍ପରା ଅନୁଯାୟୀ, କୌଣସି ଶୁଭକାର୍ଯ୍ୟ ବେଳେ ପ୍ରଥମେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ନିମନ୍ତ୍ରଣ କରାଯାଇଥାଏ। ମହାପ୍ରଭୁଙ୍କ ପରେ ଅନ୍ୟ ପୀଠ ଓ ଦେବଦେବୀଙ୍କୁ ନିମନ୍ତ୍ରଣ କରାଯିବ। ଆସନ୍ତା ୨୬ତାରିଖରେ ମୁଖ୍ୟମନ୍ତ୍ରୀଙ୍କୁ ନିମନ୍ତ୍ରଣପତ୍ର ପ୍ରଦାନ କରାଯିବାର କାର୍ଯ୍ୟକ୍ରମ ରହିଛି। ସେହିପରି ୪ ଧାମର ଶଙ୍କରାଚାର୍ଯ୍ୟ, ଶ୍ରୀମନ୍ଦିର ସହ ଜଡ଼ିତ ନେପାଳ ରାଜାଙ୍କୁ ସ୍ୱତନ୍ତ୍ର ଭାବେ ନିମନ୍ତ୍ରଣ କରାଯିବ। ଓଡ଼ିଆ, ଇଂଲିଶ ଓ ହିନ୍ଦୀ ଭାଷାରେ ନିମନ୍ତ୍ରଣ ପତ୍ର ହୋଇଥିବାବେଳେ ଏଥିରେ ଶ୍ରୀମନ୍ଦିରର ଓଲାଗି ବାନା ଓ ମହାପ୍ରସାଦ ଆଦି ସମେତ ପରିକ୍ରମା ପ୍ରକଳ୍ପକୁ ନେଇ ତଥ୍ୟ ସମ୍ବଳିତ 'ଇନଫର୍‌ମେଶନ ବ୍ରୋଚର' ରହିବ। ଏନେଇ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ରଞ୍ଜନ କୁମାର ଦାସ କହିଛନ୍ତି, ଯଜ୍ଞ ପୂର୍ବରୁ ସମସ୍ତଙ୍କ ନିକଟକୁ ନିମନ୍ତ୍ରଣପତ୍ର ପଠାଯିବ। ମହାପ୍ରଭୁଙ୍କୁ ପ୍ରଥମ ନିମନ୍ତ୍ରଣପତ୍ର ଏବଂ ପରେ ଶ୍ରୀମନ୍ଦିର ପରିସରସ୍ଥ ଦେବଦେବୀଙ୍କୁ ପ୍ରଦାନ କରାଗଲା। ନିମନ୍ତ୍ରଣ ଦଳରେ ସେବାୟତ, ଶ୍ରୀମନ୍ଦିର ପରିଚାଳନା କମିଟି ସଦସ୍ୟ, ଛତିଶା ନିଯୋଗ ସଦସ୍ୟ ଏବଂ ବରିଷ୍ଠ ଅଧିକାରୀମାନେ ସାମିଲ ଥିଲେ।

## କୁମ୍ଭୀର ଗଣନା: ୫ରୁ ଭିତରକନିକା ବନ୍ଦ

ରାଜନଗର, ୨୧।୧୨
(ଭାସ୍କର ରାଉତରାୟ)

ଭିତରକନିକା ଜାତୀୟ ଉଦ୍ୟାନରେ ପ୍ରବାହିତ ନଦୀ ନାଳରେ ବସବାସ କରୁଥିବା ବଉଳା କୁମ୍ଭୀରଙ୍କ ଗଣନା ଜାନୁୟାରୀ ୫ରୁ ଆରମ୍ଭ ହୋଇ ୧୩ ତାରିଖରେ ଶେଷ ହେବ। ଏଥିପାଇଁ ଦେଶ ବିଦେଶରୁ ଆସୁଥିବା ପର୍ଯ୍ୟଟକମାନଙ୍କୁ ଏହି ସମୟରେ ପରିଭ୍ରମଣ ପାଇଁ ନିଷେଧ କରାଯାଇଛି। ବଉଳା କୁମ୍ଭୀର ବିଶାରଦ ଡ. ସୁଧାକର କର, ରାଜନଗର ଡିଏଫ୍ଓ ସୁଦର୍ଶନ ଗୋପୀନାଥ ଯାଦବଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ଗଣନା କାର୍ଯ୍ୟ କରାଯିବ। ସୂଚନାଯୋଗ୍ୟ ଜାତୀୟ ଉଦ୍ୟାନରେ ପ୍ରବାହିତ ନଦୀ ନାଳ ଏବଂ ନଦୀକୁ ସଂଯୋଗ କରୁଥିବା ସ୍ଥାନଗୁଡିକରେ ବଉଳା କୁମ୍ଭୀରଙ୍କ ଗଣନା କରାଯିବ। ଚଳିତବର୍ଷ କୁମ୍ଭୀର ଗଣନା ସମୟରେ ସେମାନଙ୍କ ସଂଖ୍ୟା ୧୭୯୩ ରହିଥିଲା।




# ଅଲଗା ହେବେ ଅନୁଭବ-ବର୍ଷା

## ପରିବାର ଅଦାଲତଙ୍କ ରାୟ ହାଇକୋର୍ଟରେ ଖାରଜ

କଟକ,୨୧।୧୨
(ସୁପ୍ରିୟା ପ୍ରିୟଦର୍ଶିନୀ)

ଦୀର୍ଘ ୩ ବର୍ଷ ଧରି କେନ୍ଦ୍ରାପଡ଼ା ଏମ୍‌ପି ତଥା ଅଭିନେତା ଅନୁଭବ ମହାନ୍ତି ଏବଂ ଅଭିନେତ୍ରୀ ସ୍ତ୍ରୀ ବର୍ଷା ପ୍ରିୟଦର୍ଶିନୀଙ୍କ ମଧ୍ୟରେ ବୈବାହିକ ସମ୍ପର୍କକୁ ନେଇ ଚାଲିଥିବା ଆଇନଗତ ପ୍ରକ୍ରିୟାର ଗୁରୁବାର ଏକ ପ୍ରକାର ଅନ୍ତ ଘଟିଛି। ଅନୁଭବ ଏବଂ ବର୍ଷାଙ୍କ ମଧ୍ୟରେ ବିବାହ ବିଚ୍ଛେଦ ମାମଲାରେ କଟକ ପରିବାର ଅଦାଲତ ଦେଇଥିବା ରାୟକୁ ହାଇକୋର୍ଟ ଖାରଜ କରିଛନ୍ତି। ଗତ ସେପ୍ଟେମ୍ବର ୨୨ରେ ପରିବାର ଅଦାଲତ ଅନୁଭବ ଏବଂ ବର୍ଷାଙ୍କ ମଧ୍ୟରେ ଛାଡ଼ପତ୍ର ପାଇଁ ହୋଇଥିବା ଆବେଦନକୁ ଖାରଜ କରିଦେଇଥିଲେ। ପରେ ଉକ୍ତ ରାୟ ବିରୋଧରେ ଅନୁଭବ ଅକ୍ଟୋବର ୧୭ରେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଉଭୟ ପକ୍ଷର ସାକ୍ଷ୍ୟକୁ ଅନୁଧ୍ୟାନ କରିବା ପରେ ବିବାହ ବିଚ୍ଛେଦ ଆବେଦନକୁ ଯଥାର୍ଥ ବୋଲି ବିଚାରପତି ଅରିନ୍ଦମ ସିହ୍ନା ଏବଂ ବିଚାରପତି ଶିବଶଙ୍କର ମିଶ୍ରଙ୍କୁ ନେଇ ଗଠିତ ଖଣ୍ଡପୀଠ କହିଛନ୍ତି। ଉଚ୍ଚ ଅଦାଲତଙ୍କ ଏହି ରାୟ ପରେ ଅନୁଭବ ଆଶ୍ୱସ୍ତି ଅନୁଭବ କରିଥିବାବେଳେ ବର୍ଷାଙ୍କ ପାଇଁ ସୁପ୍ରିମକୋର୍ଟ ଏକମାତ୍ର ବିକଳ୍ପ ପାଲଟିଛି।

ସୂଚନାଥାଉ କି, ୨୦୧୪ ଫେବୃୟାରୀ ୮ରେ ଅନୁଭବ ଓ ବର୍ଷା ବିବାହ କରିଥିଲେ। ପରେ ସେମାନଙ୍କ ମଧ୍ୟରେ ପାରିବାରିକ ବିବାଦ ଦେଖା ଦେଇଥିଲା। ଅନୁଭବ ଲୋକ ସଭା ସଦସ୍ୟ ଥିବାରୁ ୨୦୨୦ ସେପ୍ଟେମ୍ବରରେ ସେ ସ୍ତ୍ରୀ ବର୍ଷାଙ୍କୁ ଛାଡ଼ପତ୍ର ଦେବା ନିମନ୍ତେ ଦିଲ୍ଲୀର ପଟିଆଲା ହାଉସ୍ କୋର୍ଟରେ ଏକ ମାମଲା ରୁଜୁ କରିଥିଲେ। ହେଲେ ବର୍ଷା ଏକାକୀ ରହୁଥିବାରୁ ଦିଲ୍ଲୀ ଯାଇ ମାମଲା ପରିଚାଳନା କରିବା ସମ୍ଭବ ନୁହେଁ ଦର୍ଶାଇ ମାମଲାକୁ କଟକ ସ୍ଥାନାନ୍ତର ପାଇଁ ସୁପ୍ରିମକୋର୍ଟରେ ଏକ ଆବେଦନ କରିଥିଲେ। ପରେ ସୁପ୍ରିମ୍‌କୋର୍ଟଙ୍କ ନିର୍ଦ୍ଦେଶ କ୍ରମେ ଉକ୍ତ ଛାଡ଼ପତ୍ର ମାମଲା ପଟିଆଲା କୋର୍ଟରୁ କଟକର ପରିବାର ଅଦାଲତକୁ ସ୍ଥାନାନ୍ତର ହୋଇଥିଲା। ଅନୁଭବ ବର୍ଷାଙ୍କଠାରୁ ବିଚ୍ଛେଦ ହେବା ପାଇଁ ପ୍ରାର୍ଥନା କରିଥିବାବେଳେ ବର୍ଷା ଅନୁଭବଙ୍କ ସହ ଏକତ୍ର ରହିବାକୁ ଅନୁମତି ପ୍ରଦାନ କରିବାକୁ ଆବେଦନ କରିଥିଲେ। ଉଭୟ ଆବେଦନ ପରିବାର ଅଦାଲତରେ ଚାଲିଥିଲା। ଉଭୟ ପକ୍ଷଙ୍କୁ କୋର୍ଟ ପ୍ରଥମେ ବୁଝାମଣା ପାଇଁ ସୁଯୋଗ ଦେଇଥିଲେ। ହେଲେ କୌଣସି ନିଷ୍କର୍ଷ ନ ବାହାରିବାରୁ ସାକ୍ଷ୍ୟ ଗ୍ରହଣ ହୋଇଥିଲା। ପରେ ୨ଟିଯାକ ମାମଲାର ଶୁଣାଣି କରି ଉଭୟଙ୍କ ଆବେଦନ ପ୍ରସଙ୍ଗରେ କୋର୍ଟରେ ଏକାଧିକ ମାମଲା, ଜବାବ ଓ ପ୍ରତିଜବାବ ରହୁଥିବାରୁ ଅଦାଲତ ଉଭୟଙ୍କ ଆବେଦନକୁ ଖାରଜ କରିଥିଲେ। ବର୍ଷାଙ୍କ ପ୍ରସଙ୍ଗରେ କୋର୍ଟ ଦର୍ଶାଇଥିଲେ ଯେ, ବର୍ଷା ତାଙ୍କ ସ୍ୱାମୀଙ୍କ ବିରୋଧରେ ଏକାଧିକ ମାମଲା ରୁଜୁ କରି ପୁଣି ତାଙ୍କ ସହ ଏକତ୍ର ରହିବାକୁ ଚାହୁଁଛନ୍ତି। ଏପରିସ୍ଥିତିରେ କୋର୍ଟ ଉଭୟଙ୍କ ଆବେଦନକୁ ଅଗ୍ରାହ୍ୟ କରିଥିବାରୁ କେହି କାହା ପାଖରେ ରହିପାରିବେ ନାହିଁ ବୋଲି ଦର୍ଶାଇଥିଲେ। ପରିବାର ଅଦାଲତଙ୍କ ଉକ୍ତ ରାୟ ବିରୋଧରେ ଅନୁଭବ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ ବୋଲି ତାଙ୍କ ଓକିଲ ଲଳିତେନ୍ଦୁ ମିଶ୍ର କହିଛନ୍ତି।




ଗୁରୁବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜିର ଗୁରୁଚାନ୍ଦ୍ରୀ ଯୋଗ ପାରିବାରିକ ଜୀବନକୁ ସରସ କରିବ। ଗତକାଲି ଯେଉଁଥିପାଇଁ ଚିନ୍ତା କରୁଥିଲେ ଆଜି ତାହା ଟିକିଏ ଟଣାଓଟରା ଭିତରେ ପାଇବେ। କର୍ମକ୍ଷେତ୍ରରେ ଯେତେ ଭଲ କାମ କଲେ ମଧ୍ୟ ଅଭିଯୋଗ ଆସିପାରେ। ପଡ଼ୋଶୀଙ୍କ ସହ ଉଚିତ ବୁଝାମଣା କାରଣରୁ ଭାଙ୍ଗିପଡିଥିବା ସମ୍ପର୍କ ପୁଣି ଯୋଡ଼ିହୋଇଯିବ।

**ବୃଷ** ଶୁକ୍ର ପ୍ରଭାବରେ ସ୍ୱାସ୍ଥ୍ୟ ପୂର୍ବଭଳି ରହିଲେ ମଧ୍ୟ ସାମୟିକ ଦୁର୍ବଳତା କାର୍ଯ୍ୟକ୍ଷେତ୍ରକୁ ମନ୍ଥର କରିପାରେ। ଆପଣଙ୍କ କାର୍ଯ୍ୟାବଳୀର ଭୂୟସୀ ପ୍ରଶଂସା କରି ପଦସ୍ଥ ବ୍ୟକ୍ତିବିଶେଷ ସମ୍ବର୍ଦ୍ଧିତ କରିପାରନ୍ତି। ସାମାଜିକ ସ୍ତରରେ ଅର୍ଥ ଓ ସମ୍ମାନ ପାଇବେ। ଦୂରଯାତ୍ରା, ବାଣିଜ୍ୟ, ବ୍ୟବସାୟ, ପରିବହନ କ୍ଷେତ୍ରରେ ଆଶାଜନକ ସୁଫଳ ପାଇବେ।

**ମିଥୁନ** ସ୍ୱରାଶି ପ୍ରତି ରାଶ୍ୟାଧିପତିଙ୍କ ଦୃଷ୍ଟି ଉତ୍ତମ ସ୍ୱାସ୍ଥ୍ୟ ଓ ଆର୍ଥିକ ସହାୟକ ହେବ। କାମ ବୃଦ୍ଧି କାରଣରୁ ଘରକଥା ବୁଝିବାକୁ ସମୟ ପାଇବେ ନାହିଁ। ସାମାଜିକ ସ୍ତରରେ ବନ୍ଧୁବର୍ଗଙ୍କଠାରୁ ଉତ୍ସାହ ଓ ପ୍ରେରଣା ପାଇ ଦୁଃସାଧ୍ୟ ସାଧନ କରିବେ। ପାରିବାରିକ ସମସ୍ୟାର ସମାଧାନ ହେଲେ ମଧ୍ୟ ରୋଗ, ଋଣ ଓ ଶତ୍ରୁତା ଯୋଗୁ ବ୍ୟସ୍ତ ରହିବେ।

**କର୍କଟ** ଆଜି କର୍ମଭାବରେ ଗୁରୁ ଯୁକ୍ତ ଚନ୍ଦ୍ର ହେତୁ ସକାଳୁ ହଠାତ୍ କୌଣସି ଖବର ପାଇ ଖୁସି ହେବେ। ଶିଳ୍ପ, ବାଣିଜ୍ୟରେ ଲକ୍ଷ୍ୟ ହାସଲ କରିବେ କିନ୍ତୁ ବହୁତ ଶ୍ରମ ସ୍ୱୀକାର କରିବାକୁ ପଡ଼ିବ। ମିଥ୍ୟା ଅଭିଯୋଗକୁ ବୁଝି ନ ପାରି ନିଜଲୋକଙ୍କ ଉପରେ ବିରକ୍ତ ହେବେ। ଅନିୟମିତ ଭୋଜନ କାରଣରୁ ପେଟ ଗୋଳମାଳ ଦେଖାଦେଇ ପାରେ।

**ସିଂହ** ରବିଙ୍କ ଶୁଭତ୍ୱରୁ ନିକଟସ୍ଥ ବନ୍ଧୁଙ୍କ ସାହାଯ୍ୟ ଓ ସହଯୋଗରୁ ଅଭିଳଷିତ ଫଳ ପାଇ ଖୁସି ହେବେ। ପଡ଼ୋଶୀଙ୍କ ସହ ଗୃହସୀମାକୁ କେନ୍ଦ୍ରକରି ବିବାଦ ବୃଦ୍ଧି ଆଶଙ୍କା ରହିଛି। ବାଣିଜ୍ୟ, ନିର୍ମାଣ ଓ ପ୍ରଶାସନିକ ସ୍ତରରେ ସମସ୍ୟାର ସମାଧାନ ହୋଇଯିବ। ପର କଥାରେ ପଡ଼ି ଭୁଲ୍ ମାର୍ଗର ଅନୁସରଣ କରି ଅନୁତାପ କରିବାକୁ ପଡିପାରେ।

**କନ୍ୟା** ଅଷ୍ଟମସ୍ଥ ଚନ୍ଦ୍ର ହେତୁ ଆଜି ଯେତେ ଭଲ କାମ କଲେ ମଧ୍ୟ ନିନ୍ଦା ଶୁଣିବେ। ନିଜର ଚତୁଃପାର୍ଶ୍ୱରେ ଘଟିଯାଉଥିବା ଛୋଟ ଘଟଣା ପ୍ରତି ଗୁରୁତ୍ୱ ଦିଅନ୍ତୁ ନାହିଁ। ପରିବାରର ବରାଦ ଅନନୁଯାୟୀ ଗୃହୋପକରଣ ସାମଗ୍ରୀ କ୍ରୟ କରିବେ। ସଭାସମିତିରେ ଅନ୍ୟମାନଙ୍କ ମତକୁ ସମ୍ମାନ ଦେଇ ପ୍ରଶଂସିତ ହେବେ।

**ତୁଳା** ସପ୍ତମସ୍ଥ ଶୁଭଗ୍ରହଜନିତ ଆବଶ୍ୟକତା ଉପଲବ୍ଧି କରି ଏକାଧିକ କାମ ହାତକୁ ନେଇ ବ୍ୟଥିତ ହୋଇପାରନ୍ତି। ବନ୍ଧୁମାନଙ୍କ ସହ ଆଜିର ସକାଳୁଆ ଯାତ୍ରାରେ ସଫଳତା ପାଇବେ। ଆନୁଷ୍ଠାନିକ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ସମସ୍ୟାର ସମାଧାନ ହୋଇଯିବ। ଗୃହସୀମା କିମ୍ବା ଘରଭଡ଼ାକୁ କେନ୍ଦ୍ର କରି ବିତର୍କର ସମ୍ମୁଖୀନ ହେବେ।

**ବିଛା** କାମ ହାସଲ କରିବା ସକାଶେ କଅଁଳ କଥା କହି ପରିସ୍ଥିତିକୁ ସୁଧାରି ନେଇପାରନ୍ତି। କର୍ମାଧିପ ରାଶିସ୍ଥ ଯୋଗୁ ଅସମ୍ପୂର୍ଣ୍ଣ କାମକୁ ପୂର୍ଣ୍ଣାଙ୍ଗ କରିବା ସକାଶେ ଚେଷ୍ଟା କରି ସଫଳତା ହାସଲ କରିବେ। ଅନ୍ୟାୟ ବିରୋଧରେ ସ୍ୱର ଉଠାଇବେ ସତ କିନ୍ତୁ ସହଯୋଗ ପାଇବେ ନାହିଁ। ଅନିୟମିତ ଆହାର ଯୋଗୁ ସ୍ୱାସ୍ଥ୍ୟରେ ସମସ୍ୟା ଦେଖାଦେଇପାରେ।

**ଧନୁ** ରାଶିସ୍ଥ ବୁଧ ପ୍ରଭାବରୁ ପ୍ରତ୍ୟେକ କ୍ଷେତ୍ରରେ ସଂଯମତା ରକ୍ଷା ନ କଲେ ବିବାଦଗ୍ରସ୍ତ ହୋଇପଡିବେ। ଶାସ୍ତ୍ରାଧ୍ୟୟନ, ସାହିତ୍ୟ ଚର୍ଚ୍ଚା, ସଭାସମିତି, ବିତର୍କରେ ଅଂଶଗ୍ରହଣ କରି ପ୍ରଶଂସିତ ହେବେ। ସମସ୍ୟା ସମାଧାନରେ ରାସ୍ତା ଖୋଜି ବାହାର କରିବାରେ ସମର୍ଥ ହେବେ। ପରିବାରରେ ଭୁଲ୍ ବୁଝାମଣା ହେତୁ ସମସ୍ୟା ବଢିପାରେ।

**ମକର** ଶନିଙ୍କ ନିଜ ରାଶିରେ ଦ୍ୱିତୀୟସ୍ଥ ହେତୁ ଅର୍ଥର ଅଭାବ ରହିବ ନାହିଁ। କର୍ମକ୍ଷେତ୍ରରେ କାମ ହାସଲ କରିବାର ସୁଯୋଗ ମଧ୍ୟ ପାଇପାରିବେ। ପାରିବାରିକ ପରିସ୍ଥିତି ପୂର୍ବପରି ରହିବ ଏବଂ ସମସ୍ୟା ସମାଧାନ ହୋଇଯିବ। କେହି ଜଣେ ବନ୍ଧୁ ମନଜାଣି ସାହାଯ୍ୟର ହାତ ବଢ଼ାଇବେ। ପିଲାମାନଙ୍କ ପାଠପଢ଼ାକୁ ନେଇ ସାମାନ୍ୟ ଚିନ୍ତିତ ରହିବେ।

**କୁମ୍ଭ** ତୃତୀୟସ୍ଥ ଶୁଭ ଗ୍ରହ ଯୋଗୁ ଗତକାଲି ବନ୍ଧୁଙ୍କ ସହ ଆଲୋଚନା ଅନୁଯାୟୀ ଆଜିର କାମ ସବୁ ଠିକ୍ ଠିକ୍ ହୋଇଯିବ। ତଥାପି କୌଣସି ସମସ୍ୟା ଆଶଙ୍କା କରି ମନ ଅସ୍ଥିର ରହିବ। ଅନ୍ୟମନସ୍କ ହେତୁ କେତେକ ବ୍ୟତିକ୍ରମ ପରିଲକ୍ଷିତ ହୋଇପାରେ। ଫେରିବା ବାଟରେ ଅର୍ଥ କିମ୍ବା ଦ୍ରବ୍ୟହାନି ଯୋଗୁ ବିଚଳିତବୋଧ କରିପାରନ୍ତି।

**ମୀନ** କୌଣସି କାମରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବା ପୂର୍ବରୁ ପରିବାର ସହ ଆଲୋଚନା କରିବା ବହୁତ ଭଲ ହେବ। ରେବତୀ ନକ୍ଷତ୍ର ଅନ୍ୟମନସ୍କତା କାରଣରୁ କେତେକ ଭୁଲ୍ କରିପାରନ୍ତି। ତଥାପି ଅର୍ଥ ଲାଭ, କଳା, ସାହିତ୍ୟ, ଆଲୋଚନା କ୍ଷେତ୍ରରେ ବେଶ୍ ଆଦୃତ ହେବେ। କର୍ମକ୍ଷେତ୍ରରେ ଅପ୍ରିୟ ସତ କଥା କହି ବିରୋଧୀ ହୋଇପାରନ୍ତି।

ଆଜି ମାର୍ଗଶିର ଶୁକ୍ଳ ଦଶମୀ ଯୁକ୍ତ ଏକାଦଶୀ ଶୁକ୍ରବାର, ଡିସେମ୍ବର ୨୨ ତାରିଖ, ବିଶ୍ୱଗଣିତ ଦିବସ, ପଲ୍ଲୀକବି ନନ୍ଦକିଶୋର ବଳଙ୍କ ଜୟନ୍ତୀ, ରାଶିନକ୍ଷତ୍ର-ଅଶ୍ୱିନୀ/ମେଷ, ଏକାଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ସକାଳ ଘ.୦୬।୨୦ ଗତେ ଘ.୦୭।୦୪ ମଧ୍ୟେ, ଘ.୦୭।୪୭ ଗତେ ଘ.୦୯।୦୨ ମଧ୍ୟେ ଶୁଦ୍ଧ ଶୁଭ ବେଳା। ଦିବା ଘ.୧୦।୨୩ ଗତେ ଘ.୧୧।୪୪ ମଧ୍ୟରେ ରାହୁ କାଳ।

# ଧରିତ୍ରୀ DHARITRI

ଧରିତ୍ରୀ DHARITRI 50 Years






ଖବରଦାତା ସମ୍ମିଳନୀରେ ନିଜ ଅବସର ଘୋଷଣାବେଳେ ଭାବପ୍ରବଣ ମହିଳା କୁସ୍ତି ଯୋଦ୍ଧା ସାକ୍ଷୀ ମଲିକ।

# ବ୍ରିଜ୍‌ଭୂଷଣଙ୍କ ଅନୁଗତ କୁସ୍ତି ମହାସଂଘ ମୁଖ୍ୟ

- ପ୍ରତିବାଦରେ ସାକ୍ଷୀଙ୍କ ଭାବପୂର୍ଣ୍ଣ ଅବସର
- ଡବ୍ଲ୍ୟୁଏଫ୍‌ଆଇ ଉପରୁ ବାସନ୍ଦ ଉଠିବ

**ନୂଆଦିଲ୍ଲୀ, ୨୧।୧୨ (ପି.ଟି.)**

ବହୁ ଚର୍ଚ୍ଚିତ ଭାରତ କୁସ୍ତି ମହାସଂଘ (ଡବ୍ଲ୍ୟୁଏଫ୍‌ଆଇ) ନିର୍ବାଚନ ଗୁରୁବାର ଅନୁଷ୍ଠିତ ହୋଇଛି। ଏଥିରେ ବିବାଦୀୟ ବିଦାୟୀ ସଭାପତି ବ୍ରିଜ୍‌ଭୂଷଣ ଶରଣ ସିଂଙ୍କ ଘନିଷ୍ଠ ଅନୁଗତ ବୋଲି କୁହାଯାଉଥିବା ସଞ୍ଜୟ ସିଂ ସଭାପତି ପଦବୀ ପାଇଁ ନିର୍ବାଚିତ ହୋଇଛନ୍ତି। ଫଳରେ ବ୍ରିଜ୍‌ଭୂଷଣଙ୍କର ପରୋକ୍ଷରେ ଏହି କ୍ରୀଡ଼ା ମହାସଂଘ ଉପରେ କର୍ତ୍ତୃତ୍ୱ ରହିବ। ନିର୍ବାଚନ ଫଳାଫଳର ପ୍ରତିବାଦସ୍ୱରୂପ ଅଲିମ୍ପିକ ପଦକ ବିଜୟିନୀ କୁସ୍ତି ଯୋଦ୍ଧା ସାକ୍ଷୀ ମଲିକ ଖେଳରୁ ତାଙ୍କର ଅବ୍ୟାହତି ଘୋଷଣା କରିଛନ୍ତି। ସଞ୍ଜୟ ହେଉଛନ୍ତି ଉତ୍ତର ପ୍ରଦେଶ କୁସ୍ତି ଆସୋସିଏଶନର ଉପ-ସଭାପତି। ସେ ୪୦ ଭୋଟ ପାଇଥିବାବେଳେ ତାଙ୍କ ପ୍ରତିଦ୍ୱନ୍ଦ୍ୱୀ ଅନୀତା ଶେଓରାନଙ୍କୁ ମାତ୍ର ୭ଟି ଭୋଟ ମିଳିଥିଲା। ଆର୍‌ଏସ୍‌ଏସ୍ ସହ ଜଡ଼ିତ ସଞ୍ଜୟ ବାରାଣସୀରୁ ଆସିଛନ୍ତି। ବ୍ରିଜ୍‌ଭୂଷଣଙ୍କ ଘନିଷ୍ଠ ସହଯୋଗୀ ହୋଇଥିବାରୁ ନୀତିଗତ ନିଷ୍ପତ୍ତିରେ ସେ ତାଙ୍କର ପରାମର୍ଶ ନେବେ ବୋଲି କୁହାଯାଉଛି। ☞ପୃଷ୍ଠା-୫

# ଶିମିଳିପାଳରେ ୧୦ କଳାବାଘ

**ନୂଆଦିଲ୍ଲୀ, ୨୧।୧୨ (ପି.ଟି.)**



ଭାରତରେ ମୋଟ ୧୦ଟି କଳାବାଘ ଅଛନ୍ତି। ସମସ୍ତ କଳାବାଘ ଓଡ଼ିଶାର ଶିମିଳିପାଳରୁ ମିଳିଥିବା କେନ୍ଦ୍ର ସରକାର ଗୁରୁବାର ରାଜ୍ୟ ସଭାରେ ଉତ୍ତର ରଖିଛନ୍ତି। କେବଳ ଶିମିଳିପାଳ ଅଭୟାରଣ୍ୟରେ ଏହି ବାଘ ରହିଥିବା କାଗଜପତ୍ରରେ ଦର୍ଶାଯାଇଛି ବୋଲି ପରିବେଶ ରାଷ୍ଟ୍ରମନ୍ତ୍ରୀ ଅଶ୍ୱିନୀ କୁମାର ଚୌବେ ଗୃହକୁ ଜଣାଇଛନ୍ତି। ୨୦୨୨ରେ ସାରା ଦେଶରେ ବାଘ ଆକଳନ କରାଯାଇଥିବାବେଳେ ଶିମିଳିପାଳରେ ୧୬ଟି ବାଘ ଥିବା ଜଣାପଡ଼ିଥିଲା। ସେଥିରୁ ୧୦ଟି ମେଲାନିଷ୍ଟିକ୍ ପ୍ରଜାତିର (କଳା) ବାଘ। ଗତ ୫ ବର୍ଷରେ ଶିମିଳିପାଳ ବ୍ୟାଘ୍ର ଅଭୟାରଣ୍ୟକୁ ବନ୍ୟପ୍ରାଣୀ ସଂରକ୍ଷଣ, ବାସସ୍ଥାନ ପରିଚାଳନା, ମାନବ ସମ୍ବଳ ଏବଂ ଭିତ୍ତିଭୂମି ବିକାଶ ଲାଗି କେନ୍ଦ୍ରୀୟ ଯୋଜନାରେ ୩୨.୭୫ କୋଟି ଟଙ୍କା ଆର୍ଥିକ ସହାୟତା ଯୋଗାଇ ଦିଆଯାଇଛି। କଳାବାଘ ଉପରେ ପରିବେଶବିତ୍ ଉମା ରାମକ୍ରିଷ୍ଣନଙ୍କ ନେତୃତ୍ୱରେ ବେଙ୍ଗାଲୁରୁର ନ୍ୟାଶନାଲ ସେଣ୍ଟର ଫର୍ ବାୟୋଲୋଜିକାଲ ସାଇନ୍ସ ଛାତ୍ର ବିନୟ ସାଗର ୨୦୨୧ରେ ଏକ ଗବେଷଣା କରିଥିଲେ। ଟ୍ରାନ୍ସମେମ୍ବ୍ରେନ୍ ଆମିନୋପେପ୍‌ଟିଡେଜ୍ କ୍ୟୁ ଜିନ୍‌ର ଏକକ ମ୍ୟୁଟେଶନରୁ ବାଘର କଳା ରଙ୍ଗ ହୋଇଥିବା ସେ ଦର୍ଶାଇଥିଲେ।

# ନୂଆ ରୂପ ପାଇବ ରେଭେନ୍‌ଶା ବାଳିକା ଉଚ୍ଚ ବିଦ୍ୟାଳୟ

**କଟକ/ଭୁବନେଶ୍ୱର, ୨୧।୧୨ (ସୁପ୍ରିୟା ପ୍ରିୟଦର୍ଶିନୀ/ଅନିଲ ଦାସ)**



୧୫୦ବର୍ଷର ପୁରାତନ ଐତିହାସିକ ରେଭେନ୍‌ଶା ବାଳିକା ଉଚ୍ଚ ବିଦ୍ୟାଳୟ ହେରିଟେଜ୍ କୋଠାକୁ ନୂଆ ରୂପ ଦିଆଯିବ। ୫-ଟି ଉପକ୍ରମରେ ସ୍କୁଲର ବିକାଶ କରାଯିବ ବୋଲି ୫-ଟି ତଥା ନବୀନ ଓଡ଼ିଶା ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ଗୁରୁବାର ସ୍କୁଲ ପରିଦର୍ଶନ କରି ପ୍ରକାଶ କରିଛନ୍ତି।

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ପାଣ୍ଡିଆନ ଗୁରୁବାର ସନ୍ଧ୍ୟାରେ କଟକ ଗସ୍ତରେ ଆସି ବିଭିନ୍ନ ସ୍ଥାନ ପରିଦର୍ଶନ କରିବା ସହ ଏକାଧିକ ରୂପାନ୍ତର କାମର ସମୀକ୍ଷା କରିଛନ୍ତି। ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡିକାଲ କଲେଜ, ଚଣ୍ଡୀ ମନ୍ଦିର, ତାଳଦଣ୍ଡା କେନାଲ ଓ ରେଭେନ୍‌ଶା ବାଳିକା ଉଚ୍ଚ ବିଦ୍ୟାଳୟ ଆଦି ପରିଦର୍ଶନ କରିଥିଲେ। ପ୍ରଥମେ କଟକ ଚଣ୍ଡୀ ମନ୍ଦିର ପରିଦର୍ଶନ କରି ସେ ମା'ଙ୍କ ଦର୍ଶନ ସହିତ ମନ୍ଦିରର ବିଭିନ୍ନ ରୂପାନ୍ତର କାମ ସମ୍ପର୍କରେ ପୂଜକ, ଜିଲାପ୍ରଶାସନ ସହିତ ଆଲୋଚନା କରିଛନ୍ତି। ସୂଚନାଯୋଗ୍ୟ, ୫ଟି ଉପକ୍ରମରେ ମା'ଙ୍କ ମନ୍ଦିରର ରୂପାନ୍ତର ଓ ସୌନ୍ଦର୍ଯ୍ୟକରଣ କାମ ଚାଲିଛି। ମନ୍ଦିରର ସୌନ୍ଦର୍ଯ୍ୟକରଣ ସହିତ ଜଳ ନିଷ୍କାସନ, ପାର୍କିଂ ଓ ଅନ୍ୟାନ୍ୟ କାର୍ଯ୍ୟକୁ ଅନୁଧ୍ୟାନ କରି ପାଣ୍ଡିଆନ ଏହାକୁ ଶୀଘ୍ର ଶେଷ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଯାତ୍ରୀମାନେ ଯେପରି ସୁବିଧାରେ ଓ ଶୃଙ୍ଖଳିତ ଭାବରେ ମା'ଙ୍କ ଦର୍ଶନ କରିପାରିବେ ଏବଂ ଏକ ଦିବ୍ୟ ଅନୁଭବ ଲାଭ କରିବେ, ସେଥିପ୍ରତି ଧ୍ୟାନ ଦେବାକୁ ସେ ପରାମର୍ଶ ଦେଇଥିଲେ। ଏହାପରେ ପାଣ୍ଡିଆନ ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡିକାଲ କଲେଜ ଓ ହସ୍ପିଟାଲ ପରିଦର୍ଶନ କରି ଏହାର ରୂପାନ୍ତର କାମର ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରିଥିଲେ। ୪ଟି କ୍ଲିନିକାଲ ବ୍ଲକ୍ ଓ ୧୩ଟି ଆବାସିକ ବ୍ଲକର ନିର୍ମାଣ କାର୍ଯ୍ୟ ଶୀଘ୍ର ସମ୍ପୂର୍ଣ୍ଣ କରିବାକୁ ସେ ନିର୍ଦ୍ଦେଶ ଦେଇଥିଲେ। ଏହାପରେ ରେଭେନ୍‌ଶା ବାଳିକା ଉଚ୍ଚ ବିଦ୍ୟାଳୟ ବୁଲି ଦେଖିଥିଲେ, ସେଠାରେ ବିଦ୍ୟାଳୟର ଶିକ୍ଷୟିତ୍ରୀମାନଙ୍କ ସହ ଆଲୋଚନା କରିବା ହେରିଟେଜ କୋଠାକୁ ରୂପାନ୍ତରଣ କରିବା ପାଇଁ ପୂର୍ତ୍ତ ବିଭାଗକୁ ନିର୍ଦ୍ଦେଶ ଦେଇଥିଲେ। ୫-ଟି ଅଧ୍ୟକ୍ଷଙ୍କ ଗସ୍ତ ସମୟରେ ପୂର୍ତ୍ତ ବିଭାଗ ପ୍ରମୁଖ ସଚିବ, ଜିଲାପାଳ ନରହରି ସେଠୀ, ସିଏମ୍‌ସି କମିଶନର ନିଖିଲ ପୱନ କଲ୍ୟାଣ, ଡିସିପି ପିନାକ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ୫-ଟି ଅଧ୍ୟକ୍ଷଙ୍କ କଟକ ଗସ୍ତ

# ଆଜି ସବୁଠାରୁ ଛୋଟ ଦିନ

**ଭୁବନେଶ୍ୱର, ୨୧।୧୨ (ବନ୍ଦନା ସେଠୀ)**

ପ୍ରତିବର୍ଷ ଡିସେମ୍ବର ୨୧ କିମ୍ବା ୨୨ରେ ଉତ୍ତର ଗୋଲାର୍ଦ୍ଧରେ ଶୀତଋତୁର ପ୍ରଥମ ଦିନ ଆରମ୍ଭ ହୁଏ, ଯାହା କି ବର୍ଷର ସବୁଠାରୁ ଛୋଟ ଦିନ ହୋଇଥାଏ। ତେବେ ଚଳିତବର୍ଷ ଭୁବନେଶ୍ୱରରେ ଶୁକ୍ରବାର ୨୨ ତାରିଖ ସବୁଠାରୁ ଛୋଟ ଦିନ ହେବ। ଏହାର ଅବଧି ପ୍ରାୟ ୧୦ ଘଣ୍ଟା ୫୪ ମିନିଟ୍ ୨୪ ସେକେଣ୍ଡ ରହିବ। ରାତି ଦୀର୍ଘତମ ହେବ ଅର୍ଥାତ୍ ୧୩ ଘଣ୍ଟା ୫ ମିନିଟ ୩୬ ସେକେଣ୍ଡ ରହିବ। ତେବେ ସୁନ୍ଦରଗଡ଼ଠାରେ ଦିନର ଲମ୍ବା ମାତ୍ର ୧୦ ଘଣ୍ଟା ୪୭ ମିନିଟ ଓ ଓ ମାଲକାନଗିରିରେ ଦିନ ୧୧ ଘଣ୍ଟା ୦୧ ମିନିଟ୍ ରହିବ। କିନ୍ତୁ ଦିଲ୍ଲୀ ଓ କନ୍ୟାକୁମାରୀଠାରେ ଦିନର ଲମ୍ବା ଯଥାକ୍ରମେ ୧୦ ଘଣ୍ଟା ୧୯ ମିନିଟ ଓ ୧୧ ଘଣ୍ଟା ୩୯ ମିନିଟ ହେବ ବୋଲି ପଠାଣି ସାମନ୍ତ ପ୍ଲାନେଟାରିୟମ୍‌ର ପୂର୍ବତନ ଉପନିର୍ଦ୍ଦେଶକ ଡ. ଶୁଭେନ୍ଦୁ ପଟ୍ଟନାୟକ ସୂଚନା ଦେଇଛନ୍ତି। ଜ୍ୟୋତିର୍ବିଜ୍ଞାନୀଙ୍କ ମତରେ, ବର୍ଷର ଏହି ଛୋଟ ଦିନରୁ ଶୀତଦିନ ଆରମ୍ଭ ହେବାସହ ଧୀରେଧୀରେ ଦିନଗୁଡ଼ିକ ଅଧିକରୁ ଅଧିକ ଲମ୍ବା ହୁଏ। ମାର୍ଚ୍ଚ ବେଳକୁ ଦିନ ଓ ରାତିର ଅବଧି ପାଖାପାଖି ସମାନ ହୁଏ। ମେରୁ ନିକଟବର୍ତ୍ତୀ ସ୍ଥାନଗୁଡ଼ିକରେ ବର୍ଷସାରା ଦିନର ଦୈର୍ଘ୍ୟରେ ବଡ଼ ପାର୍ଥକ୍ୟ ଅନୁଭୂତ ହୁଏ। ସେଠାରେ ଶୀତଋତୁରେ ଦିନଗୁଡ଼ିକ ଅତ୍ୟନ୍ତ ଛୋଟ ହୁଏ।

ସୂଚନାଯୋଗ୍ୟ, ସୂର୍ଯ୍ୟ ଚାରିପଟେ ପୃଥିବୀ ନିଜ କକ୍ଷ ପଥରେ ୨୩.୫ ଡିଗ୍ରୀ ଢଳି ରହି ବୁଲିବା ସହ ନିଜ ଅକ୍ଷ ଚାରିପଟେ ଘୂରୁଛି। ସେଥିପାଇଁ ସୂର୍ଯ୍ୟ ସବୁଦିନ ସମାନ ସ୍ଥାନରୁ ଉଦୟ ହୁଏ ନାହିଁ ବା ଗୋଟିଏ ସ୍ଥାନରେ ଅସ୍ତ ଯାଏ ନାହିଁ। ସୂର୍ଯ୍ୟର ଉତ୍ତରାୟଣ ଓ ଦକ୍ଷିଣାୟଣ ଗତି ମଧ୍ୟ ଦେଖାଯାଇଥାଏ। ପ୍ରତ୍ୟେକ ବର୍ଷ ଜୁନ ୨୧ରେ ସୂର୍ଯ୍ୟ ଉତ୍ତର ଗୋଲାର୍ଦ୍ଧର ୨୩.୫ ଡିଗ୍ରୀରେ ଥିବା କର୍କଟ କ୍ରାନ୍ତି ଉପରେ ରହିଥାଏ। ସେଠାରୁ ଧୀରେଧୀରେ ଦକ୍ଷିଣ ଦିଗକୁ ଗତି କରିଥାଏ, ଯାହାକୁ ସୂର୍ଯ୍ୟର ଦକ୍ଷିଣାୟଣ ଗତି କୁହାଯାଏ। ଏହିପରି ଦକ୍ଷିଣ ଦିଗକୁ ଢଳି ଢଳି ଡିସେମ୍ବର ୨୨ ବେଳକୁ ସୂର୍ଯ୍ୟ ବିଷୁବ ରେଖାଠାରୁ ୨୩.୫ ଡିଗ୍ରୀ ଦକ୍ଷିଣରେ ଥିବା ମକର କ୍ରାନ୍ତି ଉପରେ ଗତି କରିଥାଏ। ଫଳରେ ବର୍ଷର ବିଭିନ୍ନ ସମୟରେ ଦିନ ଓ ରାତିର ଅବଧିରେ ତାରତମ୍ୟ ହୋଇଥାଏ।

**ଆଜିର ସମ୍ପାଦକୀୟ**

ତ୍ରୁଟିପୂର୍ଣ୍ଣ ନୀତିର ପରିଣାମ










“ମଣିଷ ଗୋଟିଏ ମଧ୍ୟବର୍ତ୍ତିକାଳୀନ ଜୀବସତ୍ତା। ସେ କିନ୍ତୁ ସୃଷ୍ଟି ବିକାଶର ଶେଷ ପର୍ଯ୍ୟାୟ ନୁହେଁ। ମଣିଷଠାରୁ ଅତିମାନବ ଆଡକୁ ପଦକ୍ଷେପ ନେବା ହେଉଛି ପୃଥିବୀ ବିବର୍ତ୍ତନର ଆଗାମୀ ସଫଳତା। ଏହା ଅପରିହାର୍ଯ୍ୟ। କାରଣ ଏହା ଏକାବେଳକେ ଅନ୍ତରାତ୍ମାର ଉଦ୍ଦେଶ୍ୟ ଓ ପ୍ରକୃତିର ପ୍ରକ୍ରିୟାର ଯୁକ୍ତିସଙ୍ଗତ କାରଣ। –ଶ୍ରୀଅରବିନ୍ଦ



# ତ୍ରୁଟିପୂର୍ଣ୍ଣ ନୀତିର ପରିଣାମ



ବ୍ରହ୍ମ ଚେଲାନି

ଇସ୍ରାଏଲ ଓ ହମାସ୍ ମଧ୍ୟରେ ଯୁଦ୍ଧ ଚାଲିଥିବାବେଳେ ଗାଜାରେ ଗମ୍ଭୀର ମାନବୀୟ ସ୍ଥିତି ଖବରର ଶିରୋନାମା ପାଲଟୁଛି। ଏହା ମଧ୍ୟ ହେବା ସ୍ୱାଭାବିକ। କିନ୍ତୁ ଆଉ ଏକ ସଶସ୍ତ୍ର ସଂଘର୍ଷ ମ୍ୟାନ୍ମାରରେ ଚାଲିଛି ଯାହା ଗମ୍ଭୀର ଉତ୍ପୀଡ଼ନର କାରଣ ହେଉଛି। ଏହା ଯୋଗୁ ୨୦ ଲକ୍ଷରୁ ଅଧିକ ଲୋକ ଦେଶ ଭିତରେ ସ୍ଥାନାନ୍ତର ହୋଇଥିବାବେଳେ ୧୦ ଲକ୍ଷରୁ ଊର୍ଦ୍ଧ୍ୱ ପଡ଼ୋଶୀ ବାଂଲାଦେଶ, ଭାରତ ଏବଂ ଥାଇଲାଣ୍ଡକୁ ଚାଲିଯାଇଛନ୍ତି। ହେଲେ ଏଭଳି ଏକ ସଂଘର୍ଷ ଅନ୍ତର୍ଜାତୀୟ ସ୍ତରରେ କମ୍ ଦୃଷ୍ଟି ଆକର୍ଷଣ କରୁଛି। ଏହି ସଂଘର୍ଷରେ ଲିପ୍ତ ଗଣତନ୍ତ୍ର ସପକ୍ଷବାଦୀ ବିଦ୍ରୋହୀଙ୍କୁ ଆମେରିକା ସମର୍ଥନ କରୁଥିବା ଦେଖାଯାଇଛି। ବିଦ୍ରୋହୀମାନେ ସେନା ଶାସନ (ଜୁଣ୍ଟା)କୁ ତଡ଼ିଦେବା ଲାଗି ଚେଷ୍ଟା କରୁଛନ୍ତି। ଉଲ୍ଲେଖନୀୟ, ଫେବୃୟାରୀ ୨୦୨୧ରେ ଜୁଣ୍ଟା କ୍ଷମତା ଦଖଲ କରିଥିଲା। ମ୍ୟାନ୍ମାରରେ ଏକ ନିର୍ବାଚିତ ସରକାରକୁ ସେନା ଗାଦିଚ୍ୟୁତ କରିଥିଲା, ଯାହା ସାମରିକ ଶାସନର ୬ ମାସ ପୂର୍ବରୁ ଗଠିତ ହୋଇଥିଲା। ମିଲିଟାରି ଶାସନ ପରେ ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍ ପ୍ରଶାସନ ଏହା ଉପରେ ବ୍ୟାପକ କଟକଣା ଲଗାଇଲା ଓ ସେବେଠାରୁ ଏହାକୁ ବଢ଼ାଇଚାଲିଛି। କିନ୍ତୁ ଦେଖିବାକୁ ଗଲେ ଏହି କଟକଣା ଏଯାବତ ମ୍ୟାନ୍ମାରର ମିଲିଟାରି ଶାସକଙ୍କର କୌଣସି କ୍ଷତି କରିନାହିଁ। ବରଂ ଗତ ଦଶନ୍ଧିର ଆର୍ଥିକ ପ୍ରଗତିର ଜଟିଳ ସମସ୍ୟାକୁ ଦୂରକରିଥିବା ମ୍ୟାନ୍ମାରର ସାଧାରଣ ନାଗରିକଙ୍କୁ ଦୁଃଖ ଦେଇଛି।

ମ୍ୟନ୍ମାରରେ ଜୁଣ୍ଟାର ବିକଳ୍ପ ଭାବେ ଗଠିତ ହୋଇଥିବା ନ୍ୟାଶନାଲ ୟୁନିଟ୍ ସରକାର ସହ ବାଇଡେନ୍ ପ୍ରଶାସନର ନିବିଡ଼ ସମ୍ପର୍କ ରହିଛି। ବିଶ୍ୱର ଅନ୍ୟ ଦେଶଗୁଡ଼ିକ ଭଳି ଆମେରିକା ଏଭଳି ପ୍ରତୀକାତ୍ମକ ସରକାରକୁ ଔପଚାରିକ ଭାବେ ସ୍ୱୀକୃତି ଦେବାରୁ ଦୂରେଇ ରହିଛି । କିନ୍ତୁ ନ୍ୟାଶନାଲ ୟୁନିଟ୍ ସରକାରର ଜାତୀୟ ସେନା (ପିପୁଲ୍ସ ଡିଫେନ୍ସ ଫୋର୍ସ) ସହିତ ଜାତିଭିତ୍ତିକ ବିଦ୍ରେହୀ ସଂଗଠନ ଓ ଗଣତନ୍ତ୍ର ସପକ୍ଷବାଦୀ ଗୋଷ୍ଠୀଙ୍କୁ ନନ୍-ଲେଥାଲ ଏଡ୍ ବା ଅଣ ମାରାତ୍ମକ ସହଯୋଗ (ଅସ୍ତ୍ରଶସ୍ତ୍ର ଓ ଗୋଳବାରୁଦ ବ୍ୟତୀତ ଶରୀରକୁ ଅଧିକ କ୍ଷତି କିମ୍ବା ମୃତ୍ୟୁ ଘଟାଇପାରୁଥିବା ଉପକରଣ ବା ଦ୍ରବ୍ୟ)କୁ ଅଟକାଇପାରିନାହିଁ। ଆମେରିକାର ନନ୍ ଲେଥାଲ ବା ‘ଅଣ ମାରାତ୍ମକ’ ଶବ୍ଦକୁ ଅତି ସହଜରେ ବ୍ୟାଖ୍ୟା କରିବାର ଇତିହାସ ରହିଆସିଛି। ଉଦାହରଣ ସ୍ୱରୂପ ସିରିଆ ବିଦ୍ରୋହୀମାନଙ୍କ ପାଇଁ ଅଣ ମାରାତ୍ମକ ଉପକରଣ ଯୋଗାଇ ଯୁଦ୍ଧକ୍ଷେତ୍ରରେ ସେମାନଙ୍କ କାର୍ଯ୍ୟକ୍ଷମତା ବୃଦ୍ଧି କରିଛି।

ମ୍ୟାନ୍ମାରରେ ବାଇଡେନ୍ ପ୍ରଶାସନ ଯେଉଁ ଗୋଷ୍ଠୀଗୁଡ଼ିକୁ ସମର୍ଥନ କରନ୍ତି ସେମାନଙ୍କର କେବଳ ରାଜନୈତିକ ରଣନୀତି ବିଷୟକୁ ଛାଡ଼ିଦେଲେ ଅନ୍ୟ କୌଣସି ସାମୂହିକ କ୍ଷେତ୍ରରେ ଯୋଗଦାନ ନାହିଁ। ସେଠାରେ ଚାଲିଥିବା ଏକ ଛାୟା ସରକାର ସମସ୍ତ ପ୍ରମୁଖ ଜାତିଗତ ଗୋଷ୍ଠୀଙ୍କର ସମର୍ଥନ ହାସଲ କରିବାରେ ବିଫଳ ହୋଇଛି। ଏହାର ସେନାରେ ଏକ ଏକୀକୃତ ମିଲିଟାରି କମାଣ୍ଡର ଅଭାବ ରହିଛି। ଜାତିଗତ ବିଦ୍ରୋହୀ ଗୋଷ୍ଠୀଗୁଡ଼ିକ ମଧ୍ୟର ଅନେକଙ୍କର କ୍ରୂରତାର ରେକର୍ଡ ରହିଛି। ସେମାନେ ସମାବେଶୀ ସଂଘୀୟ ଗଣତାନ୍ତ୍ରିକ ବ୍ୟବସ୍ଥା ପରିବର୍ତ୍ତେ ସେମାନଙ୍କ ସମୁଦାୟ ପାଇଁ ସ୍ୱାୟତ୍ତତା ହାସଲ କରିବାରେ ଅଧିକ ଆଗ୍ରହ ପ୍ରକାଶ କରୁଛନ୍ତି ଏବଂ କେତେକ ଏହା ପାଇବା ଲାଗି ଜୁଣ୍ଟାକୁ ସହଯୋଗ କରିବାକୁ ଚାହୁଁଛନ୍ତି। ଏହି ଗୋଷ୍ଠୀଗୁଡ଼ିକର ଆଞ୍ଚଳିକ ଦାବି ଅନେକ ସମୟରେ ବ୍ୟାପକ ହେଉଛି।



ଆମେରିକା ସହଯୋଗରେ ମ୍ୟାନ୍ମାରରେ ହିଂସା ବଢ଼ୁଛି କି ନାହିଁ ତାହା ନିର୍ଦ୍ଦିଷ୍ଟ ଭାବେ କହିବା ଅସମ୍ଭବ। କିନ୍ତୁ ଏହା ନିଃସନ୍ଦେହ ଯେ, ବିଦ୍ରୋହୀଙ୍କ ଆକ୍ରମଣ ଏବେ ତୀବ୍ର ହୋଇଛି, ଯାହାର ପରିଣାମ ସେହି ଦେଶର ନାଗରିକ ଓ ପଡ଼ୋଶୀ ଦେଶଗୁଡ଼ିକ ପାଇଁ ଗମ୍ଭୀର ହୋଇଛି। ନାଗରିକମାନେ ବହୁ ସମୟରେ ସଂଘର୍ଷ ମଧ୍ୟରେ ଫସି ରହୁଛନ୍ତି। ଗତ ମାସରେ ଏକ ପ୍ରମୁଖ ଲଢ଼େଇରେ ବିଦ୍ରୋହୀମାନେ ଅନେକ ସୀମାନ୍ତ ସହର ଓ ବହୁ ମିଲିଟାରି କେନ୍ଦ୍ରକୁ ନିୟନ୍ତ୍ରଣକୁ ନେଇଥିଲେ। ଗୋଟିଏ ସପ୍ତାହରେ ସେମାନେ ଘଉଡ଼ାଇ ଦେଇଥିବା ୭୨ ସରକାରୀ ସୈନ୍ୟ ଭାରତକୁ ପଳାଇ ଆସିଥିଲେ। ଫଳରେ ଘାତକ ସେନା ଦ୍ୱାରା ଜୁଣ୍ଟା ଏହାକୁ ପ୍ରତିହତ କରିବା ସହ ଆକାଶମାର୍ଗରୁ ଆକ୍ରମଣ ଓ ତୋପ ପ୍ରୟୋଗ କରିଥିଲା। ଏହି ସମୟରେ ୩୨,୦୦୦ରୁ ଅଧିକ ଚୀନ୍ ସମ୍ପ୍ରଦାୟର ଲୋକ ଭାରତର ଚୀନ୍ ବହୁଳ ମିଜୋରାମ ରାଜ୍ୟରେ ଶରଣାର୍ଥୀ ଭାବେ ରହିଛନ୍ତି। ଅନେକ ହଜାର ଚୀନ୍ ସମ୍ପ୍ରଦାୟର ଲୋକେ ଭାରତର ସୀମାନ୍ତ ରାଜ୍ୟ ମଣିପୁରକୁ ମଧ୍ୟ ପଳାୟନ କରି ସେଠାରେ ସ୍ଥାନୀୟ ଦୁଇ ପ୍ରମୁଖ ଗୋଷ୍ଠୀ ମଧ୍ୟରେ ଲାଗିରହିଥିବା ଜାତିଗତ ହିଂସାକୁ ତେଜୁଛନ୍ତି।

ସଶସ୍ତ୍ର ଗୋଷ୍ଠୀଗୁଡ଼ିକୁ ଆମେରିକା ସହାୟତା ଯୋଗାଇଦେବା ଦ୍ୱାରା ବିଶ୍ୱରେ ବହୁ ସମୟରେ ଅଶାନ୍ତି ଓ ଉତ୍ପୀଡ଼ନ ବୃଦ୍ଧି ପାଇଛି। ଏହାସହ ଗଣତନ୍ତ୍ର ଅନ୍ୱେଷଣ ଭାବନା ମଧ୍ୟ ଦୁର୍ବଳ ହୋଇଛି। ମ୍ୟାନ୍ମାରରେ ମାନବୀୟ ସ୍ଥିତିର ଅଧୋଗତିକୁ ବିଚାରକୁ ନେଲେ ଜଣାପଡ଼େ ଯେ, ଏହା ବାରମ୍ବାର ଘଟିବା ସମ୍ଭାବନା ଅଧିକ। ଏବେ ସଂଘର୍ଷ ଦ୍ୱାରା ମ୍ୟାନ୍ମାର ପଡ଼ୋଶୀ ଦେଶଗୁଡ଼ିକ ପ୍ରଭାବିତ ହେଉଛନ୍ତି। ଠିକ୍ ଏହିଭଳି ମଧ୍ୟ ଆମେରିକା ପ୍ରଭାବିତ ହେବ, ଯଦି ମେକ୍ସିକୋରେ ବିଦ୍ରୋହୀଙ୍କୁ କୌଣସି ଶକ୍ତିଶାଳୀ ଦେଶ ସହାୟତା ଯୋଗାଇଦିଏ। ମ୍ୟାନ୍ମାର ପାଇଁ ନୀତି ପ୍ରଣୟନର ନେତୃତ୍ୱ ନେବାରେ ପଡ଼ୋଶୀ ଦେଶଗୁଡ଼ିକୁ ସୁଯୋଗ ଦେବା ତ ଦୂର କଥା, ବରଂ ବାଇଡେନ୍ ପ୍ରଶାସନ ଜୋର ଦେଇ କହୁଛି ଯେ ସେମାନେ ଆମେରିକା ପଦାଙ୍କ ଅନୁସରଣ କରିଛନ୍ତି। ମ୍ୟାନ୍ମାରର ମିଲିଟାରି ଜୁଣ୍ଟା ପ୍ରତି ଆମେରିକାର ବୁଝାମଣାରହିତ ଦଣ୍ଡାତ୍ମକ ଦୃଷ୍ଟିକୋଣ ୧୦ଟି ଦେଶକୁ ନେଇ ଗଠିତ ଦକ୍ଷିଣ-ପୂର୍ବ ଏସୀୟ ରାଷ୍ଟ୍ର ସଂଗଠନ(ଆସିଆନ୍)କୁ ବିଭାଜିତ କରିଛି ଏବଂ ମ୍ୟାନ୍ମାର ସଂଘର୍ଷରେ ଏହାର ଗଠନମୂଳକ ଭୂମିକା ନେବାରେ ବାଧା ଉପୁଯାଇଛି। ତେବେ ମ୍ୟାନ୍ମାନରେ ଗଣତନ୍ତ୍ର ପାଇଁ ଆସିଆନ୍କୁ ଅଗ୍ରାଧିକାର ଦେବାକୁ ଚାହିଁବା ଅସମ୍ଭବ ମନେହେଉଛି, ଯଦିଓ ଏହି ଗୋଷ୍ଠୀର ସଂଖ୍ୟାଧିକ ସଦସ୍ୟ ଦେଶ ଏକଚ୍ଛତ୍ରବାଦୀ ଶାସନ ଅଧୀନରେ ରହିଛନ୍ତି।

ବିଶ୍ୱର ସବୁଠୁ ଜନବହୁଳ ଦେଶ ଭାରତ ଆମେରିକାର ଦୃଷ୍ଟିକୋଣକୁ ନେଇ ଅଧିକ ଚିନ୍ତା ପ୍ରକଟ କରୁଛି। କାରଣ, ଆମେରିକା ସମ୍ପଦରେ ପରିପୂର୍ଣ୍ଣ ମ୍ୟାନ୍ମାରକୁ ଚାଇନା ହାତକୁ ଟେକିଦେଉଛି। ଭାରତ ଏହାର ସ୍ଥଳ ଓ ସମୁଦ୍ର ସୀମାର ଭାଗୀଦାରି ରହିଛି ମ୍ୟାନ୍ମାର। ଦକ୍ଷିଣ-ପୂର୍ବ ଏସିଆରେ ଏହାକୁ ଭାରତ ଏକ ରଣନୀତିକ କରିଡର ଭାବେ ଦେଖୁଛି। ମ୍ୟାନ୍ମାରରୁ ଚାଇନା ଦ୍ୱାରା ପ୍ରଶିକ୍ଷିତ କେତେଜଣ ଲୋକ ଓ ଉଗ୍ରବାଦୀ ଭାରତକୁ ଆସୁଥିବାରୁ ଭାରତର ସୁରକ୍ଷା ପାଇଁ ଉଗ୍ରବାଦ ବିରୋଧୀ ମୁକାବିଲାରେ ମ୍ୟାନ୍ମାରର ସହଯୋଗ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ହେଲେ ବାଇଡେନ୍ଙ୍କ ତ୍ରୁଟିପୂର୍ଣ୍ଣ ମ୍ୟାନ୍ମାର ନୀତି ଗଣତନ୍ତ୍ର ଓ ଏକଚ୍ଛତ୍ରବାଦ ମଧ୍ୟରେ ଏକ ବୈଶ୍ୱିକ ଯୁଦ୍ଧର ପ୍ରତିଫଳନ ଭଳି ମନେହେଉଛି। କିନ୍ତୁ ଚାଇନାର ବଢ଼ୁଥିବା ପ୍ରଭାବକୁ ପ୍ରତିହତ କରିବା ପାଇଁ ଅଣ ଗଣତାନ୍ତ୍ରିକ ରାଷ୍ଟ୍ର ସହ ରଣନୀତିକ ସମ୍ପର୍କକୁ ଗଭୀରକରି ତାଙ୍କ ପ୍ରଶାସନ ବିଭିନ୍ନ ସ୍ଥାନରେ ଅଧିକ ସମ୍ବେଦନଶୀଳ ବୈଦେଶିକ ନୀତି ଆପଣେଇଛି। ଉଦାହରଣ ସ୍ୱରୂପ, ଗତ ସେପ୍ଟେମ୍ବରରେ ନୂଆଦିଲ୍ଲୀରେ ଅନୁଷ୍ଠିତ ଜି୨୦ ଶିଖର ସମ୍ମିଳନୀରେ ବାଇଡେନ୍ ସାଉଦି ଆରବ ସହ ସମ୍ପର୍କ ସୁଧାରିବାକୁ ଚେଷ୍ଟା କରିଥିଲେ। ଏହା ପରେ ସେ ଭିଏଟ୍ନାମ ଗସ୍ତ କରି ତାକୁ ଭାରତ-ପ୍ରଶାନ୍ତ ମହାସାଗରୀୟ ସହଯୋଗୀ ବୋଲି କହିଥିଲେ। ମ୍ୟାନ୍ମାରକୁ ଗଣତନ୍ତ୍ର ଏବଂ ମାନବିକ ଅଧିକାର ବିସ୍ତାର କରାଯିବା ଆବଶ୍ୟକ। ମ୍ୟାନ୍ମାରରେ ଜୁଣ୍ଟା ସହ ଆଲୋଚନା କରିବା ସହିତ ସ୍ଥିତିରେ ପରିବର୍ତ୍ତନ କରିବା ଲାଗି ପଦକ୍ଷେପ ନେବାକୁ ସାହାଯ୍ୟ କଲେ ସେଠାରେ ପ୍ରତ୍ୟକ୍ଷ ସାମରିକ ଶାସନକୁ ସମାପ୍ତ କରିବାରେ ଆମେରିକା ଏକ ଉତ୍ତମ ସୁଯୋଗ ପାଇବ।

**ପ୍ରଫେସର, ଷ୍ଟ୍ରାଟେଜିକ୍ ଷ୍ଟଡିଜ୍, ସେଣ୍ଟର ଫର୍ ପଲିସି ରିସର୍ଚ୍ଚ( ନୂଆଦିଲ୍ଲୀ)**

## ବିନାଶ କାଳେ...



ରାଧାଶ୍ୟାମ ରାଉଳ

ବସ୍ତୁବାଦ ମୋହରେ ମଣିଷ ଦିନକୁଦିନ ଅହଙ୍କାରୀ,ସ୍ୱାର୍ଥପର, ହୃଦୟହୀନ ଓ ବେପରୁଆ ହୋଇଯାଉଛି। ଯଦିଓ ମଣିଷ ବେଶ୍ ଭଲଭାବରେ ଜାଣିଛି ଯେ, ଲୋଭ ତା’ର ପରମଶତ୍ରୁ, ତଥାପି ଲୋଭର ବେଷ୍ଟନୀ ଭିତରୁ ସେ ନିଜକୁ ମୁକୁଳେଇ ପାରୁନାହିଁ । ଅସାଧୁ ଉପାୟରେ ଅଧିକରୁ ଅଧିକ ଅର୍ଥ ପାଇବାକୁ ସେ ବ୍ୟଗ୍ର ହେଉଛି । ଆଉ ତା’ର ଏ ପ୍ରକାରର ବ୍ୟଗ୍ରତା ତାକୁ ଦୁର୍ନୀତି କରିବାକୁ ଏବଂ ଭ୍ରଷ୍ଟାଚାର ଭିଆଇବାକୁ ପ୍ରବର୍ତ୍ତାଉଛି।

ଯଦି ଆମର ଆବଶ୍ୟକତା ମୁତାବକ ଆମେ ଧନସମ୍ପଦ ଅର୍ଜନ୍ତୁ, ତେବେ କୌଣସି ସମସ୍ୟା ସୃଷ୍ଟି ହୁଅନ୍ତାନାହିଁ। କିନ୍ତୁ ଅସଲରେ ଆଜିର ସମୟରେ ପ୍ରାୟ ପ୍ରତ୍ୟେକ ମଣିଷର ପ୍ରବୃତ୍ତି ହୋଇଯାଇଛି ଆବଶ୍ୟକତାଠାରୁ ଯଥେଷ୍ଟ ଅଧିକ ଅର୍ଥ ଅର୍ଜନ ଓ ସଞ୍ଚୟ କରି ତା’ର ମାଲିକ ହେବା, ଅନ୍ୟର ଧନସମ୍ପଦ ପ୍ରତି ଲୋଭକରି ସେଗୁଡ଼ିକୁ ବଳପୂର୍ବକ ନିଜ ଅଧିକାରଭୁକ୍ତ କରିବା, ସର୍ବସାଧାରଣ ଓ ସରକାରୀ ସମ୍ପତ୍ତିକୁ ଜବରଦଖଲ କରି ତା’ଉପରେ ନିଜର ମାଲିକାନାସ୍ୱତ୍ୱ ଜାହିର କରିବା।

ଅସତ୍ ଉପାୟରେ ଅର୍ଥ ଅର୍ଜନ କରିବା ନିଶାରେ ନିଜନିଜର ଅସଲ ପରିଚୟକୁ ଗୋପନ ରଖି କିଛି କିଛି ଶିକ୍ଷିତ, ଅର୍ଦ୍ଧଶିକ୍ଷିତ, ଅଶିକ୍ଷିତ, ପଥଭ୍ରଷ୍ଟ ବେକାର ଯୁବତୀ ଯୁବକ ନିଜକୁ ସି.ବି.ଆଇ. ଅଫିସର, ଭିଜିଲାନ୍ସ ଅଫିସର, ପୋଲିସ ଅଫିସର, ସେନାର ଉଚ୍ଚପଦସ୍ଥ ଅଫିସର, ଡାକ୍ତର, ଇଞ୍ଜିନିୟର, ନେତା, ମନ୍ତ୍ରୀ କି କୌଣସି ବଡ଼ବଡ଼ିଆଙ୍କ ପାଖଲୋକ, କୌଣସି ନା କୌଣସି ବିଭାଗର ବିଭାଗୀୟ ମୁଖ୍ୟ, ବାବାଜୀ, ଧର୍ମଗୁରୁ, ତାନ୍ତ୍ରିକ ଆଦି ନକଲି ପରିଚୟ ନେଇ ଲୋକମାନଙ୍କୁ ଭୁଆଁବୁଲେଇ ଟଙ୍କା ଲୁଟୁଥିବାର ଖବରମାନ ମିଳୁଛି । ଆଇନ ହାତରେ ଏମାନେ ଧରାପଡ଼ି ଜେଲ ଯାଉଛନ୍ତି ସତ, ହେଲେ କିଛିଦିନ, କିଛିମାସ କି କିଛିବର୍ଷ ପରେ ଏମାନେ ଜେଲରୁ ମୁକୁଳି ପୂର୍ବବତ୍ ମନ ଓ ଧ୍ୟାନ ଦେଉଛନ୍ତି ନିଜନିଜର କଳା କାରବାରର ବିକାଶ ଓ ବିସ୍ତାର କରିବା କ୍ଷେତ୍ରରେ। ‘ଅଧର୍ମ ବିତ୍ତ ବଢ଼େ ବହୁତ, ଗଲାବେଳେ ଯାଏ ମୂଳ ସହିତ’ ନ୍ୟାୟରେ ଯେଉଁ ବ୍ୟକ୍ତି ଅସାଧୁ ଉପାୟରେ ଅର୍ଥ ଅର୍ଜନ କରେ ତା’ର ଶେଷ ପରିଣତି ଅତ୍ୟନ୍ତ ଭୟାନକ ହୋଇଥାଏ। ଯେଉଁମାନେ ଦୁର୍ନୀତି କରି ଧନୀ, ବିତ୍ତଶାଳୀ ହୋଇଛନ୍ତି ସେମାନେ ଅତି ସହଜରେ ଅନ୍ୟମାନଙ୍କର ଟାର୍ଗେଟ ହୁଅନ୍ତି। କେତେବେଳେ ସେମାନଙ୍କର ଶତ୍ରୁ ସାଜନ୍ତି ଖୋଦ୍ ପରିବାର ଲୋକ ତ କେତେବେଳେ ବାହାର ଲୋକ। କୌଣସି ନା କୌଣସି ପରିସ୍ଥିତିରେ କେହି ନା କେହି ସେମାନଙ୍କର ଟଙ୍କାକୁ ଲୁଟିନିଅନ୍ତି, ଅହଙ୍କାର, ଆସ୍ପର୍ଦ୍ଧାକୁ ଭାଙ୍ଗି ଚୂରମାର୍ କରିଦିଅନ୍ତି, ହତ୍ୟା କରନ୍ତି। ଏ ପ୍ରକାରର ନଜିର ଅନେକ ରହିଛି। ଅଧିକ ଲୋଭର ବଶବର୍ତ୍ତୀ ହୋଇ ମଣିଷ ସର୍ବସ୍ୱାନ୍ତ ହେବାର ମଧ୍ୟ ନଜିର ରହିଛି। ସେଇଥିପାଇଁ ତ ଯଥାର୍ଥରେ କୁହାଯାଇଛି, ‘ଆଜି ଯେ ରାଜେନ୍ଦ୍ରାସନେ କାଲି ସେ ଫକିର!’ ତେଣୁ ଅନ୍ୟାୟ, ଅଧର୍ମ, ଅସତ୍ ଉପାୟରେ ଯେଉଁ ଅର୍ଥ ଆସୁଛି, ସେ ଅର୍ଥ ମଧ୍ୟ ସେଇଭଳି ଭାବରେ ଅର୍ଥାତ୍ ଅଯଥା ବାଟରେ ଖର୍ଚ୍ଚ ହେଉଛି, ନଷ୍ଟ ହେଉଛି, ଅପବ୍ୟୟ ହେଉଛି, ଲୁଣ୍ଠିତ ହେଉଛି। ଦୁର୍ନୀତିଗ୍ରସ୍ତ ଲୋକମାନେ ପ୍ରାୟତଃ ବ୍ୟାଧିଗ୍ରସ୍ତ ହୁଅନ୍ତି। ଏଥିରୁ ଆରୋଗ୍ୟ ହେବାପାଇଁ ଟଙ୍କା ପାଣି ପରି ଖର୍ଚ୍ଚ ହୁଏ। କେତେବେଳେ ପୁଣି ନିଜ ସ୍ତ୍ରୀ, ପିଲାଛୁଆ ପ୍ରତି ଆକସ୍ମିକ ବିପଦ ମାଡ଼ିଆସେ। ଅସତ୍ ଉପାୟରେ ଯାହା ଟଙ୍କା ଆସିଥାଏ, ତା’ର ବହୁଗୁଣ ଟଙ୍କା ହାତରୁ ଚାଲିଯାଏ। ଦୁର୍ନୀତିଗ୍ରସ୍ତ ଲୋକର ପିଲାମାନେ ସମାଜବିରୋଧୀ କାର୍ଯ୍ୟରେ ଲିପ୍ତ ରହିବାର ନଜିର ରହିଛି। ପିଲାମାନଙ୍କୁ ଆଇନ ହାତରୁ ମୁକୁଳେଇବା ପାଇଁ ବାପା, ମା’ ହଟହଟା ହୁଅନ୍ତି। ଅର୍ଥବ୍ୟୟ, ମନସ୍ତାପ, ଶରୀରପୀଡ଼ାରେ ଆକ୍ରାନ୍ତ ହୁଅନ୍ତି।

ହେଲେ ଏବେ ସମାଜରେ ନୀତି, ଆଦର୍ଶର ସ୍ଥାନ ନାହିଁ, ମୂଲ୍ୟବୋଧର ଅବକ୍ଷୟ ହେଉଛି ପ୍ରତି ମୁହୂର୍ତ୍ତରେ। ଘୋର ସଙ୍କଟ ସମୟ ଦେଇ ଆମେ ସଭିଏ ଗତିକରୁଛୁ। ଅତଏବ ଏ ସଙ୍କଟ ସମୟରେ ‘ଅଧର୍ମ ବିତ୍ତ ବଢ଼େ ବହୁତ, ଗଲାବେଳେ ଯାଏ ମୂଳ ସହିତ’ ; ଆପ୍ତବାଣୀର ଅର୍ଥ ବୁଝିବ କିଏ? ଭେଳିକିରେ ମାତିଛନ୍ତି ପ୍ରାୟ ସଭିଏ। ଆଜିର ତ୍ରୁଟିପୂର୍ଣ୍ଣ ଆଇନକାନୁନ୍ ଓ ସାମାଜିକ ବିଧିବ୍ୟବସ୍ଥା ମଣିଷକୁ ଯଥେଷ୍ଟ ମାତ୍ରାରେ ଅର୍ଥଲୋଭୀ କରିଦେଇଛି। ‘ମୋତେ ଯେତେ ମାଠିବୁ ମାଠ, ମୁଁ ସେଇ ଦରପୋଡ଼ା କାଠ’ ନ୍ୟାୟରେ ଯେମିତି ଉପାୟରେ ହେଉ, ଯେକୌଣସି ସ୍ତରକୁ ଯିବାକୁ ପଛୁ ପଛକେ ବିତ୍ତ ବା ଅର୍ଥ ହାସଲ କରିବାର ନିଶା ବଢ଼ିଯାଇଛି। ଏସବୁର ଅନ୍ତିମ ପରିଣାମ କ’ଣ ହେବ; ସେ ସମ୍ପର୍କରେ କେହି ବି ବୁଝିବାକୁ ପ୍ରସ୍ତୁତ ନୁହନ୍ତି।

**ମୋ: ୯୪୩୭୦୯୦୯୮୫**

## ଏଇ ଭାରତରେ

ପରିବେଶ ପାଇଁ ଥର୍ମକୁଲ ଅତି କ୍ଷତିକାରକ। କାରଣ ଏହା ମାଟିରେ ମିଶିବା ଲାଗି ଅନେକ ଶହ ବର୍ଷ ଲାଗିଯାଏ। ଏବେ ପ୍ୟାକେଜିଂରେ ଥର୍ମକୁଲ ବହୁଳ ଭାବେ ବ୍ୟବହାର କରାଯାଉଥିବାରୁ ବାହାରେ ଏହା ପାହାଡ଼ ଭଳି ଗଦାହେଉଛି। ଏଥିରେ କାର୍ବନ ମନକ୍ସାଇଡ ଓ ଅନ୍ୟାନ୍ୟ କ୍ଷତିକାରକ ଅଣବିଘଟନ ଉପାଦାନ ରହିଥିବାରୁ ପରିବେଶ ପ୍ରତି ଅଧିକ ବିପଦ ସୃଷ୍ଟି ହେଉଛି। ଏଣୁ ଏହାର ବିକଳ୍ପ ଅର୍ଥାତ୍ ପରିବେଶ ଉପଯୋଗୀ ଥର୍ମକୁଲ ପ୍ରସ୍ତୁତ କରି ପରିବେଶ ହିରୋ ସାଜିଛନ୍ତି ଆଇଆଇଟି କାନପୁରର ଇଞ୍ଜିନିୟର ଚୈତନ୍ୟ ଦୁବେ। ଚୈତନ୍ୟଙ୍କ ବୟସ ୨୯ ଓ ସେ ଉତ୍ତରପ୍ରଦେଶ କାନପୁରର ବାସିନ୍ଦା। ଆଇଆଇଟିରେ ‘କିଙ୍କୋ ବାୟୋଟେକ ଷ୍ଟାର୍ଟଅପ୍’ ମାଧ୍ୟମରେ ସେ ଏହି ଥର୍ମକୁଲ ବିକାଶ କରିଛନ୍ତି। ଏହାକୁ ସେ ମସ୍ରୁମ୍ ସାଇସିଲିନ ଓ କୃଷି ବର୍ଜ୍ୟରୁ ତିଆରି କରୁଛନ୍ତି। ଫଳରେ ଏହା କମ୍ ଦିନରେ ମାଟିରେ ମିଶିଯିବା ସହ ଉନ୍ନତ ସାର ଭାବେ କାମ କରୁଛି। ଏବେ ଦିନକୁ ୨୦୦ ଖଣ୍ଡ ଥର୍ମକୁଲ ତିଆରି କରାଯାଉଛି ଓ ଭିବଷ୍ୟତରେ ୧୦୦୦ ଖଣ୍ଡ ପ୍ରସ୍ତୁତ କରିବାକୁ ଚୈତନ୍ୟ ଯୋଜନା ରଖିଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

୨୨ ଡିସେମ୍ବର ୧୯୭୪

- ଆସାମର ଧିଙ୍ଗ ବିଧାନସଭା ନିର୍ବାଚନମଣ୍ଡଳୀରୁ କଂଗ୍ରେସ ପ୍ରାର୍ଥୀ ଅବଦୁଲ ହୁସେନଙ୍କ ନିର୍ବାଚନକୁ ସୁପ୍ରିମ୍କୋର୍ଟଙ୍କ ବୈଧ ଘୋଷଣା।
- ଟାଟା ରପ୍ତାନି ସଂସ୍ଥା ପକ୍ଷରୁ ଇଥିଓପିଆ ପରିବହନ କମ୍ପାନୀକୁ ୫ଟି ଯାତ୍ରୀବାହୀ ବସ୍ ଯୋଗାଇ ଦିଆଯାଇଛି।
- ବାଂଲାଦେଶର ସୀମାନ୍ତରେ ଥିବା ଦିନାଜପୁର ଜିଲାରେ ଅତ୍ୟଧିକ ଶୀତ ଯୋଗୁ ୧୫ ଜଣ ବ୍ୟକ୍ତିଙ୍କ ମୃତ୍ୟୁ।

## su|do|ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 6 | | | 3 | | | | 7 |
| | | | 5 | | | 4 | 2 | |
| 4 | 9 | | | | | 3 | | |
| 9 | | | | | | 6 | | |
| | | 6 | | | | | 5 | 1 |
| 5 | | 1 | | | | | 3 | |
| 2 | | | | 8 | 5 | | 7 | |
| 3 | | | 2 | | 7 | | 1 | |
| | | | 3 | | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 4 | 7 | 1 | 2 | 8 | 3 | 6 | 9 | 5 |
| 6 | 3 | 9 | 7 | 5 | 4 | 8 | 1 | 2 |
| 8 | 2 | 5 | 9 | 1 | 6 | 7 | 4 | 3 |
| 9 | 5 | 6 | 8 | 3 | 2 | 1 | 7 | 4 |
| 2 | 4 | 8 | 1 | 9 | 7 | 5 | 3 | 6 |
| 7 | 1 | 3 | 4 | 6 | 5 | 9 | 2 | 8 |
| 5 | 8 | 2 | 3 | 7 | 1 | 4 | 6 | 9 |
| 3 | 9 | 7 | 6 | 4 | 8 | 2 | 5 | 1 |
| 1 | 6 | 4 | 5 | 2 | 9 | 3 | 8 | 7 |

ଗତକାଲିର ଉତ୍ତର

# ଦିନକ ପଚିଶ ଘଣ୍ଟା ହେବ କି



ଡ. ନରେନ୍ଦ୍ର ସେଠୀ

ସମୟ ଅବିରତ ତା’ ବାଟରେ ଚାଲିଥାଏ ଓ ତା’ ସହିତ ଆମେ ତାଳଦେଇ ଚାଲୁ। ସମୟ କେବେ ପଛକୁ ଫେରି ନ ଥାଏ। ତେଣୁ ବିଜ୍ଞାନ, ତଥ୍ୟ ଓ ଘଟଣାକ୍ରମ ସହିତ ସମୟର ଉପସ୍ଥିତି ଜରୁରୀ ଅର୍ଥାତ୍ ସମୟ ବିନା କୌଣସି ଘଟଣାକୁ ବର୍ଣ୍ଣନା କରିବା ଅସମ୍ଭବ। ଏଇଥିପାଇଁ ବୋଧେ ମଣିଷ ସମୟ ମାପିବାକୁ ଆରମ୍ଭ କରିଥିଲା। ବୈଦିକ ଯୁଗରେ ସମୟ କିପରି ମପାଯାଉଥିଲା ତା’ର ବର୍ଣ୍ଣନା ଶ୍ରୀମଦ୍ ଭାଗବତ ପୁରାଣରେ ଉଲ୍ଲେଖ ଅଛି। ଏହି ପୁରାଣ ଅନୁଯାୟୀ ପରମାଣୁ କାଳ ସମୟ ମାପିବାର ସବୁଠୁ ଛୋଟ ଏକକ ଥିଲା। ପରମାଣୁ କାଳ କହିଲେ ପଦାର୍ଥର ସବୁଠୁ ଛୋଟ କଣିକା ପରମାଣୁକୁ ଅତିକ୍ରମ କରିବା ପାଇଁ ସୂର୍ଯ୍ୟଙ୍କୁ ଯେତିକି ସମୟ ଲାଗେ। ଏହି ପରି ପନ୍ଦର ହଜାର ତିନିଶହ ପରମାଣୁ କାଳ ମିଶି ଏକ ନିମିଷ ହୋଇଥାଏ ; ଯାହା ଆମ ଆଖିପିଛୁଳାଇବା ସଙ୍ଗେ ସମାନ। ସେହିପରି ୫୧୦୦ ପରମାଣୁ କାଳ ମିଶି ଏକ ଲାଭା ବା ୧୦.୮୦ ସେକେଣ୍ଡ ସହିତ ସମାନ। ସେହିପରି ପୁରାଣ ବର୍ଣ୍ଣିତ ସତ୍ୟ, ତ୍ରେତୟା ଦ୍ୱାପର ଓ କଳିଯୁଗ ଏକ ସମୟର ଅବଧି ବା କାଳଖଣ୍ଡ ବ୍ୟତୀତ ଆଉ କିଛି ନୁହେଁ। ତେଣୁ କାଳ ବା ସମୟ ମାପିବା ହିନ୍ଦୁ ଧର୍ମ ଗ୍ରନ୍ଥରେ ପ୍ରାଚୀନ ସମୟରୁ ଅଛି।

ଖ୍ରୀଷ୍ଟପୂର୍ବ ୨୪୦୦ରେ ପ୍ରାଚୀନ ବେବିଲୋନୀୟାନ ସଭ୍ୟତାରେ ବର୍ଷକୁ ବାରମାସ ଓ ଦିନକୁ ଚବିଶ ଘଣ୍ଟାରେ ବିଭକ୍ତ କରାଯାଇଥିଲା। ସେହିପରି ମିଶର ଦେଶରେ ଖ୍ରୀଷ୍ଟପୂର୍ବ ୪୦୦୦ ବେଳକୁ ସନ ଡାଏଲ ବ୍ୟବହାର କରୁଥିବାର ପ୍ରମାଣ ମିଳିଛି। ତେବେ ସମୟକୁ ଠିକ୍ ଭାବେ ମାପିବା ପାଇଁ ମଣିଷ ଏବେ ମଧ୍ୟ ପ୍ରୟାସ ଜାରିରଖିଛି। ସମୟକୁ ଠିକ୍ ଭାବେ ମାପିବା ପାଇଁ ବ୍ରିଟେନ୍ର ଜାତୀୟ ଭୌତିକ ପ୍ରୟୋଗଶାଳାରେ ସିଜିୟମ ପରମାଣୁଗୁଡ଼ିକ ପାଣିର ଫାଉଣ୍ଟେନ ପରି ମାଧ୍ୟାକର୍ଷଣ ବଳ ପ୍ରଭାବରେ ତଳକୁ ପଡିବା ବେଳେ ଲେଜର ରଶ୍ମି ଦ୍ୱାରା ଗତିକୁ ଧିମା କରି ସମୟକୁ ମାପିବାରେ ହେଉଥିବା ବିଳମ୍ବକୁ କମେଇ ଠିକ୍ ଭାବରେ ମପା ଯାଉଛି। ଏହି ସିଜିୟମ ଫାଉଣ୍ଟେନ ଘଣ୍ଟାକୁ ବିଶ୍ୱର ସବୁଠୁ ଠିକ୍ ଘଣ୍ଟା ଭାବେ ଏବେ ବିବେଚନା କରାଯାଉଛି ଓ ଏହାକୁ ବ୍ୟବହାର କରି ବିଶ୍ୱ ଟାଇମ ସ୍କେଲ ନିର୍ଣ୍ଣୟ ହେଉଛି। ମାତ୍ର ବିଜ୍ଞାନର ସଦ୍ୟ ତଥ୍ୟ ଅନୁସାରେ ପ୍ରତ୍ୟେକ ଜିନିଷର ଏକ ବିପରୀତ ଥାଏ ଯେମିତି ନିଆଁର ପାଣି, କଳା ରଙ୍ଗର ଧଳା ଇତ୍ୟାଦି। ସେମିତି ସବୁ ମୌଳିକ ପଦାର୍ଥର ଏକ ବିପରୀତ ଅଛି, ଯାହାକୁ ମ୍ୟାଟର ଓ ଆଣ୍ଟି ମ୍ୟାଟର କୁହାଯାଏ। ସେମିତି ସମୟ ମାପିବା ପାଇଁ ବ୍ୟବହୃତ ସିଜିୟମର ବିପରୀତ ଆଣ୍ଟି ସିଜିୟମକୁ ନେଇ ସେହି ଏକା ଉପାୟରେ ଫାଉଣ୍ଟେନ ଘଣ୍ଟା ବ୍ୟବହାର କରି ସମୟ ମାପିବାରେ ବୈଜ୍ଞାନିକମାନେ ସଫଳ ହୋଇଛନ୍ତି। ଏହି ପରୀକ୍ଷା ସୁଇଜରଲାଣ୍ଡର ସର୍ନ (CERN) ଭୂତଳ ପ୍ରୟୋଗଶାଳାରେ କରାଯାଇ ସମୟ ମାପିବା ପରେ ଆଗରୁ ବ୍ରିଟେନ୍ରେ ମପାଯାଇଥିବା ସମୟ ସହିତ ଏହା ଟିକେ ଫରକ ଦେଖାଇଛି। ତେଣୁ ମ୍ୟାଟର୍ ଓ ଆଣ୍ଟି ମ୍ୟାଟର୍ ଦ୍ୱାରା ଫାଉଣ୍ଟେନ ଘଣ୍ଟାରେ ସେକେଣ୍ଡର ମପାଯାଇଥିବା ପୃଥକ କାଳ ଖଣ୍ଡରୁ ହାରାହାରି କରି ଏକ ନୂଆ କାଳ ଖଣ୍ଡରେ ପହଞ୍ଚିଛନ୍ତି। ଅର୍ଥାତ୍ ଏପର୍ଯ୍ୟନ୍ତ ଆମେ ଏକ ସେକେଣ୍ଡକୁ ଯେତିକି ସମୟ ଭାବୁଥିଲୁ ତାହା ଠିକ୍ ନୁହେଁ ଏବଂ ଏହା ଏବେ ଅଲଗା ବୋଲି ଜଣାପଡିଛି।

ବୈଜ୍ଞାନିକମାନେ ସମୟକୁ ଏତେ ଠିକ୍ ଭାବେ ମାପିବା ଦ୍ୱାରା ଏହା ସମଗ୍ର ବିଶ୍ୱରେ ଏକ ସମୟର ବିପର୍ଯ୍ୟୟ ସୃଷ୍ଟି କରି ଆମ ସମସ୍ତଙ୍କୁ ପ୍ରଭାବିତ କରିପାରେ। କିନ୍ତୁ ଏହା ସତ ଯେ ସମୟକୁ ଠିକ୍ ଭାବେ ମାପିବା ସବୁବେଳେ ମଣିଷ ପାଇଁ ଏକ ମୁଣ୍ଡବ୍ୟଥାର କାରଣ ହୋଇଆସିଛି। ବିଶ୍ୱର ପ୍ରଥମ ଘଣ୍ଟା ନିର୍ମାଣ ପୂର୍ବରୁ ମଣିଷ ପୃଥିବୀ ନିଜ ଅକ୍ଷ ଚାରିପଟେ ବୁଲିବାର ଭୌଗୋଳିକ ସ୍ଥାନକୁ ଲକ୍ଷ୍ୟ କରି ସମୟ ନିରୂପଣ କରୁଥିଲା। ପ୍ରଥମେ ଘଣ୍ଟାରେ ପେଣ୍ଡୁଲମ୍ ବ୍ୟବହାର ହୋଇଥିଲା, ଯାହା ଏହାର ଅନ୍ତର୍ନିହିତ ମନ୍ଥରତା ଯୋଗୁ ଏତେ ନିର୍ଭରଶୀଳ ନ ଥିଲା। ୧୯୩୨ ମସିହାରେ କ୍ୱାର୍ଜ ବା ସ୍ଫଟିକ ଘଣ୍ଟା ଉଦ୍ଭାବନ ହେଲା, ଯାହା ଅଧିକ ଠିକ୍ ସମୟ ଦେଉଥିଲେ ମଧ୍ୟ ଏହା ପାରିପାର୍ଶ୍ୱିକ ପରିବେଶ ଦ୍ୱାରା ପ୍ରଭାବିତ ହେଉଥିଲା। ତେଣୁ ଏଗୁଡିକ ମଧ୍ୟ ଠିକ୍ ସମୟ ଦେବାରେ ଅସଫଳ ହେଲେ। କିନ୍ତୁ ୧୯୬୭ରେ ପ୍ରଥମ ପରମାଣୁ ଘଣ୍ଟା ଉଦ୍ଭାବନ ହେବା ପରେ ସମୟକୁ ଅତି ଠିକ୍ ଭାବେ ମାପିବାରେ ମଣିଷ ସଫଳ ହେଲା। ଏବେ ବ୍ୟବହୃତ ସିଜିୟମ ପରମାଣୁ ଘଣ୍ଟା ଏକ କମ୍ପନ ଯନ୍ତ୍ର ଦ୍ୱାରା କାର୍ଯ୍ୟକରେ ଯେଉଁଠି ସିଜିୟମ ପରମାଣୁକୁ ଉପଯୁକ୍ତ ତରଙ୍ଗର ଶକ୍ତି ପ୍ରଦାନ କରି ଉଚ୍ଚ ଶକ୍ତି ଅବସ୍ଥାକୁ ନିଆଯାଇଥାଏ। ଏହି ପରମାଣୁ ଘଣ୍ଟା ଏତେ ଠିକ୍ ଯେ ଏକ ସେକେଣ୍ଡ ସମୟ ଭୁଲ୍ ଗଣନା କରିବା ପାଇଁ ୧ କୋଟିରୁ ଅଧିକ ବର୍ଷ ନେଇଥାଏ। କିନ୍ତୁ ଏବେ ସୁଇଜର୍ଲାଣ୍ଡର ସର୍ନ ପ୍ରୟୋଗଶାଳାରେ ବିପରୀତ ବା ଆଣ୍ଟି ସିଜିୟମକୁ ନେଇ ସମୟ ମାପବା ବେଳେ ଏକ ସେକେଣ୍ଡର ଅବଧି ଯାହା ଏବେ ଆମେ ସାରା ବିଶ୍ୱରେ ବ୍ୟବହାର କରୁଛୁ ତା’ଠୁ ଭିନ୍ନ ବୋଲି ଜଣା ପଡିଲା। ଗୋଟିଏ ସିଜିୟମ ପରମାଣୁକୁ ଉତ୍ତେଜିତ କରିବା ପାଇଁ ୮୪୯୯୬୮୨୭୯୦ଟି କମ୍ପନ ଦରକାର କରୁଥିବା ବେଳେ ଏହାର ଆଣ୍ଟି ମ୍ୟାଟର ସିଜିୟମ ପାଇଁ ଏହାଠୁ କମ୍ ସଂଖ୍ୟାରେ କମ୍ପନ ଆବଶ୍ୟକ ହେଲା। ହାରାହାରି ଭାବରେ ଦୁଇଟି ପ୍ରକ୍ରିୟାର ସେକେଣ୍ଡର ଅବଧିକୁ ନେଇ ବୈଜ୍ଞାନିକମାନେ ପାଇଲେ ଯେ ସେକେଣ୍ଡର ଅବଧି ୮୮୪୬୧୫୬୭୨୮୦ କମ୍ପନ, ଯାହା ବର୍ତ୍ତମାନ ବ୍ୟବହୃତ ସେକେଣ୍ଡର କମ୍ପନ ସଂଖ୍ୟାର ପ୍ରାୟ ୯୬%। ତେଣୁ ଦୁଇଟିଯାକ ଉପାୟରେ ମପାଯାଇଥିବା ସେକେଣ୍ଡକୁ ହାରାହାରି କରି ଏକ ନୂତନ ସେକେଣ୍ଡରେ ଗଣନା କରାଯାଇଅଛି । ଏହାର ସହଜ ଅର୍ଥ ହେଲା ଗୋଟିଏ ଦିନ ୨୪ ଘଣ୍ଟା ବଦଳରେ ଠିକ୍ ସମୟ ମାପନ ଅନୁସାରେ ୨୪ ଘଣ୍ଟା ୫୬ ମିନିଟ ୨୪ ସେକେଣ୍ଡ ବା ପ୍ରାୟ ୨୫ ଘଣ୍ଟା ହୋଇଯିବ। ବେଳେବେଳେ ଦିନକର ୨୪ ଘଣ୍ଟା ଆମ ପାଇଁ କମ୍ ପଡ଼େ ଓ ବଳକା କାର୍ଯ୍ୟକୁ ଆମେ ଆସନ୍ତାକାଲି ପାଇଁ ଛାଡିଦେଉ। ଯଦିକେବେ ଆପଣଙ୍କ ମନ ହୁଏ ଦିନଟା ୨୫ ଘଣ୍ଟା ହୋଇଯାନ୍ତା କି ବୋଲି ଭାବିଛନ୍ତି ତାହାଲେ ଏଇଟା ବୋଧେ ବିଜ୍ଞାନ ଅନୁସାରେ ଉପଯୁକ୍ତ ସମୟ।



ପ୍ରାୟ ଦେଢକୋଟି ବର୍ଷ ପୂର୍ବେ ପୃଥିବୀ ଓ ଚନ୍ଦ୍ର ଭିତରେ ଏତେ ଦୂରତା ନ ଥିଲା ଯାହା ଏବେ ଅଛି। ପୃଥିବୀ ଚନ୍ଦ୍ର ଭିତରେ ଥିବା ଦୂରତା ଧୀରେ ଧୀରେ ବଢ଼ିବାରେ ଲାଗିଛି ଓ ଦେଢକୋଟି ବର୍ଷ ପୂର୍ବେ ପୃଥିବୀରେ ଗୋଟିଏ ଦିନ ୧୮ ଘଣ୍ଟା ୪୧ ମିନିଟ ଥିବା ବେଳେ ଏବେ ଏହା ବଢି ବଢି ୨୪ ଘଣ୍ଟାରେ ପହଁଚିଛି। ପୃଥିବୀରେ ଦିନର ଅବଧି ସମ୍ପୂର୍ଣ୍ଣ ଭାବରେ ଅନେକ ଭୂମଣ୍ଡଳୀୟ ବସ୍ତୁ ଦ୍ୱାରା ପ୍ରଭାବିତ ହୋଇଥାଏ ଯେଉଁମାନେ ଏହା ଉପରେ ମାଧ୍ୟାକର୍ଷଣ ବଳରେ ପ୍ରଭାବିତ କରିଥାନ୍ତି। ଯେହେତୁ ସୌର ମଣ୍ଡଳରେ ଏପରି ଅନେକ ଭୂମଣ୍ଡଳୀୟ ବସ୍ତୁ ଅଛନ୍ତି ତେଣୁ ପୃଥିବୀର ଦିନ ଅବଧି ଧୀରେ ଧୀରେ ବଢ଼ିବାରେ ଲାଗିଛି। ଏହି ପରିପ୍ରେକ୍ଷୀରେ ସର୍ନର ବୈଜ୍ଞାନିକଙ୍କ ପ୍ରସ୍ତାବକୁ ଯଦି ଗ୍ରହଣ କରି ନିଆଯାଏ ନିକଟ ଭବିଷ୍ୟତରେ ଆମ ଦିନ ବଦଳିଯାଇ ପଚିଶ ଘଣ୍ଟା ହୋଇଯିବ।

**ମୋ:୭୦୦୪୦୬୮୧୧୦**

## ପାଠକ ଶ୍ରେଷ୍ଠ ବିଚାରକ

### ନେତାଙ୍କ କଳାଧନର ତଦନ୍ତ ହେଉ

ମହାଶୟ,

ଆମ ଦେଶ ଓ ରାଜ୍ୟସମୂହର ଅନେକ ନେତାଙ୍କ ନିକଟରେ ଶହ ଶହ କୋଟି ଟଙ୍କାର କଳାଧନ ଦେଶବିଦେଶରେ ଗଚ୍ଛିତ ରହିଛି । ଏମାନେ ଦୀର୍ଘ ବର୍ଷ ଧରି ପ୍ରାପ୍ତ ରାଜନୈତିକ ଓ ପ୍ରଶାସନିକ କ୍ଷମତାର ଅପବ୍ୟବହାର କରି ଦେଶବାସୀଙ୍କ ପ୍ରଦତ୍ତ ଟିକସ ଅର୍ଥକୁ ନିରନ୍ତର ଲୁଣ୍ଠନ ପୂର୍ବକ ଅମାପ କଳାଧନ ଠୁଳ କରିଚାଲିଛନ୍ତି। ବର୍ତ୍ତମାନ ଭାରତ ସରକାର ବାର୍ଷିକ ପ୍ରାୟ ୫୦ ଲକ୍ଷ କୋଟି ଟଙ୍କାର ବଜେଟ କରୁଥିବା ବେଳେ ରାଜ୍ୟଗୁଡିକ ମଧ୍ୟ ଲକ୍ଷ ଲକ୍ଷ କୋଟି ଟଙ୍କାର ବଜେଟ କରୁଛନ୍ତି। ବିଭିନ୍ନ ବିଭାଗକୁ ହଜାର ହଜାର କୋଟି ଟଙ୍କା ପ୍ରଦାନ କରାଯାଉଛି । କିନ୍ତୁ କେତେଜଣ ଦୁର୍ନୀତିଖୋର ଅସାଧୁ ନେତା ଯୋଜନା ଅର୍ଥର ସିଂହଭାଗକୁ ଲୁଟିନେଉଛନ୍ତି। ରାଜନୀତିକୁ ସର୍ବାଧିକ ଲାଭଜନକ ପେସା ଭାବେ ଗ୍ରହଣ କରିଥିବା ଏସବୁ ଦୁର୍ନୀତିଖୋର ନେତାଙ୍କ ପାଇଁ ସରକାରୀ କାମସବୁ ନିମ୍ନମାନର ହେଉଛି। ନେତାମାନଙ୍କ ଘରେ ଇନ୍କମ୍ ଟ୍ୟାକ୍ସ, ଇଡି, ଭିଜିଲାନ୍ସ ଓ ସିବିଆଇ ତରଫରୁ ଚଢ଼ାଉ ହେଉନାହିଁ କାହିଁକି? ସରକାର ରାଜନୀତିର ଊର୍ଦ୍ଧ୍ୱକୁ ଉଠି ଦୁର୍ନୀତିଖୋର ନେତାଙ୍କ ଅମାପ କଳାଧନକୁ ବାଜ୍ୟାପ୍ତ କରିପାରିବେ କି?

**–ରାଇଚରଣ ବିଶ୍ୱାଳ, ସାମନ୍ତରାୟପୁର,ପିରହାଟ, ଭଦ୍ରକ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

କ୍ଷୁଧିତକୁ ଶିଖାଅ ହେ ଭାଗ୍ୟ ତା’ର ନୁହେଁ ଅନାହାର
ଅପର ନେଇଛି କାଢ଼ି ଜନ୍ମଗତ ସର୍ବ ଅଧିକାର।
ବସ୍ତ୍ରହୀନେ ବତାଅ ହେ ନିଜ ହାତେ ନିର୍ମିବାକୁ ବସ୍ତ୍ର
ନିରସ୍ତ୍ରକୁ ଦିଅ ଆଣି ଅଦ୍ଭୁତ ଅହିଂସାର ଅସ୍ତ୍ର।
–(ଜାଗ ଜାଗ ଗାନ୍ଧୀ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

# ଭାରିଯାନ ଚାଳକଙ୍କୁ ମାଗଣା ଚା’

## ଦୁର୍ଘଟଣା ରୋକିବାକୁ ପରିବହନ ବିଭାଗର ନୂଆ ପଦକ୍ଷେପ

ଭୁବନେଶ୍ୱର, ୨୧।୧୨
(ସୁନିତ୍ ମିଶ୍ର)

ଏନ୍ଏଚ୍(ଜାତୀୟ ରାଜପଥ) କଡ଼ରେ ଥିବା ଢାବା ଏବଂ ଅନ୍ୟାନ୍ୟ ଅନୁଷ୍ଠାନ ଦ୍ୱାରା ଏଣିକି ଭାରିଯାନ ଚଳାଉଥିବା ଡ୍ରାଇଭରମାନଙ୍କୁ ମାଗଣାରେ ଚା’ ପିଆଇବେ ରାଜ୍ୟ ସରକାର। ସଡ଼କ ଦୁର୍ଘଟଣାଜନିତ ମୃତ୍ୟୁସଂଖ୍ୟା କମାଇବା ଲାଗି ରାଜ୍ୟ ସରକାରଙ୍କ ବାଣିଜ୍ୟ ଓ ପରିବହନ ବିଭାଗ ପକ୍ଷରୁ ଏଭଳି ପଦକ୍ଷେପ ନିଆଯିବ ବୋଲି ଗୁରୁବାର ବିଭାଗୀୟ ମନ୍ତ୍ରୀ ଟୁକୁନୀ ସାହୁ ସୂଚନା ଦେଇଛନ୍ତି। ମନ୍ତ୍ରୀ ସାହୁ ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି , ସଡ଼କ ଦୁର୍ଘଟଣା ଏବେ ସରକାରଙ୍କ ଚିନ୍ତାର କାରଣ ପାଲଟିଛି,ଯେଉଁଥିଲାଗି ସରକାରଙ୍କ ପକ୍ଷରୁ ସଡ଼କ ସୁରକ୍ଷା ବୈଠକ କରାଯାଇଥିଲା। ଏନ୍ଏଚ୍‌ରେ ଯାଉଥିବା ଭାରିଯାନ ଡ୍ରାଇଭରମାନେ ପ୍ରାୟତଃ ରାତି ଅନିଦ୍ରା ହୋଇ ଗାଡ଼ି ଚଳାନ୍ତି। ସେଥିଲାଗି ସେମାନଙ୍କ ଆଖି ଅନେକ ସମୟରେ ଲାଗିଯିବା ଦ୍ୱାରା ଦୁର୍ଘଟଣାର ଆଶଙ୍କା ଥାଏ। ତେଣୁ ଏହାକୁ ରୋକାଯିବା ଲାଗି ପ୍ରତ୍ୟେକ ଢାବା ଏବଂ ହୋଟେଲ ଯାହା ରାସ୍ତାକଡରେ ରହିଛି ସେମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ସେହି ସଂସ୍ଥାଗୁଡିକ କିପରି ଡ୍ରାଇଭରମାନଙ୍କୁ ଚା’ ପିଆଇ ସେମାନଙ୍କ ସହ କଥାବାର୍ତ୍ତା ହେବା ସହିତ କିଛି ସମୟ ବିଶ୍ରାମ ନେବାକୁ ସୁଯୋଗ ଦେବେ ସେଥିଲାଗି ଦାୟିତ୍ୱ ନେବେ। ସମସ୍ତେ ସହଯୋଗ କରିବେ ବୋଲି ଆଶା କରାଯାଉଛି। କାରଣ ପ୍ରତ୍ୟେକ ଜୀବନର ମୂଲ୍ୟ ଗୁରୁତ୍ୱପୂର୍ଣ୍ଣ। ଦୁର୍ଘଟଣାକୁ ରୋକିବା ଲାଗି ହେଲ୍‌ମେଟ୍ ଚେକିଂଠାରୁ ଆରମ୍ଭକରି ୧୮ ବର୍ଷରୁ କମ୍ ବୟସର ଯିଏ ଗାଡି ଚଳାଉଛନ୍ତି ସେମାନଙ୍କୁ ଧରାଯାଉଛି। ବିଭାଗ ପକ୍ଷରୁ ସମସ୍ତ ପ୍ରକାର ସଡକ ସୁରକ୍ଷାଜନିତ ପଦକ୍ଷେପ ନିଆଯାଉଛି। ପ୍ରତ୍ୟେକ ଜିଲାରେ ଟ୍ରକ୍ ଟର୍ମିନାଲ କାମ ଚାଲିଛି। ଯେଉଁଠାରେ ଡ୍ରାଇଭରମାନେ ବିଶ୍ରାମ ନେଇପାରିବେ। ପଥପ୍ରାନ୍ତରେ ମଧ ଏନ୍ଏଚ୍ ସାଇଡ୍‌ରେ ଡ୍ରାଇଭରମାନଙ୍କୁ ବିଶ୍ରାମ ନେବା ସୁଯୋଗ ଦିଆଯାଉଛି। ପ୍ରତି ଜିଲାରେ ଟ୍ରକ୍ ଟର୍ମିନାଲ ପ୍ରତିଷ୍ଠା ଲାଗି ଜମି ଚିହ୍ନଟ କରିବାକୁ ଜିଲାପାଳମାନଙ୍କୁ ଦାୟିତ୍ୱ ଦିଆଯାଇଛି। ବହୁ ସ୍ଥାନରେ ବ୍ଲାକ୍‌ସ୍ପଟ୍ ଚିହ୍ନଟକରି ସେ ସ୍ଥାନରେ ଦୁର୍ଘଟଣା ରୋକିବାକୁ ବିଭିନ୍ନ ସଙ୍ଗଠନକୁ ଦାୟିତ୍ୱ ଦିଆଯାଇଛି। ପ୍ରତି ପରିବାରର ଲୋକମାନେ ସଚେତନ ହେଲେ ଦୁର୍ଘଟଣା ରୋକାଯାଇପାରିବ। ଆରଟିଓମାନଙ୍କୁ ଦାୟିତ୍ୱ ଦିଆଯାଇଛି ସେମାନେ ବିଭିନ୍ନ ରାସ୍ତାକଡରେ ଥିବା ହୋଟେଲ ଏବଂ ଢାବାକୁ ଚିହ୍ନଟ କରି ଡ୍ରାଇଭରମାନଙ୍କୁ ଚା’ ପିଆଇବାର ଦାୟିତ୍ୱ ତୁଲାଇବେ ବୋଲି ମନ୍ତ୍ରୀ କହିଛନ୍ତି।



ରିଲାଏନ୍ସ ଫାଉଣ୍ଡେସନର ସ୍ୱତନ୍ତ୍ର ଅଭିଯାନ ‘ଉଇ କେୟାର,ଉଇ ଭଲ୍ୟୁଟର– କାହାନି କାଲା ଖୁସି’ର ଶେଷ ଦିନରେ ଇଶା ଅମ୍ବାନୀ ମୁମ୍ବାଇ ଠାର ଆୟୋଜିତ ଏକ ବିଶେଷ କାର୍ଯ୍ୟକ୍ରମରେ ଜିଓ ପ୍ରେଜେଣ୍ଟସ୍ ହାମଲେସ୍ ୱାଣ୍ଡରଲ୍ୟାଣ୍ଡର ଏକ ପୁସ୍ତକ କିଓସ୍କରେ ସ୍ଥାନୀୟ ଶିଶୁ ଓ ସ୍ୱେଚ୍ଛାସେବୀମାନଙ୍କ ସହ ଉପସ୍ଥିତ ଅଛନ୍ତି।

# ଯୋଗାଣ ଅଧିକାରୀଙ୍କ ବିଦେଶ ସଉକ

**ଭିଜିଲାନ୍ସ ଜାଲରେ ଫସିଲେ**

- ଭୁବନେଶ୍ୱର, ବ୍ରହ୍ମପୁରର ୭ସ୍ଥାନରେ ଚଢ଼ାଉ
- ଘରୁ ମିଳିଲା ଅଧକେଜି ସୁନା ଗହଣା
- ୪ କୋଠା, ୫ ପ୍ଲଟ୍ ସମେତ ବିପୁଳ ସମ୍ପତ୍ତି ଠାବ

ଭୁବନେଶ୍ୱର,୨୧।୧୨
(ସତ୍ୟଜିତ୍ ରାଉତ)


ଭିଜିଲାନ୍ସ ଚଢ଼ାଉ ବେଳେ ଭୁବନେଶ୍ୱର ୟୁନିଟ୍ -୩ସ୍ଥିତ ସରକାରୀ କ୍ୱାର୍ଟରରୁ ମିଳିଥିବା ସୁନା ଗହଣ ଓ କାଗଜପତ୍ର।

ସାଧାରଣ ଲୋକଙ୍କ ଟିକସ ଟଙ୍କାରେ ଦରମା ପାଉଥିବା ସରକାରୀ ବାବୁମାନେ ଦୁର୍ନୀତି କରି ଅମାପ ସମ୍ପତ୍ତି ଠୁଳ କରୁଛନ୍ତି। ଏକାଧିକ ଦୁର୍ନୀତିଗ୍ରସ୍ତ, ଲାଞ୍ଚୁଆ ବାବୁ ଧରାପଡିଥିବା ବେଳେ ଏବେ ଆଉଜଣେ କୋଟିପତି ଅଧିକାରୀ ଭିଜିଲାନ୍ସ ଜାଲରେ ଫସିଛନ୍ତି। ସେ ହେଲେ ଭୁବନେଶ୍ୱରର ମୁଖ୍ୟ ଯୋଗାଣ ଅଧିକାରୀ ପ୍ରଶାନ୍ତ କୁମାର ଗନ୍ତାୟତ। ବାବୁ ଜଣଙ୍କର ସୌଖୀନ ଜୀବନଯାପନ ସହ ଭ୍ରମଣରେ ଭାରି ସଉକ। ସମୟ ପାଇଲେ ବିଦେଶ ବୁଲି ପାଣି ଭଳି ଟଙ୍କା ଖର୍ଚ୍ଚ କରୁଥିଲେ ବୋଲି ଭିଜିଲାନ୍ସ ଜାଣିବାକୁ ପାଇଛି। ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଗୁରୁବାର ଭୁବନେଶ୍ୱର ଭିଜିଲାନ୍ସ ଡିଭିଜନ୍ ପକ୍ଷରୁ ପ୍ରଶାନ୍ତଙ୍କ ଘର ସମେତ ଭୁବନେଶ୍ୱର ଓ ବ୍ରହ୍ମପୁରର ୭ଟି ସ୍ଥାନରେ ଚଢ଼ାଉ କରାଯାଇଛି। ଏହି ସ୍ଥାନଗୁଡ଼ିକ ମଧ୍ୟରେ ପ୍ରଶାନ୍ତଙ୍କ ଗଞ୍ଜାମ ଜିଲା ବୈଦ୍ୟନାଥପୁର ଥାନା ଅନ୍ତର୍ଗତ ବ୍ରହ୍ମପୁର କୋ-ଅପରେଟିଭ୍ କଲୋନି ୧ ନମ୍ବର ଲେନ୍‌ସ୍ଥିତ ପୈତୃକ ଘର, ଭୁବନେଶ୍ୱର ୟୁନିଟ-୩ ମ୍ୟୁନିସିପାଲିଟି କଲୋନିସ୍ଥିତ ସରକାରୀ କ୍ୱାର୍ଟର ନଂ. ଏସ୍-୫୦ ଏବଂ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ କାର୍ଯ୍ୟାଳୟସ୍ଥିତ କୋଠରି ଆଦି ରହିଛି। ଭୁବନେଶ୍ୱର ସ୍ୱତନ୍ତ୍ର ଭିଜିଲାନ୍ସ ଜଜ୍‌ଙ୍କ ସର୍ଚ୍ଚ ୱାରେଣ୍ଟ ବଳରେ ହେଉଥିବା ଏହି ଚଢ଼ାଉରେ ଭିଜିଲାନ୍ସ ଟିମ୍ ପ୍ରଶାନ୍ତଙ୍କର ବହୁ କୋଟିର ସ୍ଥାବର ଓ ଅସ୍ଥାବର ସମ୍ପତ୍ତି ଠାବ କରିଛି। ଏଥିସହ ପ୍ରଶାନ୍ତ ବିଦେଶ ଭ୍ରମଣର ବହୁ ଦସ୍ତାବିଜ୍ ଜବତ ହୋଇଛି। ଭିଜିଲାନ୍ସ ପକ୍ଷରୁ ସନ୍ଧ୍ୟାସୁଦ୍ଧା ମିଳିଥିବା ରିପୋର୍ଟ ଅନୁସାରେ, ପ୍ରଶାନ୍ତଙ୍କ ଭୁବନେଶ୍ୱର ପାଣ୍ଡରାସ୍ଥିତ ପ୍ଲଟ୍ ନଂ. ୧୪୮୪ ଓ ୧୪୮୫ରେ ୪ ହଜାର ୮ଶହ ବର୍ଗଫୁଟ୍‌ର ନିର୍ମାଣାଧୀନ ୮୩ ଲକ୍ଷ ଟଙ୍କାର ତିନି ମହଲା କୋଠା, ଚନ୍ଦ୍ରଶେଖରପୁର ହାଉସିଂବୋର୍ଡ କଲୋନିରେ ଥିବା ଦୁଇ ମହଲା କୋଠା (ଭିଆଇଏମ୍-୧୯୨), ଲକ୍ଷ୍ମୀସାଗର ବଡ଼ଗଡ଼ କେନାଲ୍ ରୋଡସ୍ଥିତ ନୀଳାଚଳ ସିଟି ଆପାର୍ଟମେଣ୍ଟରେ ଥିବା ଗୋଟିଏ ଫ୍ଲାଟ୍, ବ୍ରହ୍ମପୁର-୨ ଭବାନୀପୁରସ୍ଥିତ ନୀଳାଚଳ ହାଇଟ୍ସ ଆପାର୍ଟମେଣ୍ଟରେ ଏକ ୨ ବିଏଚ୍‌କେ ଫ୍ଲାଟ୍ ରହିଛି। ଏଥିସହ ଭୁବନେଶ୍ୱରରେ ୩ ପ୍ଲଟ ସମେତ ମୋଟ ୫ଟି ପ୍ଲଟ୍ ଠାବ ହୋଇଛି। ଫ୍ଲାଟ୍ ଏବଂ ପ୍ଲଟଗୁଡ଼ିକର ପ୍ରକୃତ ମୂଲ୍ୟ ଜାଣିବାକୁ ଭିଜିଲାନ୍ସର ଟେକ୍ନିକାଲ ୱିଙ୍ଗ୍ ଅଧିକ ଯାଞ୍ଚ କରୁଛି। ସେହିପରି ପ୍ରଶାନ୍ତଙ୍କ ଘରୁ ୫୩୬ ଗ୍ରାମର ସୁନା ଅଳଙ୍କାର, ପ୍ରାୟ ୧.୪୮ କୋଟିର ବ୍ୟାଙ୍କ ଓ ଜୀବନବୀମା ଜମା, ନଗଦ ୧.୨୧ ଲକ୍ଷ ଟଙ୍କା, ୧୯.୪୭ ଲକ୍ଷ ଟଙ୍କାର ଗୋଟିଏ ଚାରିଚକିଆ ଓ ଦୁଇଟି ଦୁଇ ଚକିଆ ଯାନ ମଧ ଠାବ ହୋଇଛି। ତେବେ ପ୍ରଶାନ୍ତ ୟୁରୋପ୍ ଓ ସୁଇଜରଲାଣ୍ଡ ଭ୍ରମଣ କରିଥିବା ଟିକେଟ୍ ଆଦିରୁ ୩ ଲକ୍ଷ ଟଙ୍କା କାରବାରର ଭିଜିଲାନ୍ସ ପ୍ରମାଣ ପାଇଛି। ସେ ଅନ୍ୟ ଦେଶକୁ ଯାଇ ବିପୁଳ ଟଙ୍କା ଖର୍ଚ୍ଚ କରିଥିବା ଭିଜିଲାନ୍ସ ସନ୍ଦେହ କରୁଛି। ଏହି ଦିଗକୁ ନେଇ ଭିଜିଲାନ୍ସ ଅଧିକ ଯାଞ୍ଚ ଜାରି ରଖିଛି। ସମ୍ପତ୍ତି ସଂକ୍ରାନ୍ତରେ ପ୍ରଶାନ୍ତଙ୍କୁ ଅଧିକ ପଚରାଉଚରା କରାଯାଉଛି ଓ ଆଗକୁ ଅଧିକ ସମ୍ପତ୍ତି ଠାବ ହୋଇପାରେ ବୋଲି ଭିଜିଲାନ୍ସ ପକ୍ଷରୁ ସୂଚନା ଦିଆଯାଇଛି। ଏହି ଚଢ଼ାଉରେ ଭିଜିଲାନ୍ସର ୭ ଟିମ୍‌ରେ ୮ଜଣ ଡିଏସ୍‌ପି, ୫ ଇନ୍ସପେକ୍ଟର ଏବଂ ଅନ୍ୟ କର୍ମଚାରୀ ନିୟୋଜିତ ହୋଇଛନ୍ତି। ତେବେ ଶୁକ୍ରବାର ପ୍ରଶାନ୍ତଙ୍କ ବିରୋଧରେ ମାମଲା ରୁଜୁ କରି ତାଙ୍କୁ ଗିରଫ କରାଯାଇପାରେ ବୋଲି ସୂଚନା ମିଳିଛି।

# ଆଜିଠୁ କମିବ ଭଦ୍ରକ-ବାଲେଶ୍ୱର ଲୋକାଲ ଟ୍ରେନ୍ ଭଡ଼ା

ଭଦ୍ରକ,୨୧।୧୨
(ସନାତନ ରାଉତ)

କୋଭିଡ୍ ସମୟରୁ ଓଡ଼ିଶାରେ ସମସ୍ତ ଲୋକାଲ ଟ୍ରେନ୍‌ରେ ଏକ୍ସପ୍ରେସ୍ ଭଡ଼ା ଲାଗୁ କରାଯାଇଥିଲା। ବାଲେଶ୍ୱରରୁ ଭଦ୍ରକ ଆସୁଥିବା ଲୋକାଲ ଟ୍ରେନ୍‌ରେ ୨୦ ଟଙ୍କା ଭଡ଼ା ନିଆଯାଉଥିବା ବେଳେ ଭଦ୍ରକରୁ ବାଲେଶ୍ୱର ଯାଉଥିବା ଯାତ୍ରୀଙ୍କଠାରୁ ୪୦ ଟଙ୍କା ଭଡ଼ା ନିଆଯାଉଥିଲା। ଏହାର ପ୍ରତିବାଦରେ ଭଦ୍ରକ ଜିଲା ସର୍ବୋଦୟ ମଣ୍ଡଳ ପକ୍ଷରୁ ସଭାପତି ଅମର କୁମାର ପାଣିଗ୍ରାହୀଙ୍କ ନେତୃତ୍ୱରେ ଇଷ୍ଟକୋଷ୍ଟ ରେଲୱେ ଡିଭିଜନ ମ୍ୟାନେଜରଙ୍କ ନିକଟରେ ବାରମ୍ବାର ଅଭିଯୋଗ କରାଯାଇଥିଲା। ଏହା ଉପରେ ରେଳ ବିଭାଗ ବିଚାର ବିମର୍ଷ କରି ଶୁକ୍ରବାରଠାରୁ ଭଦ୍ରକରୁ ବାଲେଶ୍ୱର ଲୋକାଲ ଭଡ଼ା ୨୦ ଟଙ୍କା ନିଆଯିବାକୁ ସ୍ଥିର ହୋଇଛି। ଇଷ୍ଟକୋଷ୍ଟ ରେଲୱେ ପ୍ରିନ୍ସିପାଲ ଚିଫ୍ କମର୍ସିଆଲ ମ୍ୟାନେଜର ଅଶ୍ୱିନୀ କୁମାର ଗୁରୁବାର ଖୋର୍ଦ୍ଧା ଡିଭିଜନାଲ କମର୍ସିଆଲ ମ୍ୟାନେଜରଙ୍କୁ ଚିଠି ମାଧ୍ୟମରେ ଜଣାଇଛନ୍ତି। ଏହି ଚିଠିର ଏକ ନକଲ ସର୍ବୋଦୟ ମଣ୍ଡଳ ଭଦ୍ରକ ସଭାପତିଙ୍କୁ ମଧ୍ୟ ପ୍ରେରଣ କରାଯାଇଛି। ଏହି ନିଷ୍ପତ୍ତି ପରେ ସର୍ବୋଦୟ ମଣ୍ଡଳ ପକ୍ଷରୁ ସଭାପତି ପାଣିଗ୍ରାହୀ ଇଷ୍ଟକୋଷ୍ଟ ରେଲୱେ ଜେନେରାଲ ମ୍ୟାନେଜର ଓ ଡିଆର୍‌ଏମ୍‌ଙ୍କୁ କୃତଜ୍ଞତା ଜଣାଇଛନ୍ତି।

# ନିଖତ ପର୍‌ବିନ୍‌ଙ୍କ ଆତ୍ମହତ୍ୟା ଉଦ୍ୟମ

## ଦଳୀୟ ନେତାଙ୍କ ବିରୋଧରେ ଆଣିଲେ ଅଭିଯୋଗ

ସମ୍ବଲପୁର,୨୧।୧୨
(ଭବାନୀ ଶଙ୍କର ଭୋଇ)


ଡାକ୍ତରଖାନାରେ କଂଗ୍ରେସ ନେତ୍ରୀ ନିଖତ ପର୍‌ବିନ୍।

ଗତ ୧୬ତାରିଖରେ ସମ୍ବଲପୁର ଜିଲା କଂଗ୍ରେସ କାର୍ଯ୍ୟାଳୟରେ ଘଟିଥିବା ଗଣ୍ଡଗୋଳ ଘଟଣା ଭିନ୍ନମୋଡ଼ ନେଇଛି। ରାଜ୍ୟ ସଂଖ୍ୟାଲଘୁ ସେଲ୍‌ର ସାଧାରଣ ସମ୍ପାଦିକା ନିଖତ ପର୍‌ବିନ୍ ମାନସିକ ଚାପରେ ଗୁରୁବାର ଫିନାଇଲ ପିଇ ଆତ୍ମହତ୍ୟା ଉଦ୍ୟମ କରିଛନ୍ତି। ଗୁରୁତର ଅବସ୍ଥାରେ ତାଙ୍କୁ ସଦର ମେଡିକାଲରେ ଭର୍ତ୍ତି କରାଯାଇଛି। ମେଡିସିନ ବିଭାଗ ଡାକ୍ତରମାନେ ତାଙ୍କୁ ଚିକିତ୍ସା କରିବା ପରେ ୭୨ଘଣ୍ଟା ପର୍ଯ୍ୟନ୍ତ ନିରୀକ୍ଷଣରେ ରଖିଥିବା କହିଛନ୍ତି। ତେବେ ଆତ୍ମହତ୍ୟା ଉଦ୍ୟମ ପୂର୍ବରୁ ସେ ମୋବାଇଲରେ ମେସେଜ କରି ଦଳର ବରିଷ୍ଠ ନେତାଙ୍କ ବିରୋଧରେ ଗୁରୁତର ଅଭିଯୋଗ ଆଣିଛନ୍ତି। ସୂଚନା ଅନୁସାରେ ଗତ ୧୬ ତାରିଖରେ ଜିଲା କଂଗ୍ରେସ କାର୍ଯ୍ୟାଳୟରେ ବୈଠକ ଚାଲିଥିବାବେଳେ ତାଙ୍କୁ ଆକ୍ରମଣ କରାଯାଇଥିବା ନେଇ ମହିଳା ମୋର୍ଚ୍ଚା ସଭାନେତ୍ରୀ ଟାଉନ ଥାନାରେ ଅଭିଯୋଗ କରିଥିଲେ। ସେ ତାଙ୍କ ଅଭିଯୋଗରେ ନିଖତଙ୍କ ସମେତ ଆଉ କେତେଜଣ ମହିଳା କଂଗ୍ରେସ କର୍ମୀ ଓ ଦଳର ପୂର୍ବତନ ଜିଲା ସଭାପତିଙ୍କ ନାମ ଉଲ୍ଲେଖ କରିଥିଲେ। ଏହାପରେ ୧୮ ତାରିଖରେ ୧୧ ଜଣିଆ ରାଜ୍ୟସ୍ତରୀୟ ଟିମ୍ ସମ୍ବଲପୁରରେ ପହଞ୍ଚି ଘଟଣାର ତଦନ୍ତକରି ଫେରିଥିଲା। ତଦନ୍ତକାରୀ ଦଳକୁ ପ୍ରତିପକ୍ଷ ଗୋଷ୍ଠୀ ଘଟଣା ଦିନର ଭିଡିଓ ଆଦି ପ୍ରମାଣ ଦେଇଥିବା ବେଳେ କମିଟି ଭୁବନେଶ୍ୱରକୁ ଫେରିବା ପରେ ତାଙ୍କୁ ପଦରୁ ହଟାଇବା ପାଇଁ ସୁପାରିସ କରିଥିବା ନିଖତ କହିଛନ୍ତି। ପଦରୁ ହଟାଇବା ପଛରେ ଦଳର କେତେଜଣ ବରିଷ୍ଠ ନେତାଙ୍କ ଚାପ ରହିଥିବା ସେ ଅଭିଯୋଗ କରିଛନ୍ତି। ନିଖତ ହ୍ୱାଟ୍ସଆପ୍‌ରେ ଲେଖିଥିବା ନୋଟ୍‌ରେ ତାଙ୍କୁ ସମ୍ପୃକ୍ତ ନେତା ଜଣକ ନିଜର ରାଜନୈତିକ ଆକାଂକ୍ଷା ପୂରଣ ପାଇଁ ବ୍ୟବହାର କରି ବଡ଼ ବଡ଼ ନେତାଙ୍କୁ ହନିଟ୍ରାପ୍‌ରେ ଫସାଇବାକୁ କହିଥିଲେ। ଏଥିରେ ରାଜି ନ ହେବାରୁ ତାଙ୍କୁ ମାନସିକ ନିର୍ଯାତନା ସହ ରାଜନୈତିକ କ୍ୟାରିୟର ନଷ୍ଟ କରିବାକୁ ଉଦ୍ୟମ କରୁଥିବା ନିଖତ ଅଭିଯୋଗ କରିଛନ୍ତି। ଏହାସହ ସେ ନିଜର ସ୍ୱାମୀଙ୍କ ବିରୋଧରେ ମଧ ଗୁରୁତର ଅଭିଯୋଗ କରିଛନ୍ତି। ସମ୍ପୃକ୍ତ ନେତାଙ୍କ ସହ ମିଶି ତାଙ୍କୁ ଶାରୀରିକ ନିର୍ଯାତନା ଦେବା ସହିତ ଜୀବନରୁ ମାରିଦେବାକୁ ଉଦ୍ୟମ କରୁଥିବା ଅଭିଯୋଗ କରିଛନ୍ତି। ଘଟଣା ପରେ ମହିଳା ଥାନା ଅଧିକାରୀ, ସାଇବର ଥାନା ପୋଲିସ ଓ ଟାଉନ ଥାନା ପୋଲିସ ଡାକ୍ତରଖାନାରେ ପହଞ୍ଚି ଘଟଣାର ତଦନ୍ତ କରିଥିଲେ। ମହିଳା ଥାନା ଅଧିକାରୀ ଆନା ମିଞ୍ଜ କହିଛନ୍ତି, ନିଖତ ଆଗରୁ ନିଜ ସ୍ୱାମୀଙ୍କ ବିରୋଧରେ ଶୋଷଣ ଅଭିଯୋଗ କରିଥିଲେ। ତଦନୁଯାୟୀ ଆମେ ତାଙ୍କୁ ଗିରଫକରି କୋର୍ଟ ଚାଲାଣ କରିଥିଲୁ। ଏହାପରେ ସାଇବର ଥାନାରେ ମଧ ନିଜ ସ୍ୱାମୀଙ୍କ ବିରୋଧରେ ଅଭିଯୋଗ କରିଥିବା ସାଇବର ଥାନା ପକ୍ଷରୁ କୁହାଯାଇଛି। ନିଖତଙ୍କ ମାଆ ଅମିନା ପର୍‌ବିନ୍ ଦଳର ବରିଷ୍ଠ ନେତାଙ୍କ ସହ ନିଖତଙ୍କ ସ୍ୱାମୀ ମାନସିକ ନିର୍ଯାତନା ଦେବା ଯୋଗୁ ଝିଅ ମାନସିକ ଭାରସାମ୍ୟ ହରାଇ ଆତ୍ମହତ୍ୟା ଉଦ୍ୟମ କରିଥିବା ଅଭିଯୋଗ ଆଣିଛନ୍ତି। ଘଟଣା ବିଷୟରେ ଜାଣିବା ପରେ କଂଗ୍ରେସର ପୂର୍ବତନ ଜିଲା ସଭାପତି ଅଶ୍ୱିନୀ ଗୁରୁ, ନିରଞ୍ଜନ ତ୍ରିପାଠୀ, ମୀନାକ୍ଷୀ ରାଉତ ପ୍ରମୁଖ ଡାକ୍ତରଖାନାରେ ପହଞ୍ଚି ନିଖତଙ୍କ ସ୍ୱାସ୍ଥ୍ୟ ଅବସ୍ଥା ପଚାରି ବୁଝିଛନ୍ତି। ଇତିମଧ୍ୟରେ ସମ୍ପୃକ୍ତ କଂଗ୍ରେସ ନେତାଙ୍କୁ ସମ୍ବଲପୁର ପୋଲିସ ଅଟକ ରଖି ଘଟଣା ଉପରେ ପଚରାଉଚୁରା କରୁଛି।

# ମଦ ସାମ୍ରାଜ୍ୟରୁ ୩୫୧ କୋଟି ଜବତ

ଭୁବନେଶ୍ୱର,୨୧।୧୨
(ସତ୍ୟଜିତ୍ ରାଉତ)

ଗତ ଦୁଇ ସପ୍ତାହ ତଳେ ମଦ ବ୍ୟବସାୟୀଙ୍କ ସାମ୍ରାଜ୍ୟ ଉପରେ ଆୟକର ବିଭାଗ ପକ୍ଷରୁ ଚଢ଼ାଉ ହୋଇଥିଲା। ଏହି ଚଢ଼ାଉରେ ଜବତ ଟଙ୍କା ଓ ସୁନା ଗହଣା ଆଦି ସଂକ୍ରାନ୍ତରେ ଆୟକର ବିଭାଗ ପକ୍ଷରୁ ଗୁରୁବାର ପ୍ରେସ୍ ବିଜ୍ଞପ୍ତି ଜାରି ହୋଇଛି। ଏଥିରେ ମୋଟ ୩୫୧ କୋଟିରୁ ଊର୍ଦ୍ଧ୍ୱ ନଗଦ ଟଙ୍କା ଓ ୨.୮୦ କୋଟି ଟଙ୍କାର ଗହଣା ଜବତ ହୋଇଥିବା ବିଭାଗ ସୂଚନା ଦେଇଛି। ତେବେ ଜବତ ଟଙ୍କାରୁ ୩୨୯ କୋଟି ବିଭିନ୍ନ ସ୍ଥାନରେ ଲୁଚାଇ ରଖାଯାଇଥିଲା। ଏସବୁ ଟଙ୍କା ବଲାଙ୍ଗୀର ଜିଲାର ସୁଦପଡ଼ା ଓ ଟିଟିଲାଗଡ଼ ଏବଂ ସମ୍ବଲପୁରର କ୍ଷେତ୍ରରାଜପୁରସ୍ଥିତ ପୁରୁଣା ଘର ଓ ଗୁପ୍ତ କୋଠରିରେ ଲୁଚାଇ ରଖାଯାଇଥିଲା। ଆୟକର ବିଭାଗ ପକ୍ଷରୁ ଡିସେମ୍ବର ୬ରୁ ମଦ ବେପାରୀଙ୍କ ଘର, ଅଫିସ ଓ ଫ୍ୟାକ୍ଟ୍ରି ସମେତ ଝାଡ଼ଖଣ୍ଡ, ଓଡ଼ିଶା ଏବଂ ପଶ୍ଚିମବଙ୍ଗର ୧୦ଟି ଜିଲାର ୩୦ରୁ ଊର୍ଦ୍ଧ୍ୱ ସ୍ଥାନରେ ଚଢ଼ାଉ କରାଯାଇଥିଲା। ତେବେ ଏହି ବ୍ୟବସାୟକୁ ରାଞ୍ଚିର ଏକ ରାଜନୈତିକ ପରିବାର ଚଳାଉଥିବା ଭିଜିଲାନ୍ସ ଉଲ୍ଲେଖ କରିଥିବାବେଳେ ଝାଡ଼ଖଣ୍ଡ କଂଗ୍ରେସ ଏମ୍‌ପି ଧୀରଜ ସାହୁଙ୍କୁ ନେଇ ରାଜନୈତିକ ବୟାନବାଜି ମଧ ହୋଇଥିଲା। ସୂଚନାଯୋଗ୍ୟ, ଆଇଟି ଅଧିକାରୀମାନେ ଚଢ଼ାଉ କରୁଥିବାବେଳେ ବଲାଙ୍ଗୀର ଜିଲା ସୁଦପଡ଼ା ମଦଭାଟିରୁ ୧୫୬ଟି ଅଖା ଓ ବ୍ୟାଗ୍ ଭର୍ତ୍ତି ଟଙ୍କା ମିଳିଥିଲା। ସେହିପରି ସମ୍ବଲପୁର ଧନୁପାଲିସ୍ଥିତ ମହାବୀରପଡ଼ା ଦେଶୀ ମଦଭାଟି ଓ ବଡ଼ବଜାର ଅଞ୍ଚଳରେ ଥିବା ବଳଦେବ ସାହୁ ଆଣ୍ଡ୍ ସନ୍‌ସ କମ୍ପାନୀର ଅଫିସ, ରାୟଗଡ଼ାର ମଦ ବ୍ୟବସାୟୀ ଅରବିନ୍ଦ ସାହୁଙ୍କ ଘର, ସୁନ୍ଦରଗଡ଼ର ମଦ ବ୍ୟବସାୟୀ ରାଜକିଶୋର ଜୟସ୍ୱାଲ, ରାଉରକେଲା ସିଭିଲ୍ ଟାଉନ୍‌ଶିପ୍‌ର ମଦ ବ୍ୟବସାୟୀ କାମେଶ୍ୱର ତିୱାରୀଙ୍କ ଘର, ଅଫିସ, ବୌଦ୍ଧ ଡିଷ୍ଟିଲାରି ପ୍ରାଇଭେଟ୍ ଲିମିଟେଡ୍‌ର ରାମ୍ବିକଟାସ୍ଥିତ କାରଖାନା ଓ କାର୍ଯ୍ୟାଳୟ, ଭୁବନେଶ୍ୱର ପଳାଶପଲ୍ଲୀସ୍ଥିତ ଅଫିସ ଆଦିରେ ଯାଞ୍ଚ କରାଯାଇଥିଲା। ଏସବୁ ସ୍ଥାନରୁ ବିଡ଼ାବିଡ଼ା ଟଙ୍କା, ସୁନାଗହଣା ଓ ଦସ୍ତାବିଜ୍ ଆଦି ମିଳିଥିଲା।

# ୨ବର୍ଷ ବିତିଲା, କମ୍ୟୁନିଟି ସେଣ୍ଟରର କାମ ସରିଲାନି

ଲାଠୋର, ୨୧।୧୨
(ଭୁବନେଶ୍ୱର ବାରିକ)

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଲାଠୋର ପଞ୍ଚାୟତ ଅଧୀନ ପିପଲବାହାଲ ଗ୍ରାମରେ ଅଧାପନ୍ତରିଆ ଅବସ୍ଥାରେ ପଡି ରହିଛି କମ୍ୟୁନିଟି ସେଣ୍ଟର। ୨୦୨୧-୨୨ ମସିହାରେ ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ପାଣ୍ଠିରୁ ୪ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ପଞ୍ଚାୟତ ସମିତି ପକ୍ଷରୁ ପିପଲବାହାଲ ଗ୍ରାମରେ କମ୍ୟୁନିଟି ସେଣ୍ଟର ନିର୍ମାଣ କାମ ଆରମ୍ଭ କରାଯାଇଥିଲା। ବିଭାଗୀୟ କନିଷ୍ଠ ଯନ୍ତ୍ରୀଙ୍କ ନାମରେ କାମ ରହିଥିବା ବେଳେ ତାଙ୍କୁ ଜଣେ ପେଟି ଠିକାଦାର କରୁଛନ୍ତି। ଠିକାଦାର ଛାତ ପର୍ଯନ୍ତ କାମ ନେଇ ଆଉ ଆଗଉ ନାହାନ୍ତି। ଗ୍ରାମବାସୀ ତାଙ୍କୁ କହିଲେ ସେ ବିଭିନ୍ନ ଆଳ ଦେଖାଇ ସମୟ ଗଡ଼େଇ ଚାଲିଛନ୍ତି। ଫଳରେ ଯେଉଁ ଉଦ୍ଦେଶ୍ୟ ନେଇ ନିର୍ମାଣ ହୋଇଛି ତାହା ସାକାର ହୋଇ ପାରୁନାହିଁ। କୌଣସି ବୈଠକ କିମ୍ବା ଅନ୍ୟ କୌଣସି କାର୍ଯ୍ୟକ୍ରମ କଲେ ଗ୍ରାମବାସୀଙ୍କୁ ହଇରାଣ ହେବାକୁ ପଡୁଛି ବୋଲି ଅଭିଯୋଗ କରିଛନ୍ତି। ଏନେଇ ବିଭାଗୀୟ କନିଷ୍ଠ ଯନ୍ତ୍ରୀ ରାଜକିଶୋର ନାଏକଙ୍କୁ ପଚାରବାରୁ ଖୁବଶୀଘ୍ର କାମ ସମ୍ପୂର୍ଣ୍ଣ କରିବାକୁ କୁହାଯାଇଛି ବୋଲି କହିଛନ୍ତି।

# ବସ୍, ଟ୍ରେଲର, ପିକ୍‌ଅପ୍, ୨ ଟ୍ରକ୍ ଜାଳିଦେଲେ ମାଓବାଦୀ



ମାଲକାନଗିରି,୨୧।୧୨
(ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡ଼ରେ ଗତ ୨ ସପ୍ତାହ ପୂର୍ବରୁ ସାଧାରଣ ନିର୍ବାଚନ ଶେଷ ହୋଇଛି। ଛତିଶଗଡ଼ରେ ପର୍ବରୁ କଂଗ୍ରେସ ଶାସନ କରୁଥିବା ବେଳେ ଚଳିତ ନିର୍ବାଚନରେ ଭାଜପା ବିଜୟୀ ହୋଇ ଛତିଶଗଡ଼ର ଜଣେ ଆଦିବାସୀଙ୍କୁ ମୁଖ୍ୟମନ୍ତ୍ରୀ ଭାବେ ଦାୟିତ୍ୱ ଦେଇଛି। ନିର୍ବାଚନ ପୂର୍ବରୁ ଛତିଶଗଡ଼ର ମାଓବାଦୀପ୍ରବଣ ଜିଲାଗୁଡିକରେ କାଁ ଭାଁ ହିଂସା ଲାଗି ରହିଥିଲା। ବୁଧବାର ରାତିରେ ସୁକ୍‌ମା ଜିଲା କୋଣ୍ଟା ଓ ଦୋର୍ନାପାଲ ୩୦ ନଂ. ଜାତୀୟ ରାଜପଥରେ ଏକ ଯାତ୍ରୀବାହୀ ବସ୍ ଅଟକାଇ ସମସ୍ତଙ୍କୁ ଓହ୍ଲାଇ ସେଥିରେ ନିଆଁ ଲଗାଇ ଦେଇଥିଲେ। ପରେ ଦୁଇଟି ଟ୍ରେଲର, ଗୋଟିଏ ପିକ୍‌ଅପ୍ ଭ୍ୟାନ୍ ଓ ଦୁଇଟି ଟ୍ରକ୍‌କୁ ମଧ ନିଆଁ ଲଗାଇ ଜାଳି ଦେଇଥିଲେ। ବସ୍‌ରେ ଥିବା ୪୦ରୁ ଊର୍ଦ୍ଧ୍ୱ ଯାତ୍ରୀ ପ୍ରବଳ ଶୀତରେ ୧୨ କି.ମି.ଚାଲି ଚାଲି କୋଣ୍ଟା ଯାଇଥିଲେ। ମାଓବାଦୀ ମାନେ ଗୋଟିଏ ଦିନରେ ଛତିଶଗଡ଼ର ସୁକ୍‌ମାରେ ଏକ କାର୍, ବିଜାପୁରରେ ଏକ କମାଣ୍ଡର ପୋଡ଼ିବା ସହ ଦନ୍ତେୱାଡାରେ ରାସ୍ତାରେ ଗଛ କାଟି ଅବରୋଧ କରିଥିଲେ। ତେବେ ଶୁକ୍ରବାର ମାଓବାଦୀମାନେ ଛତିଶଗଡ଼ ବନ୍ଦ ଡାକରା ଦେଇଥିବାରୁ ପୋଲିସ ଏବଂ ସୁରକ୍ଷା କର୍ମୀ ସଜାଗ ରହିବା ସହ ବିଭିନ୍ନ ଅଞ୍ଚଳରେ କୋମ୍ବିଂକୁ ଜୋର୍‌ଦାର କରାଯାଇ ଯାନବାହନ ଯାଞ୍ଚ କଡ଼ାକଡ଼ି କରାଯାଇଥିବା ଜଣାପଡ଼ିଛି ।

# ପ୍ରଧାନମନ୍ତ୍ରୀ ଆବାସ ସ୍ୱପ୍ନ, ପଲିଥିନ ତଳେ ଜୀବନ

ଖପ୍ରାଖୋଲ, ୨୦।୧୨
(ଅଭୟ ତ୍ରିପାଠୀ)

୨୦୨୪ସୁଦ୍ଧା ସମସ୍ତ ଗୃହହୀନ ପରିବାରକୁ ପକ୍କା ଘର ଯୋଗାଇବାକୁ ସରକାର ଲକ୍ଷ୍ୟଧାର୍ଯ୍ୟ କରିଛନ୍ତି। ହେଲେ ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ପଡିଆବାହାଲ ଗାଁର ତେଜୁ ଦାସ (୬୫)ଙ୍କ ପରିବାର ପାଇଁ ସାତସପନ ଆବାସ ଘର। ରହିବା ପାଇଁ ଘର ନ ଥିବାରୁ ପୁରୁଣା ମାଟି ଘରେ ପଲିଥିନ ଟାଙ୍ଗି ସେମାନେ ରହୁଛନ୍ତି। ସ୍ତ୍ରୀ କାନ୍ତି ଦାସ(୫୫), ଝିଅ ସାଇଲ(୧୩), ପୁଅ ଅକ୍ଷୟ (୧୭) ଓ ସୁନୀଲ (୧୬)ଙ୍କୁ ନେଇ ତେଜୁଙ୍କ ପରିବାର। ମୂଲ ଲାଗିଲେ ଘରେ ଚୂଲି ଜଳେ। ଏହିସ୍ଥିତିରେ ଘର ସଜାଡିବାକୁ ଅର୍ଥ ନାହିଁ। ଏବେ ବାର୍ଦ୍ଧକ୍ୟ ଯୋଗୁ ଜେତୁ କାମ ଠିକ୍‌ରେ କରି ପାରୁନାହାନ୍ତି। ଘର ପାଇଁ ପଞ୍ଚାୟତ ଠୁଁ ବ୍ଲକ ଅଫିସ, ଜିଲାପାଳଙ୍କ ଜନ ଶୁଣାଣିରେ ଜଣାଇଲେ ମଧ୍ୟ ସୁଫଳ ମିଳୁ ନ ଥିବା ଦୁଃଖର ସହ କହିଛନ୍ତି ତେଜୁ। ଏସ୍‌ଇସିସି ପ୍ରାଥମିକତା ତାଲିକାରେ ତାଙ୍କ ନାମ ଥିଲେ ମଧ୍ୟ ଘର ମିଳି ନଥିବା ସେ କହିଛନ୍ତି। ଏନେଇ ଗ୍ରାମୀଣ ଆବାସ ବ୍ଲକ ସଂଯୋଜକ ଗୋବର୍ଦ୍ଧନ ବାଗଙ୍କୁ ପଚାରିବାରୁ ତେଜୁ ଦାସଙ୍କ ନାମ ପ୍ରାଥମିକ ତାଲିକାରୁ କଟିଯାଇଛି। ଆଗାମୀ ଦିନରେ ସରକାର ପୁଣି ସଂଯୋଗ ପାଇଁ କହିଲେ ତାଙ୍କ ନାମ ତାଲିକାଭୁକ୍ତ କରାଯାଇପାରିବ ବୋଲି କହିଛନ୍ତି।


ପରିବାର ସହ ପଲିଥିନ ଟଙ୍ଗ ଘର ସମ୍ମୁଖରେ ତେଜୁ ଦାସ।

# ଖେଳପଡ଼ିଆକୁ ନେଇ ଉତ୍ତେଜନା: ଜନସାଧାରଣ- ପ୍ରଶାସନ ମୁହାଁମୁହିଁ

ବାରିପଦା,୨୧।୧୨
(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ବାରିପଦା ସହର ୱାର୍ଡ ନଂ.୨୭ ତକତପୁର ରବରଗଛ ଛକସ୍ଥିତ ଖେଳ ପଡ଼ିଆକୁ ନେଇ ଉତ୍ତେଜନା ପ୍ରକାଶ ପାଇଛି। ଏକ ପୂଜାମଣ୍ଡପ ନିର୍ମାଣକୁ ବାରଣ କରିବାରୁ ଜିଲା ପ୍ରଶାସନ ସହ ସ୍ଥାନୀୟ ଲୋକେ ମୁହାଁମୁହିଁ ହୋଇଥିଲେ। ଘଟଣାସ୍ଥଳରେ ବାରିପଦା ତହସିଲଦାର, ସଦର ଏସ୍‌ଡିପିଓ, ଟାଉନ ଥାନା ଅଧିକାରୀ ଓ ଭଞ୍ଜପୁର ଥାନା ପୋଲିସି ପହଞ୍ଚି ଲୋକଙ୍କ ସହ ଆଲୋଚନା କରିବା ପରେ ପରିସ୍ଥିତି ସ୍ୱାଭାବିକ ହୋଇଥିଲା। ଜିଲା ପ୍ରଶାସନର ଏଭଳି କାର୍ଯ୍ୟକୁ ସ୍ଥାନୀୟ ଅଞ୍ଚଳବାସୀ ନିନ୍ଦା କରିବା ସହିତ ଖେଳ ପଡ଼ିଆକୁ ସୁରକ୍ଷା ଦେବା ନେଇ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରାଯିବ ବୋଲି ଚେତାବନୀ ଦେଇଛନ୍ତି। ସୂଚନାଯୋଗ୍ୟ, ୩ ଏକର ପରିଧି ବିଶିଷ୍ଟ ଏକ ଖେଳ ପଡ଼ିଆକୁ ଲୋକେ ବିଭିନ୍ନ କାର୍ଯ୍ୟରେ ବ୍ୟବହାର କରିଥାନ୍ତି। ଏହି ପଡ଼ିଆରେ ସ୍ଥାନୀୟ ଲୋକେ ଗୁରୁବାର ଏକ ପୂଜା ମଣ୍ଡପ ନିର୍ମାଣ ଲାଗି ପ୍ରସ୍ତୁତି ଚଳାଇଥିବା ବେଳେ ପ୍ରଶାସନିକ ଅଧିକାରୀମାନେ ପହଞ୍ଚି ବାରଣ କରିଥିଲେ। ଉଲ୍ଲେଖଯୋଗ୍ୟ, ୨୦୨୦ ମସିହାରୁ ଏହି ପଡ଼ିଆକୁ ଜିଲା ଦୌରାଜଜଙ୍କ କାର୍ଯ୍ୟାଳୟ ଓ ବାସଗୃହ ନିମନ୍ତେ ଜିଲାପାଳ ଚିହ୍ନଟ କରି ଆଇନ ବିଭାଗକୁ ଜମି ହସ୍ତାନ୍ତର କରିଥିଲେ। ତେବେ ସ୍ଥାନୀୟ ଲୋକେ ନିର୍ମାଣ କାର୍ଯ୍ୟ ଆରମ୍ଭ କରୁଥିବା ଖବରପାଇ ପ୍ରଶାସନିକ ଅଧିକାରୀମାନେ କାମ ବନ୍ଦ କରିବାକୁ ଆସିଥିବା ବେଳେ ଉତ୍ତେଜନା ପ୍ରକାଶ ପାଇଥିଲା। ଅନ୍ୟପକ୍ଷରେ ଦୌରାଜଜ୍‌ଙ୍କ କାର୍ଯ୍ୟାଳୟ ଓ ବାସଗୃହ ମୁର୍ଗାବାଡ଼ିଠାରେ ନିର୍ମାଣ ହେଉଥିବା ବେଳେ ଉକ୍ତ ପଡ଼ିଆକୁ ପ୍ରଶାସନ ଅକ୍ତିଆର କରିବାକୁ ପ୍ରୟାସ କରୁଥିବାରୁ ଅସନ୍ତୋଷ ବୃଦ୍ଧି ପାଇଥିଲା।

**ଘର ଉଷ୍ମ ରଖିବାକୁ ଅଙ୍ଗାର ଜାଳି ୪ ମୃତ**

ଝାଡ଼ଖଣ୍ଡର ସିର୍ଶା ଗ୍ରାମରେ ପ୍ରବଳ ଥଣ୍ଡାରୁ ରକ୍ଷା ପାଇବା ପାଇଁ ଘରେ ଅଙ୍ଗାର ଜାଳି ଶୋଇଥିବା ଅବସ୍ଥାରେ ୪ ଯୁବକଙ୍କର ଶ୍ୱାସରୁଦ୍ଧ ହୋଇ ମୃତ୍ୟୁ ଘଟିଛି। ମୃତକ ହେଲେ ରାହୁଲ କୁମାର, ଅଖିଳେଶ କୁମାର, ପ୍ରିନ୍ସ କୁମାର ଏବଂ ଅରମାନ ଅଲି। ସମସ୍ତଙ୍କ ଘର ବିହାରର ବକ୍ସାରରେ ହୋଇଥିବାବେଳେ ସେମାନେ ସିର୍ଶାରେ ରହି କମ୍ପ୍ୟୁଟର ପାଠ ପଢୁଥିଲେ।

# ଲୋକ ସଭା ଅନିର୍ଦ୍ଦିଷ୍ଟ କାଳ ପାଇଁ ମୁଲତବୀ

ନୂଆଦିଲ୍ଲୀ,୨୧।୧୨

ଧାର୍ଯ୍ୟ ସମୟସୀମାର ଦିନକ ପୂର୍ବରୁ ଗୁରୁବାର ଲୋକ ସଭାକୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ମୁଲତବୀ ଘୋଷଣା କରାଯାଇଛି। ପାର୍ଲାମେଣ୍ଟର ଏହି ଶୀତ ଅଧିବେଶନ ୭୪ ପ୍ରତିଶତ ଫଳପ୍ରଦ ହୋଇଥିବା ବାଚସ୍ପତି ଓମ୍ ବିର୍ଲା କହିଛନ୍ତି। ନିମ୍ନ ସଦନରେ ୧୪ଟି କାର୍ଯ୍ୟଦିବସରେ ୬୧ ଘଣ୍ଟା ୫୦ ମିନିଟ୍ କାର୍ଯ୍ୟ ହୋଇଥିଲା। ଭାରତୀୟ ନ୍ୟାୟ ସଂହିତା, ଭାରତୀୟ ନାଗରିକ ସୁରକ୍ଷା(ଦ୍ୱିତୀୟ) ସଂହିତା ଏବଂ ଭାରତୀୟ ସାକ୍ଷ୍ୟ(ଦ୍ୱିତୀୟ) ସଂହିତ ସମେତ ମୋଟ ୧୮ଟି ବିଲ୍ ଲୋକ ସଭାରେ ଗୃହୀତ ହୋଇଛି। ଗୃହୀତ ହୋଇଥିବା ଅନ୍ୟ ପ୍ରମୁଖ ବିଲ୍ ମଧ୍ୟରେ କେନ୍ଦ୍ରୀୟ ଦ୍ରବ୍ୟ ଓ ସେବା ଟିକସ (ଦ୍ୱିତୀୟ ସଂଶୋଧନ) ବିଲ୍, ୨୦୨୩ ଏବଂ ଟେଲିକମ୍ୟୁନିକେଶନ୍ସ ବିଲ୍, ୨୦୨୩ ଏବଂ ସିଇସି ଏବଂ ଇସି ନିଯୁକ୍ତି ବିଲ୍ ରହିଛି। ଅଧିବେଶନ କାଳରେ ୫୫ଟି ତାରକାଚିହ୍ନିତ ପ୍ରଶ୍ନର ମୌଖିକ ଉତ୍ତର ଦିଆଯାଇଥିଲା। ରୁଲ୍ ୩୭୭ରେ ମୋଟ ୨୬୫ଟି ପ୍ରସଙ୍ଗକୁ ନିଆଯାଇଥିଲା। ବିଭିନ୍ନ ବିଭାଗୀୟ ସ୍ଥାୟୀ କମିଟି ୩୫ଟି ରିପୋର୍ଟ ଉପସ୍ଥାପନ କରିଥିଲେ।

ଅନ୍ୟପକ୍ଷରେ ଗତ ୧୩ ତାରିଖରେ ପାର୍ଲାମେଣ୍ଟ ସୁରକ୍ଷାରେ ବିଭ୍ରାଟକୁ ନେଇ ବିରୋଧୀ ଏମ୍‌ପିମାନେ ଗୃହରେ ଆଲୋଚନା ଦାବି କରିବା ସହ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହା ବିବୃତି ରଖନ୍ତୁ ବୋଲି ଦାବି ଜଣାଇଥିଲେ। ଶୀତ ଅଧିବେଶନ କାଳରେ ବିଶୃଙ୍ଖଳିତ ଆଚରଣ ଦର୍ଶାଇ ନିମ୍ନ ସଦନରୁ ୧୦୦ ଜଣ ବିରୋଧୀ ଏମ୍‌ପିଙ୍କୁ ନିଲମ୍ବନ କରାଯାଇଥିଲା। ପ୍ରଶ୍ନ ପାଇଁ ଲାଞ୍ଚ ନେବା ଅଭିଯୋଗରେ ଟିଏମ୍‌ସି ସଦସ୍ୟ ମହୁଆ ମୋଇତ୍ରଙ୍କୁ ଲୋକ ସଭାରୁ ବହିଷ୍କାର କରାଯାଇଥିଲା। ଲୋକ ସଭା ଏଥିକ୍ସ କମିଟିର ସୁପାରିସ୍‌କୁ ଗ୍ରହଣ କରି ପ୍ରସ୍ତାବ ଗୃହୀତ ହେବା ପରେ ମହୁଆ ବହିଷ୍କୃତ ହୋଇଥିଲେ। ଶୀତ ଅଧିବେଶନ ଡିସେମ୍ବର ୪ରୁ ଆରମ୍ଭ ହୋଇଥିବାବେଳେ ୨୨ ତାରିଖରେ ଶେଷ ହେବାକୁ ପୂର୍ବରୁ କାର୍ଯ୍ୟସୂଚୀ ସ୍ଥିର ହୋଇଥିଲା।

## ଶୀତ ଅଧିବେଶନ ୭୪% ଫଳପ୍ରଦ: ବିର୍ଲା



## ଲୋକ ସଭାରୁ ଆଉ ୩ ନିଲମ୍ବିତ

ଲୋକ ସଭାରୁ ଗୁରୁବାର ଆଉ ୩ ଜଣ ବିରୋଧୀ ଏମ୍‌ପିଙ୍କୁ ନିଲମ୍ବନ କରାଯାଇଛି। ଫଳରେ ବିଶୃଙ୍ଖଳିତ ଆଚରଣକୁ ନେଇ ଚଳିତ ଅଧିବେଶନରେ ପାର୍ଲାମେଣ୍ଟର ଉଭୟ ଗୃହରୁ ମୋଟ ନିଲମ୍ବିତ ଏମ୍‌ପିଙ୍କ ସଂଖ୍ୟା ୧୪୬ରେ ପହଞ୍ଚିଛି। ଗୁରୁବାର ସସ୍‌ପେଣ୍ଡ ହୋଇଥିବା ଏମ୍‌ପିମାନେ ହେଲେ କଂଗ୍ରେସର ଦୀପକ ବାଇଜ, ଡି.କେ. ସୁରେଶ ଏବଂ କମଲ ନାଥଙ୍କ ପୁଅ ନକୁଲ ନାଥ। ଫଳରେ ଲୋକ ସଭାରୁ ନିଲମ୍ବିତ ସଦସ୍ୟଙ୍କ ସଂଖ୍ୟା ୧୦୦ରେ ପହଞ୍ଚିଛି। ବୁଧବାର ୨ ଜଣଙ୍କୁ ନିଲମ୍ବନ କରାଯାଇଥିଲା।

## ସିଆଇଏସ୍‌ଏଫ୍‌କୁ ପାର୍ଲାମେଣ୍ଟ ସୁରକ୍ଷା ଦାୟିତ୍ୱ

ଗତ ୧୩ ତାରିଖରେ ପାର୍ଲାମେଣ୍ଟ ସୁରକ୍ଷାରେ ବିଭ୍ରାଟ ପରେ ସଂସଦ ଭବନ କମ୍ପ୍ଲେକ୍ସର ସୁରକ୍ଷା ବଢ଼ାଇବାକୁ କେନ୍ଦ୍ର ସରକାର ଗୁରୁବାର ନିଷ୍ପତ୍ତି ନେଇଛନ୍ତି। କେନ୍ଦ୍ରୀୟ ଶିଳ୍ପ ସୁରକ୍ଷା ବଳ (ସିଆଇଏସ୍‌ଏଫ୍)କୁ ପାର୍ଲାମେଣ୍ଟ ସୁରକ୍ଷା ଦେବାକୁ ନିଷ୍ପତ୍ତି ହୋଇଛି। ବିମାନବନ୍ଦର ସୁରକ୍ଷା ବ୍ୟବସ୍ଥା ଭଳି ପାର୍ଲାମେଣ୍ଟ ବିଲ୍ଡିଂ କମ୍ପ୍ଲେକ୍ସରେ ସିଆଇଏସ୍‌ଏଫ୍ ଯବାନମାନେ ମୁତୟନ ରହିବେ। ହାତରେ ଧରାଯାଉଥିବା ଡିଟେକ୍ଟର ଏବଂ ଏକ୍ସ-ରେ ସ୍କାନିଂ ଦ୍ୱାରା ପାର୍ଲାମେଣ୍ଟ ପରିସରକୁ ପ୍ରବେଶ କରୁଥିବା ବ୍ୟକ୍ତିଙ୍କୁ ଯାଞ୍ଚ କରାଯିବ। ଏପରିକି ସେମାନଙ୍କ ଜୋତା, ଓଜନଦାର ଜାକେଟ ଓ ବେଲ୍ଟକୁ ମଧ୍ୟ ଯାଞ୍ଚ କରାଯିବ। ପୂର୍ବରୁ ଦିଲ୍ଲୀ ପୋଲିସ ପାର୍ଲାମେଣ୍ଟ କମ୍ପ୍ଲେକ୍ସ ମଧ୍ୟକୁ ଆସୁଥିବା ଦର୍ଶକମାନଙ୍କର ଯାଞ୍ଚ କରୁଥିଲା।

## ସଂକ୍ଷେପରେ

### ସେନା ଟ୍ରକ୍ ଉପରେ ଆତଙ୍କବାଦୀ ଆକ୍ରମଣ: ୩ ଯବାନ ଶହୀଦ

**ଶ୍ରୀନଗର,୨୧।୧୨:** ଜମ୍ମୁ-କଶ୍ମୀରର ପୁଞ୍ଚ୍ ଜିଲା ଅନ୍ତର୍ଗତ ଡେରା କି ଗଲି ଦେଇ ଗୁରୁବାର ଅପରାହ୍ଣରେ ସୈନ୍ୟବାହିନୀର ଦୁଇଟି ଟ୍ରକ୍ ଯାଉଥିବାବେଳେ ଆତଙ୍କବାଦୀମାନେ ଏହା ଉପରେ ଅତର୍କିତ ଆକ୍ରମଣ କରିଥିଲେ। ଆତଙ୍କବାଦୀଙ୍କ ସହ ସୁରକ୍ଷା ବଳର ଗୁଳିବିନିମୟ ବେଳେ ୩ ଯବାନ ଶହୀଦ ହେବା ସହ ଅନ୍ୟ ୩ ଜଣ ଆହତ ହୋଇଛନ୍ତି। ଗୋଇନ୍ଦା ସୂଚନାକୁ ଆଧାର କରି ବୁଧବାର ରାତିରୁ ସୈନ୍ୟମାନେ ଡେରା କି ଗଲି ଓ ଏହାର ଆଖପାଖ ଅଞ୍ଚଳରେ ତଲାସି ଅଭିଯାନ ଚଳାଇଥିଲେ। ଗତ ମାସରେ ରାଜୌରୀର କାଲାକୋଟ୍ ଅଞ୍ଚଳରେ ଆତଙ୍କବାଦୀ ନିରୋଧୀ ଅଭିଯାନ ବେଳେ ୨ ଜଣ କ୍ୟାପ୍‌ଟେନ୍‌ଙ୍କ ସମେତ ୫ ଯବାନ ଶହୀଦ ହୋଇଥିଲେ। ଉକ୍ତ ଅଞ୍ଚଳ ଆତଙ୍କବାଦୀଙ୍କ ଆଡ୍ଡାସ୍ଥଳ ହୋଇଥିବାବେଳେ କିଛିବର୍ଷ ହେଲା ସେନାକୁ ଟାର୍ଗେଟ କରି ଆକ୍ରମଣ କରାଯାଉଛି। ଗତ ଏପ୍ରିଲ ଓ ମେ' ମାସରେ ରାଜୌରୀ-ପୁଞ୍ଚ୍ ଅଞ୍ଚଳରେ ଡ୍ୟୁଟିରେ ଥିବା ୧୦ ଯବାନ ଆତଙ୍କବାଦୀଙ୍କ ଗୁଳିରେ ପ୍ରାଣ ହରାଇଥିଲେ।

**ମୋଦିଙ୍କୁ 'ପକେଟମାର' ମନ୍ତବ୍ୟ**

### ରାହୁଲଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଇସିଙ୍କୁ ହାଇକୋର୍ଟଙ୍କ ନିର୍ଦ୍ଦେଶ

**ନୂଆଦିଲ୍ଲୀ,୨୧।୧୨:** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା ଏବଂ ବ୍ୟବସାୟୀ ଗୌତମ ଅଦାନୀଙ୍କୁ 'ପକେଟମାର' କହିଥିବା କଂଗ୍ରେସ ଏମ୍‌ପି ରାହୁଲ ଗାନ୍ଧୀଙ୍କ ବିରୋଧରେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦିଲ୍ଲୀ ହାଇକୋର୍ଟ ଗୁରୁବାର ନିର୍ବାଚନ କମିଶନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ରାହୁଲଙ୍କ ଏଭଳି ମନ୍ତବ୍ୟ ଅରୁଚିକର ଦର୍ଶାଇ ହାଇକୋର୍ଟ ୮ ସପ୍ତାହ ମଧ୍ୟରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଇସିଙ୍କୁ କହିଛନ୍ତି।

ରାହୁଲଙ୍କ ବିବାଦୀୟ ମନ୍ତବ୍ୟ ଉପରେ ସ୍ପଷ୍ଟୀକରଣ ଦେବାକୁ ନିର୍ବାଚନ କମିଶନ ତାଙ୍କୁ ନଭେମ୍ବର ୨୩ରେ ନୋଟିସ୍ କରିଥିଲେ। ନଭେମ୍ବର ୨୬ ସୁଦ୍ଧା ତାଙ୍କୁ ଜବାବ ରଖିବାକୁ କୁହାଯାଇଥିଲେ ମଧ୍ୟ ସେ ତାହାକୁ ଏଡ଼ାଇଯାଇଥିଲେ। ଅଦାଲତ ତାହା ଜାଣିବା ପରେ ରାହୁଲଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ତେବେ କି ପ୍ରକାର କାର୍ଯ୍ୟାନୁଷ୍ଠାନ ନିଆଯିବ, ତାହା ଅଦାଲତ ସ୍ପଷ୍ଟ କରିନାହାନ୍ତି।

## ପ୍ରାଗ୍ ୟୁନିଭର୍ସିଟିରେ ଗୁଳିକାଣ୍ଡ: ୧୧ ମୃତ

ପ୍ରାଗ୍,୨୧।୧୨

ଚେକ୍ ଗଣରାଜ୍ୟ ରାଜଧାନୀ ପ୍ରାଗ୍‌ରେ ଥିବା ଏକ ୟୁନିଭର୍ସିଟି ପରିସରରେ ଗୁଳିକାଣ୍ଡ ଘଟି ୧୧ ଜଣଙ୍କ ମୃତ୍ୟୁ ହେବା ସହ ୯ ଆହତ ହୋଇଛନ୍ତି। ଆକ୍ରମଣକାରୀ ପୋଲିସ ଗୁଳିରେ ନିହତ ହୋଇଥିବା ଜଣାପଡ଼ିଛି। ତେବେ ଚେକ୍ ପୋଲିସ ଆକ୍ରମଣକାରୀ ଏବଂ ନିହତ ଲୋକଙ୍କ ସମ୍ପର୍କରେ ସବିଶେଷ ତଥ୍ୟ ଦେଇନାହିଁ। ସମ୍ପୂର୍ଣ୍ଣ ବିଲ୍ଡିଂକୁ ପୋଲିସ ଖାଲି କରି ତଦନ୍ତ ଚଳାଇଛି। ତଲାସି ଅଭିଯାନ ଚାଲିଥିବାରୁ ସ୍ଥାନୀୟ ଲୋକମାନଙ୍କୁ ଘରେ ରହିବା ପାଇଁ ପରାମର୍ଶ ଦିଆଯାଇଛି।

## ତାମିଲନାଡୁ ମନ୍ତ୍ରୀ ପନମୁଡ଼ିଙ୍କୁ ୩ ବର୍ଷ ଜେଲ



ଚେନ୍ନାଇ,୨୧।୧୨

ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ମାମଲାରେ ତାମିଲନାଡୁର ବରିଷ୍ଠ ମନ୍ତ୍ରୀ କେ. ପନମୁଡ଼ିଙ୍କୁ ମାଡ୍ରାସ ହାଇକୋର୍ଟ ଗୁରୁବାର ୩ ବର୍ଷ ଜେଲଦଣ୍ଡ ଏବଂ ୫୦ ଲକ୍ଷ ଟଙ୍କା ଅର୍ଥଦଣ୍ଡରେ ଦଣ୍ଡିତ କରିଛନ୍ତି। ଅପରାଧୀମାନଙ୍କୁ ଉଚ୍ଚତର ଅଦାଲତରେ ଅପିଲ୍ କରିବାକୁ ସୁଯୋଗ ଦେବା ନିମନ୍ତେ ହାଇକୋର୍ଟ ଦଣ୍ଡକୁ ୩୦ ଦିନ ପାଇଁ ସ୍ଥଗିତ ରଖିଛନ୍ତି। ପନମୁଡ଼ି ଓ ତାଙ୍କ ସ୍ତ୍ରୀଙ୍କ ନାମରେ ୨୦୦୨ରେ ଭିଜିଲାନ୍ସ ଓ ଦୁର୍ନୀତି ନିବାରଣ ନିର୍ଦ୍ଦେଶାଳୟ ମାମଲା ରୁଜୁ କରିଥିଲା। ୧୯୯୬ରୁ ୨୦୦୧ ଯାଏ ଏଆଇଏଡିଏମ୍‌କେ କ୍ଷମତାରେ ଥିବାବେଳେ ପନମୁଡ଼ି ଦମ୍ପତି ୧.୪ କୋଟି ଟଙ୍କାର ଆୟ ବହିର୍ଭୂତ ସମ୍ପତ୍ତି ଠୁଳ କରିଥିଲେ।

## ଟେଲିକମ୍ୟୁନିକେଶନ୍ସ ବିଲ୍ ସଂସଦରେ ପାରିତ

ଟେଲିକମ୍ୟୁନିକେଶନ୍ସ ବିଲ୍, ୨୦୨୩ ଗୁରୁବାର ପାର୍ଲାମେଣ୍ଟର ଅନୁମୋଦନ ଲାଭ କରିଛି। ଦିନକ ପୂର୍ବରୁ ଏହା ଲୋକ ସଭାରେ ଗୃହୀତ ହୋଇଥିବାବେଳେ ଗୁରୁବାର ରାଜ୍ୟ ସଭାରେ ପାରିତ ହୋଇଛି। ଏହା ଆଇନରେ ପରିଣତ ହେଲେ ଜାତୀୟ ସୁରକ୍ଷା ଆଳ ଦେଖାଇ ସରକାର ସାମୟିକ ଭାବେ ଟେଲିକମ୍ ସେବାକୁ ନିୟନ୍ତ୍ରଣକୁ ନେଇପାରିବେ। ଏଥିସହ ସାଟେଲାଇଟ୍ ସ୍ପେକ୍ଟ୍ରମ୍ ଆବଣ୍ଟନ ବିନା ନିଲାମୀରେ କରାଯାଇପାରିବ। ସାଧାରଣ ଜରୁରୀ ସ୍ଥିତି କିମ୍ବା ଜନନିରାପତ୍ତା ପାଇଁ ସରକାର ଟେଲିକମ୍ୟୁନିକେଶନ ନେଟ୍‌ୱର୍କକୁ ଅକ୍ତିଆର କରିପାରିବେ। ଏମର୍ଜେନ୍ସି ସମୟରେ ସାଧାରଣ ସ୍ୱାର୍ଥକୁ ଦୃଷ୍ଟିରେ ରଖି ସରକାର ମେସେଜ ପ୍ରସାରଣକୁ ବନ୍ଦ କରିବା ସହ ଅବରୋଧ କରିପାରିବେ।

## ୩ ଆପରାଧିକ ଆଇନ ସଂସ୍କାର ବିଲ୍ ଗୃହୀତ

**ଗୁରୁତ୍ୱପୂର୍ଣ୍ଣ ମୁହୂର୍ତ୍ତ କହିଲେ ପ୍ରଧାନମନ୍ତ୍ରୀ**

ଆପରାଧିକ ଆଇନ ସଂଶୋଧନ ବିଲ୍ ବୁଧବାର ଲୋକ ସଭାରେ ଗୃହୀତ ହୋଇଥିବାବେଳେ ଗୁରୁବାର ଏହା ରାଜ୍ୟ ସଭାର ଅନୁମୋଦନ ଲାଭ କରିଛି। ବିରୋଧୀ ଏମ୍‌ପିମାନଙ୍କ ଅନୁପସ୍ଥିତିରେ ଉଚ୍ଚ ସଦନରେ ଭାରତୀୟ ନ୍ୟାୟ ସଂହିତା, ଭାରତୀୟ ନାଗରିକ ସୁରକ୍ଷା ସଂହିତା ଏବଂ ଭାରତୀୟ ସାକ୍ଷ୍ୟ ବିଲ୍ ଧ୍ୱନିମତରେ ପାରିତ ହୋଇଯାଇଛି। ବିଲ୍ ଆଇନରେ ପରିଣତ ହେବା ପରେ ଉପନିବେଶୀୟ ଯୁଗର ଆପରାଧିକ ଆଇନ ଇଣ୍ଡିଆନ ପେନାଲ କୋଡ୍ (ଆଇପିସି), କୋଡ୍ ଅଫ୍ କ୍ରିମିନାଲ ପ୍ରୋସିଜିଓର ଏବଂ ଇଣ୍ଡିଆନ୍ ଏଭିଡେନ୍ସ ଆକ୍ଟ ସ୍ଥାନରେ କାର୍ଯ୍ୟକାରୀ ହେବ। ଏଥିରେ ଭିଡ଼ହିଂସା, ଆତଙ୍କବାଦ ଏବଂ ଜାତୀୟ ସୁରକ୍ଷା ପ୍ରତି ଅପରାଧ ଭଳି ଅପରାଧରେ ଦଣ୍ଡକୁ ବଢ଼ାଇ ଦିଆଯାଇଛି। ନୂଆ ଆପରାଧିକ ବିଲ୍ ପାର୍ଲାମେଣ୍ଟରେ ଗୃହୀତ ହେବା ଆମ ଇତିହାସରେ ଏକ ଗୁରୁତ୍ୱପୂର୍ଣ୍ଣ ମୁହୂର୍ତ୍ତ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏକ୍ସ'ରେ ପୋଷ୍ଟ କରିଛନ୍ତି।

## କୋଭିଡ୍‌ରେ ୨୩ ମଲେଣି

ନୂଆଦିଲ୍ଲୀ,୨୧।୧୨

**ବିମାନବନ୍ଦରରେ ବାଧ୍ୟତାମୂଳକ ପରୀକ୍ଷା ଯୋଜନା ନାହିଁ**

ଗତ ୨ ସପ୍ତାହ ମଧ୍ୟରେ କରୋନାରେ ୨୩ ଜଣଙ୍କ ମୃତ୍ୟୁ ଘଟିଲାଣି। ଜେଏନ୍.୧ ସବ୍‌ଭାରିଆଣ୍ଟକୁ ନେଇ ଚିନ୍ତା ବଢ଼ିଥିବାବେଳେ ଗୁରୁବାର ସୁଦ୍ଧା ୨୪ ଘଣ୍ଟା ମଧ୍ୟରେ ୫୯୪ ନୂଆ ମାମଲା ଚିହ୍ନଟ ହୋଇଛି। ସକ୍ରିୟ ମାମଲା ସଂଖ୍ୟା ୨,୬୬୯କୁ ବୃଦ୍ଧି ପାଇଥିବା କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ତଥ୍ୟରୁ ଜଣାପଡ଼ିଛି।

ସଂକ୍ରମଣ ବଢୁଥିଲେ ମଧ୍ୟ ଯାତାୟାତରେ କଟକଣା, ମାସ୍କକୁ ବାଧ୍ୟତାମୂଳକ କରିବା, କୋଭିଡ୍ ଟିକାର ତୃତୀୟ ଡୋଜ୍ ନେବା କିମ୍ବା ବିମାନବନ୍ଦରଗୁଡ଼ିକରେ ଟେଷ୍ଟିଂକୁ ବାଧ୍ୟତାମୂଳକ କରିବା ଯୋଜନା ଏବେ ନାହିଁ ବୋଲି ସରକାରଙ୍କ ପକ୍ଷରୁ କୁହାଯାଇଛି। ତେବେ ଟାର୍ଗେଟ ଟେଷ୍ଟିଂକୁ ଗୁରୁତ୍ୱ ଦେବାକୁ କୁହାଯାଇଛି। କେରଳ, କର୍ଣ୍ଣାଟକ, ଗୁଜରାଟ, ତାମିଲନାଡୁ ଓ ମହାରାଷ୍ଟ୍ରରେ ନୂଆ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ବୁଧବାର କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ଏକ ସମୀକ୍ଷା ବୈଠକରେ ସତର୍କ ଓ ପ୍ରସ୍ତୁତ ରହିବାକୁ ପରାମର୍ଶ ଦିଆଯାଇଥିଲା। ଭୂତାଣୁର ପ୍ରଭାବୀ ପରିଚାଳନାକୁ ନିଶ୍ଚିତ କରି ଲାଗି କେନ୍ଦ୍ର ଓ ରାଜ୍ୟଗୁଡ଼ିକ ମିଳିତ ଉଦ୍ୟମ କରିବା ଲାଗି କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ମନସୁଖ ମାଣ୍ଡବ୍ୟ ଆହ୍ୱାନ ଦେଇଥିଲେ।

## ଏମ୍‌ପିଙ୍କ ନିଲମ୍ବନ ପ୍ରତିବାଦରେ ବିରୋଧୀଙ୍କ ବିକ୍ଷୋଭ

ନୂଆଦିଲ୍ଲୀ,୨୧।୧୨

ପାର୍ଲାମେଣ୍ଟ ଶୀତ ଅଧିବେଶନ କାଳରେ ଉଭୟ ଗୃହରୁ ବିରୋଧୀ ଦଳର ୧୪୬ ଏମ୍‌ପିଙ୍କୁ ନିଲମ୍ବନ ପ୍ରତିବାଦରେ ଗୁରୁବାର ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ନିକଟରେ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେଙ୍କ ନେତୃତ୍ୱରେ ବିରୋଧୀ ଏମ୍‌ପିମାନେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ଅଧିବେଶନ ଚାଲିଥିବାବେଳେ ପାର୍ଲାମେଣ୍ଟରେ ସୁରକ୍ଷା ବିଭ୍ରାଟକୁ ନେଇ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହା ବାହାରେ ମନ୍ତବ୍ୟ ଦେଉଛନ୍ତି। ସେ ସଂସଦରେ ବିବୃତି ନ ରଖିବା ଗୃହର ସ୍ୱାଧିକାର ଭଙ୍ଗ। କ'ଣ ପାଇଁ ପାର୍ଲାମେଣ୍ଟ ସୁରକ୍ଷାରେ ବିଭ୍ରାଟ ଘଟିଲା ଓ ଏଥିପାଇଁ କିଏ ଦାୟୀ ଆମେ ଜାଣିବାକୁ ଚାହୁଁ ବୋଲି କଂଗ୍ରେସ ଅଧ୍ୟକ୍ଷ କହିଥିଲେ। ବିରୋଧୀ ଏମ୍‌ପିଙ୍କ ନିଲମ୍ବନକୁ ବିରୋଧ କରି ଇଣ୍ଡିଆ ବ୍ଲକ୍‌ର ନେତାମାନେ ଶୁକ୍ରବାର ଯନ୍ତରମନ୍ତରରେ ବିକ୍ଷୋଭ ପ୍ରଦର୍ଶନ କରିବେ। କେନ୍ଦ୍ରର ଅନୈତିକ ଓ ବେଆଇନ ଆଚରଣକୁ ବିରୋଧ କରି ସବୁ ଜିଲା ସଦର ମହକୁମାରେ ଆନ୍ଦୋଳନ ହେବ। ସରକାର ଗୃହ ଚଳାଇବାକୁ ଚାହୁଁ ନ ଥିଲେ ବୋଲି ଖାର୍ଗେ କହିଛନ୍ତି।




ସଂସଦ ଭବନ ପରିସର ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ନିକଟରେ ମଲ୍ଲିକାର୍ଜୁନ ଖାର୍ଗେଙ୍କ ସହ ନିଲମ୍ବିତ ବିରୋଧୀ ଏମ୍‌ପିମାନେ ବିକ୍ଷୋଭ କରୁଛନ୍ତି।

**ଫୁର୍‌ସତ୍**

## ଗଣିତଜ୍ଞ ଶ୍ରୀନିବାସ ରାମାନୁଜନ

**ଜାତୀୟ ଗଣିତ ଦିବସ**



ଗଣିତଜ୍ଞ ଶ୍ରୀନିବାସ ରାମାନୁଜନ ଆୟାଙ୍ଗରଙ୍କ ୧୨୫ ତମ ଜନ୍ମ ବାର୍ଷିକୀ ପାଳନ ଅବସରରେ ୨୬ ଫେବୃୟାରୀ ୨୦୧୨ରେ ମାଡ୍ରାସ ବିଶ୍ୱବିଦ୍ୟାଳୟରେ ପୂର୍ବତନ ପ୍ରଧାନମନ୍ତ୍ରୀ ମନମୋହନ ସିଂ ଏହି ଦିବସ ପାଳନ କରିବା ନେଇ ଘୋଷଣା କରିଥିଲେ । ଏହି ଅବସରରେ ମନମୋହନ ସିଂ ମଧ୍ୟ ଘୋଷଣା କରିଥିଲେ ଯେ ୨୦୧୨କୁ ଜାତୀୟ ଗଣିତ ବର୍ଷ ଭାବରେ ପାଳନ କରାଯିବ। ସେହିଦିନଠାରୁ ଭାରତ ସରକାରଙ୍କ ପକ୍ଷରୁ ପ୍ରତିବର୍ଷ ୨୨ ଡିସେମ୍ବରକୁ ଜାତୀୟ ଗଣିତ ଦିବସ ଭାବେ ପାଳନ କରାଯାଇଥାଏ। ଏହି ଅବସରରେ ଦେଶର ବିଭିନ୍ନ ବିଦ୍ୟାଳୟ, ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟରେ ବିଭିନ୍ନ ଶିକ୍ଷଣୀୟ କାର୍ଯ୍ୟକ୍ରମମାନ ଅନୁଷ୍ଠିତ ହୋଇଥାଏ। ହାଇପର ଜ୍ୟାମେଟ୍ରିକ ସିରିଜ, ରିମେନ ସିରିଜ, ଇଲିପ୍ଟିକ ଇଣ୍ଟିଗ୍ରାଲ, ଥିଓରୀ ଅଫ ଡାଇଭରଜେଣ୍ଟ ସିରିଜ, ଫଙ୍କଶନାଲ ଇକ୍ୟୁଶନ ଅଫ ଜେଟା ଫଙ୍କ୍ଶନ, ନମ୍ବର ଥିଓରୀ ଏବଂ ଇନଫାନାଇଟ ସିରିଜ, ପାଇ ମୂଲ୍ୟ ଦଶମିକର ହିସାବ କରିବା ଭଳି ଗୁରୁତ୍ୱପୂର୍ଣ୍ଣ ସଫଳତା ରାମାନୁଜନ ହାସଲ କରିପାରିଥିଲେ।

୨୦୧୭ରେ, ଆନ୍ଧ୍ରପ୍ରଦେଶର ଚିତ୍ତୋର କୁପାମରେ ରାମାନୁଜନ ଗଣିତ ପାର୍କ ଖୋଲିବା ଦ୍ୱାରା ଏହି ଦିନର ମହତ୍ତ୍ୱ ଅଧିକ ବୃଦ୍ଧି ପାଇଥିଲା।

ଗଣିତଜ୍ଞ ଶ୍ରୀନିବାସ ରାମାନୁଜନ ୧୮୮୭ ଡିସେମ୍ବର ୨୨ରେ ମାଡ୍ରାସ ପ୍ରେସିଡେନ୍ସିର ଇରୋଡଠାରେ ଜନ୍ମଗ୍ରହଣ କରିଥିଲେ। ୧୯୦୯ରେ ୨୪ ବର୍ଷ ବୟସରେ ସେ ଜାନକୀଅମ୍ମାଲଙ୍କୁ ବିବାହ କରିଥିଲେ। ଜାନକୀଙ୍କର ମୃତ୍ୟୁ ୧୯୨୦ରେ ଘଟିଥିଲା। ଏହାପରେ ମାତ୍ର ୩୨ ବର୍ଷ ବୟସରେ ୧୯୨୦ ଏପ୍ରିଲ ୨୬ରେ ସେ ମାଡ୍ରାସ ପ୍ରେସିଡେନ୍ସିର କୁମ୍ଭକୋଣ ମଠାରେ ଦେହତ୍ୟାଗ କରିଥିଲେ।

## ରାମଙ୍କ ପାଇଁ ୧୦୮ ଫୁଟ୍‌ର ଧୂପକାଠି

ନୂଆଦିଲ୍ଲୀ

ଆସନ୍ତା ଜାନୁୟାରୀ ୨୨ରେ ଅଯୋଧ୍ୟାରେ ରାମ ମନ୍ଦିରର ପ୍ରାଣ ପ୍ରତିଷ୍ଠା ହେବ। ଏଥିନେଇ ବିଭିନ୍ନ ପ୍ରୋଜେକ୍ଟରେ ଜୋର୍‌ସୋରରେ ପ୍ରସ୍ତୁତି ଜାରିରହିଛି। ଭବ୍ୟମନ୍ଦିରର ପ୍ରାଣ ପ୍ରତିଷ୍ଠା ପରେ ଅଯୋଧ୍ୟାକୁ ଲକ୍ଷାଧିକ ତୀର୍ଥଯାତ୍ରୀଙ୍କ ସମାଗମ ହେବ। ଏଥିପାଇଁ ସେଠାରେ ଏକ ଅନ୍ତର୍ଜାତୀୟ ବିମାନବନ୍ଦର ମଧ୍ୟ ତିଆରି ଚାଲିଛି। ଯାହା ଚଳିତ ମାସ ୩୦ ତାରିଖରେ ଲୋକାର୍ପିତ ହେବ। ଏହି ଅବସରରେ ଗୁଜରାଟର ଭଦୋଦରାରେ ୧୦୮ ଫୁଟ୍ ଲମ୍ବ ବିଶିଷ୍ଟ ୩.୫ ଫୁଟ୍ ଚଉଡ଼ାର ଏକ ଧୂପକାଠି ତିଆରି ହୋଇଛି। ଯାହା ଅଯୋଧ୍ୟାକୁ ପଠାଯିବ। ପ୍ରଭୁ ରାମଙ୍କ ଉଦ୍ଦେଶ୍ୟରେ ଏହି ଧୂପକାଠି ସମର୍ପିତ ହେବ। ଭଦୋଦରା ତର୍ସାଲିର ବାସିନ୍ଦା ବିହାଭାଇ ଭରୱାଦ ତାଙ୍କ ଘର ବାହାରେ ଗତ ୬ ମାସ ହେବ ଏହି କାମରେ ଲାଗିଛନ୍ତି। ଏହା ପୂର୍ବରୁ ସେ ୧୧୧ ଫୁଟ୍ ଲମ୍ବର ଏକ ଧୂପକାଠି ତିଆରି କରିଛନ୍ତି। ଏହି ଧୂପକାଠି ୩୦୦୦ କିଗ୍ରା ଗାଈ ଗୋବର, ୯୧ କିଗ୍ରା ଗାଈ ଘିଅ, ୨୮୦ କିଗ୍ରା ଦେବଦାରୁ ଗଛର କାଠଗୁଣ୍ଡ ଏବଂ ଅନ୍ୟାନ୍ୟ ଜିନିଷର ମିଶ୍ରଣରେ ପ୍ରସ୍ତୁତ ହୋଇଛି। ସ୍ଥାନୀୟ ଏମ୍‌ପି ରଞ୍ଜନବେନ ଭଟ୍ଟ ଏବଂ ତାଙ୍କ ଟିମ୍ ଭରୱାଦଙ୍କ ଏହି କାମରେ ସମର୍ଥନ ଜଣାଇଥିଲେ। ଭରୱାଦ ପ୍ରତିଦିନ ୨-୩ ଘଣ୍ଟା ଏହି ଧୂପକାଠି ପାଇଁ ସମୟ ଦେଇଛନ୍ତି।



## ୨୪ରେ ବାହାହେବେ ଅର୍ବାଜ



**ମୁମ୍ବାଇ:** ବଲିଉଡ୍ ଅଭିନେତାଙ୍କ ବିବାହ ଏବେ ଟ୍ରେଣ୍ଡିଂରେ ରହିଛି। ତେବେ ଆସନ୍ତା ୨୪ ତାରିଖରେ ଅର୍ବାଜ ଖାନ୍ ତାଙ୍କ ଦ୍ୱିତୀୟ ବିବାହ କରିବାକୁ ଯାଉଛନ୍ତି। ବଲିଉଡ୍ ମେକ୍‌ଅପ୍ ଆର୍ଟିଷ୍ଟ ସୁରା ଖାନ୍‌ଙ୍କୁ ସେ ବିବାହ କରିବେ ବୋଲି ଜଣାପଡ଼ିଛି। ଏହି ବିବାହ ମୁମ୍ବାଇରେ ହେବାକୁ ଥିବାବେଳେ ଏଥିରେ ତାଙ୍କ ସମ୍ପର୍କୀୟ ବନ୍ଧୁ ଏବଂ ନିକଟ ସାଙ୍ଗସାଥୀମାନେ ଯୋଗଦେବେ। ଏହା ପୂର୍ବରୁ ଅର୍ବାଜ ଅଭିନେତ୍ରୀ ମଲାଇକା ଅରୋରାଙ୍କୁ ୧୯୯୮ରେ ବିବାହ କରିଥିଲେ। ପରେ ସେମାନେ ମାର୍ଚ୍ଚ ୨୦୧୬ରେ ଅଲଗା ହୋଇଥିଲେ। ଦୁହିଁଙ୍କର ୨୧ ବର୍ଷର ପୁଅ ମଧ୍ୟ ରହିଛି। ପରେ ଅର୍ବାଜ ଜର୍ଜିଆ ଆନ୍ଦ୍ରିଆନିଙ୍କୁ ପ୍ରେମ କରୁଥିଲେ। ହେଲେ ପରେ ସେମାନଙ୍କ ବ୍ରେକ୍‌ଅପ୍ ହୋଇଥିଲା। ତେବେ ଅଭିନେତା ଫିଲ୍ମ 'ପାଟନା ଶୁକ୍ଲା'ର ଶୁଟିଂ ସମୟରେ ସୁରାଙ୍କ ସହିତ ଦେଖା ହୋଇଥିଲା।

## ପୂରା ଘରକୁ ଗିଫ୍ଟ ଜରିରେ ପ୍ୟାକିଂ କଲେ



ନୂଆଦିଲ୍ଲୀ

ଜଣେ ଯୁବକ ତାଙ୍କ ପରିବାର ଲୋକଙ୍କୁ ଉପହାର ଦେବାକୁ ଏପରି କିଛି କରିଛନ୍ତି, ଯାହା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। ନିକଟରେ ଜଣେ ଯୁବକ ସେପରି କିଛି କରିଛନ୍ତି। ରିପୋର୍ଟ ମୁତାବକ, ଜଣେ କଣ୍ଟେଣ୍ଟ କ୍ରିଏଟର ତାଙ୍କ ଟିକ୍‌ଟକ୍‌ରେ ନିକଟରେ ଏକ ଭିଡିଓ ପୋଷ୍ଟ କରିଛନ୍ତି। ଯାହା ଭାଇରାଲ ହେଉଛି। ତାଙ୍କ ପରିବାର ୫ ଦିନ ପାଇଁ ଛୁଟି କାଟିବାକୁ ବାହାରକୁ ଯାଇଥିଲେ। ଏହି ସୁଯୋଗରେ ସେ ଘରର ପ୍ରତ୍ୟେକ ଜିନିଷକୁ ଗିଫ୍ଟ ଜରି ସାହାଯ୍ୟରେ ପ୍ୟାକ୍ କରିଛନ୍ତି। ଫଳରେ ସବୁ ଜିନିଷ ଉପହାର ସଦୃଶ ଲାଗୁଛି। ସେ ସର୍ବ ପ୍ରଥମେ ତାଙ୍କ ଭଉଣୀଙ୍କ ରୁମ୍‌ଠାରୁ ଏହି କାମ ଆରମ୍ଭ କରିଥିଲେ। ସେ ବହି, କବାଟ, ଟିଭି, ଏସି, ଟେବୁଲ, କାନ୍ଥ, ରୋଷେଇ ଘରକୁ ମଧ୍ୟ ଗିଫ୍ଟ ଜରିରେ ପ୍ୟାକ୍ କରିଦେଇଛନ୍ତି। ପୂରା ଘରକୁ ପ୍ୟାକିଂ କରିବାକୁ ତାଙ୍କୁ ୯୨ ଘଣ୍ଟା ସମୟ ଲାଗିଥିଲା। ୫ ଦିନ ପରେ ଯେତେବେଳେ ତାଙ୍କ ପରିବାର ଲୋକ ଆସିଲେ, ସେତେବେଳେ ସେମାନେ ଆଶ୍ଚର୍ଯ୍ୟ ହୋଇଥିଲେ। ହେଲେ ପରେ ଏସବୁ ସମସ୍ତଙ୍କୁ ବେଶ୍ ପସନ୍ଦ ଆସିଥିଲେ।

# ଅସହାୟ ହୋଇଛି 'ସହାୟ'

■ ସହରରେ ବଢ଼ୁଛନ୍ତି ବାହାର ରାଜ୍ୟ ଭିକାରି

■ ସମ୍ବଲପୁର, ରାଉରକେଲାରେ ଖୋଲିବ ଭିକାରି ଶେଲ୍ଟର ହୋମ୍

ଭୁବନେଶ୍ୱର,୨୧।୧୨(ଅନିଲ ଦାସ)

ରାଜ୍ୟର ବିଭିନ୍ନ ସହରାଞ୍ଚଳରେ ଭିକାରିଙ୍କ ସଂଖ୍ୟା ବଢ଼ି ଚାଲିଛି। ବିଭିନ୍ନ ଛକ, ହାଟବଜାର, ଶପିଂମଲ୍, ମନ୍ଦିର, ମସ୍‌ଜିଦ୍, ଗୁରୁଦ୍ୱାର, ରେଳ ଷ୍ଟେଶନ ଆଦି ସ୍ଥାନରେ ଅନେକେ ଭିକ୍ଷାବୃତ୍ତି କରୁଥିବା ଦେଖିବାକୁ ମିଳୁଛି। ଏପରି କି କରୋନା ଲକ୍‌ଡାଉନ ଖୋଲିବା ପରଠାରୁ ସହରାଞ୍ଚଳରେ ଭିକାରିଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। ଭୁବନେଶ୍ୱର ମହାନଗର ସମେତ ବିଭିନ୍ନ ସହରରେ ରାଜ୍ୟ ଓ ରାଜ୍ୟ ବାହାର ଭିକାରିଙ୍କ ସଂଖ୍ୟା ବଢ଼ିଯାଇଛି। ସେମାନଙ୍କୁ ଥଇଥାନ କରିବା ନେଇ ସମସ୍ୟା ଦେଖାଦେଇଛି। ଭିକ୍ଷା ମାଗୁଥିବା ବ୍ୟକ୍ତିଙ୍କୁ ଥଇଥାନ କରିବାକୁ ରାଜ୍ୟ ସରକାର 'ସହାୟ' ନାମରେ ଏକ କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ। ହେଲେ ତାହା ଏକପ୍ରକାର ଅସହାୟ ହୋଇପଡ଼ିଛି।

ରାଜ୍ୟ ସରକାର ସହରାଞ୍ଚଳଗୁଡ଼ିକୁ ଭିକାରିମୁକ୍ତ କରିବା ପାଇଁ ୨୦୧୭ରେ 'ସହାୟ' କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ। ସହରାଞ୍ଚଳରେ ବୁଲୁଥିବା ଭିକାରିଙ୍କୁ ଚିହ୍ନଟ କରିବାକୁ ତତ୍କାଳୀନ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ସଚିବ ନୀତିନ ଚନ୍ଦ୍ରା ସମସ୍ତ ଜିଲାପାଳଙ୍କୁ ଚିଠି ଲେଖିଥିଲେ। ଏଥିସହିତ ୨୦୧୭ ଏପ୍ରିଲ ୩୦ ସୁଦ୍ଧା ଭିକାରିଙ୍କୁ ଥଇଥାନ କରିବା ପାଇଁ ଏକ ଆକ୍ସନ ପ୍ଲାନ ପ୍ରସ୍ତୁତ କରିବାକୁ କୁହାଯାଇଥିଲା। 'ସହାୟ' ଯୋଜନାରେ ଭିକାରିମାନଙ୍କୁ ଥଇଥାନ କରିବା ଲାଗି ଘର ପାଇଁ ଜମି ଯୋଗାଇ ଦେବା ସହ ସେମାନଙ୍କୁ କାମ କରିବା ପାଇଁ ଦକ୍ଷତା ବୃଦ୍ଧି କରିବା, ରାଶନ କାର୍ଡ, ବୀମା ଯୋଗାଇବାକୁ ଯୋଜନା ପ୍ରସ୍ତୁତ ହୋଇଥିଲା। ବିଶେଷକରି ବୃଦ୍ଧା, ବୃଦ୍ଧ ଭିକାରିଙ୍କୁ ତୁରନ୍ତ ଥଇଥାନ ସ୍ଥଳକୁ ନେବାକୁ କୁହାଯାଇଥିଲା। ଅନ୍ୟପକ୍ଷରେ ଯେଉଁ ଭିକାରିମାନେ ଭିକ୍ଷାବୃତ୍ତି ଛାଡ଼ି ସମ୍ମାନର ସହ ବଞ୍ଚିବା ପାଇଁ ଜୀବିକାକୁ ଗ୍ରହଣ କରିବେ ସେମାନଙ୍କ ମଧ୍ୟରୁ ପ୍ରତ୍ୟେକ ଜିଲାରୁ ୨୫ ଜଣ ଭିକାରିଙ୍କୁ ସ୍ୱାଧୀନତା ଦିବସ କିମ୍ବା ଗଣତନ୍ତ୍ର ଦିବସରେ ପୁରସ୍କୃତ କରିବାକୁ ନିଷ୍ପତ୍ତି ହୋଇଥିଲା। ଏପରି କି ଭିକାରିଙ୍କ ପିଲାଙ୍କୁ ପାଠ ପଢ଼ାଇବା ପାଇଁ ସୁଯୋଗ ଦେବା ସହ ଶିକ୍ଷାବୃତ୍ତି ଯୋଗାଇ ଦେବାକୁ ନିଷ୍ପତ୍ତି ହୋଇଥିଲା। ହେଲେ ତାହା ଅଧାପନ୍ତରିଆ ହୋଇ ରହିଯାଇଛି। ଅନ୍ୟପକ୍ଷରେ ଦେଶରୁ ଭିକାରି ମୁକ୍ତ କରିବାକୁ କେନ୍ଦ୍ର ସରକାରଙ୍କ ସାମାଜିକ ନ୍ୟାୟ ଓ ସଶକ୍ତୀକରଣ ମନ୍ତ୍ରଣାଳୟ ପକ୍ଷରୁ ମଧ୍ୟ 'ସ୍ମାଇଲ' ନାମରେ ଏକ ସ୍କିମ୍ କାର୍ଯ୍ୟକାରୀ କରାଯାଉଛି। ଭିକାରିମାନଙ୍କୁ ଥଇଥାନ କରିବା, ମେଡିକାଲ ସୁବିଧା ଯୋଗାଇବା, କାଉନ୍‌ସେଲିଂ, ଶିକ୍ଷା, ଦକ୍ଷତା ବିକାଶ ସହ ଆର୍ଥିକ ସୁବିଧା ଯୋଗାଇ ଦେବାକୁ ଏହି ସ୍କିମ୍‌ରେ ବ୍ୟବସ୍ଥା ରହିଛି। ଏହା ସତ୍ତ୍ୱେ ରାଜ୍ୟରେ ତଥା ସହରଗୁଡ଼ିକରେ ଭିକାରିଙ୍କ ସଂଖ୍ୟା ବଢ଼ି ଚାଲିଛି।

୨୦୧୧ ଜନଗଣନା ଅନୁଯାୟୀ, ରାଜ୍ୟରେ ୬,୫୬୦ ଜଣ ଭିକାରି ରହିଛନ୍ତି। ସେମାନଙ୍କ ମଧ୍ୟରୁ ୩,୮୬୦ଜଣ ପୁରୁଷ ଏବଂ ୨,୭୦୦ ମହିଳା ଭିକାରି ରହିଛନ୍ତି। ଭିକାରି ସଂଖ୍ୟାରେ ପଶ୍ଚିମବଙ୍ଗ ପରେ ଓଡ଼ିଶା ହେଉଛି ଦ୍ୱିତୀୟ ରାଜ୍ୟ। ଅନ୍ୟପକ୍ଷରେ ରାଜ୍ୟ ସରକାରଙ୍କ ପକ୍ଷରୁ ବିଧାନସଭାରେ ଦିଆଯାଇଥିବା ତଥ୍ୟ ଅନୁଯାୟୀ, ରାଜ୍ୟରେ ୬,୩୯୦ ଭିକାରି ଚିହ୍ନଟ ହୋଇଛନ୍ତି। ସେମାନଙ୍କୁ ମଧ୍ୟରୁ କଟକ ଜିଲାରେ ସର୍ବାଧିକ ୧,୦୬୦ ଜଣ ଥିବାବେଳେ ବଲାଙ୍ଗୀର ୭୦୮, ମୟୂରଭଞ୍ଜ ୪୮୫, ସୁନ୍ଦରଗଡ଼ ୪୬୭, ଗଞ୍ଜାମ ୪୫୮, ନୂଆପଡ଼ା ୨୮୮, ସୋନପୁର ୨୮୦, ସମ୍ବଲପୁର ୨୨୩, ଭଦ୍ରକ ୨୨୦, କଳାହାଣ୍ଡି ୨୧୪ ଏବଂ କୋରାପୁଟରେ ୨୦୦ ଭିକାରି ରହିଛନ୍ତି। ତେବେ ବୌଦ୍ଧରେ ସର୍ବନିମ୍ନ ୧୯, ମାଲକାନଗିରିରେ ୨୧, କେନ୍ଦ୍ରାପଡ଼ା ୨୨, ଝାରସୁଗୁଡ଼ା ୪୧ ଏବଂ ଜଗତ୍‌ସିଂହପୁରରେ ୪୧ ଜଣ ଭିକାରି ଥିବା କୁହାଯାଇଛି। ସହରଗୁଡ଼ିକରେ ଭିକାରିଙ୍କ ସଂଖ୍ୟା ବଢୁଥିଲେ ମଧ୍ୟ ସହରାଞ୍ଚଳ କର୍ତ୍ତୃପକ୍ଷ ଏ ନେଇ ସେପରି ଆବଶ୍ୟକ ପଦକ୍ଷେପ ନେଉ ନ ଥିବା ଅଭିଯୋଗ ହେଉଛି। ଦିନକୁ ଦିନ ସହରରେ ଭିକାରି ସଂଖ୍ୟା ବଢ଼ି ଚାଲିଛି। ସହରାଞ୍ଚଳରେ ବୃଦ୍ଧି ପାଉଥିବା ଏହି ବୃତ୍ତିଧାରୀଙ୍କ ଉପରେ ଅଙ୍କୁଶ ଲଗାଇବା ପାଇଁ କାର୍ଯ୍ୟକାରୀ ହେଉଥିବା ସହାୟ କାର୍ଯ୍ୟକ୍ରମ ଆନ୍ତରିକତାର ଅଭାବ ଯୋଗୁ ସଫଳ ହୋଇପାରୁ ନ ଥିବା ମତ ପ୍ରକାଶ ପାଉଛି। ମାନବାଧିକାର କର୍ମୀ ବିଶ୍ୱପ୍ରିୟ କାନୁନ୍‌ଗୋ କହିଛନ୍ତି ଯେ ଭିକ୍ଷାବୃତ୍ତି ଏକ ଅପରାଧ ନୁହେଁ। ଅସହାୟ ବ୍ୟକ୍ତିମାନେ ଭିକ୍ଷାବୃତ୍ତି କରିଥାଆନ୍ତି। ଯେଉଁ ର୍‌ୟାକେଟଗୁଡ଼ିକ ଉଦ୍ଦେଶ୍ୟମୂଳକ ଭାବେ ପିଲାମାନଙ୍କୁ ଭିକ୍ଷାବୃତ୍ତିରେ ଲଗାଉଛନ୍ତି ସେମାନଙ୍କ ବିରୋଧରେ ଆପରାଧିକ ମାମଲା ରୁଜୁ ହେବା ଦରକାର। ସହରକୁ ଭିକାରିମୁକ୍ତ କରିବାକୁ ହେଲେ ଉପଯୁକ୍ତ ଅନୁଧ୍ୟାନ କରି ଥଇଥାନ ପାଇଁ ଦୀର୍ଘକାଳୀନ ଓ ସ୍ୱଳ୍ପକାଳୀନ ଯୋଜନା ହେବା ଦରକାର। ସାମାଜିକ ଓ ଅର୍ଥନୈତିକ କ୍ଷେତ୍ରରେ ସେମାନଙ୍କୁ ସଶକ୍ତ କରିବାକୁ ହେବ। ଜୋରଜବରଦସ୍ତି ଭିକାରି ମୁକ୍ତ କରିବା ସମ୍ଭବ ହେବ ନାହିଁ। ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା କହିଛନ୍ତି ଯେ ଭିକାରିମାନଙ୍କୁ ଚିହ୍ନଟ କରି ଥଇଥାନ କେନ୍ଦ୍ରକୁ ଆଣିବାକୁ ପୌରାଞ୍ଚଳ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ପ୍ରଥମ ପର୍ଯ୍ୟାୟରେ ପୁରୀ ଓ ଭୁବନେଶ୍ୱରରେ ୪ଟି ଭିକାରି ଶେଲ୍‌ଟର ହୋମ୍ ସ୍ଥାପନ କରାଯାଇଛି। ରାଜ୍ୟର ଅନ୍ୟ ଭାଗରେ ମଧ୍ୟ ଏହି କେନ୍ଦ୍ର ସ୍ଥାପନ କରିବାକୁ ପଦକ୍ଷେପ ନିଆଯାଉଛି। ସମ୍ବଲପୁର ଓ ରାଉରକେଲା ସହରରେ ଖୁବ୍‌ଶୀଘ୍ର ଶେଲ୍‌ଟର ହୋମ୍ କେନ୍ଦ୍ର କାର୍ଯ୍ୟକ୍ଷମ ହେବ ବୋଲି ସେ କହିଛନ୍ତି।

# ୧୫ ସୁଦ୍ଧା ବିଏସ୍‌କେୱାଇ ଅନୁବନ୍ଧିତ ହୋଇଛି ୮୧୬ ହସ୍ପିଟାଲ

ଭୁବନେଶ୍ୱର, ୨୧।୧୨(ସୁନିତ୍ ମିଶ୍ର)

ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା (ବିଏସ୍‌କେୱାଇ) ଯୋଜନାରେ ସହଭାଗୀ ହସ୍ପିଟାଲ ସଂଖ୍ୟା ଏବଂ ଚିକିତ୍ସା ବାବଦ ବିନିଯୋଗ ଅର୍ଥରେ ଉଲ୍ଲେଖନୀୟ ଅଭିବୃଦ୍ଧି ଘଟିଥିବା ସରକାର ସୂଚନା ଦେଇଛନ୍ତି। ରାଜ୍ୟ ସ୍ୱାସ୍ଥ୍ୟସେବା ସୋସାଇଟି ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଡା. ଡି. ବୃନ୍ଦା ଏନେଇ ସମୀକ୍ଷା କରିଛନ୍ତି। ସୋସାଇଟି ସଭାଗୃହଠାରେ ଗୁରୁବାର ଅନୁଷ୍ଠିତ ବୈଠକରେ ବିଶେଷତଃ ରାଜ୍ୟ ବାହାରର ଅନୁବନ୍ଧିତ ହସ୍ପିଟାଲଗୁଡିକରେ ଯେପରି କାର୍ଡଧାରୀମାନଙ୍କ ଚିକିତ୍ସା ସହଜଲବ୍ଧ ଓ ସୁଗମ ହେବ ସେଥିପ୍ରତି ଦୃଷ୍ଟି ରଖିବା ଲାଗି ନିର୍ଦ୍ଦେଶ ଦିଆଯାଇଛି। ଚଳିତ ବର୍ଷ ଡିସେମ୍ବର ୧୫ ସୁଦ୍ଧା ୮୧୬ଟି ସୁପରସ୍ପେଶିଆଲିଟି ଘରୋଇ ହସ୍ପିଟାଲ ବିଏସ୍‌କେୱାଇ ଅନୁବନ୍ଧିତ ହୋଇଛନ୍ତି। ଗତ ବର୍ଷ ଉକ୍ତ ସମୟ ତୁଳନାରେ ଏହା ୪୩.୪୦ ପ୍ରତିଶତ ଅଧିକ। ଏହାସହ ପ୍ରାୟ ୮୫୩୦ ସରକାରୀ ହସ୍ପିଟାଲ ରୋଗୀମାନଙ୍କୁ ଗୁଣାତ୍ମକ ସେବା ଯୋଗାଇଦେବାକୁ ଦିନରାତି ପ୍ରଚେଷ୍ଟା ଜାରି ରଖିଛନ୍ତି। ୮୧୬ଟି ଘରୋଇ ହସ୍ପିଟାଲ ମଧ୍ୟରୁ ୧୬୦ଟି ଆନ୍ଧ୍ରପ୍ରଦେଶ, ଆସାମ, ତେଲଙ୍ଗାନା, କର୍ଣ୍ଣାଟକ, ଦିଲ୍ଲୀ, ଗୁଜରାଟ, ମହାରାଷ୍ଟ୍ର, ପଶ୍ଚିମବଙ୍ଗ, ଛତିଶଗଡ, ଝାଡଖଣ୍ଡ, ପଞ୍ଜାବ, ହରିୟାଣା, ତାମିଲନାଡୁ, ଉତ୍ତରପ୍ରଦେଶ, ଉତ୍ତରାଖଣ୍ଡ ଆଦି ୧୬ଟି ରାଜ୍ୟରେ ଅବସ୍ଥିତ। ଓଡ଼ିଶାର ୬୫୬ଟି ଘରୋଇ ହସ୍ପିଟାଲ ଗରିବ ଲୋକଙ୍କୁ ଉଚ୍ଚମାନର ଚିକିତ୍ସା ଯୋଗାଇବା ନିମନ୍ତେ ରାଜ୍ୟ ସରକାରଙ୍କ ସହଭାଗୀ ହୋଇଛନ୍ତି।

# ବାର୍ଷିକ ମୁଣ୍ଡ ପିଛା ମାଛ ଆହରଣ ବୃଦ୍ଧି ପାଇଛି: ମନ୍ତ୍ରୀ

ଭୁବନେଶ୍ୱର, ୨୧।୧୨(ସୁନିତ୍ ମିଶ୍ର)

ରାଜ୍ୟ ସରକାରଙ୍କ ସମୟୋପଯୋଗୀ ମତ୍ସ୍ୟନୀତି ଏବଂ ଅଭିନବ ପଦକ୍ଷେପ ଯୋଗୁ ଗତ ୨ ଦଶନ୍ଧିରେ ରାଜ୍ୟରେ ମତ୍ସ୍ୟ ଉତ୍ପାଦନ ୪ ଗୁଣ ବୃଦ୍ଧି ପାଇ ୨୦୨୨-୨୩ରେ ୧୦ ଲକ୍ଷ ଟନ୍‌ରୁ ଊର୍ଦ୍ଧ୍ୱରେ ପହଞ୍ଚିଛି। ରାଜ୍ୟରେ ବର୍ଷିକ ମୁଣ୍ଡ ପିଛା ମାଛ ଆହରଣ ଗତ ୨୩ ବର୍ଷରେ ୭.୭୧ କେଜିରୁ ୧୭.୭୩ କେଜିକୁ ବୃଦ୍ଧି ପାଇଛି। ମାଛଚାଷର ବିକାଶ ପାଇଁ ବିଭାଗ ପକ୍ଷରୁ ଚାଷୀଙ୍କୁ ଗୁଣାତ୍ମକ ମାଛ ଯାଆଁଳ ଯୋଗାଇଦେବା ପାଇଁ ମତ୍ସ୍ୟ ବିଭାଗ ପକ୍ଷରୁ ପଦକ୍ଷେପ ନିଆଯାଇଛି। ଏଥିପାଇଁ ରାଜ୍ୟବ୍ୟାପୀ ମାଛ ଯାଆଁଳ ହ୍ୟାଚେରିର ନେଟ୍‌ୱର୍କ ସ୍ଥାପନ ଉପରେ ଗୁରୁତ୍ୱ ଦିଆଯାଇଛି। ଏଥିପାଇଁ ପ୍ରତି ବ୍ଲକ୍‌ରେ ଯାଆଁଳ ହ୍ୟାଚେରି ସ୍ଥାପନ ସହ ଅଚଳ ହୋଇପଡ଼ିଥିବା ସରକାରୀ ମାଛ ହ୍ୟାଚେରିଗୁଡ଼ିକ କାର୍ଯ୍ୟକ୍ଷମ କରିବା ନିମନ୍ତେ ପଦକ୍ଷେପ ନିଆଯାଉଛି ବୋଲି କୃଷିମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ କହିଛନ୍ତି।

ଭୁବନେଶ୍ୱରଠାରେ ଗୁରୁବାର ମାଛ ଯାଆଁଳ ହ୍ୟାଚେରି ଅଂଶୀଦାରମାନଙ୍କ ଗୁଣାତ୍ମକ ମାଛ ଯାଆଁଳ ଉତ୍ପାଦନ ଉପରେ ରାଜ୍ୟସ୍ତରୀୟ କର୍ମଶାଳା ଉଦ୍‌ଘାଟନକରି ମନ୍ତ୍ରୀ ସ୍ୱାଇଁ କହିଛନ୍ତି, ରାଜ୍ୟରେ ଋତୁକାଳୀନ ଓ ଆଗୁଆ ମାଛ ଯାଆଁଳ ଉତ୍ପାଦନ କାର୍ଯ୍ୟକ୍ରମରେ ପ୍ରାୟ ୧୦୯୪ କୋଟି ଗୁଣ୍ଡ ଯାଆଁଳ ଉତ୍ପାଦନ କରାଯାଇପାରୁଛି। ଗୁଣ୍ଡ ଯାଆଁଳରୁ ଉନ୍ନତ ମାନର ଫ୍ରାଏ ଓ ଆଙ୍ଗୁଳିକା ଉତ୍ପାଦନ କରିବା ପାଇଁ ରାଜ୍ୟ ସରକାର ଯାଆଁଳ ଉତ୍ପାଦନକାରୀ ନେଟ୍‌ୱର୍କ ଯୋଜନା ପ୍ରଣୟନ କରିଛନ୍ତି। ଏଥିରେ ଯାଆଁଳ ଉତ୍ପାଦନକାରୀଙ୍କୁ ଇନ୍‌ପୁଟ୍ ସହାୟତା ଯୋଗାଇ ଦିଆଯାଉଛି। ଚଳିତ ବର୍ଷ ରାଜ୍ୟରେ ୨୧୬ କୋଟି ଫ୍ରାଏର ଆବଶ୍ୟକତା ଥିବାବେଳେ ରାଜ୍ୟରେ ୩୧୦ କୋଟି ଫ୍ରାଏ ଉତ୍ପାଦନ କରିବାରେ ସମର୍ଥ ହୋଇ ଯାଆଁଳ ଉତ୍ପାଦନରେ ସ୍ୱାବଲମ୍ବୀ ହୋଇପାରିଛି ବୋଲି ସେ କହିଛନ୍ତି।

**TPCODL**
ଟିପି ସେଣ୍ଟ୍ରାଲ ଓଡ଼ିଶା
ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍
(ଟାଟା ପାୱାର ଏବଂ ଓଡ଼ିଶା ସରକାରଙ୍କ ଏକ ଯୌଥ ଉଦ୍ୟୋଗ)
ପାୱାର ହାଉସ୍ ସ୍କୋୟାର, ୟୁନିଟ୍ - ୮, ଭୁବନେଶ୍ୱର - ୭୫୧୦୧୨
**ବିଶେଷ ସୂଚନା**
ନିୟମିତ ମରାମତି କାର୍ଯ୍ୟ ପାଇଁ ଆଜି ଭୁବନେଶ୍ୱର ସ୍ଥିତ ଚନ୍ଦ୍ରଶେଖରପୁର ବିଡିଏ ଅଞ୍ଚଳ, ସୈନିକ ସ୍କୁଲ ଅଞ୍ଚଳ ଓ ଭିଏସ୍‌ଏସ୍ ନଗରରେ ସକାଳ ୯ ଘଟିକାରୁ ଅପରାହ୍ନ ୫ ଘଟିକା ପର୍ଯ୍ୟନ୍ତ ବିଦ୍ୟୁତ୍ ଯୋଗାଣ ବନ୍ଦ ରହିବ।
ଅସୁବିଧା ପାଇଁ ଦୁଃଖିତ - ଟିପିସିଓଡିଏଲ୍

**PARADIP PORT AUTHORITY**
PARADIP PORT AUTHORITY-754 142, ODISHA (INDIA), MEDICAL DEPARTMENT
FILE No. CMO-OE-A-GL-401/2023/3768
Date: 15.12.2023
**e-TENDER CALL NOTICE**
E-tenders are invited on behalf of Paradip Port Authority for the work Providing manpower for office work Housekeeping and par-medical worker for PPA Hospital for a period of 2 years The last date &time of Submission of Dt.04.01.2024 on 17.15 Hrs. For details, please refer website Website for details https://eprocure.gov.in/eprocure/app
Sd/-Chief Medical Officer
Paradip Port Authority
PPA/PR/70/2023-24 dtd.20.12.2023

# ସମ୍ବଲପୁରରେ ଆସାମ ମୁଖ୍ୟମନ୍ତ୍ରୀଙ୍କ ପରିବାର



ବେଜବରୁଆଙ୍କ ସ୍ମୃତିପୀଠ ପରିଦର୍ଶନ କରୁଛନ୍ତି ଆସାମ ମୁଖ୍ୟମନ୍ତ୍ରୀଙ୍କ ପରିବାର।

## ବେଜବରୁଆଙ୍କ ସାଧନାପୀଠ ପରିଦର୍ଶନ କଲେ

ସମ୍ବଲପୁର,୨୧।୧୨(ପ୍ରମୋଦ ବହିଦାର)

ସମ୍ବଲପୁରଠାରେ ଥିବା ଅହମିଆ କବି ଲକ୍ଷ୍ମୀକାନ୍ତ ବେଜବରୁଆଙ୍କ ବାସଗୃହ ଓ ସାହିତ୍ୟ ସାଧନା ପୀଠକୁ ଗୁରୁବାର ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମାଙ୍କ ପରିବାର ସଦସ୍ୟ ପରିଦର୍ଶନ କରିଛନ୍ତି। ଏଥିରେ ତାଙ୍କ ମା' ମ୍ରିଣାଳିନୀ ଦେବୀ, ଜ୍ୟେଷ୍ଠଭ୍ରାତା ଦିଗନ୍ତ ବିଶ୍ୱଶର୍ମା ଓ ଧର୍ମପତ୍ନୀ ଦୀପାରାଣୀ ଗୋସ୍ୱାମୀ ବିଶ୍ୱଶର୍ମା ପ୍ରମୁଖ ସାମିଲ ଥିଲେ। ସେମାନେ ସଡ଼କପଥରେ ଭୁବନେଶ୍ୱରରୁ ବାହାରି ମଧ୍ୟାହ୍ନରେ ସମ୍ବଲପୁରରେ ପହଞ୍ଚିଥିଲେ। ଏହି ସମୟରେ ବେଜବରୁଆ ସ୍ମୃତିରକ୍ଷା କମିଟି ଆହାବକ ଦୀପକ ପଣ୍ଡାଙ୍କ ନେତୃତ୍ୱରେ କମିଟି ସଦସ୍ୟ ପ୍ରଫୁଲ୍ଲ ହୋତା, କମଳ ଲୋଚନ ପଣ୍ଡା, ଲଳିତ ମୋହନ ବେବର୍ତ୍ତା, ପିଙ୍କି ପ୍ରଧାନ, ସୂର୍ଯ୍ୟ ପାଣିଗ୍ରାହୀ, ତର୍ପଣ ପ୍ରଧାନ ପ୍ରମୁଖଙ୍କ ସହ ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଫକୀର ମୋହନ ମାଝି ସେମାନଙ୍କୁ ସ୍ୱାଗତ ଜଣାଇଥିଲେ। ଆସାମ ମୁଖ୍ୟମନ୍ତ୍ରୀଙ୍କ ପରିବାର ସ୍ମୃତିରକ୍ଷା କମିଟି ସଦସ୍ୟଙ୍କ ଗହଣରେ ସ୍ୱର୍ଗତ ବେଜବରୁଆଙ୍କ ସ୍ମୃତି ଓ ସାଧନାପୀଠ ସହ ତାଙ୍କ ବାସଗୃହ ପରିଦର୍ଶନ କରିଥିଲେ। ବେଜବରୁଆଙ୍କ କର୍ମଭୂମି ସମ୍ବଲପୁର ବୁଲିବାର ଅଭିଳାସ ପୂରଣ ହୋଇଥିବାରୁ ବିଶେଷ ଆନନ୍ଦିତ ବୋଲି ପରିବାର ଲୋକେ କହିଛନ୍ତି। ଏହାସହ ଏଠାରେ ତାଙ୍କୁ ମିଳିଥିବା ଆତ୍ମିୟତା ଓ ଆତିଥ୍ୟକୁ ସେମାନେ ଭୂୟଶୀ ପ୍ରଶଂସା କରିଥିଲେ। ସୂଚନାଯୋଗ୍ୟ, ଆସାମ ମୁଖ୍ୟମନ୍ତ୍ରୀଙ୍କ ମା' ମ୍ରିଣାଳିନୀ ଦେବୀ ଜଣେ ଅହମିଆ ସାହିତ୍ୟିକା ତଥା ଆସାମ ସାହିତ୍ୟ ସଭାର ପୂର୍ବତନ ଅଧ୍ୟକ୍ଷା ଓ ଜ୍ୟେଷ୍ଠଭ୍ରାତା ଦିଗନ୍ତ ବିଶ୍ୱଶର୍ମା ମଧ୍ୟ ଜଣେ ସୁସାହିତ୍ୟିକ ଓ ଆସାମ ସାହିତ୍ୟ ପରିଷଦର କାର୍ଯ୍ୟକାରୀ ସଦସ୍ୟ ତଥା ଉପଦେଷ୍ଟା କମିଟିର ଆବାହକ ଅଟନ୍ତି। ଉଭୟ ମା'ପୁଅ ସପରିବାର ଭୁବନେଶ୍ୱରରେ ଅନୁଷ୍ଠିତ ଅଖିଳ ଭାରତୀୟ ସାହିତ୍ୟ ପରିଷଦର ଏକ କାର୍ଯ୍ୟକ୍ରମରେ ଯୋଗଦେବାକୁ ଆସିଥିଲେ। ପରିବାର ସଦସ୍ୟ ସମ୍ବଲପୁର ଆରାଧ୍ୟ ଦେବୀ ମା' ସମଲେଶ୍ୱରୀଙ୍କୁ ଦର୍ଶନ କରି ମଧ୍ୟାହ୍ନ ଭୋଜନ ପରେ ଭୁବନେଶ୍ୱର ଫେରି ଯାଇଛନ୍ତି।

# ଶିମିଳିପାଳରେ ତାପମାତ୍ରା ୦°

ବାରିପଦା,୨୧।୧୨
(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲା ଶିମିଳିପାଳ ଅଭୟାରଣ୍ୟରେ ତାପମାତ୍ରା ହ୍ରାସ ପାଇଛି। ବନ ବିଭାଗ ପକ୍ଷରୁ ସ୍ୱତନ୍ତ୍ର ତାପମାତ୍ରା ମାପ ଯନ୍ତ୍ର ଦ୍ୱାରା ଗୁରୁବାର ଏଠାରେ ସର୍ବନିମ୍ନ ତାପମାତ୍ରା ଶୂନ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଛି। ଅନ୍ୟପକ୍ଷରେ ଜିଲାରେ ସର୍ବନିମ୍ନ ତାପମାତ୍ରା ୧୨ ଡିଗ୍ରୀ ରହିଛି। ଅଭୟାରଣ୍ୟର ଉପର ବାର୍‌ହାକାମୁଡ଼ା, ଚହଲା, ବରେହିପାଣି, ଗୁଡ଼ଗୁଡ଼ିଆ ପ୍ରଭୃତି ସ୍ଥାନରେ ତାପମାତ୍ରା ହ୍ରାସ ପାଇଛି। ଫଳରେ ବନ୍ୟଜନ୍ତୁଙ୍କ ସମେତ ଜିଲାବାସୀ ଶୀତକଷ୍ଟ ଭୋଗୁଛନ୍ତି। ତାପମାତ୍ରା ହ୍ରାସପାଇ ତୁହିନ ଆସ୍ତରଣ ଜମିଥିବା ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ ଉତ୍ତର ଡିଭିଜନର ଉପ ନିର୍ଦ୍ଦେଶକ ସାଇ କିରଣ ସୂଚନା ଦେଇଛନ୍ତି।

ଜିଲାରେ ମଧ୍ୟ ଶୀତର ଲହରି ବୃଦ୍ଧି ପାଇଛି। ସମୟ ସମୟରେ ଥଣ୍ଡା ପବନ ପ୍ରବାହିତ ହେଉଥିବାରୁ ଦିନ ବେଳା ଶୀତ ଅନୁଭୂତ ହେଉଛି। ଫଳରେ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି। ଗତ ୨୪ ଘଣ୍ଟା ମଧ୍ୟରେ ସର୍ବନିମ୍ନ ତାପମାତ୍ରା ୧୨ଡିଗ୍ରୀ ସେଲସିୟସ ଥିବା ରେକର୍ଡ ହୋଇଛି। ବନବିଭାଗର ସ୍ୱତନ୍ତ୍ର ରିପୋର୍ଟ ଅନୁଯାୟୀ, ଗୁରୁବାର ସକାଳ ୬ଟାରେ ଅଭୟାରଣ୍ୟର ଉପର ବାର୍‌ହାକାମୁଡ଼ାରେ ଶୂନ ଡିଗ୍ରୀ, ଚହଲାରେ ୩ଡିଗ୍ରୀ, ନଅଁଣାରେ ୬ଡିଗ୍ରୀ, ଗୁଡଗୁଡ଼ିଆରେ ୭ଡିଗ୍ରୀ, ବରେହିପାଣିରେ ୯ଡିଗ୍ରୀ, କିଆଝରୀ ଓ ରାମତୀର୍ଥରେ ୧୧ଡିଗ୍ରୀ ସେଲସିୟସ ତାପମାତ୍ରା ରେକର୍ଡ କରାଯାଇଛି।

**CENTRAL MINE PLANNING & DESIGN INSTITUTE LIMITED**
cmpdi
(A Subsidiary of Coal India Limited)
Gondwana Place, Kanke Road, Ranchi-834031, Jharkhand, India
**NOTICE**
"All the tenders issued by CIL and its Subsidiaries for procurement of Goods, Works and Services are available on websites of Coal India Ltd. www.coalindia.in /respective Subsidiary Company (CMPDI, www.cmpdi.co.in), CIL e-procurement portal https://coalindiatenders.nic.in and Central Public Procurement Portal https://eprocure.gov.in. In addition, procurement is also done through GeM Portal https://gem.gov.in"

**ପାର୍କିଂ ପାଇଁ ଇ-ନିଲାମ ବିଜ୍ଞପ୍ତି**
(i) ଇ-ନିଲାମ କାଟାଲଗ୍ ନଂ.: ପାର୍କ-କେଜିପି-୨୩-୨୧ ତାରିଖ: ୧୫।୧୨।୨୦୨୩
(ii) ଇ-ନିଲାମ କାଟାଲଗ୍ ନଂ.: ପାର୍କ-କେଜିପି-୨୩-୨୨ ତାରିଖ: ୧୮।୧୨।୨୦୨୩
ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ସିନିୟର ଡିଭିଜନାଲ କମର୍ସିଆଲ ମ୍ୟାନେଜର, ଦକ୍ଷିଣ ପୂର୍ବ ରେଳପଥ, ଖଡ଼ଗପୁର ଡିଭିଜନ କାଟାଲଗ୍ ନଂ. (i) ମାଧ୍ୟମରେ ଟିକିଆପଡ଼ା (ଦୁଇଚକିଆ ଠିକା), ଗୋପୀନାଥପୁର ନୀଳଗିରି (ମିଶ୍ରିତ ପାର୍କିଂ ଠିକା), ଝାରଗ୍ରାମ (ମିଶ୍ରିତ ପାର୍କିଂ ଠିକା) ଏବଂ ଦିଘା (ମିଶ୍ରିତ ପାର୍କିଂ ଠିକା) ରେଳ ଷ୍ଟେଶନ ପରିସରରେ ପାର୍କିଂ ଠିକା ଦେବା ପାଇଁ ଇ-ନିଲାମ ଆହ୍ୱାନ କରୁଛନ୍ତି ଏବଂ କାଟାଲଗ୍ ନଂ. (ii) ମାଧ୍ୟମରେ ଶାଲିମାର ରେଳ ଷ୍ଟେଶନ ପରିସରରେ ଚାରି ଚକିଆ ପାର୍କିଂ ଠିକା ଦେବା ପାଇଁ ମଧ୍ୟ ଇ-ନିଲାମ ଆହ୍ୱାନ କରୁଛନ୍ତି, ଯାହା ୱେବ୍‌ସାଇଟ୍ https://www.ireps.gov.inରେ ଅଧିସୂଚିତ ହୋଇସାରିଛି । ଉପରୋକ୍ତ କାଟାଲଗ୍‌ଗୁଡ଼ିକ ପାଇଁ ସବିଶେଷ ନିଲାମ ତାରିଖ ଓ ସମୟ ତଳେ ଦିଆଗଲା:
କ୍ର.ସଂ.-୧ । ବର୍ଗ: ଦୁଇଚକିଆ ପାର୍କିଂ ଏବଂ ମିଶ୍ରିତ ପାର୍କିଂ ପାଇଁ ପାର୍କିଂ ଲଟ୍ । କାଟାଲଗ୍ ନଂ.: ପାର୍କ-କେଜିପି-୨୩-୨୧ । ଲଟ୍ ସଂଖ୍ୟା: ୦୪ । ନିଲାମ ତାରିଖ: ୦୨।୦୧।୨୦୨୪ । ନିଲାମ ଆରମ୍ଭ ସମୟ: ୧୧.୩୦ ଘଟିକା । ନିଲାମ ବନ୍ଦ ହେବା ସମୟ: ୧୨.୪୦ ଘଟିକା ।
କ୍ର.ସଂ.-୨ । ବର୍ଗ: ଚାରିଚକିଆ ପାର୍କିଂ ପାଇଁ ପାର୍କିଂ ଲଟ୍ । କାଟାଲଗ୍ ନଂ.: ପାର୍କ-କେଜିପି-୨୩-୨୨ । ଲଟ୍ ସଂଖ୍ୟା: ୦୧ । ନିଲାମ ତାରିଖ: ୦୩।୦୧।୨୦୨୪ । ନିଲାମ ଆରମ୍ଭ ସମୟ: ୧୩.୦୦ ଘଟିକା । ନିଲାମ ବନ୍ଦ ହେବା ସମୟ: ୧୩.୩୦ ଘଟିକା ।
ଆଗ୍ରହୀ ପକ୍ଷ ଏବଂ ଠିକାଦାରମାନେ ଏଥିପ୍ରତି ଧ୍ୟାନଦେବା ଏବଂ ଇ-ନିଲାମ ବିଜ୍ଞପ୍ତି ସମ୍ବନ୍ଧୀୟ ସୂଚନା ପାଇଁ ଉପରୋକ୍ତ ୱେବ୍‌ସାଇଟ୍ ଦେଖିବା ଆବଶ୍ୟକ । ଅନୁସନ୍ଧାନ/ସ୍ପଷ୍ଟୀକରଣ, ଯଦି ଥାଏ, ଦୟାକରି ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ ।
(PR-946) ସିନିୟର ଡିଭିଜନାଲ କମର୍ସିଆଲ ମ୍ୟାନେଜର, ଖଡ଼ଗପୁର
ଦକ୍ଷିଣ ପୂର୍ବ ରେଳପଥ
ହର୍ଷର ସହିତ ଆମେ ସେବାରତ

**ପୂର୍ବ ତଟ ରେଳପଥ**
ଟେଣ୍ଡର ବିଜ୍ଞପ୍ତି ସଂ.59/ET/SBP/ENGG/2023-24, ତା.16.12.2023ରିଖ
(1)ଇ-ଟେଣ୍ଡର ସଂ.34-eT-DENS-SBP-23
କାର୍ଯ୍ୟର ନାମ : ରେଳବାଇ ଜମି/ ଖଦାନ (Land/ Quarry) ବାହାରୁ ବଡ଼ମାଳ ଡିପୋ ଠାରେ ରେଳବାଇ ବିନିର୍ଦ୍ଦେଶ ଅନୁଯାୟୀ ମେସିନ୍ ଦ୍ୱାରା ଭଙ୍ଗା ଯାଇଥିବା 1,00,000 ଘନ ମିଟର ବିଶିଷ୍ଟ ଟ୍ରାକ୍ ବାଲାଷ୍ଟର ଯୋଗାଣ ଏବଂ ଗଦା ମାରିବା ତଥା ତାହାକୁ ସମ୍ବଲପୁର ମଣ୍ଡଳର ସହାୟକ ମଣ୍ଡଳ ଯନ୍ତ୍ରୀ/ ଟିଟିଲାଗଡ଼ ପରିସୀମା ଅଧୀନସ୍ଥ ରେଳବାଇ ୱାଗନଗୁଡ଼ିକରେ ବୋଝେଇ କରିବା କାର୍ଯ୍ୟ (ଶେଷ ହେବା ଅବଧି : ବର୍ଷାଋତୁ ଅବଧି ବ୍ୟତୀତ 18 ମାସ) ।
କାର୍ଯ୍ୟର ଆନୁମାନିକ ମୂଲ୍ୟ (₹): 14,40,40,000.00, ବିଡ୍ ସିକ୍ୟୁରିଟି (₹) : 8,70,200.00 ।
(2)ଇ-ଟେଣ୍ଡର ସଂ.54-eT-DENE-SBP-23
କାର୍ଯ୍ୟର ନାମ : ସମ୍ବଲପୁର ମଣ୍ଡଳରେ ମଣ୍ଡଳ ଯନ୍ତ୍ରୀ/ ପୂର୍ବ ପରିସୀମା ଅଧୀନସ୍ଥ ବିଭିନ୍ନ ଷ୍ଟେସନଗୁଡ଼ିକ ଠାରେ ଜଳ ଯୋଗାଣ ବ୍ୟବସ୍ଥା, କର୍ମଚାରୀ ଆବାସ ଇତ୍ୟାଦିଗୁଡ଼ିକର ଉନ୍ନୟନ ଭଳି ବିଭିନ୍ନ କର୍ମଚାରୀ ସୁବିଧାସୁଯୋଗର ଉନ୍ନୟନ ।
କାର୍ଯ୍ୟର ଆନୁମାନିକ ମୂଲ୍ୟ (₹): 4,68,10,188.88, ବିଡ୍ ସିକ୍ୟୁରିଟି (₹): 3,84,100.00 ।
କାର୍ଯ୍ୟ ଶେଷ ହେବା ଅବଧି : 18 (ଅଠର) ମାସ (କ୍ରମ ସଂ.1 ପାଇଁ) ଏବଂ 12 (ବାର) ମାସ (କ୍ରମ ସଂ.2 ପାଇଁ) ।
ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.12.01.2024ରିଖ 1500 ଘଟିକାରେ (ସମସ୍ତ ଟେଣ୍ଡର ନିମନ୍ତେ) ।
ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ ।
ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ ।
ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 (ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି ।
ମଣ୍ଡଳ ରେଳ ପ୍ରବନ୍ଧକ (ଇଂଜିନିୟରିଙ୍ଗ), ସମ୍ବଲପୁର
PR-907/O/23-24

See Career Appointment on every Wednesday & Saturday

**ପ୍ରଥମ ପୃଷ୍ଠାରୁ**

## ବ୍ରିଜ୍‌ଭୂଷଣଙ୍କ ଅନୁଗତ...

ବିପୁଳ ବିଜୟ ହାସଲ କରିବା ପରେ ସଞ୍ଜୟ ସିଂ ଖବରଦାତାଙ୍କୁ କହିଛନ୍ତି, ଏହା ହେଉଛି ଦେଶର ହଜାର ହଜାର ସଂଖ୍ୟକ କୁସ୍ତି ଯୋଦ୍ଧାଙ୍କ ସଫଳତା। ଶେଓରାନ ହେଉଛନ୍ତି ଜଣେ ପୂର୍ବତନ ରାଜ୍ୟଗୋଷ୍ଠୀ କ୍ରୀଡ଼ା ସ୍ୱର୍ଣ୍ଣ ବିଜେତା। ତାଙ୍କ ଗୋଷ୍ଠୀର ପ୍ରେମଚାନ୍ଦ ଲୋଚାବ କେବଳ ଏକ ଗୁରୁତ୍ୱପୂର୍ଣ୍ଣ ପଦବୀ ହାସଲ କରିପାରିଛନ୍ତି। ଆର୍‌ଏସ୍‌ପିବି ସମ୍ପାଦକ ୨୭-୧୯ ଭୋଟ ବ୍ୟବଧାନରେ ଦର୍ଶନ ଲାଲଙ୍କୁ ପରାସ୍ତ କରି ଡବ୍ଲ୍ୟୁଏଫ୍‌ଆଇର ନୂଆ ସେକ୍ରେଟାରି ଜେନେରାଲ ହୋଇପାରିଛନ୍ତି। ବିକ୍ଷୋଭକାରୀ କୁସ୍ତିଯୋଦ୍ଧାଙ୍କ ଅନ୍ତରଙ୍ଗ ବୋଲି କୁହାଯାଉଥିବା ଜଣେ ବ୍ୟବସାୟୀ ଦେବେନ୍ଦର ସିଂ କାଡିଆନ ୩୨-୧୫ରେ ଡି. ନାନାବତୀଙ୍କୁ ପରାସ୍ତ କରି ସିନିୟର ଉପସଭାପତି ହୋଇଛନ୍ତି। ୧୫ଟି ପଦବୀ ପାଇଁ ହୋଇଥିବା ନିର୍ବାଚନରେ ବ୍ରିଜ୍‌ଭୂଷଣଙ୍କ ଗୋଷ୍ଠୀ ୧୩ଟିରେ ବିଜୟ ହାସଲ କରିବାରେ ସକ୍ଷମ ହୋଇଛି। ସେମାନେ ସମସ୍ତ ଉପସଭାପତି ପଦ ଜିତିଛନ୍ତି। ନିର୍ବାଚିତମାନେ ହେଲେ ଦିଲ୍ଲୀର ଜୟ ପ୍ରକାଶ (୩୭), ପଶ୍ଚିମବଙ୍ଗର ଅସିତ୍ କୁମାର ସାହା (୪୨), ପଞ୍ଜାବର କର୍ତ୍ତାର ସିଂ (୪୪) ଓ ମଣିପୁରର ଏନ୍. ଫୋନି (୩୮)। ଭୋଟ ଗ୍ରହଣରେ ଭାଗ ନେଇ ନ ଥିବା ମଧ୍ୟପ୍ରଦେଶର ନୂଆ ମୁଖ୍ୟମନ୍ତ୍ରୀ ମୋହନ ଯାଦବ ଉପସଭାପତି ନିର୍ବାଚନରେ ମାତ୍ର ୫ଟି ଭୋଟ ପାଇଥିଲେ। ବ୍ରିଜ୍‌ଭୂଷଣଙ୍କ ଶିବିରର ଉତ୍ତରାଖଣ୍ଡର ସତ୍ୟପାଲ ସିଂ ଦେଶୱାଲ ନୂଆ କୋଷାଧ୍ୟକ୍ଷ ହୋଇଛନ୍ତି। ସେ ଜମ୍ମୁ କଶ୍ମୀରର ଦୁଶ୍ୟନ୍ତ ଶର୍ମାଙ୍କୁ ୩୪-୧୨ରେ ପରାସ୍ତ କରିଛନ୍ତି। କାର୍ଯ୍ୟନିର୍ବାହୀ କମିଟିକୁ ନିର୍ବାଚିତ ହୋଇଥିବା ସମସ୍ତ ୫ ସଦସ୍ୟ ମଧ୍ୟ ବିଦାୟୀ



ଡବ୍ଲ୍ୟୁଏଫ୍‌ଆଇର ନବନିର୍ବାଚିତ ଅଧ୍ୟକ୍ଷ ସଞ୍ଜୟ ସିଂଙ୍କ ସହ ଭାଜପା ଏମ୍‌ପି ବ୍ରିଜ୍‌ଭୂଷଣ ଶରଣ ସିଂ।

ସଭାପତିଙ୍କ ଗୋଷ୍ଠୀର ଅଟନ୍ତି। ଅନ୍ୟପକ୍ଷରେ ଦୁଇଥର ଏସିଆନ ଗେମ୍ସ ଚାମ୍ପିୟନ କର୍ତ୍ତାର ସିଂ କହିଛନ୍ତି, ଗତ ଏକ ବର୍ଷ ହେଲା ପ୍ରତିବାଦ କରି ଆସୁଥିବା କୁସ୍ତିଯୋଦ୍ଧାମାନେ ଧର୍ମଘଟ ପନ୍ଥା ଛାଡ଼ି ଖେଳରେ ମନୋନିବେଶ କରନ୍ତୁ। ଏହା ସଫଳତା ବ୍ୟତୀତ ସୁନାମ ଆଣିଦେବ।

ଡବ୍ଲ୍ୟୁଏଫ୍‌ଆଇ କାର୍ଯ୍ୟାଳୟଠାରୁ ପାଖାପାଖି ଏକ କିଲୋମିଟର ଦୂରରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଦେଶର ଆଗଧାଡ଼ିର କୁସ୍ତି ଯୋଦ୍ଧା ବଜରଙ୍ଗ ପୁନିଆ, ଭିନେଶ ଫୋଗଟ ଓ ସାକ୍ଷୀ ମଲିକ ଡବ୍ଲ୍ୟୁଏଫ୍‌ଆଇର ନିର୍ବାଚନ ଫଳାଫଳ ଉପରେ ସେମାନଙ୍କର ନୈରାଶ୍ୟ ପ୍ରକାଶ କରିଛନ୍ତି। ନିର୍ବାଚନ ଫଳାଫଳକୁ ବିରୋଧ କରି ସାକ୍ଷୀ ଖେଳରୁ ତାଙ୍କର ଭାବପୂର୍ଣ୍ଣ ଅବସର ଘୋଷଣା କରିଛନ୍ତି। ଭାଜପା ଏମ୍‌ପି ବ୍ରିଜଭୂଷଣ ଡବ୍ଲ୍ୟୁଏଫ୍‌ଆଇ ସଭାପତି ରହିଥିବା ବେଳେ ଜୁନିୟରଙ୍କ ସମେତ ବହୁ ମହିଳା କୁସ୍ତିଯୋଦ୍ଧା ତାଙ୍କ ଦ୍ୱାରା ଯୌନ ଶୋଷଣର ଶିକାର ହୋଇଥିବା ଅଭିଯୋଗ କରି ତାଙ୍କୁ ବିରୋଧ କରି ଆସୁଥିଲେ। ସାକ୍ଷୀ କହିଛନ୍ତି, ଏଭଳି କୁକାର୍ଯ୍ୟ ବିରୋଧରେ ସେମାନେ ଖୁବ୍ ଲଢ଼ିଥିଲେ ସୁଦ୍ଧା ବ୍ରିଜଭୂଷଣଙ୍କ ବିଜ୍‌ନେସ୍ ପାର୍ଟନର ତଥା ସହଯୋଗୀ ସଭାପତି ଭାବେ ନିର୍ବାଚିତ ହୋଇଛନ୍ତି। ସାକ୍ଷୀ ନାଟକୀୟ ଭାବେ ଖେଳରୁ ଅବସର ଘୋଷଣା ବେଳେ ତାଙ୍କ ଜୋତାକୁ ଟେବୁଲ ଉପରେ ରଖିଥିଲେ। ୩୧ ବର୍ଷୀୟା ଏହି କୁସ୍ତିଯୋଦ୍ଧା ରାଜ୍ୟଗୋଷ୍ଠୀ କ୍ରୀଡ଼ାର ଜଣେ ସ୍ୱର୍ଣ୍ଣ ବିଜେତା। ସେମାନେ ଜଣେ ମହିଳା ସଭାପତି ଚାହୁଁଥିଲେ ବୋଲି କହିଥିଲେ। ଡବ୍ଲ୍ୟୁଏଫ୍‌ଆଇ ନିର୍ବାଚନରେ ବ୍ରିଜଭୂଷଣଙ୍କ କୌଣସି ସହଯୋଗୀଙ୍କୁ ଲଢ଼ିବା ଲାଗି ଅନୁମତି ନ ଦେବା ପାଇଁ ନିର୍ବାଚନ ଆଗରୁ ସାକ୍ଷୀ ଏବଂ ଟୋକିଓ ଗେମ୍ସ ବ୍ରୋଞ୍ଜ ବିଜେତା ବଜରଙ୍ଗ ପୁନିଆ ବାରମ୍ବାର କ୍ରୀଡ଼ାମନ୍ତ୍ରୀ ଅନୁରାଗ ଠାକୁରଙ୍କୁ ଅନୁରୋଧ କରିଥିଲେ। ଫଳ ସ୍ୱରୂପ ବ୍ରିଜଭୂଷଣଙ୍କ ପୁତ୍ର ପ୍ରତୀକ କିମ୍ବା ତାଙ୍କ ଜ୍ୱାଇଁ ବିଶାଳ ସିଂ ନିର୍ବାଚନରେ ଛିଡ଼ା ହୋଇ ନ ଥିଲେ। ଦୁର୍ଭାଗ୍ୟର ବିଷୟ ସରକାର ତାଙ୍କ କଥା ରଖିଲେ ନାହିଁ। ବ୍ରିଜଭୂଷଣଙ୍କ ଜଣେ ଘନିଷ୍ଠ ସହଯୋଗୀ ନିର୍ବାଚନ ଲଢ଼ିଲେ ଏବଂ ଜିତିଲେ। ଆଗାମୀ ଦିନରେ ମହିଳା କୁସ୍ତି ଯୋଦ୍ଧାମାନେ ପୁଣି ନିର୍ଯ୍ୟାତନାର ଶିକାର ହେବେ ବୋଲି ଭିନେଶ ଆଶଙ୍କା ପ୍ରକାଶ କରି କହିଛନ୍ତି। ସାକ୍ଷୀ ଖେଳରୁ ଅବସର ନେବା ପଛରେ ଅନ୍ୟ ଏକ କାରଣ ରହିଥିବା ମଧ୍ୟ ଶୁଣାଯାଉଛି। ସେ ଟ୍ରାଏଲ୍ସରେ ଅନେକ ଥର ଯୁବ ରେସଲର ସୋନମ୍ ମଲିକଙ୍କଠାରୁ ପରାଜିତ ହୋଇଛନ୍ତି।

ଡବ୍ଲ୍ୟୁଏଫ୍‌ଆଇ ନିର୍ବାଚନ ହେବା ପରେ ୟୁନାଇଟେଡ ୱାର୍ଲ୍ଡ ରେସ୍‌ଲିଂ (ୟୁଡବ୍ଲ୍ୟୁଡବ୍ଲ୍ୟୁ) ଏହା ଉପରୁ ବାସନ୍ଦ ଉଠାଇବା ଲାଗି ପ୍ରଥ ଉନ୍ମୁକ୍ତ ହୋଇଛି। ଠିକଣା ସମୟରେ ନିର୍ବାଚନ କରାଇ ନ ଥିବାରୁ ଡବ୍ଲ୍ୟୁଏଫ୍‌ଆଇକୁ ବାସନ୍ଦ କରାଯାଇଥିଲା। ଫଳ ସ୍ୱରୂପ ଭାରତୀୟ କୁସ୍ତିଯୋଦ୍ଧାମାନେ ୨୦୨୩ ବିଶ୍ୱ ଚାମ୍ପିୟନଶିପ୍‌ରେ ନିରପେକ୍ଷ ଆଥ୍‌ଲେଟ ଭାବେ ଅଂଶଗ୍ରହଣ କରିଥିଲେ।

### ବ୍ରିଜ ଭୂଷଣଙ୍କ ପ୍ରତିଶ୍ରୁତି

ଡବ୍ଲ୍ୟୁଏଫ୍‌ଆଇ ନିର୍ବାଚନ ପରେ ବିବାଦୀୟ ବିଦାୟୀ ଡବ୍ଲ୍ୟୁଏଫ୍‌ଆଇ ସଭାପତି ବ୍ରିଜଭୂଷଣ ସିଂ ଶରଣ ଖବରଦାତାଙ୍କ ନିକଟରେ ତାଙ୍କ ପ୍ରତିକ୍ରିୟା ରଖିଛନ୍ତି। ଆନ୍ଦୋଳନକାରୀ କୁସ୍ତିଯୋଦ୍ଧାମାନେ ଯଦି ଖେଳ ଜାରି ରଖିବାକୁ ଚାହିଁବେ ସେମାନଙ୍କ ପ୍ରତି କୌଣସି ଅକ୍ରୋଶ ମନୋଭାବ ପୋଷଣ କରାଯିବ ନାହିଁ। ସେମାନଙ୍କ ପ୍ରତି କୌଣସି ପାତରଅନ୍ତର କରାଯିବ ନାହିଁ। ସେମାନଙ୍କୁ ସମସ୍ତ ପ୍ରକାର ସାହାଯ୍ୟ ଓ ସହଯୋଗ ଯୋଗାଇ ଦିଆଯିବ ବୋଲି ସେ ପ୍ରତିଶ୍ରୁତି ଦେଇଛନ୍ତି।

झारखंड सरकार कार्यपालक अभियंता का कार्यालय,
ग्रामीण कार्य विभाग, कार्य प्रमंडल, गुमला।
ई– निविदा आमंत्रण सूचना।

ई–निविदा संख्या:- 12/2023-24/RWD/W/EE/GUMLA दिनांक:–20.12.2023

कार्यपालक अभियंता, ग्रामीण कार्य विभाग, कार्य प्रमण्डल, गुमला द्वारा निम्न विवरण के अनुसार e-procurement पद्धति से निविदा आमंत्रित की जाती है।

| क्र0 सं0 | आईडेन्टी फिकेशन संख्या/ पैकेज संख्या | कार्य का नाम | प्राक्कलित राशि: अंक में (लाख) | प्राक्कलित राशि: अक्षर में | कार्य समाप्ति की अवधि। | टेण्डर कॉल सं0 |
|---|---|---|---|---|---|---|
| 1 | RWD/ GUMLA/ STPKG-11/ 2023-24 | डुमरी से करमडोन तक पथ का सुदृढ़ीकरण कार्य। (लं0–4.400 कि0मी0)<br>डुमरी से पकरीटोली तक पथ का सुदृढ़ीकरण कार्य। (लं0–2.500 कि0मी0)<br>अकासी से करमडोनी तक पथ का सुदृढ़ीकरण कार्य। (लं0–4.200 कि0मी0)<br>आर0ई0ओ0 रोड़ जैरागी से डहकुल तक पथ का सुदृढ़ीकरण कार्य। (लं0–2.500 कि0मी0)<br>ताती से बमहनडीपा तक पथ का सुदृढ़ीकरण कार्य। (लं0–1.700 कि0मी0)<br>बानडुआ से महुआडीह तक पथ का सुदृढ़ीकरण कार्य। (लं0–2.200 कि0मी0)<br>आर0ई0ओ0 रोड़ बाघमरिया से बनडुआ तक पथ का सुदृढ़ीकरण कार्य। (लं0–2.662 कि0मी0)<br>पी0डब्लू0डी0 रोड़ कानजी से बतसपुर तक पथ का सुदृढ़ीकरण कार्य। (लं0–1.650 कि0मी0)<br>चिरैया से खुँटकोना तक पथ का सुदृढ़ीकरण कार्य। (लं0–5.200 कि0मी0) | 1550.148 | पन्द्रह करोड पचास लाख चौदह हजार आठ सौ रू0 मात्र। | 09 माह | प्रथम |

2 वेबसाईट में निविदा प्रकाशन की तिथि:– 29.12.2023
3 ई– निविदा प्राप्ति की अंतिम तिथि एवं समय:–09.01.2024 अपराहन 05.00 बजे तक।
4 निविदा खोलने की तिथि एवं समय:– 11.01.2024 अपराहन 03.30 बजे।
5 निविदा आमंत्रित करने वाले पदाधिकारी का नाम एवं पता:– कार्यपालक अभियंता, ग्रामीण कार्य विभाग, कार्य प्रमण्डल, गुमला, विकास भवन, गुमला के बगल में, पिन–835207
6 ई–निविदा प्रकोष्ठ का दूरभाष सं0–06524–465040 ।
विस्तृत जानकारी के लिए वेबसाईट jharkhandtenders.gov.in में देखा जा सकता है।
ह0/–
कार्यपालक अभियंता
ग्रामीण कार्य विभाग कार्य प्रमण्डल, गुमला।
PR 313974 Rural Work Department(23-24)D

## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ: ....................................
ଜନ୍ମ ତାରିଖ: ..............................



ଆଶୁ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଆଗକୁ ବଢ଼ିବ ଇଭି କାର୍‌ର ଚାହିଦା

## ୨୦୨୪ରେ ୩୦ରୁ ୪୦% ଇଭି କାର୍ ବିକ୍ରି ବୃଦ୍ଧି

ଭୁବନେଶ୍ୱର,୨୧।୧୨ (ଅଭୟ ଦାଶ)

ଗତ କିଛି ବର୍ଷ ହେଲା କ୍ରମାଗତ ଭାବେ ଘରୋଇ ବଜାରରେ ଇଲେକ୍ଟ୍ରିକ ଭେଇକିଲ (ଇଭି) ଯାନର ଚାହିଦା ବୃଦ୍ଧି ପାଇଛି। ଏପରିକି ଆଗକୁ ଆହୁରି ଇଭି କାର୍ ବିକ୍ରି ବଢିବ ବୋଲି ଟାଟା ମୋଟର୍ସର ଏମ୍‌ଡି (ଇଭି ଆଣ୍ଡ ପିଭି ଡିଭିଜନ) ଶୈଳେଶ ଚନ୍ଦ୍ରା କମ୍ପାନୀର ଇଭି ଏକ୍ସକ୍ଲୁସିଭ ଶୋ'ରୁମ୍ ଉଦ୍‌ଘାଟନୀ ଉତ୍ସବରେ ଯୋଗ ଦେଇ ଏଭଳି ମତବ୍ୟକ୍ତ କରିଛନ୍ତି। ସେ ଆହୁରି କହିଛନ୍ତି, ୨୦୨୪ରେ ଇଭି କାର୍ ବିକ୍ରି ୩୦ରୁ ୪୦% ବୃଦ୍ଧି ଘଟିବା ସମ୍ଭାବନା ଥିବାବେଳେ ୮ ଲକ୍ଷରୁ ୩୦ ଲକ୍ଷର ଇଭି କାର୍ ର ବିକ୍ରି ଚାହିଦା ବଢ଼ିବ ବୋଲି ସେ ଆଶାବ୍ୟକ୍ତ କରିଛନ୍ତି। ଅପରପକ୍ଷରେ ୨୦୨୩ରେ ଇଭି କାର୍ ୯୦,୦୦୦ରୁ ୯୫,୦୦୦ ୟୁନିଟ୍ ବିକ୍ରି ହୋଇଥିଲାବେଳେ ୨୦୨୪ରେ ଏହି ସଂଖ୍ୟା ଆହୁରି ବୃଦ୍ଧି ହେବ ବୋଲି ସେ ବିସ୍ତୃତ ଭାବେ ମତପ୍ରକାଶ କରିଛନ୍ତି। ସେହିଭଳି ଦେଶର ଯାତ୍ରୀବାହୀ ( ପାସେଞ୍ଜର ଭେଇକିଲ/ ପିଭି) କାର୍ ବିକ୍ରି ପରିମାଣ ୭ରୁ ୮% ବଢ଼ିବ ବୋଲି ସେ ଆକଳନ କରିଛନ୍ତି। ଏପରିକି ୨୦୨୩ରେ ମୋଟ ଘରୋଇ ଯାତ୍ରୀବାହୀ କାର୍ ୪.୧ମିଲିୟନ ବିକ୍ରି ହୋଇଥିଲା।





# ଶେୟାର ବଜାରରେ ଉତ୍ସାହ

ଭୁବନେଶ୍ୱର,୨୧।୧୨

ଦିନକ ପରେ ପୁଣି ଥରେ ଘରୋଇ ଶେୟାର ବଜାର କାରବାରରେ ପରିବର୍ତ୍ତନ ଘଟିଛି। ଗୁରୁବାରର ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ବୃଦ୍ଧି କରିଛନ୍ତି। ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ)ର ସେନ୍‌ସେକ୍ସ ୩୫୮.୭୯ ପଏଣ୍ଟ ବଢ଼ି ୭୦,୮୬୫.୧୦ ଅଙ୍କରେ କାରବାର ବନ୍ଦ କରିଥିଲା। ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ)ର ନିଫ୍ଟି-୫୦ରେ ମଧ୍ୟ୧୦୪.୯୦ ପଏଣ୍ଟ ବୃଦ୍ଧି ଘଟି ୨୧,୨୫୫.୦୫ ଅଙ୍କରେ କାରବାର ବନ୍ଦ କରିଥିଲା। ବିଏସ୍‌ଇ ସେନ୍‌ସେକ୍ସର ମିଡ୍‌କ୍ୟାପ୍ ଓ ସ୍ମଲକ୍ୟାପ୍ ଶେୟାରଗୁଡିକର ଇଣ୍ଡେକ୍ସ ସହିତ ଏନ୍‌ଏସ୍‌ଇ ନିଫ୍ଟି ମିଡକ୍ୟାପ, ସ୍ମଲ କ୍ୟାପ ଏବଂ ବ୍ୟାଙ୍କ ଶେୟାରଗୁଡିକର କାରବାରରେ ମଧ୍ୟ ପରିବର୍ତ୍ତନ ଘଟିଛି।

# ଆଇଆଇପିଏଲ୍ ସହ ଏୟାରଟେଲର ବୁଝାମଣା

ଭୁବନେଶ୍ୱର,୨୧।୧୨

ଦେଶର ପ୍ରମୁଖ ଘରୋଇ ଟେଲିକମ୍ ସେବା ପ୍ରଦାନକାରୀ ସଂସ୍ଥା (କମ୍ପାନୀ) ଭାରତୀ ଏୟାରଟେଲ (ଏୟାରଟେଲ) ଏବଂ ଇଣ୍ଟେଲିସ୍ମାର୍ଟ ଇନ୍‌ଫ୍ରାଷ୍ଟ୍ରକ୍ଟର ପ୍ରାଇଭେଟ୍ ଲିମିଟେଡ୍ (ଆଇଆଇପିଏଲ୍) ମଧ୍ୟରେ ଏକ ଦ୍ୱିପାକ୍ଷିକ ବୁଝାମଣା ନିକଟରେ ହୋଇଯାଇଛି। ବିଶେଷକରି ଉକ୍ତ ବୁଝାମଣା ଅନୁଯାୟୀ ଉଭୟ କମ୍ପାନୀର ମିଳିତ ଭାଗୀଦାରିତାରେ ୨୦ମିଲିୟନ ପର୍ଯ୍ୟନ୍ତ ସ୍ମାର୍ଟମିଟରକୁ ଶକ୍ତିଶାଳୀ ସାମର୍ଥପୂର୍ଣ୍ଣ କରିବା ଭଳି ଏକ ବିଶେଷ ଉଦ୍ଦେଶ୍ୟର ଉକ୍ତ ବୁଝାମଣା ସମ୍ପର୍କରେ ଘୋଷଣା କରାଯାଇଛି। ଏ ସମ୍ପର୍କରେ ଏୟାରଟେଲ ବ୍ୟବସାୟ (ଭାରତ)ର ସିଇଓ ଗଣେଶ ଲକ୍ଷ୍ମୀନାରାୟଣନ କହିଛନ୍ତି, ଆମେମାନେ ପୁନର୍ବାର ଆମର ବ୍ୟବସାୟିକ ନେତୃତ୍ୱକୁ ଦେଶରେ ଏକ ବୃହତ୍ ଆଇଓଟି ସକ୍ଷମକାରୀ ଭାବେ ଶକ୍ତିଶାଳୀ କରିପାରିଛୁ। ଏପରିକି ଆଇଓଟି ଏୟାରଟେଲର ଏକ ବୃଦ୍ଧିକାରୀ ବ୍ୟବସାୟ କ୍ଷେତ୍ର ହୋଇଥିବାବେଳେ ଏହା ଦ୍ୱାରା ଆମେ ଅତ୍ୟନ୍ତ କୌଶଳର ସହ ଭାରତ ସରକାରଙ୍କର କଳ୍ପନା ପ୍ରସ୍ତୁତ ୨୫୦ ମିଲିୟନ ରହିଥିବା ବିଦ୍ୟୁତ୍ ମିଟରକୁ ସ୍ମାର୍ଟମିଟରରେ ପରିଣତ କରିବାର ପ୍ରମୁଖ ଗୁରୁଦାୟିତ୍ୱ ପୂରା କରିବାକୁ ଯାଉଛୁ।


CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 3,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

SC/ST ଛାତ୍ରୀ ମାନଙ୍କ ପାଇଁ
Course Fee ସଂପୂର୍ଣ୍ଣ ମାଗଣା
ନାମଲେଖା ଚାଲୁଅଛି !
ଶିକ୍ଷାବର୍ଷ: ୨୦୨୩-୨୪
SAI STITI INSTITUTE OF MEDICAL SCIENCE
Recognised by Govt. of Odisha, H & FW Dept. and Odisha Nursing Council, India Nursing Council, New Delhi
ANM
Duration 2 yrs, Qualification +2 (Any Stream)
Practical at
DHH KHORDHA and CAPITAL HOSPITAL
Hanspal Bhubaneswar
Mob.: 8249091700, 8455975825, 9692613134

**ପାଠକଙ୍କ ପାଇଁ ସୂଚନା:** କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ପ୍ରଥମ ଜନ୍ମବାର୍ଷିକ ଶୁଭେଚ୍ଛା



ତନିଷା ସୁନା

ଗାଁ- ଅର୍ଡା, ଦେଓଗାଁ ବ୍ଲକ୍, ବଲାଙ୍ଗୀର
ବାପା- ବିନୋଦ ସୁନା, ମାଆ- ସୁରେନ୍ଦ୍ରୀ ସୁନା
ଈଶ୍ୱର ତୋର ଚଲାପଥ କୁସୁମିତ, ମଙ୍ଗଳମୟ କରନ୍ତୁ। ପ୍ରଥମ ଜନ୍ମବାର୍ଷିକ ଅବସରରେ ଆମେ ଜଗତର ନାଥ ଜଗନ୍ନାଥ, ମାଁ ସମଲେଶ୍ୱରୀ, ମାଁ ପାଟଖଣ୍ଡାଙ୍କ ନିକଟରେ ପ୍ରାର୍ଥନା କରୁଛୁ।
ତୋର କାକା- ଜ୍ୟୋତି ସୁନା, କାକୀ- ରଶ୍ମିତା ସୁନା, ଜେଜେବାପା- ରାମେଶ୍ୱର ସୁନା, ଜେଜେମା- ଗୌରୀ ସୁନା ତଥା ସୁନା ପରିବାରବର୍ଗ।


# କିଆ ଇଣ୍ଡିଆର ଆକର୍ଷଣୀୟ ଅଫର

## କିଆ ସୋନେଟ୍ ଏବଂ କରେନ୍ସ ଗ୍ରାହକଙ୍କୁ ସ୍ୱତନ୍ତ୍ର ରିହାତି

ଭୁବନେଶ୍ୱର,୨୧।୧୨

ପ୍ରତି ମାସ ଭଳି ଚଳିତ ମାସ ମଧ୍ୟ କିଆ ଇଣ୍ଡିଆ ପକ୍ଷରୁ ଆକର୍ଷଣୀୟ ଗ୍ରାହକ ସୁବିଧା ଓ ସ୍ୱତନ୍ତ୍ର ଅଫର କିଆର ସ୍ୱୀକୃତିପ୍ରାପ୍ତ ଡିଲର ପଏଣ୍ଟଗୁଡିକ ଜରିଆରେ ଗ୍ରାହକଙ୍କୁ ଯୋଗାଇ ଦିଆଯାଉଛି। ଏହି ପରିପ୍ରେକ୍ଷୀରେ କିଆ ଇଣ୍ଡିଆର ସ୍ୱୀକୃତିପ୍ରାପ୍ତ ଓଡ଼ିଶା ପ୍ରଦେଶର ସମସ୍ତ କିଆ ଡିଲରଗୁଡିକ ପକ୍ଷରୁ ଆକର୍ଷଣୀୟ ଅଫର ପ୍ରଦାନ କରାଯାଉଛି। ଏପରିକି କିଆର ସୋନେଟ ଏବଂ କରେନ୍ସ ଗ୍ରାହକଙ୍କୁ ସ୍ୱତନ୍ତ୍ର ରିହାତି ଯୋଗାଇ ଦିଆଯାଉଛି। ବିଶେଷକରି କିଆ ସୋନେଟ ଗ୍ରାହକଙ୍କୁ ପ୍ରାୟ ୮୬,୦୦୦ ଟଙ୍କାର ସୁବିଧା ରିହାତି ଆକାରର ପ୍ରଦାନ କରାଯାଉଥିବାବେଳେ କିଆ କରେନ୍ସ ଗ୍ରାହକଙ୍କୁ ୭୦,୦୦୦ ପର୍ଯ୍ୟନ୍ତ ରିହାତି ଦିଆଯାଉଥିବା କିଆ ଇଣ୍ଡିଆ ପକ୍ଷରୁ ବିସ୍ତୃତ ଭାବେ ଉଲ୍ଲେଖ କରାଯାଇଛି। ଉଲ୍ଲେଖଯୋଗ୍ୟ, କିଆ ସୋନେଟ ଗ୍ରାହକଙ୍କୁ ପ୍ରାୟ ୩୮,୪୦୦ ଟଙ୍କାର ଏସ୍‌ସିବି ପ୍ରଦାନ କରାଯାଉଥିବାବେଳେ ଇଡବ୍ଲ୍ୟୁ ବାବଦ (୫ ବର୍ଷ)କୁ ପ୍ରାୟ ୨୦,୧୦୦ଟଙ୍କା, ଏଫ୍‌ଏମ୍ ବାବଦ (୩ବର୍ଷ)କୁ ପ୍ରାୟ ୯,୭୦୦ ଟଙ୍କା,ଏବି ବାବଦକୁ ପ୍ରାୟ ୧୮,୨୦୦ଟଙ୍କା ସମେତ ଜେଡ୍‌ଡିପି ଓ ସିଆଇଆର ବାବଦକୁ ୮.୬୫% ସୁବିଧା ମିଳୁଛି। ସେହିଭଳି କିଆ କରେନ୍ସ ଗ୍ରାହକଙ୍କୁ ପ୍ରାୟ ୫୦,୧୦୦ ଟଙ୍କାର ଏସ୍‌ସିବି ପ୍ରଦାନ କରାଯାଉଥିବାବେଳେ ଏସ୍‌ଏଫ୍‌ପି ବାବଦକୁ ପ୍ରାୟ ୯,୬୦୦ଟଙ୍କା, ଏବି ବାବଦକୁ ପ୍ରାୟ ୧୯,୬୦୦ ଟଙ୍କା ସମେତ ଜେଡ୍‌ଡିପି ଓ ସିଆଇଆର ବାବଦକୁ ୮.୬୫% ସୁବିଧା ପ୍ରଦାନ କରାଯାଉଛି।

Movement that inspires

# ଅନନ୍ତ କୋଇଲା ଖଣିକୁ ୫-ଷ୍ଟାର୍ ରେଟିଂ





ତାଳଚେର,୨୧।୧୨ (ମନୋଜ ନନ୍ଦ)

ଅନୁଗୋଳ ଜିଲା ତାଳଚେରସ୍ଥିତ ମହାନଦୀ କୋଲ୍ ଫିଲ୍ଡସ୍ ଲିମିଟେଡ (ଏମ୍‌ସିଏଲ୍)ର ଅନନ୍ତ ଓପନ କାଷ୍ଟ ପ୍ରୋଜେକ୍ଟ (ଓସିପି) କୋଇଲା ଖଣି ୨୦୨୧-୨୨ ବର୍ଷରେ ଏହାର ସମସ୍ତ କ୍ଷେତ୍ରରେ ଉଲ୍ଲେଖନୀୟ ପ୍ରଦର୍ଶନ ପାଇଁ ଏକ ସ୍ୱୀକୃତି ଭାବରେ ଭାରତ ସରକାରଙ୍କ ଠାରୁ ୫ ତାରକା ମାନ୍ୟତା ପୁରସ୍କାର ପାଇଛି। ବୁଧବାର ସନ୍ଧ୍ୟାରେ ଅନୁଷ୍ଠିତ ଷ୍ଟାର ରେଟିଂ ପୁରସ୍କାର ବିତରଣ ସମାରୋହରେ ଏମ୍‌ସିଏଲ୍ ପକ୍ଷରୁ ଏ. କେ. ବାପତ, ନିର୍ଦ୍ଦେଶକ (ବୈଷୟିକ / ପ୍ରକଳ୍ପ ଏବଂ ଯୋଜନା) ଉପସ୍ଥିତ ରହି କେନ୍ଦ୍ର କୋଇଲା, ଖଣି ଏବଂ ସଂସଦୀୟ ବ୍ୟାପାର ମନ୍ତ୍ରୀ ପ୍ରହ୍ଲାଦ ଯୋଶୀଙ୍କ ଠାରୁ ଏହି ପୁରସ୍କାର ଗ୍ରହଣ କରିଥିଲେ। ଏହି ଅବସରରେ କୋଇଲା ମନ୍ତ୍ରଣାଳୟର ସଚିବ ଅମୃତ ଲାଲ ମୀନା ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ପ୍ରତ୍ୟେକ ଖଣିର ସଫଳତାକୁ ସାମଗ୍ରିକ ଭାବେ ମୂଲ୍ୟାଙ୍କନ କରି ଷ୍ଟାର ରେଟିଂକୁ ଭାରତ ସରକାର ୧ ରୁ ୫ ପର୍ଯ୍ୟନ୍ତ ସ୍କେଲରେ ପୁରସ୍କୃତ କରିଥାନ୍ତି।


# Classified Everyday

0674-2580101, 2549949





**SALE**

ଜଟଣୀଗେଟ୍ NHରୁ ଅଳ୍ପ ଦୂରତାରେ sqft.-300/-, ଛତାବର-500/-, ନଖରା- SC/ General- sqft.- 300/-, 9348232008.
D-75279

2/3 BHK Apartments, Simplex, Duplex & Triplex with modern facilities like Swimming Pool, Club House, Landscape Garden etc. available for Sale at Haribhaina Chaka, Jatani Main Road. Contact: 7317316764.
D-1919

ସାଲେପୁର-ମାହାଙ୍ଗା ରୋଡ୍ ଓସ୍ତମୂଳ ଉମେଶ କଲେଜ ପାଖରେ 1742 sqft. 3,00,000/- ଘରବାରି - 9348232008.
D-75283

**Commercial plot, facing to NH Road Nakhara to Niali NH 10000sqft., 3sides road, residential cum commercial plot 3250sft., Residential plot in a Brahmin Complex 5700sft., Residential plot near Petal English Medium School 650/- sft. with boundarywall at Brahmanjharilo, Cuttack, 11 Km. to BBSR. Personal plots, No builders. 7809525452.**
D-75082

Your classified advertisement published in Dharitri will be listed free in Dharitri online edition:
**dharitriepaper.in**





Require accommodation for Rest House for RMS staff at Khurda Road. area required 45.8 sq.m. near to Railway Station, Jatani, Khurda Road. Interested may please contact : Superintendent, RMS V Division, Department of Posts, Visakhapatnam Ph. No. 0891-2536351.
D-2057





**Ashirvaad Salon and SPA get good massage for your health tha best therapy. 7077181074.**
D-75080

Asribada Panchakarma herbal SPA, Kesharimall, Bhubaneswar. Contact: 8926173473.
D-75081

Newly open Jyoti Spa positively health benefits (Expert Therapist). 8458067955.
D-75179

Newly open Spa positively health benefit with expert. Contact: 7749976301.
D-2073





୭୦,୦୦୦/- ନିବେଶକରି ୨୦,୦୦୦/- ରୋଜଗାର କରନ୍ତୁ। ଅଟୋ ବଲ୍‌ବ, ହାଲୋଜିନ୍ ବଲ୍‌ବ ପ୍ଲାଣ୍ଟ ବସାନ୍ତୁ। ଲେବର, ମାର୍କେଟିଂ ସୁବିଧା। ୧୦୦% ପ୍ରସ୍ତୁତ ସାମଗ୍ରୀର କିଣିବାର ଏଗ୍ରିମେଣ୍ଟ । ୦୧୧-୪୫୭୨୦୧୯୯, ୯୯୧୦୪୯୨୪୮୭ ।
ଧ-୨୦୬୫

**ଜନ୍ମଦିନର ଶୁଭେଚ୍ଛା**



**ସିଦ୍ଧାର୍ଥ (ଆଶୁ)**

Unit IX-Road -3, Bhubaneswar
ଆଜି ୨୨।୧୨।୨୩ ଶୁକ୍ରବାର ତୋର ଜନ୍ମଦିନରେ ମାଆ ମଙ୍ଗଳାଙ୍କ ଚରଣତଳେ ଆମର ଏତିକି ଗୁହାରି ମାଆ ତୋତେ ତା'ର ପଣତକାନି ତଳେ ଘଣ୍ଟ ଘୋଡ଼େଇ ରଖୁ, ନୀରୋଗ ରଖୁ, ଦୀର୍ଘାୟୁ କରୁ, ବିଦ୍ୟା ବୁଦ୍ଧି ଦେଉ, ଭଲ ମଣିଷଟିଏ କରୁ ଓ ତୋର ଚଲାପଥରେ ସର୍ବଦା ସାହା ଭରସା ହେଉ। ଶୁଭେଚ୍ଛା ଓ ଆଶୀର୍ବାଦ ସହ - ତୋର ହେ ଅଜା (ଧଡୁ), ଆଇ (ଅର୍ଚ୍ଚନା), ମାଆ (ରୀତା), ବାପା, ବାବାମାମା, ମାଉସୀ (କୁନି), ଗେହ୍ଲିଦିଦି (ଗୁଡଲୁ) ଓ ସାନଭଉଣୀ (ସାନୁ)।
ଧ-୨୦୫୬

**AFFIDAVIT**

By virtue of an affidavit sworn before the Notary Public, Kharsia Chhattisgarh, I, Dharam Dutt Agrawal, S/o. Late Ram Karan Agrawal, R/o. Dharam Kuti, Behind Gunj, Kharsia, Dist. Raigarh, Chhattisgarh declare that my name has been mentioned as Dharmdutt Agrawal in the educational certificate of my daughter Amita Agrawal @Jhajharia. That both the names Dharam Dutt Agrawal and Dharmdutt Agrawal belongs to one and the same person.
D-2071

I, Smt. Rajashree Sahoo, D/o- Somanath Sahoo and Nirmala Sahoo resident of Gouda Sahi, Odia Bazar, P.O.- Buxi Bazar, P.S.- Dargha Bazar, Dist.-Cuttack shall be known as Ayesha Ahmed after entering into marriage under Section -5 of the Special Marriage Act, 1954 with Md . Aaves Ahmed, S/o- Md. Shamim Ahmed and Shabina Parveen of Salipur, Dist.- Cuttack. I have sworn this Affidavit before D.C. Sahoo, Notary, Cuttack Town, Govt. of Odisha hence forward I shall be known as AYESHA AHMED in future for all purposes.
D-2075

**LOST**

ମୁଁ ଜଟାଧାରୀ ବେହେରା, ସା.- କଣ୍ଟାପଡ଼ା, ପୋ.- ବନ୍ତଳିଗ୍ରାମ, ଥାନା- ଗୋପ, ଜିଲ୍ଲା- ପୁରୀ ଜଣାଉଅଛି ତା୨୩।୧୧।୨୦୨୩ରିଖରେ ଏକ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ କାମରେ ଯାଉଥିବାବେଳେ ମୋର ଅରିଜିନାଲ ଜମି ପଟ୍ଟା (କବଲା) ବିୟରିଂ ନମ୍ବର- ୧୯୦, ତା୨୭।୨।୨୦୦୮ଟି କେଉଁଠି ପଡ଼ିଗଲା। ବହୁତ ଖୋଜାଖୋଜି ପରେ ମିଳିନାହିଁ। ଏପରି ସ୍ଥଳେ ଏ ସମ୍ପର୍କରେ ଗୋପ ଥାନା ଓ ଗୋପ ତହସିଲ ଅଫିସରେ ଏକ ସତ୍ୟପାଠ କରିଛି। ଏପରି ଏକ ଗୁରୁତ୍ୱପୂର୍ଣ୍ଣ କବଲା ପାଇବା ପାଇଁ ମତେ ସମସ୍ତ ଆବେଦନକୁ ଗ୍ରହଣ କରିବାକୁ ଅନୁରୋଧ କରିବା ସହ ସମସ୍ତ ଆବଶ୍ୟକତା କାର୍ଯ୍ୟରେ ମଧ୍ୟ ସହଯୋଗ କରିବାକୁ ନିବେଦନ କରୁଛି।
ଧ-୨୦୭୨

ପାଠକଙ୍କ ପାଇଁ ସୂଚନା- କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


# ଟାଟା ପାୱାର ପକ୍ଷରୁ ସମ୍ବର୍ଦ୍ଧନା ସଭା



ଭୁବନେଶ୍ୱର ,୨୧।୧୨

ଟାଟା ପାୱାର ଓ ଓଡ଼ିଶା ସରକାରଙ୍କ ଏକ ଯୌଥ ଉଦ୍ୟୋଗ ଟାଟା ପାୱାର ନେତୃତ୍ୱାଧୀନ ଡିସ୍‌କମ୍‌ଗୁଡ଼ିକ ପକ୍ଷରୁ 'ଓଃ ମାଇଁ ବିଉଟିଫୁଲ୍ ଓଡ଼ିଶା' ଫଟୋଗ୍ରାଫି ପ୍ରତିଯୋଗିତାର ବିଜେତାମାନଙ୍କୁ ସମ୍ମାନିତ କରିବା ଲାଗି ଏକ ସମ୍ବର୍ଦ୍ଧନା ସଭାର ଆୟୋଜନ କରାଯାଇଥିଲା। ବିଶେଷକରି ଓଡ଼ିଶାର ସଂସ୍କୃତି, ପ୍ରକୃତି, ସ୍ଥାପତ୍ୟ, ଓ ଐତିହ୍ୟକୁ ନେଇ ଆୟୋଜିତ ଉକ୍ତ ପ୍ରତିଯୋଗିତାରେ ସାରା ଓଡ଼ିଶାରୁ ୭,୦୦୦ ରୁ ଅଧିକ ଫଟୋଗ୍ରାଫରଙ୍କ ଆବେଦନ ସହ ବିପୁଳ ସମର୍ଥନ ମିଳିଥିଲା। ଏପରିକି ଭୁବନେଶ୍ୱରଠାରେ ଆୟୋଜିତ ଏକ ସମ୍ମାନ ସମାରୋହ ଉତ୍ସବରେ ଶକ୍ତିମନ୍ତ୍ରୀ ପ୍ରତାପ କେଶରୀ ଦେବ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଟାଟା ପାୱାରର ଟ୍ରାନ୍ସମିଶନ ଆଣ୍ଡ ଡିଷ୍ଟ୍ରିବ୍ୟୁଶନ ସଭାପତି ସଞ୍ଜୟ ବାଙ୍ଗା, ଟିପିସିଓଡିଏଲ୍‌ର ସିଇଓ ଅରବିନ୍ଦ ସିଂହ, ଟିପିଡବ୍ଲ୍ୟୁଓଡିଏଲ୍‌ର ସିଇଓ ଗଜାନନ କାଲେ, ଟିପିଏନ୍‌ଓଡିଏଲ୍‌ର ସିଇଓ ଭାସ୍କର ସରକାର ଏବଂ ଟିପିଏସ୍‌ଓଡିଏଲ୍‌ର ସିଇଓ ଅମିତ ଗର୍ଗ ପ୍ରମୁଖ ଉପସ୍ଥିତ ଥିଲେ। ଉକ୍ତ ସମାବେଶ ବିଜେତାମାନଙ୍କୁ ସେମାନଙ୍କର ଉଲ୍ଲେଖନୀୟ କଳାତ୍ମକ ଅବଦାନ ପାଇଁ ପ୍ରଶଂସା କରିଥିବା ବେଳେ ଓଡ଼ିଶାର ସୌନ୍ଦର୍ଯ୍ୟ ଓ ଭାବକୁ ପ୍ରଭାବଶାଳୀ ଢଙ୍ଗରେ ଉପସ୍ଥାପନ କରିଥିଲା। ଉପରୋକ୍ତ ସଂଖ୍ୟକ ଆବେଦନଗୁଡ଼ିକ ଯତ୍ନର ସହ ମୂଲ୍ୟାୟନ ପରେ ଶ୍ରେଷ୍ଠ ୧୩ ବିଜେତାଙ୍କୁ ଚୟନ କରାଯାଇଥିଲା। ସେହିଭଳି ପ୍ରତିଭାସମ୍ପନ୍ନ ବ୍ୟକ୍ତିମାନଙ୍କୁ ଟିପି ଓଡ଼ିଶା-୨୦୨୪ କ୍ୟାଲେଣ୍ଡରରେ ସ୍ଥାନ ପାଇବାର ସୁଯୋଗ ସହିତ ପୂର୍ବରୁ ଦର୍ଶାଯାଇଥିବା ସର୍ତ୍ତାବଳୀ ଅନୁଯାୟୀ ନଗଦ ୧୫ ହଜାର ଟଙ୍କା ଲେଖାଏ ପୁରସ୍କାର ଓ ସାର୍ଟିଫିକେଟ୍ ପ୍ରଦାନ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ଓଡ଼ିଶା ସରକାରଙ୍କ ଶିଳ୍ପ, ଏମ୍‌ଏସ୍‌ଏମ୍‌ଇ ଓ ଶକ୍ତିମନ୍ତ୍ରୀ ପ୍ରତାପ କେଶରୀ ଦେବ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଛନ୍ତି, ଟାଟା ପାୱାର ସାରା ରାଜ୍ୟରେ ଅଗଣିତ ଜୀବନକୁ ଆଲୋକିତ କରୁଛି ଏବଂ ରାଜ୍ୟରେ ବିଦ୍ୟୁତ୍ ଭିତ୍ତିଭୂମିର ଉନ୍ନତି ଦିଗରେ ନିରନ୍ତର କାର୍ଯ୍ୟ କରୁଛି। ସେହିଭଳି ଟାଟା ପାୱାରର ଟି ଆଣ୍ଡ ଡି ସଭାପତି ସଞ୍ଜୟ ବାଙ୍ଗା କହିଛନ୍ତି, ଟାଟା ପାୱାର ଓଡ଼ିଶା ଡିସ୍‌କମ୍‌ଗୁଡ଼ିକ ବିଦ୍ୟୁତ ବଣ୍ଟନ ସେବା ଏବଂ ପଦକ୍ଷେପ ମାଧ୍ୟମରେ ଓଡ଼ିଶାର ଅଭିବୃଦ୍ଧି ଓ ବିକାଶ ଦିଗରେ କାର୍ଯ୍ୟ କରିବାକୁ ପ୍ରତିଶ୍ରୁତିବଦ୍ଧ ରହିଛି। ଏପରିକି ଆଗାମୀ ଦିନରେ ଓଡ଼ିଶା ନୂଆ ଶିଖର ଛୁଇଁବ ଏବଂ ଅନ୍ୟ ରାଜ୍ୟମାନଙ୍କ ପାଇଁ ଏହାକୁ ଅନୁସରଣ କରିବାର ଏକ ମଡେଲ ପାଲଟିବ। ସାରା ରାଜ୍ୟର ଫଟୋଗ୍ରାଫିପ୍ରେମୀଙ୍କଠାରୁ ଏଭଳି ଉତ୍ସାହଜନକ ପ୍ରତିକ୍ରିୟା ପାଇ ଆମେ ବେଶ୍ ଆନନ୍ଦିତ। କେବଳ କଳା ପ୍ରତିଭାକୁ ସ୍ୱୀକୃତି ଦେବା ନୁହେଁ, ବରଂ ଓଡ଼ିଶାର ସଂସ୍କୃତି ଓ ପର୍ଯ୍ୟଟନର ପ୍ରଚାର ପ୍ରସାରରେ ଯୋଗଦାନ ଦେଉଥିବା ଏକ ପଦକ୍ଷେପର ଅଂଶ ହୋଇ ଆମେ ଗର୍ବିତ। ମୁଁ 'ଓଃ ମାଇଁ ବିଉଟିଫୁଲ୍ ଓଡ଼ିଶା ଫଟୋଗ୍ରାଫି' ପ୍ରତିଯୋଗିତାର ସମସ୍ତ ବିଜେତାଙ୍କୁ ଅଭିନନ୍ଦନ ଜଣାଉଛି।

# ଓଡ଼ିଶା ଷ୍ଟାର୍ଟଅପ୍ ଲିଡରଶିପ୍ କନ୍‌କ୍ଲେଭ

ଭୁବନେଶ୍ୱର,୨୧।୧୨

ଷ୍ଟାର୍ଟଅପ୍ ଓଡ଼ିଶା ଏବଂ ଦି ଇକୋନୋମିକ୍ ଟାଇମ୍ସ (ଗର୍ଭମେଣ୍ଟସ)ର ମିଳିତ ସହଯୋଗରେ ଗୁରୁବାର ଭୁବନେଶ୍ୱରର ଓ-ହବ୍‌ଠାରେ ଓଡ଼ିଶା ଷ୍ଟାର୍ଟଅପ୍ ଲିଡରଶିପ୍ କନ୍‌କ୍ଲେଭ-୨୦୨୩ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମୁଖ୍ୟ ଅତିଥି ଭାବେ ଭିସି ଜରିଆରେ ଯୋଗ ଦେଇଥିବାବେଳେ ଶିଳ୍ପମନ୍ତ୍ରୀ ପ୍ରତାପ କେଶରୀ ଦେବ, ଷ୍ଟାର୍ଟଅପ୍ ଓଡ଼ିଶାର କାର୍ଯ୍ୟନିର୍ବାହୀ ଚେୟାରମ୍ୟାନ ଡ. ଓମ୍‌କାର ରାୟ, ଶିଳ୍ପ ସଚିବ ଶାଶ୍ୱତ ମିଶ୍ର ଏବଂ ଆଇଟି ସଚିବ ଚିତ୍ରା ଅରୁମୁଗମ୍ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ।

ବିଶେଷକରି ଓଡ଼ିଶାର ବର୍ଦ୍ଧ୍ୟବସ୍ତୁ ଷ୍ଟାର୍ଟଅପ୍ ଇକୋସିଷ୍ଟମ ଆବଶ୍ୟକ ସାମର୍ଥ୍ୟ ଉପରେ ଅର୍ଥପୂର୍ଣ୍ଣ ଆଲୋଚନା ପାଇଁ ଏହି କନ୍‌କ୍ଲେଭ ଏକ ଏକୀକୃତ ପ୍ଲାଟ୍‌ଫର୍ମ ଭାବେ କାର୍ଯ୍ୟ କରିଥିଲା। ଉକ୍ତ କନ୍‌କ୍ଲେଭରେ ଷ୍ଟାର୍ଟଅପ୍ ଲିଡର , ପ୍ରତିଷ୍ଠାତା, ଉଦ୍ୟୋଗ ପୁଞ୍ଜିପତି, ଟେକ୍ନୋଲୋଜି ନିବେଶକ ଏବଂ ବିଶେଷଜ୍ଞଙ୍କ ସମେତ ୩୫୦ଉଲ୍ଲେଖନୀୟ ପ୍ରତିନିଧି ଅଂଶଗ୍ରହଣ କରିଥିଲେ।

ଏହି ପରିପ୍ରେକ୍ଷୀରେ ମୁଖ୍ୟମନ୍ତ୍ରୀ ପଟ୍ଟନାୟକ କହିଛନ୍ତି, ଆମ ରାଜ୍ୟ ନବସୃଜନକୁ ଗ୍ରହଣ କରିବାକୁ ତଥା ସମର୍ଥନ କରିବାକୁ ପ୍ରସ୍ତୁତ ଏବଂ ଆମେ ବିଶ୍ୱାସ କରୁ ଯେ ମିଳିତ ଭାବେ ଆମେ ଏକ ଜୀବନ୍ତ ଷ୍ଟାର୍ଟଅପ୍ ଇକୋସିଷ୍ଟମର ଅଭିବୃଦ୍ଧିକୁ ଅନୁକରଣ କରିପାରିବା। ସେହିଭଳି ମନ୍ତ୍ରୀ ଦେବ କହିଛନ୍ତି, ୧୮୦୦ ରୁ ଅଧିକ ଷ୍ଟାର୍ଟଅପ୍ ଗଠିତ ଓଡ଼ିଶାର ଏକ ସମୃଦ୍ଧ ତଥା ଦୃଢ଼ ଇକୋସିଷ୍ଟମ୍ ରହିଛି, ସେଥିମଧ୍ୟରୁ ୭୦୦ରୁ ଅଧିକ ଲୋକ ନେତୃତ୍ୱ ନେଉଛନ୍ତି। ମହିଳାମାନଙ୍କ ଦ୍ୱାରା ଏହି ଇକୋସିଷ୍ଟମ୍ ୨୭ ଇନ୍‌କ୍ୟୁବେଟର ଏବଂ ୧୫ ନୋଡାଲ୍ ଏଜେନ୍ସି ଦ୍ୱାରା ସକ୍ଷମ ହୋଇଛି। ସେହିପରି ଷ୍ଟାର୍ଟଅପ୍ ଓଡ଼ିଶାର କାର୍ଯ୍ୟନିର୍ବାହୀ ଚେୟାରମ୍ୟାନ୍ ଡ. ଓମ୍‌କାର ରାୟ କହିଛନ୍ତି, ଷ୍ଟାର୍ଟଅପ୍‌ମାନଙ୍କୁ ଏକ ପ୍ଲାଟ୍‌ଫର୍ମ ଯୋଗାଇବ ସହିତ ସେମାନଙ୍କର ଧାରଣାକୁ ସମୃଦ୍ଧ ବ୍ୟବସାୟରେ ପରିଣତ କରିବା ପାଇଁ ଅତ୍ୟାବଶ୍ୟକ ଉପକରଣ ସହିତ ସଜାଇବା, ଯାହାଦ୍ୱାରା ଓଡ଼ିଶାର ସାମାଜିକ-ଅର୍ଥନୈତିକ ବିକାଶ ହୋଇପାରିବ। ଏପରିକି ୨୦୨୫ ସୁଦ୍ଧା ୫୦୦୦ ଷ୍ଟାର୍ଟଅପ୍ ପ୍ରତିପୋଷଣ କରିବାର ଏକ ଦୃଢ଼ ଲକ୍ଷ୍ୟ ସହିତ ଭାରତର ପ୍ରିମିୟର ଷ୍ଟାର୍ଟଅପ୍ ହବ୍ ଭାବେ ଆରୋହଣ କରିବାକୁ ଲକ୍ଷ୍ୟ ରଖିଛି।

# ଚର୍ଚ୍ଚାରେ ରାଜାଘର ରାଜନୀତି

ବଲାଙ୍ଗୀର, ୨୧।୧୨
(ବୀରେନ୍ଦ୍ର କୁମାର ଝାଙ୍କର)

## ବଲାଙ୍ଗୀର

ଓଡ଼ିଶା ରାଜନୀତିରେ ଯେଉଁ କେତୋଟି ଚର୍ଚ୍ଚିତ ରାଜନୈତିକ ପରିବାର ରହିଛନ୍ତି, ସେଥିମଧ୍ୟରୁ ବଲାଙ୍ଗୀର ରାଜପରିବାର ବା ସିଂଦେଓ ପରିବାର ଅନ୍ୟତମ। ସ୍ୱାଧୀନତା ପରଠାରୁ ଦୀର୍ଘ ୭୬ ବର୍ଷର ରାଜନୀତିକୁ ବିଶ୍ଳେଷଣ କଲେ ବଲାଙ୍ଗୀର ରାଜପରିବାରର ଏକାଧିକ ସଦସ୍ୟ ଓଡ଼ିଶା ବିଧାନସଭା ଏବଂ ସଂସଦକୁ ନିର୍ବାଚିତ କିମ୍ବା ମନୋନୀତ ହୋଇଯାଇଛନ୍ତି। ତତ୍କାଳୀନ ପାଟଣା ଷ୍ଟେଟ୍‌ର ଶେଷ ରାଜା ରାଜେନ୍ଦ୍ର ନାରାୟଣ ସିଂଦେଓଙ୍କଠାରୁ ଏଇ ରାଜନୀତିକ ଯାତ୍ରା ଆରମ୍ଭ ହୋଇଥିଲା। ୧୯୬୭ରେ ରାଜେନ୍ଦ୍ର ନାରାୟଣ ସିଂଦେଓ ରାଜ୍ୟର ମୁଖ୍ୟମନ୍ତ୍ରୀ ଦାୟିତ୍ୱ ତୁଲାଇଥିଲେ। ୧୯୫୧ରୁ ଆରମ୍ଭ ଏଇ ରାଜନୈତିକ ଯାତ୍ରା ଏବେବି ଜାରି ରହିଛି। ସ୍ୱର୍ଗତ ରାଜେନ୍ଦ୍ର ନାରାୟଣ ସିଂଦେଓଙ୍କ ଜ୍ୟେଷ୍ଠପୁତ୍ର ପୂର୍ବତନ ଏମ୍‌ପି ସ୍ୱର୍ଗତ ରାଜରାଜ ସିଂଦେଓ ଏବଂ ସାନପୁଅ ପୂର୍ବତନ ମନ୍ତ୍ରୀ ଅନଙ୍ଗ ଉଦୟ ସିଂଦେଓ ନିର୍ବାଚନ ରାଜନୀତିରେ ସକ୍ରିୟ ରହିଥିଲେ। ଏବେ ସ୍ୱର୍ଗତ ରାଜରାଜଙ୍କ ପୁଅ କନକବର୍ଦ୍ଧନ ଓ ବୋହୂ ସଙ୍ଗୀତା ଦେବୀ, ଅନଙ୍ଗଙ୍କ ଦୁଇପୁଅ ପୂର୍ବତନ ଏମ୍‌ପି ତଥା ବର୍ତ୍ତମାନର ରାଜ୍ୟ ହାଉସିଂ ବୋର୍ଡ ଅଧ୍ୟକ୍ଷ କଳିକେଶ ନାରାୟଣ ସିଂଦେଓ ଓ ଅର୍କେଶ ନାରାୟଣ ସିଂଦେଓ ରାଜନୀତି ମଇଦାନରେ ସକ୍ରିୟ ରହିଛନ୍ତି। ବର୍ତ୍ତମାନର ରାଜନୀତିକୁ ଦେଖିଲେ, ୨୦୨୪ ନିର୍ବାଚନ ରାଜପରିବାର ପାଇଁ ଗୁରୁତ୍ୱପୂର୍ଣ୍ଣ ହେବ ବୋଲି ଦଳୀୟ ଓ ବିଶେଷଜ୍ଞ ମହଲରେ ଚର୍ଚ୍ଚା ହେଉଛି।

୨୦୧୯ ନିର୍ବାଚନରେ ରାଜପରିବାରର ୪ ଜଣ ସଦସ୍ୟ ଲଢ଼ିଥିଲେ। ବଲାଙ୍ଗୀର ଲୋକ ସଭା ଆସନରୁ ଭାଜପା ପ୍ରାର୍ଥୀ ସଙ୍ଗୀତା କୁମାରୀ ସିଂଦେଓ ଓ ବିଜେଡିରୁ କଳିକେଶ ନାରାୟଣ ସିଂଦେଓ ପ୍ରାର୍ଥୀ ହୋଇଥିଲେ। ଭାଉଜ-ଦିଅର ମୁହାଁମୁହିଁରେ ସଙ୍ଗୀତା ଜିତିଲେ। ପାଟଣାଗଡ଼ ବିଧାନସଭା ଆସନରେ ଦୀର୍ଘବର୍ଷ କ୍ଷମତା ଦଖଲ କରିଥିବା ଭାଜପା ପ୍ରାର୍ଥୀ ପୂର୍ବତନ ମନ୍ତ୍ରୀ କନକବର୍ଦ୍ଧନ ହାରିଯାଇଥିଲେ। ସେହି ଆସନରେ ବିଜେଡି ପ୍ରାର୍ଥୀ ସରୋଜ ମେହେର ବାଜି ମାରିଥିଲେ। ବଲାଙ୍ଗୀର ବିଧାନସଭା ଆସନରେ ପୂର୍ବତନ ମନ୍ତ୍ରୀ ଅନଙ୍ଗ ଉଦୟ ସିଂଦେଓଙ୍କ ସାନପୁଅ ବିଜେଡି ବିଧାୟକ ପ୍ରାର୍ଥୀ ଅର୍କେଶ ନାରାୟଣ ସିଂଦେଓ କଂଗ୍ରେସ ପ୍ରାର୍ଥୀ ନରସିଂହ ମିଶ୍ରଙ୍କଠାରୁ ହାରିଯାଇଥିଲେ। ୨୦୧୯ ନିର୍ବାଚନରେ ରାଜପରିବାରର ୪ ସଦସ୍ୟଙ୍କ ମଧ୍ୟରୁ ସଙ୍ଗୀତା ଜିତିଲେ। ଅର୍ଥାତ୍ ଅନ୍ୟ ୩ ଜଣ କନକ, କଳିକେଶ ଓ ଅର୍କେଶ ହାରିଗଲେ। ସେତେବେଳେ ରାଜପରିବାର ଯୁଗ ସରିଆସିଲାଣି ବୋଲି ବଲାଙ୍ଗୀରରେ ଢେର ଚର୍ଚ୍ଚା ହୋଇଥିଲା। ଗୋଟିଏ ପରିବାରର ଏକାଧିକ ସଦସ୍ୟ ରାଜନୀତିରେ ସକ୍ରିୟ ରହୁଥିବାରୁ ଏବଂ କ୍ଷମତା ଦଖଲ କରିବାକୁ ପରସ୍ପର ଭିତରେ ପ୍ରତିଦ୍ୱନ୍ଦ୍ୱିତା ଓ ଆପ୍ରାଣ ଚେଷ୍ଟା କରୁଥିବାରୁ ଏଭଳି ସ୍ଥିତି ଉପୁଜିଲା ବୋଲି ଲୋକେ କୁହାକୁହି ହେଉଥିଲେ। ୨୦୨୪ ସାଧାରଣ ନିର୍ବାଚନ ପୂର୍ବରୁ ଏଇ ପରିବାରର ଏକାଧିକ ସଦସ୍ୟ ପୁଣି ଥରେ ନିର୍ବାଚନ ମଇଦାନକୁ ଓହ୍ଲାଇବାକୁ ସଜବାଜ। କନକ-ସଙ୍ଗୀତା, କଳିକେଶ-ଅର୍କେଶଙ୍କ ବ୍ୟତୀତ ଆଉ କିଏ ପ୍ରାର୍ଥୀ ହେବେ ସେନେଇ କିଛି ଜଣାପଡ଼ିନାହିଁ। କେନ୍ଦ୍ରରେ କ୍ଷମତାସୀନ ଭାଜପା ଓ ରାଜ୍ୟରେ ଦୀର୍ଘବର୍ଷ ବିଜେଡି ଶାସନରେ ରାଜପରିବାର ସଦସ୍ୟ ରହିଥିଲେ ମଧ୍ୟ ଆଗାମୀ ନିର୍ବାଚନ ଏମାନଙ୍କ ପାଇଁ କାଠିକର ହୋଇପାରେ। ୨୦୧୪ ବିଧାନସଭା ନିର୍ବାଚନ ହାରି ପ୍ରତ୍ୟକ୍ଷ ରାଜନୀତିରୁ ଦୂରେଇ ରହିଥିବା ହେଭିୱେଟ୍ ନେତା ଅନଙ୍ଗ ଆପ୍ରାଣ ଉଦ୍ୟମ କରିବା ସତ୍ତ୍ୱେ ଦୁଇପୁଅ କଳିକେଶ ଓ ଅର୍କେଶଙ୍କୁ ୨୦୧୯ରେ ଜିତାଇପାରିଲେ ନାହିଁ। ଏଭଳି ସ୍ଥଳେ ଯୁବନେତା ଅର୍କେଶ ନାରାୟଣ ଓ ତାଙ୍କ ସ୍ତ୍ରୀ ଅଦ୍ରିଜା ମଞ୍ଜରୀଙ୍କ ପାରିବାରିକ ବିବାଦ ଅନଙ୍ଗଙ୍କ ପାଇଁ ମୁଣ୍ଡବ୍ୟଥାର କାରଣ ପାଲଟିଛି। ଏହି ମାମଲା ବିଚାରାଧୀନ ଅଛି। ଏସବୁ ବିଷୟକୁ ନେଇ ଦଳୀୟ କର୍ମୀ ହତାଶ ଥିବା ଆଲୋଚନା ହେଉଛି। ଏହା ମଧ୍ୟ ଚର୍ଚ୍ଚା ହେଲାଣି, ଦୁଇଭାଇ କଳିକେଶ ଓ ଅର୍କେଶଙ୍କୁ ବିଜେଡିରୁ ପୁଣି ଆଗାମୀ ନିର୍ବାଚନ ପାଇଁ ଦଳୀୟ ଟିକେଟ ମିଳିବ କି ନାହିଁ। ଭାଇଦ୍ୱୟ ଟିକେଟ ନ ପାଇଲେ ବଲାଙ୍ଗୀରରେ ନିର୍ବାଚନୀ ସମୀକରଣ କ'ଣ ହେବ? କେବଳ କଳିକେଶଙ୍କୁ ଟିକେଟ ମିଳିଲେ ସେ ଲୋକ ସଭାରେ ଲଢ଼ିବେ ନା ବିଧାନସଭାରେ ଲଢ଼ିବେ। ଅସ୍ୱାଭାବିକ ସ୍ଥିତି ଉପୁଜିଲେ ଅନଙ୍ଗଙ୍କ ମଝିଆ ପୁଅ ମନ୍ମଥ ସିଂଦେଓ ଓ ଅନଙ୍ଗ ନିଜେ ପୁଣି ଥରେ ପ୍ରାର୍ଥୀ ହେବେ କି ଆଦି ଅସରନ୍ତି ଚର୍ଚ୍ଚା ଚାଲିଛି। ବିଜେଡି ମହିଳା ପ୍ରତିନିଧିତ୍ୱକୁ ଜୋର୍ ଦେଉଥିବାରୁ ଏଇ ପରିବାରର କୌଣସି ମହିଳା ପ୍ରାର୍ଥୀ ହେବେ ନା ଆଉ କେଉଁ ମହିଳାଙ୍କୁ ଟିକେଟ ଦିଆଯିବ, ସେହି ବିଷୟକୁ ଅଣଦେଖା କରାଯାଇ ନ ପାରେ।

ଅନ୍ୟପଟେ ଭାଜପା ଲୋକ ସଭା ଏମପି ସଙ୍ଗୀତା କୁମାରୀ ଓ ତାଙ୍କ ସ୍ୱାମୀ ପାଟଣାଗଡ଼ର ପୂର୍ବତନ ବିଧାୟକ କନକ ବର୍ଦ୍ଧନ ୨୦୨୪ ନିର୍ବାଚନକୁ ନେଇ ପ୍ରସ୍ତୁତି କରୁଥିବା ବିଷୟ କର୍ମୀଙ୍କ ସହ ସେମାନଙ୍କ ବିଭିନ୍ନ ଗାଁ ବୁଲା ଦୃଶ୍ୟରୁ ଜଣାପଡୁଛି। ନିକଟରେ ସରିଥିବା ୫ ରାଜ୍ୟ ବିଧାନସଭା ନିର୍ବାଚନରେ ଭାଜପାର ବିଜୟ ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଲୋକପ୍ରିୟତାରେ ନିର୍ବାଚନ ଜିତିବାକୁ ସେମାନେ ଆଶା ରଖିଛନ୍ତି। ତେବେ ଜିଲାର ବିଭିନ୍ନ ବିଧାନସଭାରେ ଦଳୀୟ ପ୍ରାର୍ଥୀ ଓ ଆଶାୟୀଙ୍କ ଗୋଷ୍ଠୀ ବିବାଦ ଏବଂ ମତଭେଦ ଏବେ ଚିନ୍ତାର କାରଣ ପାଲଟିଛି। ବିଶେଷକରି ବଲାଙ୍ଗୀର, ଟିଟିଲାଗଡ଼, କଣ୍ଟାବାଞ୍ଜି ବିଧାନସଭାରେ ପ୍ରାର୍ଥୀ କିଏ ହେବେ ଏବଂ ଏଥିରେ ରାଜପରିବାରର କ'ଣ ଭୂମିକା ରହିବ; ତାକୁ ନେଇ ଦଳୀୟ କର୍ମୀ-ନେତା ଅନେକ କଥା କହୁଛନ୍ତି। ୨୦୨୪ରେ ସଙ୍ଗୀତା ଓ କନକ ପୁଣି ଥରେ ଯଥାକ୍ରମେ ସାଂସଦ ଓ ବିଧାୟକ ପ୍ରାର୍ଥୀ ହେବେ ନା ପରସ୍ପର ଅଦଳବଦଳ ହୋଇ ନିର୍ବାଚନ ଲଢ଼ିବେ ତାକୁ ନେଇ ବି ଚର୍ଚ୍ଚା ଥମୁନି। ଏଥିସହିତ କନକଙ୍କ ବିବାହିତା ଝିଅ ନିଭ୍ରିତି କୁମାରୀ, ପୂର୍ବରୁ ପାଟଣାଗଡ଼ରେ ଦେଢ଼ଶୂର କନକ ବର୍ଦ୍ଧନଙ୍କ ବିରୋଧରେ ଦୁଇଥର ବିଜେଡି ପ୍ରାର୍ଥୀ ହୋଇ ପରାସ୍ତ ହୋଇଥିବା କନକ ବର୍ଦ୍ଧନଙ୍କ ସାନ ଭାଇ ଶ୍ରୀବର୍ଦ୍ଧନଙ୍କ ସ୍ତ୍ରୀ ପ୍ରକୃତି ଦେବୀ ସିଂଦେଓଙ୍କ ୨୦୨୪ରେ କ'ଣ ଭୂମିକା ରହିବ ସେନେଇ ଚିତ୍ର ଝାପ୍‌ସା ରହିଛି। ସାଧାରଣ ନିର୍ବାଚନ ପାଖେଇ ଆସୁଥିବାରୁ ରାଜପରିବାର ସଦସ୍ୟଙ୍କ ପ୍ରାର୍ଥିତ୍ୱକୁ ନେଇ ଭାଜପା, ବିଜେଡି ଓ କଂଗ୍ରେସ ଦଳର ନେତା ଓ କର୍ମୀଙ୍କ ତୀକ୍ଷ୍ଣ ଦୃଷ୍ଟି ରହିବା ସ୍ୱାଭାବିକ।


ସଙ୍ଗୀତା କୁମାରୀ ସିଂଦେଓ | କନକ ବର୍ଦ୍ଧନ ସିଂଦେଓ | କଳିକେଶ ନାରାୟଣ ସିଂଦେଓ | ଅର୍କେଶ ନାରାୟଣ ସିଂଦେଓ


ପାର୍ଲାମେଣ୍ଟ ଭବନ ପରିସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଓଡ଼ିଶାର ଭାଜପା ବିଧାୟକମାନେ ସାକ୍ଷାତ୍ କରୁଛନ୍ତି।

# ପ୍ରଧାନମନ୍ତ୍ରୀ, ନଡ୍ଡାଙ୍କୁ ଭେଟିଲେ ଭାଜପା ବିଧାୟକ

ଭୁବନେଶ୍ୱର, ୨୧।୧୨(ସୁନିତ୍ ମିଶ୍ର)

ଓଡ଼ିଶାର ଭାଜପା ବିଧାୟକମାନେ ଗତ ୧୯ ତାରିଖରୁ ଦିଲ୍ଲୀ ଗସ୍ତକରି ସେଠାରେ ଡେରା ପକାଇ ରହିଛନ୍ତି। ବିଧାୟକମାନେ କେନ୍ଦ୍ରମନ୍ତ୍ରୀମାନଙ୍କଠାରୁ ଆରମ୍ଭକରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ପର୍ଯ୍ୟନ୍ତ ସମସ୍ତଙ୍କୁ ସାକ୍ଷାତ୍ କରିଛନ୍ତି। ତେବେ ପ୍ରଧାନମନ୍ତ୍ରୀଙ୍କ ସହ ଭେଟିବା ପରେ ବିଧାୟକମାନେ ଅତ୍ୟଧିକ ଉତ୍ସାହିତ ହୋଇପଡ଼ିଥିବା ସୂଚନା ଦେଇଛନ୍ତି। କେତେଜଣ ବିଧାୟକ କହିଛନ୍ତି, ପ୍ରଧାନମନ୍ତ୍ରୀଙ୍କ ସହ ସାକ୍ଷାତ କରିବା ପରେ ସେମାନେ ବହୁ ମାତ୍ରାରେ ଉତ୍ସାହିତ ହୋଇପଡ଼ିଛନ୍ତି। କାରଣ ଏହି ଭେଟଘାଟ ସେମାନଙ୍କ ପାଇଁ ବର୍ତ୍ତମାନ ସୁଦ୍ଧା ସର୍ବଶ୍ରେଷ୍ଠ। ପୂର୍ବରୁ ସେମାନେ ଏଭଳି କେବେହେଲେ ପ୍ରଧାନମନ୍ତ୍ରୀଙ୍କ ସହିତ ଖୋଲାଖୋଲି ଆଲୋଚନା କରିବାର ସୁଯୋଗ ପାଇ ନ ଥିବା କହିଛନ୍ତି। ତେବେ ପ୍ରଧାନମନ୍ତ୍ରୀଙ୍କ ସହ ହୋଇଥିବା ୩୦ ମିନିଟ୍‌ର ଆଲୋଚନା ସମୟରେ ରାଜ୍ୟର ସାଙ୍ଗଠନିକ ସ୍ଥିତି ପ୍ରସଙ୍ଗରେ କଥାବାର୍ତ୍ତା ହୋଇଥିବା ଜଣାପଡ଼ିଛି। ସେହିପରି ଦଳର ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି. ନଡ୍ଡାଙ୍କ ସହ ମଧ୍ୟ ସେମାନେ ପ୍ରାୟ ୨୦ ମିନିଟ୍ ଆଲୋଚନା କରିଛନ୍ତି। ହେଲେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହାଙ୍କୁ ସେମାନେ ଭେଟି ନ ଥିବା ବେଳେ ଶୁକ୍ରବାର ତାଙ୍କ ସହ ସାକ୍ଷାତ୍ ହେବା କାର୍ଯ୍ୟକ୍ରମ ରହିଛି। ଅନ୍ୟପଟେ ଆସନ୍ତା ମାସରେ ମୋଦି ୨ଥର ଓଡ଼ିଶା ଗସ୍ତରେ ଆସିବେ ବୋଲି ପ୍ରତିଶ୍ରୁତି ଦେଇଥିବା ନେଇ ଜଣେ ବିଧାୟକ ସୂଚନା ଦେଇଛନ୍ତି।

୨୦୨୪ ସାଧାରଣ ନିର୍ବାଚନ ପୂର୍ବରୁ ଭାଜପା ବିଧାୟକମାନଙ୍କ ନୂଆଦିଲ୍ଲୀ ଗସ୍ତନେଇ ରାଜ୍ୟ ରାଜନୀତିରେ ଚର୍ଚ୍ଚା ଆଲୋଚନା ଜୋର୍ ଧରିଛି। ଏହା ବୋଧହୁଏ ସାଧାରଣ ନିର୍ବାଚନ ପୂର୍ବରୁ ଦଳର ଚୂଡ଼ାନ୍ତ ରଣନୀତି ଲାଗି ଡକରା ଆସିଥାଇପାରେ ବୋଲି କୁହାଯାଉଛି। ଏହି ବୈଠକ ପଛରେ ଦଳର କ୍ଷେତ୍ରୀୟ ପ୍ରଭାରୀ ସୁନୀଲ ବଂଶଲଙ୍କ ପ୍ରମୁଖ ଭୂମିକା ରହିଥିବା କଥା ମଧ୍ୟ ଚର୍ଚ୍ଚା ହେଉଛି। ବଂଶଲ ଓଡ଼ିଶାରେ ଯେତେ ସବୁ ସାଙ୍ଗଠନିକ କାର୍ଯ୍ୟକ୍ରମ କରିଥିଲେ ସବୁଠାରେ ଦଳର ଆଭିମୁଖ୍ୟ ବାସ୍ତବରେ କ'ଣ ବୋଲି ତାଙ୍କୁ ଅନେକ ନେତା ପ୍ରଶ୍ନ କରିଥିଲେ। ବହୁ ପ୍ରସଙ୍ଗରେ ପାର୍ଲାମେଣ୍ଟରେ ଭାଜପାର କେନ୍ଦ୍ରୀୟ ନେତାମାନେ ବିଜେଡିର ସହଯୋଗ ଲୋଡ଼ିବା ଏବଂ ଆଉ କେତେକ ସମୟରେ ସହଯୋଗ ମାଗିବା ଆଗରୁ କେନ୍ଦ୍ର ସରକାରକୁ ବିଜେଡି ସହଯୋଗ ଯୋଗାଇଦେବା ନେଇ ଆଲୋଚନା ହେଉଛି, ଯେଉଁଥିଲାଗି ବିଜେଡି-ଭାଜପା ଏକ ବୋଲି ଏକ ବାର୍ତ୍ତା ତୃଣମୂଳସ୍ତରକୁ ଚାଲିଯିବା ଯୋଗୁ ଦଳର କର୍ମକର୍ତ୍ତା ନିରୁତ୍ସାହିତ ହେଉଛନ୍ତି। ତେଣୁ କେନ୍ଦ୍ରୀୟ ନେତୃତ୍ୱ ଆଭିମୁଖ୍ୟ ସ୍ପଷ୍ଟ ନ କଲେ ଆସନ୍ତା ନିର୍ବାଚନରେ ଦଳର ପ୍ରଦର୍ଶନ ସେତେଟା ଭଲ ନ ହୋଇପାରେ ବୋଲି ବଂଶଲଙ୍କୁ ବିଧାୟକମାନେ କହିଥିଲେ। ସେଥିଲାଗି ବିଧାୟକମାନଙ୍କୁ ନେଇ କେନ୍ଦ୍ରର ଶ୍ରେଷ୍ଠ ନେତାମାନଙ୍କ ସହ ସାକ୍ଷାତ କାର୍ଯ୍ୟକ୍ରମ କରାଯାଇଥିବା କୁହାଯାଉଛି।

# ଓପିସିସି ସାମାଜିକ ଗଣମାଧ୍ୟମର ନୂତନ ଅଧ୍ୟକ୍ଷ ହେଲେ ଅମିୟ ପାଣ୍ଡବ

ଭୁବନେଶ୍ୱର, ୨୧।୧୨(ସୁନିତ୍ ମିଶ୍ର)



ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି(ଓପିସିସି) ସଭାପତି ଶରତ ପଟ୍ଟନାୟକଙ୍କ ସୁପାରିସକ୍ରମେ ବିଶିଷ୍ଟ ସାହିତ୍ୟିକ ଅମିୟ ପାଣ୍ଡବଙ୍କୁ ଓପିସିସିର ସାମାଜିକ ଗଣମାଧ୍ୟମର ନୂତନ ଅଧ୍ୟକ୍ଷ ଭାବେ ଅଖିଳ ଭାରତ କଂଗ୍ରେସ କମିଟି(ଏଆଇସିସି) ସଭାପତି ମଲ୍ଲିକାର୍ଜୁନ ଖାର୍ଗେ ନିଯୁକ୍ତି ପ୍ରଦାନ କରିଛନ୍ତି। ଗୁରୁବାର ଏଆଇସିସି ସାଧାରଣ ସମ୍ପାଦକ (ସଙ୍ଗଠନ) କେ.ସି. ବେଣୁଗୋପାଳ ଏହା ଘୋଷଣା କରିଛନ୍ତି। ସେହିପରି ମନୀଷାଦାସ ପଟ୍ଟନାୟକ, ସୁଶାନ୍ତ ମହାରଣା, ମୁକେଶ ଅଗ୍ରୱାଲ ଓ ଆନସ ପ୍ରଧାନଙ୍କୁ ପ୍ରଦେଶ କଂଗ୍ରେସ ସାମାଜିକ ଗଣମାଧ୍ୟମ ରାଜ୍ୟ ସଂଯୋଜକ ଭାବେ ନିଯୁକ୍ତି ପାଇଛନ୍ତି।

# ଆଜି 'ଇଣ୍ଡିଆ' ମେଣ୍ଟଭୁକ୍ତ ଓଡ଼ିଶା ଦଳ ପକ୍ଷରୁ ଆନ୍ଦୋଳନ

## ୧୪୩ ଏମ୍‌ପିଙ୍କୁ ନିଲମ୍ବନ ଘଟଣା

ଭୁବନେଶ୍ୱର, ୨୧।୧୨
(ସୁନିତ୍ ମିଶ୍ର)

ସଂସଦରୁ ବିରୋଧୀ ଦଳର ୧୪୩ ଏମ୍‌ପିଙ୍କୁ ନିଲମ୍ବନ କରାଯିବା ଘଟଣା ବିରୋଧରେ ଶୁକ୍ରବାର ଆହୂତ ଦେଶବ୍ୟାପୀ ପ୍ରତିବାଦ ଦିବସକୁ ଓଡ଼ିଶାରେ ସଫଳ କରିବା ପାଇଁ 'ଇଣ୍ଡିଆ' ମେଣ୍ଟଭୁକ୍ତ ରାଜ୍ୟର ବିରୋଧୀ ରାଜନୈତିକ ଦଳଗୁଡ଼ିକ ଆହ୍ୱାନ ଦେଇଛନ୍ତି। ଗୁରୁବାର ସିପିଆଇ(ଏମ୍) ରାଜ୍ୟ କାର୍ଯ୍ୟାଳୟଠାରେ ବିରୋଧୀଙ୍କ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି। ଏକଚ୍ଛତ୍ରବାଦୀ ସରକାରଙ୍କ ନିର୍ଦ୍ଦେଶରେ ରାଜ୍ୟ ସଭା ଅଧ୍ୟକ୍ଷ ଓ ଲୋକ ସଭା ବାଚସ୍ପତି ବର୍ତ୍ତମାନ ସୁଦ୍ଧା ୧୪୩ ସାଂସଦଙ୍କୁ ନିଲମ୍ବନକରି ବିରୋଧୀ ଦଳ ଶୂନ୍ୟ ସଂସଦ ଚଳାଇବାର କଳଙ୍କିତ ଅଧ୍ୟାୟ ଆରମ୍ଭ କରିଛନ୍ତି। ତେଣୁ ପ୍ରତିବାଦ ସ୍ୱରୂପ ରାଜ୍ୟବ୍ୟାପୀ ଧାରଣା, ବିକ୍ଷୋଭ, ସଭା ଏବଂ ପଟୁଆର ସଙ୍ଗଠିତ କରି ଆନ୍ଦୋଳନ କରାଯିବା ପାଇଁ ସ୍ଥିର ହୋଇଥିବା ସେମାନେ କହିଛନ୍ତି। ବୈଠକରେ କଂଗ୍ରେସ, ସିପିଆଇ, ସିପିଆଇ(ଏମ୍), ସିପିଆଇଏମ୍‌ଏଲ୍(ଲିବେରେଶନ), ଅଲ୍‌ଇଣ୍ଡିଆ ଫର୍‌ୱାର୍ଡ ବ୍ଲକ, ଆମ୍ ଆଦ୍‌ମୀ ପାର୍ଟି, ସମାଜବାଦୀ ପାର୍ଟି, ଆର୍‌ଜେଡି, ଏନ୍‌ସିପି, ସମତାକ୍ରାନ୍ତି ଦଳ, ଜେଡିୟୁ, ବିଏସ୍‌ପି, ସିପିଆଇଏମ୍‌ଏଲ୍ (ରେଡ୍‌ଷ୍ଟାର), ତୃଣମୂଳ କଂଗ୍ରେସ, ଜେଏମ୍‌ଏମ୍, ଆର୍‌ପିଆଇ ଏବଂ ସମୃଦ୍ଧି ଓଡ଼ିଶା ଇତ୍ୟାଦି ଦଳର ପ୍ରମୁଖ ରାଜ୍ୟ ନେତୃବୃନ୍ଦ ଯୋଗଦେଇଥିଲେ।
























# ସାମସନଙ୍କ ପ୍ରଥମ ଦିନିକିଆ ଶତକ

**ପର୍ଲ, ୨୧।୧୨**

ବୋଲାଣ୍ଡ ପାର୍କରେ ଗୁରୁବାର ଅନୁଷ୍ଠିତ ଦକ୍ଷିଣ ଆଫ୍ରିକା ବିପକ୍ଷ ତୃତୀୟ ଦିନିକିଆ କ୍ରିକେଟ ମ୍ୟାଚରେ ଶତକ ହାସଲ କରିଛନ୍ତି ଭାରତର ସଞ୍ଜୁ ସାମସନ। ସଞ୍ଜୁଙ୍କ ଶତକ ଓ ତିଳକବର୍ମାଙ୍କ ଅର୍ଦ୍ଧଶତକ ସହାୟତାରେ ଭାରତ ୫୦ ଓଭରରେ ୮ ଉଇକେଟ ହରାଇ ୨୯୬ ରନ ସ୍କୋର କରିଛି। ରିପୋର୍ଟ ପ୍ରସ୍ତୁତ ହେବା ବେଳକୁ ଦକ୍ଷିଣ ଆଫ୍ରିକା ୧ ଉଇକେଟ ନ ହରାଇ ୯ ଓଭରରେ ୫୯ ରନ ସଂଗ୍ରହ କରି ନେଇଛି। ରିଜା ହେଣ୍ଡ୍ରିକ୍ସ (୧୯)ଙ୍କୁ ଆଉଟ କରି ଭାରତକୁ ବ୍ରେକ୍ ଥ୍ରୁ ଦେଇଛନ୍ତି ଅର୍ଶଦୀପ ସିଂ। ଟୋନି ଡି ଜୋର୍ଜି ୩୩ ଓ ରସି ଭାନ୍ ଡର୍ ଡୁସେନ କୌଣସି ରନ ନ କରି ଅପରାଜିତ ରହିଥିଲେ। ଭାରତୀୟ ବୋଲରମାନେ ପ୍ରାରମ୍ଭିକ ପର୍ଯ୍ୟାୟରେ ଏହି ଦୁଇ ବ୍ୟାଟରଙ୍କ ଉପରେ ପ୍ରଭାବ ପକାଇପାରି ନ ଥିଲେ।

ଟସ୍ ଜିତି ଦକ୍ଷିଣ ଆଫ୍ରିକା ଅଧିନାୟକ ଏଡେନ ମାରକ୍ରମ ଫିଲ୍ଡିଂ ନିଷ୍ପତ୍ତି ନେଇଥିଲେ। ଏହି ମ୍ୟାଚରେ ଡେବ୍ୟୁ କରିଥିଲେ ଭାରତର ରଜତ ପଟିଦାର। ସେ ଋତୁରାଜ ଗାଏକ୍ୱାଡ୍‌ଙ୍କ ସ୍ଥାନରେ ସାଇ ସୁଦର୍ଶନଙ୍କ ସହ ଇନିଂସ ଓପନ କରିଥିଲେ। ସୁଦର୍ଶନ ମାତ୍ର ୧୦ ରନରେ ଆଉଟ ହେବା ଏବଂ ଭଲ ଆରମ୍ଭ ସତ୍ତ୍ୱେ ପଟିଦାର ତାହାକୁ ବଡ଼ ସ୍କୋରରେ ପରିଣତ କରି ନ ପାରିବା ଭାରତକୁ ବ୍ୟାକ୍‌ଫୁଟରେ ରଖିଥିଲା। ଆକ୍ରମଣାତ୍ମକ ଷ୍ଟାଇଲରେ ଖେଳିଥିବା ପଟିଦାର ୧୬ ବଲ୍‌ରୁ ୨୨ (୩ ଚୌକା, ୧ ଛକା) ରନକରି ଆଉଟ ହୋଇଥିଲେ। ଦିନିକିଆ ଶତକ ସନ୍ଧାନରେ ଥିବା ସାମସନ ଏଠାରେ ସତର୍କତାର ସହ ବ୍ୟାଟିଂ କରି ଇନିଂସ ଆଗେଇ ନେଇଥିଲେ। ତୃତୀୟ ଉଇକେଟରେ ସାମସନଙ୍କ ସହ ଅର୍ଦ୍ଧଶତକୀୟ (୫୨ ରନ) ଭାଗୀଦାରି ଗଢ଼ିବାପରେ ଅଧିନାୟକ ଲୋକେଶ ରାହୁଲ ୨୧ ରନକରି ଆଉଟ ହୋଇ ଯାଇଥିଲେ। ସଙ୍କଟ ସ୍ଥିତିରେ ସାମସନ ଓ ତିଳକ ବର୍ମା ଶତକୀୟ ପାର୍ଟନରଶିପ୍ କରିବାରୁ ଭାରତର ସମ୍ମାନଜନକ ସ୍କୋର ସମ୍ଭବ ହୋଇଥିଲା। ଦୁହେଁ ୧୩୬ ବଲ୍‌ରୁ ୧୧୬ ରନ ସଂଗ୍ରହ କରିଥିଲେ। ତିଳକ ୫୨ (୫ ଚୌକା, ୧ ଛକା) ରନକରି ଆଉଟ ହୋଇଥିଲେ ହେଁ ଚାପର ବଶବର୍ତ୍ତୀ ନ ହୋଇ କ୍ୟାରିୟରର ପ୍ରଥମ ଦିନିକିଆ ଶତକ ହାସଲ କରିଥିଲେ ସାମସନ। ସେ ୧୧୪ ବଲ୍‌ରୁ ୬ ଚୌକା ଓ ୩ ଛକା ସହାୟତାରେ ସର୍ବାଧିକ ୧୦୮ ରନ ସ୍କୋର କରିଥିଲେ। ଦିନିକିଆ କ୍ରିକେଟରେ ପୂର୍ବରୁ ତାଙ୍କର ସର୍ବାଧିକ ସ୍କୋର ଥିଲା ୮୬*। ଇନିଂସର ଶେଷଭାଗରେ ରିଙ୍କୁ ସିଂ କେତେକ ଦର୍ଶନୀୟ ଶଟ୍ ଖେଳିବାରୁ ଭାରତ ୩୦୦ ରନର ନିକଟତର ହୋଇଥିଲା। ମାତ୍ର ରିଙ୍କୁ ୨୭ ବଲ୍‌ରୁ ୩୮ (୩ ଚୌକା, ୨ ଛକା) ରନକରି ଶେଷ ଓଭରର ତୃତୀୟ ବଲ୍‌ରେ ଆଉଟ ହୋଇଯିବାରୁ ଭାରତ ୩୦୦ ରନଠାରୁ ୪ ରନ ଦୂରରେ ରହି ଯାଇଥିଲା। ଅତିରିକ୍ତଭାବେ ଦକ୍ଷିଣ ଆଫ୍ରିକା ବୋଲରମାନେ ୨୨ ରନ ବ୍ୟୟ କରିଥିଲେ। ଭାରତ ଏକଦା ୨୫୦ ରନରେ ସୀମିତ ରହିବ ବୋଲି ଅନୁମାନ କରାଯାଉଥିଲେ ହେଁ ସଞ୍ଜୁଙ୍କ ସାହସିକ ଇନିଂସ ଯୋଗୁ ଶେଷ ୧୪ ଓଭରରେ ୧୪୧ ରନ ସଂଗ୍ରହ କରି ପାରିଥିଲା। ଦକ୍ଷିଣ ଆଫ୍ରିକା ବୋଲରଙ୍କ ମଧ୍ୟରେ ବେଉରନ ହେଣ୍ଡ୍ରିକ୍ସ ୩ଟି, ନାନ୍ଦ୍ରେ ବର୍ଗର ୨ଟି ଏବଂ ଲିଜାଡ୍ ୱିଲିୟମ୍ସ, ୱିଆନ ମୁଲ୍ଡର ଓ କେଶବ ମହାରାଜ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।



ଶତକୀୟ ଭାଗୀଦାରି ଅବସରରେ ତିଳକ ବର୍ମା ଓ ସଞ୍ଜୁ ସାମସନ୍।

**ସଂକ୍ଷିପ୍ତ ସ୍କୋର**

ଭାରତ ୫୦ ଓଭରରେ ୨୯୬/୮ (ସଞ୍ଜୁ ସାମସନ-୧୦୮, ତିଳକ ବର୍ମା-୫୨, ରିଙ୍କୁ ସିଂ-୩୮, ବେଉରନ ହେଣ୍ଡ୍ରିକ୍ସ-୩/୬୩, ନନ୍ଦ୍ରେ ବର୍ଗର-୨/୬୪, ଲିଜାଡ ୱିଲିୟମ୍ସ-୧/୭୧, ୱିଆନ ମୁଲ୍ଡର-୧/୩୬, କେଶବ ମହାରାଜ-୧/୩୭)।



ବେଙ୍ଗାଲୁରୁଠାରେ ଗୁରୁବାର କିକ୍‌ଷ୍ଟାର୍ଟ ଏଫ୍‌ସି ଓ ସ୍ପୋର୍ଟ୍ସ ଓଡ଼ିଶା ମଧ୍ୟରେ ଅନୁଷ୍ଠିତ ଆଇଡବ୍ଲ୍ୟୁଏଲ୍ ମ୍ୟାଚ୍।

# କିକ୍‌ଷ୍ଟାର୍ଟଠାରୁ ହାରିଲା ସ୍ପୋର୍ଟ୍ସ ଓଡ଼ିଶା

**ଭୁବନେଶ୍ୱର, ୨୧।୧୨**
**(ତପନ ସ୍ୱାଇଁ)**

ଚଳିତ ଇଣ୍ଡିଆନ ଓମେନ୍ସ ଲିଗ୍ (ଆଇଡବ୍ଲ୍ୟୁଏଲ୍)ରେ ସ୍ପୋର୍ଟ୍ସ ଓଡ଼ିଶା ବାହାର ପରିବେଶରେ ଏହାର ପ୍ରଥମ ମ୍ୟାଚ ହାରିଛି। ବେଙ୍ଗାଲୁରୁ ଫୁଟବଲ ଷ୍ଟାଡିୟମରେ ଗୁରୁବାର ଅନୁଷ୍ଠିତ ମ୍ୟାଚ୍‌ରେ ଏହି ଦଳ ୧-୨ ଗୋଲରେ କିକ୍‌ଷ୍ଟାର୍ଟ ଏଫ୍‌ସି ନିକଟରୁ ହାରି ଯାଇଛି। ଆରମ୍ଭରୁ ଆକ୍ରମଣାତ୍ମକ ଖେଳିଥିବା କିକ୍‌ଷ୍ଟାର୍ଟ ପକ୍ଷରୁ କରିଶ୍ମା ପୁରୁଷୋତ୍ତମ ଶିର୍ଭୋଇକର ୧୩ତମ ମିନିଟରେ ଏକ ଗୋଲଦେଇ ଦଳକୁ ଅଗ୍ରଣୀ କରିଥିଲେ। ସ୍ପୋର୍ଟ୍ସ ଓଡ଼ିଶା ପକ୍ଷରୁ ରଶ୍ମି କୁମାରୀ ଘିସିଙ୍ଗ ୨୭ତମ ମିନିଟରେ ଗୋଲଟି ପରିଶୋଧ କରି ଦେଇଥିଲେ। ତେବେ ୩୩ତମ ମିନିଟରେ କରିଶ୍ମା ବ୍ୟକ୍ତିଗତ ଦ୍ୱିତୀୟ ଗୋଲ ଦେଇ କିକ୍‌ଷ୍ଟାର୍ଟକୁ ପୁଣି ଅଗ୍ରଣୀ କରିଥିଲେ। ପ୍ରଥମାର୍ଦ୍ଧ ଶେଷରେ ଏହି ଦଳ ୨-୧ରେ ଆଗୁଆ ରହିଥିଲା। ଦ୍ୱିତୀୟାର୍ଦ୍ଧ ଖେଳ ବେଶ୍ ସଂଘର୍ଷପୂର୍ଣ୍ଣ ହୋଇଥିଲେ ହେଁ ଗୋଲ ହୋଇପାରି ନ ଥିଲା। ସ୍ପୋର୍ଟ୍ସ ଓଡ଼ିଶା ଏପର୍ଯ୍ୟନ୍ତ ଖେଳିଥିବା ୩ଟି ଯାକ ମ୍ୟାଚ ହାରିଯାଇଥିବାରୁ ପଏଣ୍ଟ ଖାତା ଖୋଲି ପାରିନାହିଁ। ଅନ୍ୟପକ୍ଷରେ ଟେବୁଲ ଟପ୍ପର କିକ୍‌ଷ୍ଟାର୍ଟ ଏଫ୍‌ସି ୩ ମ୍ୟାଚରୁ ୩ ବିଜୟ ସହ ୯ ପଏଣ୍ଟରେ ପହଞ୍ଚି ଯାଇଛି।

# ମ୍ୟାଚ କମିଶନର ପରୀକ୍ଷାରେ ଦୁର୍ଗା ମାଧବ ଉତ୍ତୀର୍ଣ୍ଣ

**ଭୁବନେଶ୍ୱର, ୨୧।୧୨**
**(ତପନ ସ୍ୱାଇଁ)**

ଫୁଟବଲ ଆସୋସିଏଶନ ଅଫ୍ ଓଡ଼ିଶା (ଫାଓ)ର ରେଫରି ମୁଖ୍ୟ ଦୁର୍ଗା ମାଧବ ନାଏକ ସଫଳତାର ସହ ଅଲ୍ ଇଣ୍ଡିଆ ଫୁଟବଲ ଫେଡେରେଶନ (ଏଆଇଏଫଏଫ)ର ମ୍ୟାଚ କମିଶନର ପରୀକ୍ଷାରେ କୃତକାର୍ଯ୍ୟ ହୋଇଛନ୍ତି। ଏବେ ସେ ଏଆଇଏଫ୍‌ଏଫ୍ ମ୍ୟାଚ କମିଶନର ଦାୟିତ୍ୱ ତୁଲାଇ ପାରିବେ। ଓଡ଼ିଶାରୁ କେହିଜଣେ ଏଆଇଏଫ୍‌ଏଫ୍‌ର ମ୍ୟାଚ କମିଶନର ହେବା ଏହା ପ୍ରଥମ। ଏହି ସଫଳତା ପାଇଁ ଦୁର୍ଗା ମାଧବଙ୍କୁ ଫାଓ ସମ୍ପାଦକ ଆଶୀର୍ବାଦ ବେହେରା ଓ ଅନ୍ୟ କର୍ମକର୍ତ୍ତାମାନେ ଅଭିନନ୍ଦନ ଜଣାଇଛନ୍ତି।




Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ

ଧରିତ୍ରୀ
DHARITRI
ଧରିତ୍ରୀ 50 Years
ଭୁବନେଶ୍ୱର, ଶୁକ୍ରବାର, ଡିସେମ୍ବର ୨୨/୨୦୨୩ (୧୨+୮=୨୦ ପୃଷ୍ଠା) Bhubaneswar, Friday, December 22/2023 Page 20 ₹ 7.00 | SAMBALPUR



# ସ୍ମୃତିରେ ୨୦୨୩

ବିଦାୟ ନେଉଛି ବର୍ଷ ୨୦୨୩। ଏହି ବର୍ଷ ପଶ୍ଚିମ ଓଡ଼ିଶା ପାଇଁ ଥିଲା ଅତ୍ୟନ୍ତ ଘଟଣାବହୁଳ। ବର୍ଷ ପ୍ରାରମ୍ଭରେ ରାଜ୍ୟ ସ୍ୱାସ୍ଥ୍ୟମନ୍ତ୍ରୀ ନବ ଦାସଙ୍କୁ ଜଣେ ପୋଲିସ ଏଏସ୍ଆଇ ଗୁଳି କରି ହତ୍ୟା କରିବା ସାରା ଦେଶରେ ଆଲୋଡ଼ନ ସୃଷ୍ଟି କରିଥିଲା। ହନୁମାନ ଜୟନ୍ତୀ ପୂର୍ବରୁ ସମ୍ବଲପୁରରେ ସାମ୍ପ୍ରଦାୟିକ ହିଂସା, ବଲାଙ୍ଗୀରରେ ଜାଲ ସାର୍ଟିଫିକେଟ କାରବାରର ଗୁମର ଫିଟିବା ଥିଲା ଅନ୍ୟତମ ଚର୍ଚ୍ଚିତ ଘଟଣା। ମଦ ସାମ୍ରାଜ୍ୟ ଉପରେ ଆଇଟି ରେଡ୍ ଓ ୩ଶହରୁ ଊର୍ଦ୍ଧ୍ୱ କୋଟିର ନଗଦ ଟଙ୍କା ବଲାଙ୍ଗୀର, ଟିଟିଲାଗଡ଼ ଓ ସମ୍ବଲପୁର ମଦଭାଟିରୁ ଜବତ ଘଟଣା ସବୁଠାରୁ ଅଧିକ ଚର୍ଚ୍ଚା ସୃଷ୍ଟି କରିଥିଲା। ଏସବୁ ଭିତରେ ରାଉରକେଲାରେ ବିଶ୍ୱକପ୍ ପୁରୁଷ ହକିର ସଫଳ ସମାପନ ବିଶ୍ୱ କ୍ରୀଡ଼ା ଇତିହାସରେ ଯୋଡ଼ିଥିଲା ନୂତନ ଅଧ୍ୟାୟ। ସମ୍ବଲପୁର ରେଙ୍ଗାଲିର ଏକ ବୋର୍‌ୱେଲରେ ଖସି ପଡ଼ିଥିବା ନବଜାତକଙ୍କୁ ଉଦ୍ଧାର ପରେ ନୂଆ ଜୀବନ ପାଇବା ବର୍ଷ ଶେଷରେ ସୃଷ୍ଟି କରିଥିଲା ଅଫୁରନ୍ତ ଆନନ୍ଦ।



## ସମ୍ବଲପୁରରେ ସାମ୍ପ୍ରଦାୟିକ ହିଂସା

ଏପ୍ରିଲ ୧୨ ଓ ୧୪ରେ ହନୁମାନ ଜୟନ୍ତୀ ସମନ୍ୱୟ ସମିତି ପକ୍ଷରୁ ବାଇକ୍ ଶୋଭାଯାତ୍ରା ବେଳେ ୨ଗୋଷ୍ଠୀ ମଧ୍ୟରେ ସଂଘର୍ଷ ଓ ପଥରମାଡ଼ ପରେ ଅଶାନ୍ତ ହୋଇ ଉଠିଥିଲା ସମ୍ବଲପୁର। ସୁରକ୍ଷା ଦାୟିତ୍ୱରେ ଥିବା ୧୫ରୁ ଊର୍ଦ୍ଧ୍ୱ ପୋଲିସ କର୍ମଚାରୀ ଆହତ ହୋଇଥିଲେ। ଏଥିରେ ଏକ ନିର୍ଦ୍ଦିଷ୍ଟ ସମ୍ପ୍ରଦାୟର ସମ୍ପୃକ୍ତି ଅଭିଯୋଗ ପରେ ସମ୍ବଲପୁର ସହରର କେତେକ ସ୍ଥାନରେ ଗୋଷ୍ଠୀ ସଂଘର୍ଷ ଓ ଅଗ୍ନିକାଣ୍ଡ ଘଟିଥିଲା। ଜଣେ ଯୁବକ ହତ୍ୟାର ଶିକାର ହୋଇଥିବା ଅଭିଯୋଗ ହୋଇଥିଲା। କୌଣସି ଅପ୍ରୀତିକର ପରିସ୍ଥିତିର ମୁକାବିଲା ପାଇଁ ସହରର ୬ଟି ଥାନା ଅଞ୍ଚଳରେ କର୍ଫ୍ୟୁ ଲଗାଯାଇଥିଲା। ସମ୍ବଲପୁର ଜିଲାରେ ଇଣ୍ଟରନେଟ ସେବା ବନ୍ଦ କରି ଦିଆଯାଇଥିଲା।

## ବୋରୱେଲରୁ ନବଜାତକ ଉଦ୍ଧାର



ଡିସେମ୍ବର ୧୨ରେ ସମ୍ବଲପୁର ଜିଲା ରେଙ୍ଗାଲି ଥାନା ଅନ୍ତର୍ଗତ ଲାରିପାଲି ଜଙ୍ଗଲ ଭିତରେ ଏକ ପରିତ୍ୟକ୍ତ ବୋରୱେଲରେ ଏକ ନବଜାତ ଶିଶୁକନ୍ୟା ପଡି ଯାଇଥିବା ଜଣାପଡିଥିଲା। ୭ଘଣ୍ଟାର ପରିଶ୍ରମ ପରେ ଓଡ୍ରାଫ ଓ ଅଗ୍ନିଶମ ବିଭାଗ ଅକ୍ଷତ ଅବସ୍ଥାରେ ଶିଶୁକନ୍ୟାକୁ ଉଦ୍ଧାର କରିଥିଲା। ସଫଳ ଉଦ୍ଧାର କାର୍ଯ୍ୟ ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଟୁଇଟ୍ କରି ଅଭିଯାନରେ ସାମିଲ ଥିବା ଓଡ୍ରାଫ, ଅଗ୍ନିଶମ ବିଭାଗ, ଜିଲା ପ୍ରଶାସନକୁ କୃତଜ୍ଞତା ଜ୍ଞାପନ କରିଥିଲେ। ଭିମସାର ଆଇସିୟୁରେ ୪ଦିନର ଚିକିତ୍ସା ପରେ ସୁସ୍ଥ ହେବା ପରେ ଏବେ ସାଧାରଣ ଶିଶୁ ୱାର୍ଡରେ ରହିଛନ୍ତି। ନବଜାତକ ପାଇଛି ନୂଆ ଜୀବନ।



## ମଦଭାଟିରେ ଟଙ୍କାର ପାହାଡ଼

ବଲାଙ୍ଗୀର ଓ ଟିଟିଲାଗଡ଼ ସହରରେ ଡିସେମ୍ବର ୬ ତାରିଖରେ ଆୟକର ବିଭାଗ ପକ୍ଷରୁ ଅତର୍କିତ ଚଢ଼ାଉ କରାଯାଇଥିଲା। ବଲାଙ୍ଗୀର ସୁଦପଡ଼ା ମଦଭାଟି, କ୍ଲବ୍‌ପଡା ମଦ କାର୍ଯ୍ୟାଳୟ, ମଦଭାଟି ମ୍ୟାନେଜର ରାଜେଶ ସାହୁ ଓ ବଣ୍ଟି ସାହୁଙ୍କ ଭଡାଘରେ ଚଢ଼ାଉ କରି ଆୟକର ବିଭାଗ ନଗଦ ୨୮୫ କୋଟି ଟଙ୍କା ଜବତ କରିଥିଲା। ଏହାସହିତ ଟିଟିଲାଗଡ଼ର ମଦ ବ୍ୟବସାୟୀ ସଞ୍ଜୟ ସାହୁ ଓ ଦୀପକ ସାହୁଙ୍କ ବାସଭବନ, ମଦଭାଟିରେ ଚଢ଼ାଉ କରି ବିଭାଗ ୧୧ କୋଟି ଟଙ୍କା ଜବତ କରିଥିଲା। ମଦଭାଟିରୁ ଜବତ ଟଙ୍କାକୁ ୧୭୬ଟି ବ୍ୟାଗରେ ଭର୍ତ୍ତି କରି ଆୟକର ବିଭାଗ ଅଧିକାରୀମାନେ ଟ୍ରକ୍ ଓ ମିନିଟ୍ରକ୍‌ରେ ବଲାଙ୍ଗୀର ଏସ୍‌ବିଆଇ ମୁଖ୍ୟଶାଖାକୁ ଆଣି ଗଣିଥିଲେ। ଏତେ ମାତ୍ରାରେ ଟଙ୍କା ଗଣିବା ପାଇଁ ୨୫ଟିରୁ ଊର୍ଦ୍ଧ୍ୱ ଟଙ୍କା ଗଣତି ମେଶିନ୍ ଓ ୫୦ଜଣ ବ୍ୟାଙ୍କ କର୍ମଚାରୀ ନିୟୋଜିତ ହୋଇଥିଲେ। ଏହି ଟଙ୍କା ଜବତ ଘଟଣା ସହ ଝାଡ଼ଖଣ୍ଡ ପ୍ରଦେଶର ଜଣେ ରାଜ୍ୟ ସଭା ସଦସ୍ୟଙ୍କ ସମ୍ପୃକ୍ତିକୁ ନେଇ ଚର୍ଚ୍ଚା ହୋଇଥିଲା। ସେହିପରି ଆୟକର ବିଭାଗର ୨ଟି ଦଳ ସମ୍ବଲପୁରର ମଦ ବ୍ୟବସାୟୀ ବଳଦେବ ସାହୁ ଆଣ୍ଡ ସନ୍ସଙ୍କ ସମ୍ବଲପୁର ବଡ଼ବଜାରସ୍ଥିତ ମୁଖ୍ୟ କାର୍ଯ୍ୟାଳୟ ଓ ଧନୁପାଲି ମହାବୀରପଡ଼ାସ୍ଥିତ ଡେଷ୍ଟିନେସନ ସେଣ୍ଟର ଉପରେ ଚଢ଼ାଉ କରିଥିଲା। ଉଭୟ ସ୍ଥାନରୁ ବିଭାଗ ୩୭କୋଟି ୫୦ଲକ୍ଷ ଟଙ୍କା ଜବତ କରିଥିଲା। ଅନୁରୂପ ଭାବେ ସୁନ୍ଦରଗଡ଼, ବୌଦ୍ଧରେ ମଧ୍ୟ ଏହି ଲିଙ୍କରେ ଚଢ଼ାଉ କରାଯାଇଥିଲା। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏହି ଘଟଣାକୁ ନେଇ ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରିବା ପରେ ଘଟଣାଟି ଅଧିକ ଚର୍ଚ୍ଚା ସାଉଁଟିଥିଲା।

## ଖୋଲିଲା ନକଲି ସାର୍ଟିଫିକେଟ ଗୁମର



ବଲାଙ୍ଗୀର ଡାକ ମଣ୍ଡଳରେ ଜାଲ୍ ସାର୍ଟିଫିକେଟ୍ ଦେଇ ଚାକିରି ଆବେଦନକରି କେତେଜଣ ପ୍ରାର୍ଥୀ ଧରାପଡ଼ିବା ଘଟଣାର ପୋଲିସ ତଦନ୍ତ ପରେ ଦେଶବ୍ୟାପୀ ବିଛେଇ ହୋଇଥିବା ଆନ୍ତଃ ରାଜ୍ୟ ଜାଲ୍ ସାର୍ଟିଫିକେଟ୍ ର୍ୟାକେଟ୍‌ର ମାର୍ଚ୍ଚ ୨୭ରେ ପର୍ଦ୍ଦାଫାଶ ହୋଇଥିଲା। ସାର୍ଟିଫିକେଟ୍ ପିଛା ୫୦ ହଜାରରୁ ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ କାରବାର ହୋଇଥିବା ଜଣାପଡ଼ିଥିଲା। ଜାଲ୍ ସାର୍ଟିଫିକେଟ କାରବାର ମାମଲାରେ ସ୍ୱତନ୍ତ୍ର ପୋଲିସ ଟିମ୍ ସ୍ଥାନୀୟ ରିଲାଏନ୍ସ ଏଜୁକେଶନ କମ୍ପ୍ଲେକ୍ସ ମାଲିକ ତଥା ମାଷ୍ଟରମାଇଣ୍ଡ ମନୋଜ ମିଶ୍ର ଓ ପାର୍ଟନର ଆଲୋକ ଉଦ୍‌ଗାତାଙ୍କ ସମେତ ୧୯ଜଣଙ୍କୁ ଗିରଫ କରିଥିଲା। ଏହି ଶିକ୍ଷା ପ୍ରତିଷ୍ଠାନରୁ ଦେଶର ବିଭିନ୍ନ ପ୍ରଦେଶର ୪୧ ସ୍କୁଲ, କଲେଜ ଏବଂ ବିଶ୍ୱବିଦ୍ୟାଳୟର ପ୍ରାୟ ୫ ହଜାର ଜାଲ୍ ସାର୍ଟିଫିକେଟ ଜବତ କରାଯାଇଥିଲା। ଏହା ସହ ୨୭ ଶିକ୍ଷାନୁଷ୍ଠାନ ଅଧିକାରୀଙ୍କ ଜାଲ୍ ସିଲ୍ ଓ ଷ୍ଟାମ୍ପ, ବଲାଙ୍ଗୀର ଓ ପୁଇଁତଲା ତହସିଲଦାରଙ୍କ ସମେତ ବିଭିନ୍ନ ଅଧିକାରୀଙ୍କ ଷ୍ଟାମ୍ପ ଓ ସିଲ, ବିଭିନ୍ନ ବିଶ୍ୱବିଦ୍ୟାଳୟ ଏବଂ ଶିକ୍ଷା ଅଧିକାରୀଙ୍କ ଅଫିସ୍‌କୁ ଲେଖାଯାଇଥିବା ଚିଠି, ଜାଲ୍ ସାର୍ଟିଫିକେଟ୍ କାରବାରରେ ସମ୍ପୃକ୍ତ ଏକାଧିକ ଡାଏରି ଜବତ କରାଯାଇଥିଲା। ରାଜ୍ୟ ସରକାର ଘଟଣାର କ୍ରାଇମବ୍ରାଞ୍ଚ ନିର୍ଦ୍ଦେଶ ଦେଇଥିଲେ। ତେବେ କ୍ରାଇମବ୍ରାଞ୍ଚ ଟିମ୍ ବଲାଙ୍ଗୀର ଆସି ଘଟଣାର ତନାଘନା କରିଥିଲେ ମଧ୍ୟ ଆଉ ଏହି ମାମଲା ଅଧିକ ଗତିଶୀଳ ହୋଇ ନ ଥିଲା।

## ନବ ଦାସଙ୍କୁ ହତ୍ୟା



ଝାରସୁଗୁଡ଼ା ବିଧାୟକ ତଥା ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ମନ୍ତ୍ରୀ ନବକିଶୋର ଦାସଙ୍କୁ ପୋଲିସ ଗୁଳିକରି ହତ୍ୟା କରିବା ଏକ ଚର୍ଚ୍ଚିତ ଘଟଣା ଥିଲା। ଜାନୁୟାରୀ ୨୯ରେ ଝାରସୁଗୁଡ଼ା ଜିଲା ବ୍ରଜରାଜନଗର ଗାନ୍ଧୀଛକଠାରେ ଏକ ଦଳୀୟ କାର୍ଯ୍ୟକ୍ରମରେ ମନ୍ତ୍ରୀ ଦାସ ମୁଖ୍ୟଅତିଥି ଭାବେ ଯୋଗଦେବାକୁ ଯାଉଥିବାବେଳେ ସଭାସ୍ଥଳ ୧୦୦ ମିଟର ଥିବାବେଳେ ସମର୍ଥକମାନେ ତାଙ୍କୁ ପୁଷ୍ପଗୁଚ୍ଛ ଦେଇ କାର୍‌ରୁ ପାଛୋଟି ନେଉଥିଲେ। ଏହି ସମୟରେ ମନ୍ତ୍ରୀଙ୍କ ପୂର୍ବତନ ପିଏସ୍‌ଓ ତଥା ବ୍ରଜରାଜନଗର ଗାନ୍ଧୀଛକ ଫାଣ୍ଡି ଅଧିକାରୀ ଗୋପାଳକୃଷ୍ଣ ଦାସ ଅତି ନିକଟରୁ ତାଙ୍କ ଉପରକୁ ଗୁଳି କରିଥିଲେ। ସେହିଠାରେ ହିଁ ମନ୍ତ୍ରୀ ଟଳିପଡ଼ିଥିଲେ। ଏହି ଘଟଣାରେ ପୋଲିସ ଫାଣ୍ଡି ଅଧିକାରୀ ଗୋପାଳକୃଷ୍ଣ ଦାସଙ୍କୁ ଗିରଫ କରିଛି। ଘଟଣାର କ୍ରାଇମବ୍ରାଞ୍ଚ ତଦନ୍ତ କରିଥିଲା। ଗୋପାଳ ଏବେ ଜେଲରେ ଅଛନ୍ତି।

## ଦୀପାଳିଙ୍କ ଜିତାପଟ



ନବ ଦାସଙ୍କ ହତ୍ୟା ପରେ ଖାଲି ପଡିଥିବା ଝାରସୁଗୁଡା ବିଧାନସଭା ପାଇଁ ମେ ୧୦ତାରିଖରେ ହୋଇଥିଲା ଉପନିର୍ବାଚନ। ୧୩ ତାରିଖରେ ଘୋଷିତ ନିର୍ବାଚନ ଫଳାଫଳରୁ ବିଜେଡିରୁ ଦୀପାଳି ଦାସ ବିଜୟୀ ହୋଇଥିଲେ। ସେ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ଭାଜପାର ଟଙ୍କଧର ତ୍ରିପାଠୀଙ୍କୁ ୪୮ ହଜାରରୁ ଊର୍ଦ୍ଧ୍ୱ ଭୋଟରେ ପରାଜିତ କରିଥିଲେ। ଦୀପାଳିଙ୍କୁ ୧ ଲକ୍ଷ ୭ ହଜାର ଭୋଟ ମିଳିଥିବାବେଳେ ଟଙ୍କଧରଙ୍କୁ ୫୮ ହଜାରରୁ ଊର୍ଦ୍ଧ୍ୱ ଭୋଟ ମିଳିଥିଲା।

## ପୁରୁଷ ହକି ବିଶ୍ୱକପ୍

୨୦୨୩ ଆରମ୍ଭରେ ପୁରୁଷ ହକି ବିଶ୍ୱକପ୍‌କୁ ଆଡ଼ମ୍ବରପୂର୍ଣ୍ଣ ଭାବେ ଆୟୋଜନ କରି ଓଡ଼ିଶା ପ୍ରଶଂସା ସାଉଁଟିଥିଲା। ହକି ବିଶ୍ୱକପ୍‌ର କିଛି ପ୍ରତିଯୋଗିତା ବିର୍ସା ମୁଣ୍ଡା ଅନ୍ତର୍ଜାତୀୟ ହକି ଷ୍ଟାଡ଼ିୟମରେ ଆୟୋଜିତ ହୋଇଥିବାରୁ ରାଉରକେଲାର ଗୁରୁତ୍ୱ ବଢ଼ିଯାଇଥିଲା। ଏହି ମେଗା ପ୍ରତିଯୋଗିତାରେ ମୋଟ ୧୬ଟି ଦଳ ଅଂଶଗ୍ରହଣ କରିଥିଲେ। ଦେଶ ବିଦେଶର ଖେଳାଳି, ଅଫିସିଆଲ ଓ ଦର୍ଶକଙ୍କ ସମାଗମରେ ଉତ୍ସବମୁଖରିତ ହୋଇ ଉଠିଥିଲା ରାଉରକେଲା।

## ଆତଙ୍କ ଖେଳାଇଲା କଲରାପତରିଆ



ନୂଆପଡ଼ା ଜିଲା କୋମନା ବ୍ଲକ ଅଧୀନ ସୁନାବେଡ଼ା ବନ୍ୟପ୍ରାଣୀ ଅଭୟାରଣ୍ୟ ଭିତରେ ବର୍ଷତମାମ କଲରାପତରିଆ ବାଘ ଆତଙ୍କ ଦେଖାଦେଇଥିଲା। ମାର୍ଚ୍ଚ ୨୦ ତାରିଖରେ ସୋସେଙ୍ଗ ପଞ୍ଚାୟତ ଜଲମଡେଇ ଗାଁର ସାନମତି ବାରିକ (୬୮) ଜଙ୍ଗଲକୁ କାଠ ସଂଗ୍ରହ ପାଇଁ ଯାଇଥିବାବେଳେ ତାଙ୍କୁ ବାଘ ଖାଇ ଦେଇଥିଲା। ଅକ୍ଟୋବର ୩୦ରେ ଅଭୟାରଣ୍ୟ ଭିତରେ ଅବସ୍ଥିତ କଟିଙ୍ଗପାଣି ଗାଁର ଗୌଧସପଡ଼ାର ହୁମନ ଧରୁଆଙ୍କ ପୁଅ ଡମ୍ବୁର (୭)ଙ୍କୁ ବାଘ ଖାଇଥିବା ପରିବାର ଏବଂ ଗ୍ରାମବାସୀ ଅଭିଯୋଗ କରିଥିଲେ। ସେହିପରି ଅଞ୍ଚଳରେ ଆତଙ୍କ ଖେଳାଇଥିବା ଏକ କଲରାପତରିଆ ବାଘ ନଭେମ୍ବର ୪ ରାତିରେ ଯନ୍ତାରେ ଧରାପଡ଼ିଥିଲା। ଏବେ ସେ ସମ୍ବଲପୁରସ୍ଥିତ ଜୁ'ରେ ରହିଛି। ଘଟଣାକ୍ରମେ ଅନ୍ୟ ଏକ କଲରାପତରିଆ ବାଘର ମୃତ୍ୟୁ ଘଟିଛି। ନୂଆପଡ଼ା ସଦର ବନ ବିଭାଗ ରେଞ୍ଜ କାର୍ଯ୍ୟାଳୟରେ ୨୪ ଦିନ ଚିକିତ୍ସିତ ହେଉଥିବା କଲରାପତରିଆ ବାଘ ମେ ୮ରେ ଆଖି ବୁଜିଥିଲା। ଏପ୍ରିଲ ୧୬ରେ ଧରବନ୍ଧା ବିଟ ସିଲିଆରି ବାହାରା ଗାଁ ଆମକୋନୀ ଜଙ୍ଗଲରୁ ଉକ୍ତ ବାଘକୁ ଗୁରୁତର ଅବସ୍ଥାରେ ବନ ବିଭାଗ ଉଦ୍ଧାର କରିଥିଲା।




## ବିଶ୍ୱର ସର୍ବବୃହତ୍ ହକି ଷ୍ଟାଡିୟମ

ହକିର ଗଡ଼ ସୁନ୍ଦରଗଡ଼ ଜିଲାରେ ୧୫ ଏକର ଜମିରେ ନବନିର୍ମିତ ବିର୍ସା ମୁଣ୍ଡା ଷ୍ଟାଡିୟମ ଚର୍ଚ୍ଚାରେ ରହିଥିଲା। ୨୦୨୩ ଜାନୁୟାରୀ ୫ରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ଏହା ଉଦ୍‌ଘାଟିତ ହୋଇଥିଲା। ବିର୍ସା ମୁଣ୍ଡା ଷ୍ଟାଡିୟମ କେବଳ ହକି ପାଇଁ ଉତ୍ସର୍ଗୀକୃତ ହେବା ସହ ଚେୟାର ବ୍ୟବସ୍ଥା ଦୃଷ୍ଟିରୁ ଏହାକୁ ସର୍ବବୃହତ୍ ହକି ଷ୍ଟାଡିୟମର ମାନ୍ୟତା ମିଳିଥିଲା। ଏଥିପାଇଁ ଏହାକୁ ଗିନିଜ୍ ୱାର୍ଲ୍ଡ ରେକର୍ଡ୍ସର ସ୍ୱୀକୃତି ମଧ୍ୟ ମିଳିଥିଲା।

ଧରିତ୍ରୀ
DHARITRI
ଧରିତ୍ରୀ 50 Years
ଭୁବନେଶ୍ୱର, ଶୁକ୍ରବାର, ଡିସେମ୍ବର ୨୨/୨୦୨୩ | Bhubaneswar, Friday, December 22/2023 

# ସିଜେଆଇଙ୍କ ବଦଳରେ କେନ୍ଦ୍ରମନ୍ତ୍ରୀ

## ସିଇସି, ଇସି ନିଯୁକ୍ତି ବିଧେୟକ ପାର୍ଲାମେଣ୍ଟରେ ଗୃହୀତ

**ନୂଆଦିଲ୍ଲୀ,୨୧।୧୨**

ନିଲମ୍ବନ ଯୋଗୁ ଅଧିକାଂଶ ବିରୋଧୀ ଏମ୍‌ପିଙ୍କ ଅନୁପସ୍ଥିତିରେ ଗୁରୁବାର ଲୋକ ସଭାରେ ମୁଖ୍ୟ ନିର୍ବାଚନ କମିଶନର (ସିଇସି) ଏବଂ ନିର୍ବାଚନ କମିଶନର (ଇସି) ନିଯୁକ୍ତି ପାଇଁ ନୂଆ ବ୍ୟବସ୍ଥା ନିମନ୍ତେ ବିଲ୍ ଧ୍ୱନିମତରେ ଗୃହୀତ ହୋଇଛି। ଗତ ୧୨ ତାରିଖରେ ରାଜ୍ୟ ସଭା ବିରୋଧୀ ସଦସ୍ୟଙ୍କ କକ୍ଷତ୍ୟାଗ ମଧ୍ୟରେ ଏହି ମୁଖ୍ୟ ନିର୍ବାଚନ କମିଶନର ଓ ଅନ୍ୟ ନିର୍ବାଚନ କମିଶନର(ନିଯୁକ୍ତି, ସେବା ନିୟମ ଓ ସର୍ତ୍ତାବଳୀ) ବିଲ୍, ୨୦୨୩କୁ ଅନୁମୋଦନ କରିଥିଲା। ଫଳରେ ଉକ୍ତ ବିଲ୍ ପାର୍ଲାମେଣ୍ଟର ଅନୁମୋଦନ ଲାଭ କରିଥିବାରୁ ଏବେ ରାଷ୍ଟ୍ରପତିଙ୍କ ମଞ୍ଜୁରୀ ପାଇଁ ପଠାଯିବ।

ବିଲ୍ ଆଇନରେ ପରିଣତ ହେଲେ ଚୟନ କମିଟିର ସୁପାରିସକ୍ରମେ ରାଷ୍ଟ୍ରପତି ସିଇସି ଏବଂ ଇସିଙ୍କୁ ନିଯୁକ୍ତି ପ୍ରଦାନ କରିବେ। ଚୟନ କମିଟିରେ ପ୍ରଧାନମନ୍ତ୍ରୀ, ଜଣେ କ୍ୟାବିନେଟ ମନ୍ତ୍ରୀ, ବିରୋଧୀ ଦଳ ନେତା/ଲୋକ ସଭାର ସର୍ବବୃହତ୍ ବିରୋଧୀ ଦଳର ନେତା ସଦସ୍ୟ ରହିବେ। କମିଟିରେ କୌଣସି ପଦବୀ ଖାଲି ଥିଲେ ମଧ୍ୟ ଏହାର ସୁପାରିସ କାଏମ ରହିବ। ବିଲ୍‌ର ଅନ୍ୟ ଏକ ବିନ୍ଦୁକୁ ନେଇ ପୂର୍ବତନ ନିର୍ବାଚନ ଅଧିକାରୀମାନେ ସମାଲୋଚନା କରିଥିଲେ। ବିଧେୟକରେ ସିଇସି ଏବଂ ଇସିଙ୍କଠାରୁ ସୁପ୍ରିମକୋର୍ଟ ବିଚାରପତିଙ୍କ ପାହ୍ୟା କାଢ଼ିନିଆଯାଇଛି। ସେମାନଙ୍କ ବେତନ ଏବଂ ପାହ୍ୟାକୁ କ୍ୟାବିନେଟ ସଚିବ ର୍ୟାଙ୍କର ଅଧିକାରୀଙ୍କ ସହ ସମାନ କରାଯାଇଥିଲା। ଏହି ପରିବର୍ତ୍ତନକୁ ବଦଳାଇବେ ବୋଲି ସରକାର ପରେ ନିଷ୍ପତ୍ତି ନେଇଥିଲେ।

ପୂର୍ବରୁ ସୁପ୍ରିମକୋର୍ଟ ତାଙ୍କ ରାୟରେ ନିର୍ବାଚନ କମିଶନର ନିଯୁକ୍ତି ଏକ କମିଟିର ପରାମର୍ଶକ୍ରମେ ହେବା ଉଚିତ ବୋଲି କହିଥିଲେ। ଉକ୍ତ କମିଟିରେ ପ୍ରଧାନମନ୍ତ୍ରୀ, ବିରୋଧୀ ଦଳ ନେତା ଏବଂ ଭାରତର ପ୍ରଧାନ ବିଚାରପତି (ସିଜେଆଇ) ରହିବେ। ନିର୍ବାଚନ କମିଶନକୁ ରାଜନୀତି ପ୍ରଭାବରୁ ମୁକ୍ତ ରଖିବା ସର୍ବୋଚ୍ଚ ଅଦାଲତଙ୍କ ରାୟର ଉଦ୍ଦେଶ୍ୟ ଥିଲା। ନୂଆ ବିଧେୟକରେ କେନ୍ଦ୍ର ସରକାର ପ୍ରଧାନ ବିଚାରପତିଙ୍କ ସ୍ଥାନରେ ଜଣେ କେନ୍ଦ୍ରମନ୍ତ୍ରୀଙ୍କୁ ନେଇଛନ୍ତି, ଯାହା ଶୀର୍ଷ ନିର୍ବାଚନ ଅଧିକାରୀଙ୍କୁ ନିଯୁକ୍ତି ଦେବାରେ ସରକାରଙ୍କୁ ଅଧିକ କ୍ଷମତା ପ୍ରଦାନ କରିବା ସହ ଇସିଙ୍କ ସ୍ୱୟଂକ୍ରିୟ କ୍ଷମତା ସହିତ ସାଲିସ କରାଯାଇଥିବା ନେଇ ବିରୋଧୀ ଆପତ୍ତି ଉଠାଇଛନ୍ତି। ରାଜ୍ୟ ସଭାରେ ଆଲୋଚନା ବେଳେ କଂଗ୍ରେସ ଏମ୍‌ପି ରଣଦୀପ୍ ସୂର୍ଯ୍ୟେୱାଲା ଏହି ପ୍ରସଙ୍ଗ ଉଠାଇଥିଲେ। ମୋଦି ସରକାର ଭାରତର ଗଣତନ୍ତ୍ର ଉପରେ ଆକ୍ରମଣ କରିଛନ୍ତି। ଗଣତନ୍ତ୍ର ଏବଂ ନିର୍ବାଚନୀ କଳର ସ୍ୱୟଂକ୍ରିୟତା ଏବଂ ନିର୍ଭୀକତା ଉପରେ ବୁଲ୍‌ଡୋଜର ମଡ଼ାଇ ଦିଆଯାଇଥିବା ସୂର୍ଯ୍ୟେୱାଲା କହିଥିଲେ।

ଲୋକ ସଭାରେ ଆଲୋଚନାର ଉତ୍ତର ଦେଇ ଆଇନ ମନ୍ତ୍ରୀ ଅର୍ଜୁନରାମ ମେଘୱାଲ କହିଥିଲେ, ୧୯୯୧ ଅଧିନିୟମରେ ଶୀର୍ଷ ନିର୍ବାଚନ ଅଧିକାରୀମାନଙ୍କ ସେବା ସର୍ତ୍ତାବଳୀ ଉପଯୁକ୍ତ ଭାବେ ନିରୂପଣ କରାଯାଇ ନ ଥିଲା, ଯାହା ବର୍ତ୍ତମାନର ବିଲ୍‌ରେ ପୂରଣ କରାଯାଇଛି। ବିଭିନ୍ନ ମହଲରୁ ବିରୋଧ କରାଯିବା ପରେ ବିଲ୍‌ରେ କେତେକ ପରିବର୍ତ୍ତନ କରାଯାଇଥିଲା। ଉକ୍ତ ବିଲ୍ ନିର୍ବାଚନ କମିଶନଙ୍କ ନିରପେକ୍ଷତା ସହ ସାଲିସ୍ କରିବ ବୋଲି ବିରୋଧୀ ଦଳ ଅଭିଯୋଗ କରିଥିଲା।

## ଖବରକାଗଜ ପଞ୍ଜୀକରଣ ସରଳୀକରଣ ବିଲ୍‌କୁ ମଞ୍ଜୁରୀ

ପ୍ରକାଶନ ଶିଳ୍ପକୁ ପରିଚାଳନା କରୁଥିବା ବ୍ରିଟିଶ ଅମଳର ଆଇନ ସ୍ଥାନରେ ସରକାର ଆଣିଥିବା ନୂଆ ବିଲ୍‌କୁ ଗୁରୁବାର ପାର୍ଲାମେଣ୍ଟ ମଞ୍ଜୁରୀ ପ୍ରଦାନ କରିଛି। ଏହି ବିଲ୍ ଆଇନରେ ପରିଣତ ହେଲେ ଖବରକାଗଜ ପଞ୍ଜୀକରଣ ପଦ୍ଧତି ସରଳ ହୋଇଯିବ। ପ୍ରେସ୍ ଆଣ୍ଡ ରେଜିଷ୍ଟ୍ରେଶନ ଅଫ୍ ପିରିଅଡିକାଲ୍ସ ବିଲ୍, ୨୦୨୩ ଧ୍ୱନିମତରେ ଗୃହୀତ ହୋଇଥିବା ସୂଚନା ଓ ପ୍ରସାରଣ ମନ୍ତ୍ରୀ ଅନୁରାଗ ଠାକୁର କହିଛନ୍ତି। ପୁରୁଣା ଆଇନରେ ଖବରକାଗଜ ପଞ୍ଜୀକରଣ ପାଇଁ ୮ ପର୍ଯ୍ୟାୟ ପଦ୍ଧତି ଥିବାବେଳେ ବିଲ୍‌ରେ ତାହାକୁ ଗୋଟିଏ ପର୍ଯ୍ୟାୟ ପଦ୍ଧତିରେ ପରିଣତ କରାଯାଇଛି। ପ୍ରେସ୍ ଆଣ୍ଡ ରେଜିଷ୍ଟ୍ରେଶନ ଅଫ୍ ବୁକ୍ସ ଅଧିନିୟମ, ୧୮୬୭ ସ୍ଥାନରେ ଏହା ଲାଗୁ ହେବ। ଫଳରେ ଖବରକାଗଜ ଓ ପତ୍ରିକାଗୁଡ଼ିକର ପଞ୍ଜୀକରଣ ପ୍ରକ୍ରିୟା ସରଳ, ସ୍ମାର୍ଟ ଓ ଏକକାଳୀନ ପ୍ରକ୍ରିୟାରେ ହୋଇପାରିବ।




ପାର୍ଲାମେଣ୍ଟରୁ ଇଣ୍ଡିଆ ମେଣ୍ଟର ସଦସ୍ୟମାନଙ୍କୁ ନିଲମ୍ବନ ପ୍ରତିବାଦରେ ଗୁରୁବାର ବିକ୍ଷୋଭ ଶୋଭାଯାତ୍ରା ପରେ ଗଣମାଧ୍ୟମକୁ ସମ୍ବୋଧିତ କରୁଛନ୍ତି କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ। **(ଫଟୋ: ଚମନ ଗୌତମ)**

# ବିମାନରେ ଆସି ଲୁଟୁଥିଲେ

**ଧରାପଡ଼ିଲେ ଆନ୍ତଃ ରାଜ୍ୟ ଏଟିଏମ୍ ଲୁଟେରା ଗ୍ୟାଙ୍ଗ୍**

- ୬ଗିରଫ, ୬.୬୨ ଲକ୍ଷ ଟଙ୍କା ଜବତ
- ଅଭିଯୁକ୍ତଙ୍କୁ ରିମାଣ୍ଡରେ ନେବ ପୋଲିସ

**ବଲାଙ୍ଗୀର, ୨୧।୧୨ (ବୀରେନ୍ଦ୍ର କୁମାର ଝାଙ୍କର)**

ଏଟିଏମ୍ ଲୁଟ୍ କରିବାକୁ ବିମାନରେ ଆସିଥିଲେ ଲୁଟେରା ଗ୍ୟାଙ୍ଗ୍। ଏକଥା ଅବାସ୍ତବ ମନେହେଉଥିଲେ ମଧ୍ୟ ସତ୍ୟ। ଏହି ଲୁଟେରା ଗ୍ୟାଙ୍ଗ୍‌ର ୬ଜଣ ସଦସ୍ୟ ଗିରଫ ହେବା ପରେ ଘଟଣାଟି ଜଣାପଡିଛି। ବଲାଙ୍ଗୀର ଏସ୍‌ପି ଋଷିକେଶ ଖିଲାରୀ ଗୁରୁବାର ସ୍ଥାନୀୟ ଜିଲା ପୋଲିସ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଏକ ଖବରଦାତା ସମ୍ମିଳନୀ କରି ଏ ନେଇ ସୂଚନା ଦେଇଛନ୍ତି। ଗିରଫ ଆନ୍ତଃ ରାଜ୍ୟ ଏଟିଏମ୍ ଲୁଟେରା ଗ୍ୟାଙ୍ଗ୍‌ର ୬ ସଦସ୍ୟଙ୍କଠାରୁ ୬ଲକ୍ଷ ୬୨ ହଜାର ୮ ଶହ ଟଙ୍କା, ଏକ କ୍ରେଟା କାର୍ (ଆରଜେ୪୫ସିୱାଇ୧୬୭୬), ୬ଟି ମୋବାଇଲ, ଏକ ଗ୍ୟାସ୍ ସିଲିଣ୍ଡର, ଜାଲ୍ ଗାଡି ନମ୍ବର ପ୍ଲେଟ୍, ପରିଚୟ ପତ୍ର ଓ ଅନ୍ୟ ସାମଗ୍ରୀ ଜବତ ହୋଇଛି। ଗିରଫ ଅଭିଯୁକ୍ତମାନେ ହେଲେ ରାଜସ୍ଥାନର ଭରତପୁର ଜିଲା ଜୁର୍ହେରା ଥାନାର ସମ୍ମିକା ଗ୍ରାମର ସଦ୍ଦାମ ଖାନ୍ ଓରଫ୍ ସଦ୍ଦାମ (୩୨), ମୁସ୍ତକିମ୍ (୨୮), ରାହୁଲ ଖାନ୍ ଓରଫ୍ ରାହୁଲ (୨୫) ଓ ଏହଶାନ୍ (୨୯), ଖୋ ଥାନା ଅନ୍ତର୍ଗତ କଲ୍ୟାଣପୁର ଗାଁର ଅବିଦ୍ (୩୩) ଏବଂ ଅଲୱର ଜିଲା ନୂଆଗାଁ ଥାନାର ରଘୁନାଥଗଡ ଗାଁର ବଦ୍ଦଲ ଓରଫ୍ ଶରୁନ୍ (୩୫)। ଓଡ଼ିଶା-ଛତିଶଗଡ ସୀମାନ୍ତ ସୋହେଲା ଢାବାରୁ ଏହି ୬ ଜଣ ଆନ୍ତଃ ରାଜ୍ୟ ରାଜସ୍ଥାନୀ ଲୁଟେରାଙ୍କୁ ବଲାଙ୍ଗୀର ପୋଲିସ ☞ପୃଷ୍ଠା-୨




## ସଂକ୍ଷେପରେ

### ସ୍ୱଚ୍ଛ ଭାରତ ଅଭିଯାନ ପ୍ରତିଯୋଗୀ ପୁରସ୍କୃତ

ପଦ୍ମପୁର,୨୧।୧୨(ପ୍ରଦୀପ୍ତ ଦାଶ): ପଦ୍ମପୁର ବ୍ଲକ ମେଲଛାମୁଣ୍ଡା ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ର ତରଫରୁ ସ୍ଥାନୀୟ ଉଚ୍ଚବିଦ୍ୟାଳୟରେ ସ୍ୱଚ୍ଛ ଭାରତ ଅଭିଯାନ ଉପରେ ଏକ ପ୍ରବନ୍ଧ ପ୍ରତିଯୋଗିତା ହୋଇଥିଲା। ଏଥିରେ ବିଦ୍ୟାଳୟର ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ ଏବଂ ପ୍ରିୟା କାଲୋ ପ୍ରଥମ, ଆଦ୍ୟାଶା ସାହୁ ଦ୍ୱିତୀୟ, ଅନିଶ ଦାଶ ତୃତୀୟ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିଲେ। ପୁରସ୍କାର ବିତରଣୀ ଉତ୍ସବରେ ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ରର ଆୟୁଷ ଡାକ୍ତର ଦେବାଶିଷ ରଥ, ସୁପରଭାଇଜର ରାଜେନ୍ଦ୍ର କୁମାର ମିଶ୍ର, ଫାର୍ମାସିଷ୍ଟ ସୋମନାଥ ମେହେର, ଉପେନ୍ଦ୍ର ସାହୁ, ପ୍ରଧାନଶିକ୍ଷକ ଚିନ୍ତାମଣି ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

### ୨୪ରେ ଲାୟନ୍ସ କ୍ଲବର ସ୍ୱାସ୍ଥ୍ୟ ଶିବିର

ପଦ୍ମପୁର,୨୧।୧୨(ପ୍ରଦୀପ୍ତ ଦାଶ): ଆସନ୍ତା ଡିସେମ୍ବର ୨୪ ତାରିଖରେ ପଦ୍ମପୁର ଲାୟନ୍ସ କ୍ଲବ ତରଫରୁ ସ୍ଥାନୀୟ ସରକାରୀ ବାଳିକା ଉଚ୍ଚବିଦ୍ୟାଳୟରେ ମାଗଣା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହେବ। ଏଥିରେ ବୁର୍ଲା ମେଡିକାଲର ଭେଷଜ, ଶିଶୁ, କର୍କଟ, କର୍ଣ୍ଣ, ନାସା, ଗଳା, ଦନ୍ତ, ଶଲ୍ୟ, ହୃଦ୍‌ରୋଗ, ଚର୍ମ, ସ୍ନାୟୁ ଓ ଅସ୍ଥି ଶଲ୍ୟ ବିଭାଗର ବିଶେଷଜ୍ଞ ଡାକ୍ତରମାନେ ଯୋଗ ଦେଇ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିବେ ବୋଲି ଲାୟନ୍ସ କ୍ଲବ ସଭାପତି ପ୍ରିତମ ମେହେର ଜଣାଇଛନ୍ତି ।

### କମ୍ୟୁନିଷ୍ଟ ନେତାଙ୍କ ପରଲୋକରେ ଶୋକସଭା

ବରଗଡ଼,୨୧।୧୨(ପ୍ରେମାନନ୍ଦ ଖମାରୀ): କମ୍ୟୁନିଷ୍ଟ ନେତା ରମେଶ ଚନ୍ଦ୍ର ଗୁରୁଙ୍କ ପରଲୋକରେ ଗୁରୁବାର ଭାରତୀୟ କମ୍ୟୁନିଷ୍ଟ ପାର୍ଟି (ସିପିଆଇ) ବରଗଡ଼ ଜିଲା ପକ୍ଷରୁ ଏକ ଶୋକସଭା ଅନୁଷ୍ଠିତ ହୋଇଥିଲା। ସିପିଆଇ ଜିଲା ସଭାପତି ନିରଞ୍ଜନ ପାଣିଗ୍ରାହୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଶୋକସଭାରେ ଗଣ ଇସ୍ତାହାରର ମୁଖ୍ୟ ସମ୍ପାଦକ ପ୍ରସନ୍ନ କୁମାର ମିଶ୍ର ଯୋଗଦେଇ ସ୍ୱର୍ଗତ ଗୁରୁଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ବରିଷ୍ଠ କମ୍ୟୁନିଷ୍ଟ ନେତା ସନ୍ତୋଷ ପ୍ରଧାନ ଭେଡ଼େନ ଅଞ୍ଚଳରେ, ପ୍ରେମ ଅଗ୍ରୱାଲ ଭଟଲି ଅଞ୍ଚଳର ଐତିହାସିକ ଜନଆନ୍ଦୋଳନ ଏବଂ ସେଥିରେ ସ୍ୱର୍ଗତ ଗୁରୁଙ୍କ ଭୂମିକା ଉପରେ ଆଲୋକପାତ କରିଥିଲେ। ମାନସ ରଞ୍ଜନ ରଥ, ସୁଦାମ ଦୋରା, ଯୁଗୁନୁ ଜଗଦଲା, ରବିନ୍ଦ୍ର ଛତ୍ରିଆ, ସରୋଜ ପୂଜାରୀ ପ୍ରମୁଖ ଯୋଗଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

# ପ୍ରସ୍ତାବିତ ପଦ୍ମପୁର ଜିଲାରେ ବରପାଲିକୁ ସାମିଲ କଲେ ଆନ୍ଦୋଳନ

ବରପାଲି,୨୧।୧୨(ଚିତ୍ତରଞ୍ଜନ ସାହୁ)

ପ୍ରସ୍ତାବିତ ପଦ୍ମପୁର ଜିଲାରେ ବରପାଲି ପଞ୍ଚାୟତ ସମିତି ଓ ଏନ୍‌ଏସିକୁ ସାମିଲ କରାଯିବା ନେଇ କଳ୍ପନାଜଳ୍ପନା ଚାଲିଥିବା ବେଳେ ବରପାଲିରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଏ ନେଇ ବରପାଲି ଓକିଲ ସଂଘର ଏକ ଜରୁରୀ ବୈଠକ ଗୁରୁବାର ଅନୁଷ୍ଠିତ ହୋଇଥିଲା। ଏହାପରେ ଅପରାହ୍ଣ ୩ଟାରେ ଓକିଲ ସଂଘ ପକ୍ଷରୁ ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଏଥିରେ ଓକିଲ ସଂଘ ସଭାପତି ଆନନ୍ଦ ସାହୁ ଅଧକ୍ଷତା କହିଥିଲେ, ପ୍ରସ୍ତାବିତ ପଦ୍ମପୁର ଜିଲାରେ ବରପାଲି ପଞ୍ଚାୟତ ସମିତି ଏବଂ ଏନ୍‌ଏସିକୁ ସାମିଲ କରାଯିବା ନେଇ ବିଭିନ୍ନ ଗଣମାଧ୍ୟମରେ ଚର୍ଚ୍ଚା ହେଉଛି। ଏହି ପ୍ରସ୍ତାବ ସମ୍ପୂର୍ଣ୍ଣ ଭାବେ ତ୍ରୁଟିପୂର୍ଣ୍ଣ। ବରପାଲିଠାରୁ ବରଗଡ଼ ଜିଲା ସଦର ମହକୁମାର ଦୂରତା ମାତ୍ର ୨୦ କି.ମି.। ଯଦି ବରପାଲି ପଦ୍ମପୁର ଜିଲାରେ ସାମିଲ ହେଲେ ଏହାର ଦୂରତା ୭୦ କି.ମି. ହେବ। ଫଳରେ ପ୍ରତ୍ୟେକ କ୍ଷେତ୍ରରେ ଜନସାଧାରଣ ଅସୁବିଧାର ସମ୍ମୁଖୀନ ହେବେ। ତେବେ ଏ ନେଇ ସରକାର ସ୍ପଷ୍ଟୀକରଣ ଦିଅନ୍ତୁ ବୋଲି ବରିଷ୍ଠ ଓକିଲ ତାରାପଦ ତ୍ରିପାଠୀ ଦାବି କରିଛନ୍ତି। ଶୁକ୍ରବାର ଅପରାହ୍ଣ ୩ଟାରେ ବରପାଲି ବ୍ଲକର ସମସ୍ତ ସରପଞ୍ଚ ଓ ଏନ୍‌ଏସିର ସମସ୍ତ କାଉନସିଲର ତଥା ସମସ୍ତ ନିର୍ବାଚିତ ଜନପ୍ରତିନିଧିଙ୍କ ସମେତ ବିଭିନ୍ନ ଅନୁଷ୍ଠାନକୁ ମଧ୍ୟ ଏହି ଆନ୍ଦୋଳନରେ ସାମିଲ କରାଯିବ ବୋଲି ଓକିଲ ସଂଘର ସଭାପତି ଆନନ୍ଦ ସାହୁ ପ୍ରକାଶ କରିଛନ୍ତି। ସରକାର ଏଥିରୁ ଓହରି ନ ଯିବା ପର୍ଯ୍ୟନ୍ତ ସବୁ ପ୍ରକାର ବିରୋଧ, ଆନ୍ଦୋଳନ, ଦରକାର ହେଲେ ବରପାଲି ସହର ସମେତ ସମଗ୍ର ବରପାଲି ଗ୍ରାମାଞ୍ଚଳକୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ବନ୍ଦ କରାଯିବ। ଆମେ ବରଗଡ଼ ଜିଲାରେ ଅଛୁ, ଅନ୍ୟ କୌଣସି ଜିଲାକୁ ଯିବାର ପ୍ରଶ୍ନ ଉଠୁନାହିଁ ବୋଲି ବରିଷ୍ଠ ଓକିଲ ରବୀନ୍ଦ୍ର କୁମାର ପଣ୍ଡା ପ୍ରକାଶ କରିଛନ୍ତି। ଖବରଦାତା ସମ୍ମିଳନୀରେ ଓକିଲ ସଂଘ ଉପ ସଭାପତି ମନୋଜ ପଟ୍ଟନାୟକ, ସମ୍ପାଦକ ଈଶ୍ୱର ବାଗ, ଲାଲ ବିକ୍ରମ ସିଂ ଦେଓ,ବାବୁଲୁ ସାହୁ, ରାମେଶ୍ୱର କୋକା, ଶରତ ପାଣିଗ୍ରାହୀ, ହିମାଂଶୁ ଶେଖର ସାହୁ, ବ୍ରହ୍ମାନନ୍ଦ ପ୍ରଧାନ, ଅନନ୍ତ ନାରାୟଣ ବଇଠାରୁ, ସୁଧୀର ମେହେର, ମହେନ୍ଦ୍ର ଗହୀର ପ୍ରମୁଖ ବହୁ ଓକିଲ ଉପସ୍ଥିତ ଥିଲେ।



ଖବରଦାତା ସମ୍ମିଳନୀରେ ଉପସ୍ଥିତ ସଦସ୍ୟମାନେ।

# ଡଙ୍ଗାଘାଟ ଉଚ୍ଚ ବିଦ୍ୟାଳୟର ରୌପ୍ୟ ଜୟନ୍ତୀ ଉଦ୍‌ଯାପିତ

ପଦ୍ମପୁର,୨୧।୧୨(ପ୍ରଦୀପ୍ତ ଦାଶ)

ପଦ୍ମପୁର ବ୍ଲକ ଡଙ୍ଗାଘାଟ ଉଚ୍ଚ ବିଦ୍ୟାଳୟରେ ରୌପ୍ୟ ଜୟନ୍ତୀ ସମାରୋହ ଅନ୍ତିମ ଦିବସର ପ୍ରଥମ ଅଧିବେଶନରେ ଭଟଲି ବିଇଓ ସରୋଜ କୁମାର ଭୁଏ ମୁଖ୍ୟ ଅତିଥି, ନାଟ୍ୟକାର ଅଶୋକ କୁମାର ବହିଦାର ମୁଖ୍ୟ ବକ୍ତା, ପ୍ରକୃତିବନ୍ଧୁ ମୀନକେତନ ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ। ସରପଞ୍ଚ ଶଙ୍କର୍ଷଣ ନାଗ ସଭାପତିତ୍ୱ କରିଥିବା ବେଳେ ପ୍ରଧାନ ଶିକ୍ଷକ ରବିଶଙ୍କର ପଧାନ ମଞ୍ଚ ପରିଚାଳନା କରିଥିଲେ। ଦ୍ୱିତୀୟ ଅଧିବେଶନରେ ପୂର୍ବତନ ଏମ୍‌ପି ପ୍ରଭାସ ସିଂ ମୁଖ୍ୟ ଅତିଥି, ପଦ୍ମପୁର ବିଧାୟିକା ବର୍ଷା ସିଂ ବରିହା, ଦିନେଶ ପାଣିଗ୍ରାହୀ, ସରପଞ୍ଚ ଶଙ୍କର୍ଷଣ ନାଗ, ନନ୍ଦିନୀ ମିଶ୍ର ସମ୍ମାନିତ ଅତିଥି ଏବଂ ଗାଇସିଲେଟ ପଞ୍ଚାୟତ ସମିତି ମହାବିଦ୍ୟାଳୟର ଓଡିଆ ବିଭାଗ ମୁଖ୍ୟ ଜୟକେତନ ତ୍ରିପାଠୀ ମୁଖ୍ୟ ବକ୍ତା ଭାବେ ଯୋଗଦାନ କରିଥିଲେ। ଯୁବ ସମାଜସେବୀ ଚନ୍ଦ୍ରଶେଖର ସାହୁ ସଭାପତିତ୍ୱ କରିଥିବା ବେଳେ ପ୍ରଧାନ ଶିକ୍ଷକ ରବିଶଙ୍କର ପଧାନ ମଞ୍ଚ ପରିଚାଳନା କରିଥିଲେ। ଏହି ଅବସରରେ ମୁଖ୍ୟ ଅତିଥି ପଞ୍ଚାୟତସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରମାନଙ୍କୁ ପୁରସ୍କୃତ କରିଥିଲେ। ସଂଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା।



ମୁଖ୍ୟ ଅତିଥି ଛାତ୍ରୀମାନଙ୍କୁ ପୁରସ୍କୃତ କରୁଛନ୍ତି ।

# ପାଇକମାଲ ହାଇସ୍କୁଲର ହୀରକ ଜୟନ୍ତୀ ପ୍ରଥମ ବାର୍ଷିକୀ ପାଳିତ




କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିବୃନ୍ଦ।

ପାଇକମାଲ,୨୧।୧୨(ବଡ ଶତପଥୀ)

ବରଗଡ ଜିଲା ପାଇକମାଲ ସରକାରୀ ଉଚ୍ଚବିଦ୍ୟାଳୟ ହୀରକ ଜୟନ୍ତୀର ପ୍ରଥମ ବାର୍ଷିକୀ ସମାରୋହ ପ୍ରଧାନ ଶିକ୍ଷକ ଦ୍ୱାଦଶ କୁମାର ପ୍ରଧାନଙ୍କ ଅଧକ୍ଷତାରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ପଦ୍ମପୁର ଏସ୍‌ଡିପିଓ ବିଭୂତି ଭୂଷଣ ଭୋଇ ମୁଖ୍ୟ ଅତିଥି ଭାବେ ଯୋଗଦାନ କରି ବିଦ୍ୟାଳୟର ଗୌରବ ବୃଦ୍ଧି ପାଇଁ ଆହ୍ୱାନ ଦେଇଥିଲେ। ଚୂଡ଼ାମଣି ବାରିକ ମୁଖ୍ୟବକ୍ତା ଭାବେ ଯୋଗଦାନ କରି ବିଦ୍ୟାଳୟର ଉପଲବ୍ଧି ସମ୍ବନ୍ଧରେ ଆଲୋଚନା କରିଥିଲେ। ବିଡିଓ ପ୍ରଫୁଲ୍ଲ କୁମାର ଓଦ୍ରୁ, ସୁଶୀଲ କୁମାର ଅଗ୍ରୱାଲ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ଜୟନ୍ତୀ କମିଟି ସମ୍ପାଦକ ପ୍ରଫୁଲ୍ଲ କୁମାର ପାଣିଗ୍ରାହୀ ଅତିଥି ପରିଚୟ ପ୍ରଦାନ କରିଥିଲେ। ସଭାପତି ଅନିଲ କୁମାର କାଳିଆ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଏହି ଅବସରରେ ପୂର୍ବତନ ଛାତ୍ର ଡୋଲାମଣି ମାହାର, କୁସୁମ କୁମାର ରାଓ, ଗିରିଶ କୁମାର ନାୟକ, ଚୈତନ୍ୟ କୁମାର ସାହୁ, ଗଜରାଜ ପାତ୍ର, ମହାଦେବ ବେହେରା ନିଜ ନିଜ ଅନୁଭୂତି ବଖାଣିଥିଲେ। ଏହି ଅବସରରେ ଜୟନ୍ତୀ କମିଟି ତରଫରୁ ଶିକ୍ଷୟିତ୍ରୀ ଶିକ୍ଷକମାନଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ତ୍ରିଲୋଚନ ନାୟକ ମଞ୍ଚ ପରିଚାଳନା କରିଥିଲେ। ସୁଦାମ ପାଣ୍ଡେ, ଲଳିତ କୁମାର ବିଶ୍ୱାଳ, ରଜତ କୁମାର ସାହୁ, ଅମିତ କୁମାର ସାହୁ, ମନୋଜ କୁମାର ସାହୁ, ବବିତା ବେହେରା, ମଧୁସ୍ମିତା ମେହେର, ଆନନ୍ଦିନୀ ସେଠ୍, ନିରୁପମା ସାହୁ ସହଯୋଗ କରିଥିଲେ। ବବିତା ବେହେରା ପୁରସ୍କାର ବିତରଣ କରିଥିଲେ। ଜ୍ୟୋତିର୍ମୟୀ ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

## ଶ୍ରୀଗୁଣ୍ଡିଚା ଚ୍ୟାଲେଞ୍ଜର କ୍ରିକେଟ୍ ଉଦ୍‌ଘାଟିତ

ଅମ୍ବାଭୋନା,୨୧।୧୨
(ଛନ୍ଦାଚରଣ ପ୍ରଧାନ)

ବରଗଡ଼ ଜିଲା ଅମ୍ବାଭୋନା ବ୍ଲକ ଅନ୍ତର୍ଗତ ଚିଚୋଲି-ପ୍ରକାଶପୁରସ୍ଥିତ ଶ୍ରୀଗୁଣ୍ଡିଚା ଖେଳ ପଡ଼ିଆରେ ଗୁରୁବାର ଶ୍ରୀଗୁଣ୍ଡିଚା ଚ୍ୟାଲେଞ୍ଜର କ୍ରିକେଟ ପ୍ରତିଯୋଗିତା ଉଦ୍‌ଘାଟିତ ହୋଇଛି। ଏଥିରେ ଝାରସୁଗୁଡ଼ା ଜିଲା ୧୯ଖଣ୍ଡ ମୌଜା ତ୍ରିରଙ୍ଗା ଫାଉଣ୍ଡେଶନ ସଭାପତି ପ୍ରମୋଦ ସା ମୁଖ୍ୟଅତିଥି ଭାବେ ଯୋଗଦେଇ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ଦିନବନ୍ଧୁ ସେଠ, ଦେବାର୍ଚ୍ଚନ ମଲ୍ଲିକ, ସତ୍ରାଜିତ ସାହୁ, ପିତାମ୍ବର ପ୍ରଧାନ, ଡୋଲାମଣି ସା, ଶଶିଭୂଷଣ ପ୍ରଧାନ, ନିତ୍ୟାନନ୍ଦ ବେହେରା, କାର୍ତ୍ତିକ ଦେହେରୀ, ମୁକୁନ୍ଦ ପ୍ରଧାନ, ପ୍ରଶାନ୍ତ ସାହୁ, ହେମନ୍ତ ସେଠ, ଏକାଦଶିଆ ସେଠ ପ୍ରମୁଖ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ। ଇଚ୍ଛାପୁର ଏବଂ ଭାଲୁଟାଲ ମଧ୍ୟରେ ଉଦ୍‌ଘାଟନୀ ମ୍ୟାଚ୍ ହୋଇଥିଲା। ଇଚ୍ଛାପୁର ଦଳ ଟସ୍ ଜିଣି ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇ ନିର୍ଦ୍ଧାରିତ ୮ଓଭରରେ ୩ ଉଇକେଟ୍ ହରାଇ ୮୩ ରନ ସଂଗ୍ରହ କରିଥିଲା। ଜବାବରେ ଭାଲୁଟାଲ ଦଳ ୧୦ ଉଇକେଟ୍ ହରାଇ ମାତ୍ର ୬୫ ରନ ସଂଗ୍ରହ କରିଥିଲା।

# ୧୪୮ଗ୍ରାମ ବାଲ୍ୟ ବିବାହ ମୁକ୍ତ ଘୋଷଣା

ବରଗଡ଼,୨୧।୧୨(ପ୍ରେମାନନ୍ଦ ଖମାରୀ)

ବରଗଡ଼ ଜିଲାପାଳଙ୍କ କାର୍ଯ୍ୟାଳୟ ଓସ୍ୱାନ କକ୍ଷରେ ଅନୁଷ୍ଠିତ ବୈଠକରେ ଗୁରୁବାର ବରଗଡ଼ ଜିଲାପାଳ ମୋନିଷା ବାନାର୍ଜୀ ଜିଲାର ପାଇକମାଲ, ପଦ୍ମପୁର, ବିଜେପୁର ଏବଂ ଗାଇସିଲେଟ ବ୍ଲକର ୧୪୮ଗ୍ରାମକୁ ବାଲ୍ୟ ବିବାହ ମୁକ୍ତ ଗ୍ରାମ ଭାବେ ଘୋଷଣା କରିଛନ୍ତି। ବାଲ୍ୟ ବିବାହ ଏକ କୁପ୍ରଥା। ଏହାଦ୍ୱାରା କିଶୋରୀ, କିଶୋରମାନଙ୍କ ଶିକ୍ଷାଗତ ତଥା ସାମାଜିକ ବିକାଶରେ ଅବନତି ହେଉଛି। ତେଣୁ ଏହା ବିରୋଧରେ ଯୁବତୀଯୁବକ ତଥା ଜନସାଧାରଣଙ୍କୁ ସଚେତନ ହେବା ଜରୁରୀ ବୋଲି ଜିଲାପାଳ ବାନାର୍ଜୀ ତାଙ୍କ ଅଭିଭାଷଣରେ କହିଥିଲେ। ଆଗାମୀ ଦିନରେ ସମ୍ପୂର୍ଣ୍ଣ ଜିଲାକୁ ବାଲ୍ୟ ବିବାହ ମୁକ୍ତ ଜିଲା ଭାବେ ଘୋଷଣା କରିବା ପାଇଁ ଜିଲାପାଳ ବାନାର୍ଜୀ ପ୍ରଶାସନିକ ଅଧିକାରୀ, ଜନସାଧାରଣ, ଗଣମାଧ୍ୟମ ପ୍ରତିନିଧିଙ୍କ ସମେତ ସମସ୍ତଙ୍କ ସହଯୋଗ କାମନା କରିଥିଲେ।



ବୈଠକରେ ଜିଲାପାଳ ଏବଂ ଅନ୍ୟ ପଦାଧିକାରୀବୃନ୍ଦ ।

# ସ୍ୱର୍ଣ୍ଣ ପଦକ ବିଜେତାଙ୍କୁ ସମ୍ବର୍ଦ୍ଧନା



କୃତୀ କ୍ରୀଡ଼ାବିତ୍‌ଙ୍କୁ ବରଗଡ଼ ବିଧାୟକ ସମ୍ବର୍ଦ୍ଧିତ କରୁଛନ୍ତି ।

ବରଗଡ଼,୨୧।୧୨(ପ୍ରେମାନନ୍ଦ ଖମାରୀ)

ଦିଲ୍ଲୀରେ ଅନୁଷ୍ଠିତ ତୃତୀୟ ଜାତୀୟ ମାଷ୍ଟର୍ସ ଗେମ୍‌ରେ ବରଗଡ଼ ଜିଲା ସରଲା ଗ୍ରାମ ନିବାସୀ ତଥା ପୋଲିସ କର୍ମଚାରୀ ସନ୍ତୋଷ କୁମାର ପ୍ରଧାନ ୩ଟି ସ୍ୱର୍ଣ୍ଣ ପଦକ ପାଇଛନ୍ତି। ଟ୍ରିପଲ ଜମ୍ପ, ଲଙ୍ଗ୍ ଜମ୍ପ ଏବଂ ୧୦୦ ମିଟର ଦୌଡ଼ ପ୍ରତିଯୋଗିତାରେ ଭାଗ ନେଇ ସେ ଏହି କୃତିତ୍ୱ ଅର୍ଜନ କରିଛନ୍ତି। ସନ୍ତୋଷଙ୍କ ଏହି ସଫଳତାରେ ଜିଲା ଯୋଜନା କମିଟି ଅଧ୍ୟକ୍ଷ ତଥା ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ ଗୁରୁବାର ତାଙ୍କୁ ସମ୍ବର୍ଦ୍ଧିତ କରିଛନ୍ତି। ସମ୍ବର୍ଦ୍ଧନା ସମାରୋହରେ ମାହେଶ୍ୱରୀ ସେନାର ଦିଗ୍‌ଦର୍ଶକ ନିର୍ମଳ ଦେହେରୀ, ପଶ୍ଚିମ ଓଡ଼ିଶା କଳାକାର ମହାସଂଘ ସଭାପତି ଚୈତନ୍ୟ ପାଇକ ପ୍ରମୁଖ ଉପସ୍ଥିତ ଥିଲେ।

# ମୌଳିକ ସାକ୍ଷରତା, ସଂଖ୍ୟାଜ୍ଞାନ କର୍ମଶାଳା

ବରଗଡ଼,୨୧।୧୨(ପ୍ରେମାନନ୍ଦ ଖମାରୀ)

ବରଗଡ଼ ଜିଲା ବିଜେପୁର ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ ଅନ୍ତର୍ଗତ ଜାରିଂ ସରକାରୀ ଉଚ୍ଚ ବିଦ୍ୟାଳୟରେ ବ୍ଲକସ୍ତରୀୟ ମୌଳିକ ସାକ୍ଷରତା, ସଂଖ୍ୟାଜ୍ଞାନ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଜିଲା ଶିକ୍ଷକ ପ୍ରଶିକ୍ଷଣ ପ୍ରତିଷ୍ଠାନ ପକ୍ଷରୁ ଆୟୋଜିତ ଦ୍ୱିଦିବସୀୟ କର୍ମଶାଳାକୁ ସହକାରୀ ଗୋଷ୍ଠୀ ଶିକ୍ଷାଧିକାରୀ ଦିବାକର ବରିହା ଉଦ୍‌ଘାଟନ କରିଥିଲେ। କର୍ମଶାଳାରେ ଜିଲାର ୧୨ବ୍ଲକରୁ ୨୫ଜଣ ପ୍ରଶିକ୍ଷାର୍ଥୀ ଯୋଗଦେଇ ପ୍ରଥମରୁ ତୃତୀୟ ଶ୍ରେଣୀ ପର୍ଯ୍ୟନ୍ତ ପାଠ୍ୟ ପ୍ରସଙ୍ଗକୁ ନେଇ ଶିକ୍ଷଣ ସାମଗ୍ରୀ ପ୍ରସ୍ତୁତ କରିଥିଲେ। ସରୋଜ ମେହେର, ଶାନ୍ତନୁ ମେହେର, ବିକାଶ ଚନ୍ଦ୍ର ଗଡ଼ତୀୟା, ଉଗ୍ରସେନ ସା ପ୍ରମୁଖ ପ୍ରଶିକ୍ଷକ ଭାବେ ଯୋଗଦାନ କରିଥିଲେ। ସିଆରସିସି ରାଜେଶ୍ୱର ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଯାପନୀ ସମାରୋହରେ ସହକାରୀ ଗୋଷ୍ଠୀ ଶିକ୍ଷାଧିକାରୀ ବରିହା ମୁଖ୍ୟ ଅତିଥି, ସହକାରୀ ଗୋଷ୍ଠୀ ଶିକ୍ଷାଧିକାରୀ ସୁଶାନ୍ତ କୁମାର ପାଣ୍ଡେ, ସୀତାରାମ ଦୀପ, ଦୁର୍ବାଦଳ ବଡ଼ଗୋଛିଆ, ନବୀନ କୁମାର ସାହୁ, ପ୍ରଭାତ ରଞ୍ଜନ ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ। ସମସ୍ତ ପ୍ରଶିକ୍ଷାର୍ଥୀ ନିଜ ଦ୍ୱାରା ପ୍ରସ୍ତୁତ ଶିକ୍ଷଣ ସାମଗ୍ରୀ ପ୍ରଦର୍ଶନ କରିଥିଲେ। ଶିକ୍ଷକ ବିକାଶ ଚନ୍ଦ୍ର ଗଡ଼ତୀୟା ସଭା ପରିଚାଳନା କରିଥିଲେ। ଶିକ୍ଷୟିତ୍ରୀ ମିନାକ୍ଷୀ ରାଉତଙ୍କ ନିର୍ଦ୍ଦେଶନାରେ ସ୍ଥାନୀୟ ସ୍କୁଲର ଛାତ୍ରୀଛାତ୍ର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ପ୍ରେମରାଜ ରଣା, କମଳିନୀ ସାହୁ, ନିର୍ମଳା ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଶିକ୍ଷକ ଉଗ୍ରସେନ ସା ଧନ୍ୟବାଦ ଅର୍ପଣ କରିଥିଲେ।



କର୍ମଶାଳାରେ ଅଂଶଗ୍ରହଣ କରିଥିବା ପ୍ରଶିକ୍ଷାର୍ଥୀବୃନ୍ଦ।

DSPL-478

ଓଡ଼ିଶା ସ୍ଥାବର ସମ୍ପତ୍ତି ନିୟାମକ ପ୍ରାଧିକରଣ

Odisha Real Estate Regulatory Authority

ORERA

Block-A1, 3rd Floor, Toshali Bhawan, Satya Nagar, Bhubaneswar-751007

Facilitation Center (ସହଯୋଗ କେନ୍ଦ୍ର)
ରେରା ସମ୍ବନ୍ଧିତ ବିଭିନ୍ନ ସୂଚନା ପ୍ରଦାନ ତଥା ଉପଭୋକ୍ତା ଓ ସାଧାରଣ ଲୋକଙ୍କ ସହାୟତା ନିମନ୍ତେ ଓରେରା ଅଫିସ ପରିସରରେ ସହଯୋଗ କେନ୍ଦ୍ର ଖୋଲାଯାଇଛି, ଯାହାର ସୁଯୋଗ ଯେ କେହି ମଧ୍ୟ ନେଇପାରିବେ।

CDR ସେଲ୍
Conciliation & Dispute Resoluton ସେଲ୍ (ସି.ଡି.ଆର.) ଅଭିଯୋଗକାରୀ ମାନଙ୍କର ଅଭିଯୋଗର ଆପୋସ ଆଲୋଚନା ମାଧ୍ୟମରେ ତ୍ୱରିତ ସମାଧାନ ପାଇଁ ଗଠନ କରାଯାଇଛି।

QPR
Quarterly Progress Report (QPR)
ପ୍ରତ୍ୟେକ ଗୃହ ନିର୍ମାଣକାରୀ ସଂସ୍ଥା ପ୍ରତି ୩ ମାସ ବ୍ୟବଧାନରେ ସେମାନଙ୍କର ପ୍ରକଳ୍ପର କ୍ରମୋନ୍ନତି ଏବଂ ଆର୍ଥିକ ପ୍ରଗତିର ବିବରଣୀ ଓରେରା ୱେବସାଇଟ୍ www.rera.odisha.gov.inରେ ଦେବାକୁ ବାଧ୍ୟ। ଏହା ଫଳରେ ଗୃହକ୍ରେତାମାନେ ସେମାନଙ୍କର ପ୍ରକଳ୍ପର ଅଗ୍ରଗତି ସମ୍ବନ୍ଧିତ ଧାରଣା ପାଇପାରିବେ।

ORERA Regn. No. ଏବଂ website
ପ୍ରତ୍ୟେକ ଗୃହ ନିର୍ମାଣକାରୀ ସଂସ୍ଥା ନିଜ ବିଜ୍ଞାପନରେ ଓରେରା ରେଜିଷ୍ଟ୍ରେସନ୍ ନମ୍ବର ଏବଂ ୱେବସାଇଟ୍ (www.rera.odisha.gov.in) ଦେବାକୁ ବାଧ୍ୟ। ଏହାର ଅନୁପାଳନରେ ଖିଲାପ କଲେ ଜରିମାନା ଧାର୍ଯ୍ୟ ହେବ।

ନିଜ ସ୍ୱପ୍ନର ଘର କିମ୍ବା ଜାଗା ସମ୍ପର୍କରେ ଅଧିକ ଜାଣିବା ପାଇଁ www.rera.odisha.gov.inରେ ଲଗଇନ୍ କରନ୍ତୁ ବା ଓରେରା ଅଫିସ୍ ସହିତ ଯୋଗାଯୋଗ କରନ୍ତୁ।

"ଆପଣଙ୍କର ଅଧିକାର, ଆମ ଦାୟିତ୍ୱ"

OIPR-13223/13/0010/2324

## କ୍ରିକେଟ୍: ଫାଇନାଲରେ ଜିମ୍‌ଖାନା ଓ ଆର୍‌ଏସ୍‌ଏ

ରାଉରକେଲା,୨୧।୧୨(ଦିନେଶ ମିଶ୍ର)

ରାଉରକେଲା ସେକ୍ଟର-୧୭ସ୍ଥିତ ଟାଟା ପଡିଆରେ ଆଶୁ ଇଲେଭେନ କ୍ଲବ ପକ୍ଷରୁ ଅନୁଷ୍ଠିତ ତୃତୀୟ ଶନିଶ୍ଚରାୟ ଅଲ୍ ଇଣ୍ଡିଆ ଟି-୨୦ କ୍ରିକେଟ ଟୁର୍ନାମେଣ୍ଟର ଦ୍ୱିତୀୟ ସେମିଫାଇନାଲ ଗୁରୁବାର ଶେଷ ହୋଇଛି। ପ୍ରଥମ ସେମିଫାଇନାଲରେ ସେକ୍ଟର-୬ ସ୍ଥିତ ଆରଏସ୍‌ଏ ଦଳ ଆଶୁ ଇଲେଭନ ଦଳକୁ ହରାଇ ଫାଇନାଲରେ ପ୍ରବେଶ କରିସାରିଛି। ଦ୍ୱିତୀୟ ସେମିଫାଇନାଲ ମ୍ୟାଚ୍ ରାଉରକେଲା ଜିମ୍‌ଖାନା ଓ ଝାରସୁଗୁଡାର ବ୍ରଜରାଜନଗର ଦଳ ମଧ୍ୟରେ ଖେଳାଯାଇଥିଲା। ଏଥିରେ ଜିମ୍‌ଖାନା ଦଳ ପ୍ରଥମେ ଟସ୍ ଜିତି ବ୍ୟାଟିଂ କରିବାର ନିଷ୍ପତ୍ତି ନେଇ ନିର୍ଦ୍ଧାରିତ ୨୦ ଓଭରରେ ୮ଉଇକେଟ ହରାଇ ୧୭୦ ରନ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ଆଶିଷ ପରିଜା ୨୭ ଟି ବଲଖେଳି ୪୮ ରନ ସଂଗ୍ରହ କରିଥିଲେ। ଏହି ରନର ଲକ୍ଷ୍ୟକୁ ନେଇ ବ୍ରଜରାଜନଗର ଦଳ ୧୭ ଓଭରରେ ସମସ୍ତ ଉଇକେଟ ହରାଇ ମାତ୍ର ୮୫ ରନ କରିପାରିଥିଲା। ଜିମଖାନା ଦଳ ପକ୍ଷରୁ ଆଇଶିକାନ୍ତ ମାତ୍ର ୧୧ ରନ ଦେଇ ସର୍ବାଧିକ ୪ ଉଇକେଟ ନେଇଥିବାରୁ ତାଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ ପୁରସ୍କାର ପ୍ରଦାନ କରାଯାଇଥିଲା। ପ୍ରଶାନ୍ତ ମହାନ୍ତି ଓ ଅଭିଜିତ ରଜାକ ଅମ୍ପାୟାର ଦାୟିତ୍ୱ ତୁଲାଇଥିଲେ। ଆଶୁ ଇଲେଭେନ୍‌ର ଅଂଶୁମାନ ସେନାପତି, ଶୁଭମ ରାଉତରାୟ, କୈଳାସ ପତି, ବିଳୁ ସେନାପତି, ଜିତେନ ରାୟ, ଆଶିଷ ମିତ୍ରା, ସିଲୁପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ।

# ବେଲଗାମ ହଇଜା, ୧୧ ମଲେଣି

## ସ୍ଥିତି ଅନୁଧ୍ୟାନ କଲେ ଉତ୍ତରାଞ୍ଚଳ ଆର୍‌ଡିସି



ଉତ୍ତରାଞ୍ଚଳ ଆର୍‌ଡିସି ଆର୍‌ଜିଏଚ୍‌ରେ ରୋଗୀଙ୍କ ଅବସ୍ଥା ପଚାରି ବୁଝୁଛନ୍ତି।

ରାଉରକେଲା,୨୧।୧୨(ସଙ୍ଗୀତା ଜେନା)

ସ୍ମାର୍ଟସିଟି ରାଉରକେଲାରେ ହଇଜା ସ୍ଥିତି ଅଣାୟତ୍ତ ହୋଇପଡ଼ିଛି। ରାଉରକେଲା ସରକାରୀ ଡାକ୍ତରଖାନାରେ ସଂକ୍ରମିତଙ୍କ ସଂଖ୍ୟା ବୃଦ୍ଧି ପାଇଥିବା ବେଳେ ଗୁରୁବାର ସୁଦ୍ଧା ବିଭିନ୍ନ ଡାକ୍ତରଖାନାରେ ମୃତ୍ୟୁସଂଖ୍ୟା ୧୧ରେ ପହଞ୍ଚିଛି। ଏଥିରେ ଆର୍‌ଜିଏଚ୍‌ରେ ୬ ଓ ଅନ୍ୟ ଘରୋଇ ହସ୍ପିଟାଲରେ ୫ ଜଣ ଥିବା କୁହାଯାଉଛି। ଗୁରୁବାର ଇସ୍ପାତ ଜେନେରାଲ ହସ୍ପିଟାଲରେ ଜଣେ ମହିଳାଙ୍କ ମୃତ୍ୟୁ ହୋଇଛି। ମୃତା ହେଲେ ସାବିତ୍ରୀ ଗିରି(୬୦) ଏବଂ ସେ ମଧୁସୂଦନପାଲୀ ଅଞ୍ଚଳର। ସେହିପରି ବିଭିନ୍ନ ଡାକ୍ତରଖାନାରେ ୧୪ଶହରୁ ଊର୍ଦ୍ଧ୍ୱ ସଂକ୍ରମିତ ଚିକିତ୍ସିତ ହେଉଛନ୍ତି। ମଧ୍ୟାହ୍ନରେ ଉତ୍ତରାଞ୍ଚଳ ଆର୍‌ଡିସି ସୁରେଶ ଚନ୍ଦ୍ର ଦଲେଇ, ଯୁଗ୍ମ ନିର୍ଦ୍ଦେଶକ ଅଶୋକ ପାଇକରାୟ ମିଳିତ ଭାବେ ରାଉରକେଲା ସରକାରୀ ଡାକ୍ତରଖାନାରେ ହଇଜା ସ୍ଥିତି ଅନୁଧ୍ୟାନ କରିବା ସହ ବିଭିନ୍ନ ୱାର୍ଡ ବୁଲି ଦେଖିଥିଲେ। ସେମାନେ ରୋଗୀ, ପରିଜନଙ୍କ ସମେତ ହସ୍ପିଟାଲ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରିଥିଲେ। ଆର୍‌ଡିସି ଦଲେଇ କହିଲେ, ହଇଜା ସ୍ଥିତି ନିୟନ୍ତ୍ରଣାଧୀନ ରହିଛି। ଅନେକ ରୋଗୀ ସୁସ୍ଥ ହୋଇ ଘରକୁ ଫେରିଛନ୍ତି। ସୁନ୍ଦରଗଡ଼ ହସ୍ପିଟାଲ ଓ ଗବେଷକ ଦଳ, ମାଇକ୍ରୋବାୟୋଲୋଜିଷ୍ଟଙ୍କ ସମେତ ମୋଟ ୧୪ଜଣ ସ୍ଥିତି ଅନୁଧ୍ୟାନ କରୁଛନ୍ତି। ଜଳ ସଂଗ୍ରହ ସହ ଖାଦ୍ୟ ନମୁନା ସଂଗ୍ରହ କରାଯାଉଛି। ବିଭିନ୍ନ ବସ୍ତିରେ ଜନସଚେତନତା ଓ ପାଣି ଫୁଟାଇ ପିଇବାକୁ ପରାମର୍ଶ ଦିଆଯାଉଛି। ୧୨ଟି ଟିମ୍ ଲୋକଙ୍କ ସେବା ଓ ଚିକିତ୍ସା କାର୍ଯ୍ୟରେ ନିୟୋଜିତ ଅଛନ୍ତି। ଅତି ଜରୁରୀକାଳୀନ ପରିସ୍ଥିତିରେ ରୋଗୀଙ୍କୁ ଉଦ୍ଧାର ଓ ସେବାକୁ ପ୍ରାଥମିକତା ଦିଆଯାଉଛି ବୋଲି ଦଲେଇ କହିଥିଲେ। ଏହି ସମୟରେ ଜିଲାପାଳ ପରାଗ ହର୍ଷଦ ଗାଭାଲି, ଆର୍‌ଜିଏଚ୍ ଭାରପ୍ରାପ୍ତ ସୁପରିଣ୍ଟେଣ୍ଡେଣ୍ଟ ଡା. ସୁଧାରାଣୀ ପ୍ରଧାନଙ୍କ ସମେତ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

ସୂଚନାଯୋଗ୍ୟ, ଗୁରୁବାର ସକାଳ ସୁଦ୍ଧା ୨୬ଜଣ ନୂଆ ଆକ୍ରାନ୍ତ ଚିକିତ୍ସା ପାଇଁ ଆର୍‌ଜିଏଚ୍‌ରେ ଭର୍ତ୍ତି ହୋଇଛନ୍ତି। ସୁନ୍ଦରଗଡ଼, ଭୁବନେଶ୍ୱରର ବିଶେଷଜ୍ଞ ଡାକ୍ତରମାନେ ରୋଗୀ ଚିକିତ୍ସା କରୁଛନ୍ତି। ସମସ୍ତ ପ୍ରତିଷେଧକମୂଳକ ପ୍ରତିକାର ସତ୍ତ୍ୱେ ଘରୋଇ ହସ୍ପିଟାଲରେ ରୋଗୀ ସଂଖ୍ୟା ବୃଦ୍ଧି ଯୋଗୁ ଲୋକଙ୍କ ମଧ୍ୟରେ ଭୟ ସୃଷ୍ଟି ହୋଇଛି।

## ଭାଜପା ଯୁବ ମୋର୍ଚ୍ଚା ଘେରିଲା ୱାଟ୍‌କୋ ଅଫିସ

ରାଉରକେଲା,୨୧।୧୨(ସଙ୍ଗୀତା ଜେନା)

ରାଉରଲୋରେ ହଇଜା ରୋକିବାରେ ବିଫଳତା, ବିଶୁଦ୍ଧ ପାନୀୟ ଜଳଯୋଗାଣରେ ୱାଟକୋ କର୍ତ୍ତୃପକ୍ଷଙ୍କ ଅସାମର୍ଥ୍ୟ ପ୍ରତିବାଦରେ ଭାଜପା ପାନପୋଷ ସାଙ୍ଗଠନିକ ଜିଲା ଯୁବମୋର୍ଚ୍ଚା ପକ୍ଷରୁ ଗୁରୁବାର ପାନପୋଷ ୱାଟ୍‌କୋ କାର୍ଯ୍ୟାଳୟ ଘେରାଉ କରାଯାଇଥିଲା। ଯୁବମୋର୍ଚ୍ଚା ସଭାପତି ସୂର୍ଯ୍ୟକାନ୍ତ ମହାନ୍ତିଙ୍କ ନେତୃତ୍ୱରେ କର୍ମୀମାନେ ଅଫିସ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ସେମାନେ ଅଭିଯୋଗ କରିଥିଲେ, ଆରଏମ୍‌ସି ଅଞ୍ଚଳରେ ହଇଜା ବ୍ୟାପିବା ଯୋଗୁ ବହୁ ଅମୂଲ୍ୟ ଜୀବନ ଅକାଳରେ ଝଡ଼ିପଡ଼ିଲା। ପାଇପ ଲିକେଜ୍ ଥିବାବେଳେ ଏହାର ମରାମତି କରାଯାଉ ନ ଥିବାରୁ ପାନୀୟ ଜଳ ଦୂଷିତ ହେଉଛି। ସାଧାରଣ ବର୍ଗର ଲୋକେ ଏହାକୁ ବ୍ୟବହାର କରି ମୃତ୍ୟୁମୁଖରେ ପଡ଼ିଛନ୍ତି। ଆର୍‌ଜିଏଚ୍ ଓ ଅନ୍ୟ ହସ୍ପିଟାଲଗୁଡ଼ିକରେ ସଚେତନତା ପାଇଁ ୨୪ ଘଣ୍ଟିଆ ବ୍ୟବସ୍ଥା, ସଂକ୍ରମିତ ଅଞ୍ଚଳରେ ମାଗଣା ଖାଦ୍ୟ ବଣ୍ଟନ, ସ୍କୁଲ ଓ ଶିକ୍ଷାନୁଷ୍ଠାନରେ ସଚେତନତା ପଦକ୍ଷେପ ନେବାକୁ ଭାଜପା ଯୁବମୋର୍ଚ୍ଚା କର୍ମୀମାନେ ଦାବି କରିଥିଲେ। ଜିଲା ସଭାନେତ୍ରୀ ଲତିକା ପଟ୍ଟନାୟକ, ରାଜ୍ୟ ପ୍ରବକ୍ତା ଧୀରେନ୍ ସେନାପତି, ରାଜ୍ୟ ମହିଳା ମୋର୍ଚ୍ଚା ଉପସଭାପତି କଳ୍ପନା ଲେଙ୍କା, ଶଶାଙ୍କ ରାୟ, ହିରୋଜ ରାୟ, କୈଳାଶ ରାଉତ, କମଲେଶ ଶାହା, ଆତିଶ କୁମାର, ପ୍ରଶାନ୍ତ ବାରିକ, ରାଜକିଶୋର ଭଞ୍ଜଙ୍କ ସମେତ ଶତାଧିକ ଯୁବମୋର୍ଚ୍ଚା କର୍ମୀ ଏଥିରେ ସାମିଲ ହୋଇଥିଲେ।



ଯୁବମୋର୍ଚ୍ଚା କର୍ମୀମାନେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

## ତ୍ରିଦିବସୀୟ ରୁଦ୍ର ମହାଯଜ୍ଞ ଉଦ୍‌ଯାପିତ



ଉଦ୍‌ଯାପନୀ ଉତ୍ସବରେ ଯଜ୍ଞରେ ପୂର୍ଣ୍ଣାହୁତି ଦିଆଯାଉଛି।

ରାଉରକେଲା,୨୧।୧୨(ଦିନେଶ ମିଶ୍ର): ରାଉରକେଲା ସେକ୍ଟର-୨୦ ନେହୁରୀପାଲୀ ସ୍ଥିତ ଶ୍ରୀ ଶ୍ରୀ ରାମେଶ୍ୱର ମହାଦେବଙ୍କ ମନ୍ଦିର ପ୍ରାଙ୍ଗଣରେ ଚାଲିଥିବା ୧୦ମ ତ୍ରିଦିବସୀୟ ରୁଦ୍ର ମହାଯଜ୍ଞ ଗୁରୁବାର ଉଦ୍‌ଯାପିତ ହୋଇଛି। ମହାଯଜ୍ଞରେ ପ୍ରଥମ ଦିନ ଘଟସ୍ଥାପନ ସହ ପାର୍ଶ୍ୱଦେବଦେବୀ ପୂଜା କରାଯାଇଥିଲା। ଦ୍ୱିତୀୟ ଦିନ ଜଳପୂର୍ଣ୍ଣ କଳସ ଆଣି ଯଜ୍ଞକୁଣ୍ଡ ନିକଟରେ ସ୍ଥାପନ କରାଯାଇଥିଲା। ତୃତୀୟ ଦିବସରେ ସୂର୍ଯ୍ୟପୂଜା, ଗୋପୂଜା ଚଣ୍ଡିପାଠ ସହ ଯଜ୍ଞରେ ଘୃତ ଆହୂତି ଦିଆଯାଇଥିଲା। ଯଜ୍ଞକାର୍ଯ୍ୟରେ ପୁରୀ ମୁକ୍ତିମଣ୍ଡପରୁ ଆସିଥିବା ପଣ୍ଡିତ ପ୍ରଶାନ୍ତ କୁମାର ଷଡ଼ଙ୍ଗୀ, ସନ୍ତୋଷ କର, ବିରଞ୍ଚି ନାରାୟଣ ମିଶ୍ର, ରମେଶ ଦାଶ, ଜ୍ଞାନରଞ୍ଜନ ଷଡ଼ଙ୍ଗୀ, ବ୍ରଜକିଶୋର ମିଶ୍ର, ହୃଷୀକେଶ ମିଶ୍ର ପ୍ରମୁଖ ଉପସ୍ଥିତ ରହି ଯଜ୍ଞ ପରିଚାଳନା କରିଥିଲେ। କର୍ତ୍ତା ଭାବେ ଦୁଃଖୀଶ୍ୟାମ ଜୟସିଂହ ଓ ସୁଷମାମଣି ଜୟସିଂ ଯୋଗ ଦେଇଥିଲେ। ଉଦ୍‌ଯାପନୀ ଉତ୍ସବରେ ଯଜ୍ଞର ପୂର୍ଣ୍ଣାହୁତି ପ୍ରଦାନ କରାଯାଇଥିଲା। ଗଣେଶ ଜୟସିଂ, ଜଗନ୍ନାଥ ରାଉତ, ଗୀତାଞ୍ଜଳି ପୂଜାରୀ, ମାନସ ବାରିକ, ସହଦେବ ଜୟସିଂ, ଗୋକୁଳ ମହାପାତ୍ର, ସୁରେଶ ଯାଦବ, ଧୀରେନ୍ଦ୍ର ଓଝା, ଅମୂଲ୍ୟ ରାଉତ, ନାରାୟଣ ସିଂ, ଅନୁପ ଜେନା, ଜୁଲି ମିଶ୍ର, ରୀତା ମହାପାତ୍ର, ସୁକାନ୍ତି କୁମ୍ଭାର ପ୍ରମୁଖ ସହଯୋଗ କରିଥିଲେ।

## ରାହୁଲ ଗାନ୍ଧୀଙ୍କ କୁଶପୁତ୍ତଳିକା ଦାହ

ରାଉରକେଲା,୨୧।୧୨(ସଙ୍ଗୀତା ଜେନା)

ଉପରାଷ୍ଟ୍ରପତିଙ୍କୁ ଅପମାନ କରିଥିବା ଅଭିଯୋଗରେ ଭାଜପା ପାନପୋଷ ସାଙ୍ଗଠନିକ ଜିଲା ସଭାନେତ୍ରୀ ଲତିକା ପଟ୍ଟନାୟକଙ୍କ ନେତୃତ୍ୱରେ ଗୁରୁବାର ରାହୁଲ ଗାନ୍ଧୀଙ୍କ କୁଶପୁତ୍ତଳିକା ପାନପୋଷ ହକି ଛକରେ ଦାହ କରାଯାଇଛି। ଉପରାଷ୍ଟ୍ରପତି ଜଗଦୀଶ ଧନକର ରାଜ୍ୟ ସଭାରେ ଅଧ୍ୟକ୍ଷତାରେ କରୁଥିବା ବେଳେ ତାଙ୍କ ପ୍ରତି ବ୍ୟଙ୍ଗ ବିଦ୍ରୁପ କରିବା ଭିଡ଼ିଓ ସୋଶିଆଲ ମିଡ଼ିଆରେ ଭାଇରାଲ ହୋଇଥିଲା। ରାଜ୍ୟ ମୁଖପାତ୍ର ଧୀରେନ ସେନାପତି, କଳ୍ପନା ଲେଙ୍କା, ସୁବ୍ରତ ପଟ୍ଟନାୟକ, ସୂର୍ଯ୍ୟକାନ୍ତ ମହାନ୍ତି, ଗୌରହରି ନାୟକ, ଶିବାନନ୍ଦ ବେହେରାଙ୍କ ସମେତ ଶତାଧିକ ଭାଜପା କର୍ମକର୍ତ୍ତା ଉପସ୍ଥିତ ଥିଲେ।

## ଗଡ଼ିଲା ଅଣ ସଙ୍ଗଠିତ ଶ୍ରମିକ ସଚେତନତା ରଥ

ରାଉରକେଲା,୨୧।୧୨(ଦିନେଶ ମିଶ୍ର)

ଅଣସଙ୍ଗଠିତ ଶ୍ରମିକଙ୍କ ସଚେତନତା ଓ ସାମାଜିକ ସୁରକ୍ଷା ପାଇଁ ରାଉରକେଲା ଉଦିତନଗର ସ୍ଥିତ ଅତିରିକ୍ତ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରୁ ଗୁରୁବାର ଏକ ସଚେତନତା ରଥର ଶୁଭାରମ୍ଭ ହୋଇଛି। ଏହି ସଚେତନତା ରଥକୁ ଶ୍ରମ ମନ୍ତ୍ରୀ ସାରଦା ପ୍ରସାଦ ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ରାଉରକେଲା ସହର ତଥା ବସ୍ତି ତଳି ଅଞ୍ଚଳରେ ବାସ କରୁଥିବା ବିଭିନ୍ନ ଅଣସଙ୍ଗଠିତ



-ମୁଖ୍ୟ ଅତିଥି ସଚେତନତା ରଥର ଶୁଭାରମ୍ଭ କରିଛନ୍ତି।

ଶ୍ରମିକମାନେ କିଭଳି ମୌଳିକ ଅଧିକାରୀ ପାଇ ପାରିବେ ଏହି ରଥ ସହାୟକ ହେବ ବୋଲି ମନ୍ତ୍ରୀ ନାୟକ କହିଥିଲେ। ରାଉରକେଲା ଅତିରିକ୍ତ ଜିଲାପାଳ ଡକ୍ଟର ଶୁଭଙ୍କର ମହାପାତ୍ର ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ରାଉରକେଲା ଜିଲା ଯୁଗ୍ମ ଶ୍ରମ ଆୟୁକ୍ତ ଘାସିରାମ ଟୁଡୁ ଓ ଜିଲା ଶ୍ରମ ଅଧିକାରୀ ଦିବ୍ୟଜ୍ୟୋତି ନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସହାୟକ ଶ୍ରମ ଅଧିକାରୀ ହେମନ୍ତ ପ୍ରଧାନ, ରସିମ୍ ନେଲଶନ ପାନା, ରାଜେଶ କୁମାର ଟେଟେ, ସଙ୍ଗୀତା ବାହାଲା, ମନୋଜ ମହାକୁଡ, ସୁଦୀପ କୁମାର ସାହାଣୀ, ଲଳିତ ମୋହନ ନାୟକ, ଜୁବିନ କୁମାର, ଆଶାଶ୍ରୀ ବିଶ୍ୱାଳ, ଦେବାଶିଷ ପଟ୍ଟନାୟକ ପ୍ରମୁଖ ସହଯୋଗ କରିଥିଲେ।

## ବ୍ୟାଡ୍‌ମିଣ୍ଟନ ଚାମ୍ପିୟନଶିପ୍ ଉଦ୍‌ଘାଟିତ

ରାଉରକେଲା,୨୧।୧୨(ଦିନେଶ ମିଶ୍ର): କୋଏଲନଗର ସ୍ଥିତ 'ଏ' ବ୍ଲକସ୍ଥିତ ଭଗବତୀ ସାମାଜିକ କେନ୍ଦ୍ର ପରିସରରେ ୫ମ କୋଏଲ ବ୍ୟାଡମିଣ୍ଟନ ଚାମ୍ପିୟନଶିପ୍ ଉଦ୍‌ଘାଟିତ ହୋଇଛି। ସାଧାରଣ ସମ୍ପାଦକ ସୁମନ୍ତ ଜେନାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସିଆରପିଏଫ ଡିଆଇଜି ଦୟାନିଧି ତନ୍ତୀ ମୁଖ୍ୟ ଅତିଥି, ଉପଦେଷ୍ଟା ଚନ୍ଦ୍ରଚୁଡ ପାଣିଗ୍ରାହୀ, ରାଜେନ୍ଦ୍ର ନାରାୟଣ ମିଶ୍ର, ଶଙ୍କର ଜେନା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ରହି ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ଏହି ଟୁର୍ନାମେଣ୍ଟରେ ଜିଲାର ବିଭିନ୍ନ ପ୍ରାନ୍ତରୁ କନିଷ୍ଠ ବର୍ଗରେ ୪୦ ଓ ବରିଷ୍ଠ ବର୍ଗରେ ୩୪ଟି ଦଳ ଅଂଶଗ୍ରହଣ କରିଛନ୍ତି। ପ୍ରଥମ ମ୍ୟାଚ୍ ନିଶିଦ ଫ୍ରାଞ୍ଚାଇଜ ଆଣ୍ଡ୍ ପାର୍ଟନର ଓ ପ୍ରଖ୍ୟାତ ପ୍ରଧାନଙ୍କ ମଧ୍ୟରେ ଡବଲ୍‌ସ ମ୍ୟାଚ୍ ହୋଇଥିଲା। ଏହି ମ୍ୟାଚ୍‌ରେ ନିଶିଦ ଫ୍ରାଞ୍ଚାଇଜ ଆଣ୍ଡ ପାର୍ଟନର ବିଜୟୀ ହୋଇଥିଲା। ରଶ୍ମିରଞ୍ଜନ ରାଉତ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଅଭିରାମ ମହାନ୍ତି, ମଧୁସ୍ମିତା ମହାନ୍ତି, ସୁରଲୀଧର ମଥାନ, ତୁଷାରକାନ୍ତି ବେହେରା, ରୋହିତ ସିଂ, ସୁରଥ ବାରିକ, ବିବେକାନନ୍ଦ ସାହୁ, ଆଦିତ୍ୟ ବାରିକ, ରମାକାନ୍ତ ସ୍ୱାଇଁ ପ୍ରମୁଖ ସହଯୋଗ କରିଥିଲେ।

## ଶୀତଳଭଣ୍ଡାର ଦେଖିଲେ, ମିଶନ ଶକ୍ତି ମହିଳାଙ୍କୁ ଭେଟିଲେ

### ରାଉରକେଲାରେ ବ୍ଲୁମ୍‌ବର୍ଗ ଫିଲାନଥ୍ରୋଫିକ୍ ସଂସ୍ଥା ଅଧିକାରୀ




ଏସ୍‌ଏଚ୍‌ଜି ମହିଳାଙ୍କ ଗହଣରେ ବ୍ଲୁମ୍‌ବର୍ଗ ଅଧିକାରୀ।

ରାଉରକେଲା,୨୧।୧୨(ଦିନେଶ ମିଶ୍ର)

ବ୍ଲୁମ୍‌ବର୍ଗ ଫିଲାନଥ୍ରୋଫିକ୍ ବୈଷୟିକ ସଂସ୍ଥାର ଦୁଇ ବରିଷ୍ଠ ଅଧିକାରୀ ବ୍ରୁକ୍ ସ୍ମିଥ୍ ଓ ଅପର୍ଣ୍ଣା ରମଣନ୍ ଗୁରୁବାର ରାଉରକେଲା ଗସ୍ତରେ ଆସି ସହରର ବିଭିନ୍ନ ସ୍ଥାନରେ ଆରଏମ୍‌ସି ପକ୍ଷରୁ କରାଯାଇଥିବା ଶୀତଳ ଭଣ୍ଡାର ପ୍ରକଳ୍ପ ବୁଲି ଦେଖିଛନ୍ତି। ଏହାସହ ଏହି ଦୁଇ ଅଧିକାରୀ ସେଠାରେ ଉପସ୍ଥିତ ମିଶନ ଶକ୍ତି ମହିଳାଙ୍କ ସହ ଆଲୋଚନା କରିଥିଲେ। ସେହିପରି ପ୍ରକଳ୍ପ ସମ୍ପର୍କରେ ରାଉରକେଲା ଅତିରିକ୍ତ ଜିଲାପାଳ ତଥା ଆର୍‌ଏମ୍‌ସି କମିଶନର ଡକ୍ଟର ଶୁଭଙ୍କର ମହାପାତ୍ରଙ୍କ ସହ ଆଲୋଚନା କରିଥିଲେ। ଏହି ପ୍ରକଳ୍ପ ସ୍ଥାନୀୟ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନଙ୍କୁ ସ୍ୱାବଲମ୍ବୀ କରିବା ସହ ଚାଷୀ, କ୍ଷୁଦ୍ର ଫଳ ଓ ପନିପରିବା ବ୍ୟବସାୟୀଙ୍କୁ ଲାଭ ଦେବ ଜାଣି ସେମାନେ ସନ୍ତୋଷ ବ୍ୟକ୍ତ କରିଥିଲେ। ଉକ୍ତ ୨ ଅଧିକାରୀ ସ୍ଥାନୀୟ ଟ୍ରାଫିକ ଗେଟ୍ ସ୍ଥିତ ଶୀତଳ ଭଣ୍ଡାରକୁ ଯାଇ ଏହାର ପରିଚାଳନା ଦାୟିତ୍ୱରେ ଥିବା 'ଜୟ ମାତାଦୀ' ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟାମାନଙ୍କ ସହ ଆଲୋଚନା କରିଥିଲେ। ସେହିଭଳି ଛେଣ୍ଡ ସ୍ଥିତ ଭିଏସଏସ ମାର୍କେଟ, ପାନପୋଷ ମାର୍କେଟ, ଇସ୍ପାତ ମାର୍କେଟ ଓ ଫର୍ଟିଲାଇଜରଠାରେ ନିର୍ମାଣାଧୀନ ଶୀତଳ ଭଣ୍ଡାର ବୁଲି ଦେଖିବା ସହ ପରିଚାଳନା ଦାୟିତ୍ୱ ନେବାକୁ ଥିବା ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନଙ୍କ ସହ ଆଲୋଚନା କାଳରେ ସେମାନଙ୍କ ଜୀବିକାକୁ ସୁଦୃଢ଼ କରିବାରେ ଶୀତଳଭଣ୍ଡାର ଭୂମିକା ବାବଦରେ ପଚାରି ବୁଝିଥିଲେ। ଏହାସହ ଏହି ପ୍ରକଳ୍ପ ଦ୍ୱାରା ଲାଭବାନ ହେଉଥିବା କ୍ଷୁଦ୍ର ଚାଷୀ, ପନିପରିବା ଓ ଫଳ ବ୍ୟବସାୟୀଙ୍କୁ ଭେଟିଥିଲେ।

ସୂଚନାଯୋଗ୍ୟ, ରାଉରକେଲା ଆରଏମ୍‌ସି ଶୀତଳ ଭଣ୍ଡାର ଭଳି ଏକ ଅଭିନବ ପ୍ରକଳ୍ପ ପାଇଁ ୨୦୨୧ରେ ବ୍ଲୁମବର୍ଗ ଗ୍ଲୋବାଲ ମେୟର୍ସ ଚ୍ୟାଲେଞ୍ଜ ବିଶ୍ୱର ଶ୍ରେଷ୍ଠ ୧୫ଟି ସହର ମଧ୍ୟରେ ସ୍ଥାନ ପାଇଥିଲା। ମହାମାରୀ କରୋନା ସମୟରେ ସମସ୍ତେ ଅଣ୍ଟା ସଳଖିବା ପାଇଁ ଚେଷ୍ଟା ଚଳାଇଥିବା ବେଳେ ସେ ସମୟରେ ଆର୍‌ଏମ୍‌ସି ଏହି ପ୍ରକାର ପରିକଳ୍ପନା ସ୍ଥାନୀୟ ଫଳ ଓ ପନିପରିବା ବ୍ୟବସାୟୀଙ୍କ ସମେତ ମିଶନ ଶକ୍ତିର ମହିଳାମାନଙ୍କ ମୁହଁରେ ହସ ଫୁଟାଇବାରେ ବିଶେଷ ସହାୟକ ହୋଇଥିଲା। ଏହି ପ୍ରକଳ୍ପ ପାଇଁ ବ୍ଲୁମ୍‌ବର୍ଗ ଫିଲାନଥ୍ରୋଫିକ୍ ସଂସ୍ଥା ପକ୍ଷରୁ ଇସ୍ପାତ ସହର ରାଉରକେଲାକୁ ୧ନିୟୁତ ଆମେରିକୀୟ ଡଲାର ପୁରସ୍କାର ବାବଦରେ ମିଳିଥିଲା। କରୋନା ମହାମାରୀ ସମୟରେ ପାଇଲଟ ପ୍ରକଳ୍ପ ଭାବେ ରାଉରକେଲା ସହରର ଛେଣ୍ଡ ସ୍ଥିତ ଭିଏସଏସ ମାର୍କେଟରେ ଏକ ଶୀତଳ ଭଣ୍ଡାର ସ୍ଥାପନ କରାଯାଇଥିଲା। ସ୍ଥାନୀୟ କ୍ଷୁଦ୍ର ପରିବା ବ୍ୟବସାୟୀମାନଙ୍କ ପାଇଁ ଏହି ଶୀତଳ ଭଣ୍ଡାର ସହାୟକ ହୋଇଥିଲା।

DSPL-478

ଓଡ଼ିଶା ସ୍ଥାବର ସମ୍ପତ୍ତି ନିୟାମକ ପ୍ରାଧିକରଣ
ODISHA REAL ESTATE REGULATORY AUTHORITY
ORERA
Odisha Real Estate Regulatory Authority

Block-A1, 3rd Floor, Toshali Bhawan, Satya Nagar, Bhubaneswar-751007

Facilitation Center (ସହଯୋଗ କେନ୍ଦ୍ର)
ରେରା ସମ୍ବନ୍ଧିତ ବିଭିନ୍ନ ସୂଚନା ପ୍ରଦାନ ତଥା ଉପଭୋକ୍ତା ଓ ସାଧାରଣ ଲୋକଙ୍କ ସହାୟତା ନିମନ୍ତେ ଓରେରା ଅଫିସ ପରିସରରେ ସହଯୋଗ କେନ୍ଦ୍ର ଖୋଲାଯାଇଛି, ଯାହାର ସୁଯୋଗ ଯେ କେହି ମଧ ନେଇପାରିବେ।

CDR ସେଲ୍
Conciliation & Dispute Resoluton ସେଲ୍ (ସି.ଡି.ଆର.) ଅଭିଯୋଗକାରୀ ମାନଙ୍କର ଅଭିଯୋଗର ଆପୋସ ଆଲୋଚନା ମାଧମରେ ତ୍ୱରିତ ସମାଧାନ ପାଇଁ ଗଠନ କରାଯାଇଛି।

QPR
Quarterly Progress Report (QPR) ପ୍ରତ୍ୟେକ ଗୃହ ନିର୍ମାଣକାରୀ ସଂସ୍ଥା ପ୍ରତି ୩ ମାସ ବ୍ୟବଧାନରେ ସେମାନଙ୍କର ପ୍ରକଳ୍ପର କ୍ରମୋନ୍ନତି ଏବଂ ଆର୍ଥିକ ପ୍ରଗତିର ବିବରଣୀ ଓରେରା ୱେବସାଇଟ୍ www.rera.odisha.gov.inରେ ଦେବାକୁ ବାଧ। ଏହା ଫଳରେ ଗୃହକ୍ରେତାମାନେ ସେମାନଙ୍କର ପ୍ରକଳ୍ପର ଅଗ୍ରଗତି ସମ୍ବନ୍ଧିତ ଧାରଣା ପାଇପାରିବେ।

ORERA Regn. No. ଏବଂ website
ପ୍ରତ୍ୟେକ ଗୃହ ନିର୍ମାଣକାରୀ ସଂସ୍ଥା ନିଜ ବିଜ୍ଞାପନରେ ଓରେରା ରେଜିଷ୍ଟ୍ରେସନ୍ ନମ୍ବର ଏବଂ ୱେବସାଇଟ୍ (www.rera.odisha.gov.in) ଦେବାକୁ ବାଧ। ଏହାର ଅନୁପାଳନରେ ଖିଲାପ କଲେ ଜରିମାନା ଧାର୍ଯ୍ୟ ହେବ।

ନିଜ ସ୍ୱପ୍ନର ଘର କିମ୍ବା ଜାଗା ସମ୍ପର୍କରେ ଅଧିକ ଜାଣିବା ପାଇଁ www.rera.odisha.gov.inରେ ଲଗଇନ୍ କରନ୍ତୁ ବା ଓରେରା ଅଫିସ୍ ସହିତ ଯୋଗାଯୋଗ କରନ୍ତୁ।

"ଆପଣଙ୍କର ଅଧିକାର, ଆମ ଦାୟିତ୍ୱ"

OIPR-13223/13/0010/2324

## ସଂକ୍ଷେପରେ

### ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ବାର୍ଷିକ କ୍ରୀଡ଼ା

ନାକଟିଦେଉଳ,୨୧।୧୨(ବୈକୁଣ୍ଠ ନାଥ ସାହୁ): ନାକଟିଦେଉଳ ବ୍ଲକ ବାଟଗାଁ ଉଚ୍ଚମାଧ୍ୟମିକ ବିଦ୍ୟାଳୟରେ ଯୁବ ଓଡ଼ିଶା, ନବୀନ ଓଡ଼ିଶା କାର୍ଯ୍ୟକ୍ରମରେ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି। ଛାତ୍ରୀଛାତ୍ର ନିଶା ନିବାରଣ, ମହିଳା ସଶକ୍ତୀକରଣ, ବାଲ୍ୟ ବିବାହ ନିରୋଧ ସମ୍ପର୍କିତ ସଚେତନତା ଶୋଭାଯାତ୍ରାରେ ବିଭିନ୍ନ ଗ୍ରାମ ପରିକ୍ରମା କରିଥିଲେ। କ୍ରୀଡ଼ା ପ୍ରତିଯୋଗିତାରେ ୨୧୦ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ବାଳକ ବର୍ଗରେ ପ୍ରଥମ ବର୍ଷ ଛାତ୍ର ରିପନ ଗଡ଼ତ୍ୟା ଓ ବାଳିକା ବର୍ଗରେ ପ୍ରିୟଙ୍କା ରାଉଳ ଚାମ୍ପିୟନ ହୋଇଥିଲେ। ଚଳିତ ବର୍ଷର ଶ୍ରେଷ୍ଠ ଛାତ୍ରୀ ଭାବେ ଦ୍ୱିତୀୟ ବର୍ଷର ଛାତ୍ରୀ ତନୟା ପ୍ରଧାନଙ୍କୁ ପୁରସ୍କୃତ କରାଯାଇଥିଲା। ଶିକ୍ଷକ ଭବରଞ୍ଜନ ଧଳ ଓ ମିତ୍ରଭାନୁ ନାଏକ କ୍ରୀଡ଼ା ପରିଚାଳନା କରିଥିଲେ। ପୂର୍ବତନ ପରିଚାଳନା କମିଟି ସମ୍ପାଦକ ସନକ କୁମାର ଧଳଙ୍କ ସଭାପତିତ୍ୱରେ ଆୟୋଜିତ ଉଦ୍‌ଯାପନୀ ସମାରୋହରେ ବ୍ଲକ ଅଧ୍ୟକ୍ଷା ସ୍ୱରୁପାରାଣୀ ସାହୁ ମୁଖ୍ୟଅତିଥି, ଅଧ୍ୟାପକ ଡ଼. ପ୍ରଶାନ୍ତ କୁମାର ଦାଶ ମୁଖ୍ୟବକ୍ତା, ବାଟଗାଁ ସରପଞ୍ଚ ସୌଦାମିନୀ ବେହେରା ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଇତିହାସ ବିଭାଗ ଅଧ୍ୟାପକ ଶରତ କୁମାର ଶତପଥୀ ଧନ୍ୟବାଦ ଅର୍ପଣ କରିଥିଲେ। ଶେଷରେ ଛାତ୍ରୀଛାତ୍ରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

### ୨ ଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ନାକଟିଦେଉଳ,୨୧।୧୨(ବୈକୁଣ୍ଠ ନାଥ ସାହୁ): ନାକଟିଦେଉଳ ବ୍ଲକ ଅନ୍ତର୍ଗତ ଶିମିଳିପାଳ କ୍ଲଷ୍ଟର ପକ୍ଷରୁ ଦୁଇ ଶିକ୍ଷକଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସଭା ଶିମିଳିପାଳ ଉଚ୍ଚପ୍ରାଥମିକ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷୟିତ୍ରୀ ଜ୍ୟୋତି ମଞ୍ଜରୀ ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ଏବିଇଓ ଡ଼. ସୁଧାକର ପ୍ରଧାନ ମୁଖ୍ୟଅତିଥି ଓ ବ୍ଲକ ପ୍ରାଥମିକ ଶିକ୍ଷକ ସଂଘ ସମ୍ପାଦକ ମହେଶ୍ୱର ପ୍ରଧାନ, ଶିମିଳିପାଳ କ୍ଲଷ୍ଟର ସିଆର୍‌ସିସି ଲକ୍ଷ୍ମଣ କଲତା ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଅବସର ଗ୍ରହଣ କରିଥିବା ଶରଧାପୁର ଉଚ୍ଚପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ନିତ୍ୟାନନ୍ଦ ସାହୁ ଓ ପାଇକମାଳ ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ କୁଳମଣୀ ସାହୁଙ୍କୁ ଅତିଥିମାନେ ଉତ୍ତରୀୟ ଓ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରିଥିଲେ। ଶେଷରେ ସିହଳିଆ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରଫୁଲ୍ଲ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ହାତୀ ଉପଦ୍ରବ ରୋକିବାକୁ ପଦକ୍ଷେପ ନିଅ

## ଭାଜପା ଯୁବମୋର୍ଚ୍ଚା ପକ୍ଷରୁ ଜିଲାପାଳଙ୍କୁ ଦାବିପତ୍ର

ଦେବଗଡ଼,୨୧।୧୨(ଶଶାଙ୍କ ଶେଖର ଝାଙ୍କର)

ହାତୀ ଉପଦ୍ରବ ଯୋଗୁ ଦେବଗଡ ଜିଲାର ଚାଷୀଙ୍କ ଧନଜୀବନ ହାନୀ ଘଟିବାସହ ସେମାନେ ଅକଥନୀୟ ଦୁର୍ଦ୍ଦଶାର ସମ୍ମୁଖୀନ ହେଉଛନ୍ତି। ତେଣୁ ଏହି ସମସ୍ୟାର ସ୍ଥାୟୀ ସମାଧାନ ନିମନ୍ତେ ଭାରତୀୟ ଜନତା ପାର୍ଟି ଯୁବମୋର୍ଚ୍ଚା ପକ୍ଷରୁ ଜିଲାପାଳଙ୍କୁ ୪ ଦଫା ଦାବି ସମ୍ବଳିତ ଏକ ସ୍ମାରକ ପତ୍ର ପ୍ରଦାନ କରାଯାଇଛି। ଏଥିସହ ଏହାର ନକଲ ଦେବଗଡ ବନଖଣ୍ଡ ଅଧିକାରୀ ଓ ଜିଲା ଯୋଗାଣ ଅଧିକାରୀଙ୍କୁ ପ୍ରଦାନ କରାଯାଇଛି। ଭାରତୀୟ ଜନତା ପାର୍ଟି, ଯୁବମୋର୍ଚ୍ଚା ସଭାପତି ସନ୍ତୋଷ କୁମାର ଭୁତିଆଙ୍କ ନେତୃତ୍ୱରେ ଉପ ସଭାପତି ତପନ କୁମାର ସାମଲ, ଜିଲା ସମ୍ପାଦକ ସୁନିଲ କୁମାର ପଣ୍ଡା, ପୌର ପରିଷଦ ୮ ନମ୍ବର ୱାର୍ଡର କାଉନଶିଲର ମଧୁସୂଦନ ବାଘ, ରଞ୍ଜିତ କୁମାର ଧଳ, ପ୍ରଶାନ୍ତ ବେହେରା, ଟୁନା ବେହେରା, ଅଜୟ କୁମାର ସେଠୀ, ବୁଲୁ ଦୀପ, ସାଗର ରଞ୍ଜନ ତ୍ରିପାଠୀ, ଦୀପକ ଭୋଇ ଓ କ୍ଷିତୀଶ ବେହେରା ପ୍ରମୁଖ ଜିଲାପାଳଙ୍କ କାର୍ଯ୍ୟାଳୟକୁ ଯାଇ ଉକ୍ତ ସ୍ମାରକପତ୍ର ପ୍ରଦାନ କରିଥିଲେ। ଏଥିସହ ବନଖଣ୍ଡ ଅଧିକାରୀ ମଗର ଧାନାଜୀ ରାଓସୋ ଓ ଜିଲା ଯୋଗାଣ ଅଧିକାରୀ ରଞ୍ଜନ କୁମାର ପଣ୍ଡାଙ୍କୁ ପ୍ରଦାନ କରିଥିଲେ। ହାତୀ ଉପଦ୍ରବର ସ୍ଥାୟୀ ପ୍ରତିକାର ନିମନ୍ତେ ଆବଶ୍ୟକ ସଂଖ୍ୟକ କର୍ମଚାରୀ ନିୟୋଜିତ କରାଯିବା, ଗୋଷ୍ଠୀଗତ ଭାବେ ଉପଦୃତ ଗାଁ ଗୁଡିକୁ ସୋଲାର ବିଦ୍ୟୁତ ତାର ବିଛାଇବା, ହାତୀ ଆକ୍ରମଣ ଓ ଉପଦ୍ରବ ଦ୍ୱାରା ଧନଜୀବନ ହରାଉଥିବା କ୍ଷତିଗ୍ରସ୍ତ ଚାଷୀଙ୍କୁ ତୁରନ୍ତ ଉଚିତ କ୍ଷତିପୂରଣ ପ୍ରଦାନ ଆଦି ଉକ୍ତ ସ୍ମାରକପତ୍ରରେ ଉଲ୍ଲେଖ ରହିଛି। ଦାବି ପୂରଣ ନ ହେଲେ ଆଗାମୀ ଦିନରେ ଭାରତୀୟ ଜନତା ପାର୍ଟି, ଯୁବମୋର୍ଚ୍ଚା ପକ୍ଷରୁ ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦିଆଯାଇଛି।


ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

# ଜିଲାସ୍ତରୀୟ ରାଜସ୍ୱ ବିକାଶ ସମନ୍ୱୟ ବୈଠକ

ଦେବଗଡ଼,୨୧।୧୨(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଗୁରୁବାର ଜିଲା ସ୍ତରୀୟ ରାଜସ୍ୱ ବିକାଶ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ସୋମେସ କୁମାର ଉପାଧ୍ୟାୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଜିଲାର ରାଜସ୍ୱ ଆଦାୟ ବୃଦ୍ଧି ଉପରେ ଆଲୋଚନା କରାଯାଇଥିଲା। ଏଥିସହ ବିଭିନ୍ନ ପ୍ରକଳ୍ପ ନିର୍ମାଣ ପାଇଁ ଚିହ୍ନଟ ହୋଇ ସାରିଥିବା କିମ୍ବା ଚିହ୍ନଟ ପାଇଁ ବାକି ରହିଥିବା ଜମିର ସମୀକ୍ଷା କରାଯାଇଥିଲା। ରାଜ୍ୟ ସରକାରଙ୍କ ଲକ୍ଷ୍ମୀ ଯୋଜନାରେ ବସଷ୍ଟାଣ୍ଡ ନିର୍ମାଣ ପାଇଁ ସ୍ଥାନ ନିରୂପଣ, ଜମି ଚିହ୍ନଟ ହୋଇ ସାରିଥିବା ବିଭିନ୍ନ ପ୍ରକଳ୍ପ ତୁରନ୍ତ ନିର୍ମାଣ କାର୍ଯ୍ୟ ଆରମ୍ଭ ଏବଂ ରାଜସ୍ୱ ବିଭାଗର ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରାଯାଇଥିଲା। ଏଥିସହ ବିଭିନ୍ନ ସମସ୍ୟାର ତୁରନ୍ତ ସମାଧାନ ପାଇଁ ବିଭାଗୀୟ ଅଧିକାରୀଙ୍କୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ଏହି ବୈଠକରେ ଅତିରିକ୍ତ ଜିଲାପାଳ ରେବେକା ବିଲୁଙ୍ଗ, ବନଖଣ୍ଡ ଅଧିକାରୀ ମଗର ଧାନାଜୀ ରାଓସୋ, ଜିଲାପରିଷଦ କାର୍ଯ୍ୟ ନିର୍ବାହୀ ଅଧିକାରୀ ଧର୍ମାନନ୍ଦ ବେହେରା, ଉପଜିଲାପାଳ ପରକ୍ଷୀତ ସାହୁ, ରାଜସ୍ୱ ଅଧିକାରିଣୀ ମମତା ମହାରଣା, ବିଭାଗ ଅଧିକାରୀ କ୍ଷୀରେଶ୍ୱର ସାହୁଙ୍କ ସମେତ ସମସ୍ତ ବିଡିଓ, ତହସିଲଦାର, ରାଜସ୍ୱ ବିଭାଗର କର୍ମଚାରୀ ଓ ବିଭିନ୍ନ ବିଭାଗର ଜିଲା ସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ।


ବୈଠକରେ ଉପସ୍ଥିତ ଅଧିକାରୀଗଣ।

# ଜିଲା କୃଷକ ସଂଘର୍ଷ ସଂଘ ବୈଠକ



ଦେବଗଡ,୨୧।୧୨ (ଶଶାଙ୍କ ଶେଖର ଝାଙ୍କର)

ଚାଷୀଙ୍କ ବିଭିନ୍ନ ସମସ୍ୟା ନେଇ ବାରକୋଟ ବ୍ଲକ ଦନ୍ତାରୀବାହାଲ ପଞ୍ଚାୟତ ସଦର ମହକୁମାରେ ଗୁରୁବାର ଜିଲା କୃଷକ ସଂଘର୍ଷ ସଂଘର ଏକ ପଞ୍ଚାୟତ ସ୍ତରୀୟ ବୈଠକ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ମୁଖ୍ୟଅତିଥିଭାବେ ଜିଲା କୃଷକ ସଂଘର୍ଷ ସଂଘ ସଭାପତି ସେମ ହେମ୍ବ୍ରମ, ସମ୍ମାନିତ ଅତିଥିଭାବେ ସମ୍ପାଦକ ଗୁଣନିଧି ବେହେରା ଓ ଉପସଭାପତି ଦେବରାଜ ପ୍ରଧାନ, ଗୋବିନ୍ଦ ଚନ୍ଦ୍ର ବାଘ, ଲଳୀତ ବେହେରା, କ୍ଷୀରୋଦ ଚନ୍ଦ୍ର ବେହେରା ଓ ତୀର୍ଥବାସୀ ବେହେରା ପ୍ରମୁଖ ଯୋଗଦେଇ ସମ୍ପୃକ୍ତ ଅଞ୍ଚଳର ଚାଷୀଙ୍କ ବିଭିନ୍ନ ସମସ୍ୟା ଉପରେ ଆଲୋକପାତ କରିଥିଲେ। ବିଶେଷ କରି ଜିଲାରେ ବିଳମ୍ବରେ ଧାନମଣ୍ଡି ଖୋଲାଯାଇଥିବାରୁ ଚିନ୍ତା ପ୍ରକଟ କରିବା ସହ ଚାଷୀମାନେ କିଭଳି ସୁରକ୍ଷିତ ଭାବେ ନିଜର ଧାନ ବିକ୍ରି କରିପାରିବେ ସେନେଇ ଏହି ବୈଠକରେ ସବିଶେଷ ଆଲୋଚନା କରାଯାଇଥିଲା। ଏଥିସହ ଚାଷୀଙ୍କ ଦ୍ୱାରା ଚାଷ ହେଉଥିବା ସରକାରୀ ପତିତ ଜମିର ପଟ୍ଟା ପ୍ରଦାନ, ଆଦିବାସୀଙ୍କୁ ଜଙ୍ଗଲ ଜମିର ଖତିୟାନ ପ୍ରଦାନ, ଭୂମିହୀନଙ୍କୁ ଘରଡିହ ପଟ୍ଟା ପ୍ରଦାନ, ଜମିର କିଷମ ପରିବର୍ତ୍ତନ ଏବଂ ରେଙ୍ଗାଲି ବାସଚ୍ୟୁତଙ୍କୁ ବକେୟା ଲିଜ୍ ଜମି ପ୍ରଦାନ ସହ ସ୍ଥାୟୀ ପଟ୍ଟା ଦେବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ଏହି ବୈଠକରେ ସମ୍ପୃକ୍ତ ଅଞ୍ଚଳର ବହୁ ଚାଷୀ ଯୋଗ ଦେଇଥିଲେ।

# ସଡ଼କ ସୁରକ୍ଷା ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ

ଦେବଗଡ଼,୨୧।୧୨(ଶଶାଙ୍କ ଶେଖର ଝାଙ୍କର): ସଡକ ସୁରକ୍ଷା ଅଭିଯାନରେ ଛାତ୍ରୀଛାତ୍ରଙ୍କୁ ସାମିଲ କରିବା ଉଦ୍ଦେଶ୍ୟ ନେଇ ବିଭିନ୍ନ ସ୍କୁଲ ଓ କଲେଜ ପରିସରରେ ଦେବଗଡ ଜିଲା ପୋଲିସ ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି। ଏହି କ୍ରମରେ ଗୁରୁବାର ତିଲେଇବଣି ବ୍ଲକର ଲୁଢର ଏବଂ ସୁଗୁଡା ସ୍ଥିତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ସଡକ ସୁରକ୍ଷା ସମ୍ପର୍କୀତ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଲଇମୁରା ଥାନା ଅନ୍ତର୍ଗତ ଲୁଢର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଆୟୋଜିତ କାର୍ଯ୍ୟକ୍ରମରେ ଏସଡିପିଓ ସୌମ୍ୟରଞ୍ଜନ ମଲ୍ଲିକ ଏବଂ ଲଇମୁରା ଥାନା ଓଆଇସି ସନ୍ତୋଷ ସେଠୀ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ସଚେତନ କରିଥିଲେ। ଏହି ଅବସରରେ ଛାତ୍ରୀଛାତ୍ରଙ୍କୁ ନେଇ ଏକ କୁଇଜ ପ୍ରତିଯୋଗିତାର ଆୟୋଜନ କରାଯାଇଥିଲା। କୃତୀ ଛାତ୍ରୀଛାତ୍ରଙ୍କୁ ହେଲମେଟ ପ୍ରଦାନ କରାଯାଇଥିଲା। ଏଥିସହ ସଡକ ଦୁର୍ଘଟଣାର କାରଣ ଓ ନିରାକରଣ ଉପରେ ଆଲୋଚନା କରାଯିବା ସହ ଟ୍ରାଫିକ ନିୟମ ଭଙ୍ଗ କଲେ ଏହାର ଦଣ୍ଡବିଧାନ ଉପରେ ସଚେତନ କରାଯାଇଥିଲା। ଏଥିସହ ଛାତ୍ରୀଛାତ୍ର ସଚେତନ ହେବା ସହ ଅଭିଭାବକ ଓ ଜନସାଧାରଣଙ୍କୁ ସଚେତନ କରାଇଲେ ସଡକ ଦୁର୍ଘଟଣା ହ୍ରାସ କରାଯାଇ ପାରିବ ବୋଲି ଏସ୍‌ଡିପିଓ ମଲ୍ଲିକ ଆଲୋକପାତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଉଭୟ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ସମେତ ସମସ୍ତ ଅଧ୍ୟାପିକା,ଅଧ୍ୟାପକ ଓ କର୍ମଚାରୀ ସାମିଲ ହୋଇଥିଲେ।

# ଚିନ୍ମୟ ବିଦ୍ୟାଳୟର ବାର୍ଷିକ ଉତ୍ସବ

ଦେବଗଡ଼, ୨୧।୧୨(ଶଶାଙ୍କ ଶେଖର ଝାଙ୍କର)

ତିଲେଇବଣି ବ୍ଲକ ସୁନାମୁଣ୍ଡାସ୍ଥିତ ଚିନ୍ମୟ ବିଦ୍ୟାଳୟର ବାର୍ଷିକ ଉତ୍ସବ ଗୁରୁବାର ପାଳିତ ହୋଇଯାଇଛି। ବିଦ୍ୟାଳୟ ଅଧ୍ୟକ୍ଷ ସୁଜିତ ଠାକୁରଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟ ଅତିଥିଭାବେ ଜିଲାପାଳ ସୋମେଶ କୁମାର ଉପାଧ୍ୟାୟ, ସମ୍ମାନିତ ଅତିଥିଭାବେ ଦେବଗଡ ବନଖଣ୍ଡ ଅଧିକାରୀ ମଗର ଧାନାଜି ରାଓସୋ, ମୁଖ୍ୟ ବକ୍ତାଭାବେ ପୂର୍ବତନ କଲେଜ ଅଧ୍ୟକ୍ଷ ପଦ୍ମଲାଭ ସାହୁ, ଚିନ୍ମୟ ବିଦ୍ୟାଳୟ ଚେୟାରମ୍ୟାନ ସ୍ୱାମୀ ନିଗମାନନ୍ଦ ଆଚାର୍ଯ୍ୟ, ପୂର୍ବତନ ସମ୍ପାଦକ ରାମଚନ୍ଦ୍ର ମହାପାତ୍ର, ଜଗଦିଶ ନନ୍ଦ, ଗୋପବନ୍ଧୁ ପ୍ରଧାନ, ଭିଏମ୍‌ସି ମେମ୍ବର ଜଗବନ୍ଧୁ ଶତପଥୀ, ଅଶୋକ କୁମାର ଗଙ୍ଗଦେବ ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ଅବସରରେ ଅତିଥିଙ୍କୁ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ପରେ ଏହି ଅବସରରେ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହେଇଥିଲା। ପୂର୍ବରୁ ହେଇଥିବା ବିଭିନ୍ନ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ବିଦ୍ୟାଳୟର ଶିକ୍ଷୟିତ୍ରୀ ଶିକ୍ଷକ ପ୍ରମୁଖ ସହୋଯାଗ କରିଥିଲେ।



ବାର୍ଷିକ ଉତ୍ସବରେ ମଞ୍ଚାସୀନ ଅତିଥିବୃନ୍ଦ।

# କୁରଡ଼ ଗ୍ରାମରେ ହାତୀ ଉପଦ୍ରବ,ବ୍ୟାପକ କ୍ଷୟକ୍ଷତି

ଦେବଗଡ଼,୨୧।୧୨ (ଶଶାଙ୍କ ଶେଖର ଝାଙ୍କର)

ଦେବଗଡ ଫରେଷ୍ଟ ସେକ୍ସନର ବିଭିନ୍ନ ଗ୍ରାମରେ ହାତୀ ଉପଦ୍ରବ ଲାଗି ରହିଥିବା ବେଳେ ବ୍ୟାପକ କ୍ଷୟକ୍ଷତି ହୋଇଛି। ଘର ଦ୍ୱାର ଭାଙ୍ଗିବା ସହ ଧାନ ଫସଲ ଓ ପନିପରିବା ଚାଷ ଉଜୁଡି ଯାଇଛି। ଏହି କ୍ରମରେ କୁରଡ ଗ୍ରାମରେ ବୁଧବାର ବିଳମ୍ବିତ ରାତିରେ ୩୪ ଟିକିଆ ହାତୀପଲ ଉପଦ୍ରବ କରିଥିବା ବେଳେ କଦଳୀ ଗଛ ସମେତ ଏକର ଏକର ପନିପରିବା ଚାଷ ନଷ୍ଟ କରିଦେଇଛନ୍ତି। ଉକ୍ତ ହାତୀ ଦଳ କୁରଡ ଗ୍ରାମର ବୀରବର ସାହୁଙ୍କ ବଗିଚାରେ ଥିବା ପାଣି ପମ୍ପ ଭାଙ୍ଗି ଦେଇଥିବା ବେଳେ ବହୁ କଦଳୀ ଗଛ ଓ ପନିପରିବା ଖାଇବା ସହ ମାଡି ଦଳି ନଷ୍ଟ କରି ଦେଇଛନ୍ତି। ସେହିପରି ପୂର୍ଣ୍ଣଚନ୍ଦ୍ର ବେହେରା, ଲୁଧା ବେହେରା ଓ ଧନେଶ୍ୱର ସାହୁଙ୍କ ବାଡିରେ ହୋଇଥିବା ଅମଳକ୍ଷମ ପନିପରିବା ମାଡିଦଳି ନଷ୍ଟ କରିଦେଇଛନ୍ତି।

# ପୁଷ୍ଟି ଶସ୍ୟ ଖାଦ୍ୟ ମେଳା

ନାକଟିଦେଉଳ,୨୧।୧୨ (ବୈକୁଣ୍ଠ ନାଥ ସାହୁ)

ନାକଟିଦେଉଳ ବ୍ଲକ ସରାପାଲି ପଞ୍ଚାୟତ ଗୋଧିଡିପ ଲକ୍ଷ୍ମୀପୂଜା ମଣ୍ଡପଠାରେ ପୁଷ୍ଟି ଶସ୍ୟ ଖାଦ୍ୟ ମେଳା ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା ମିଲେଟ ମିଶନ ପକ୍ଷରୁ ଭଲ୍ୟୁଣ୍ଟାରି ଇନ୍‌ଷ୍ଟିଚ୍ୟୁଟ ଅଫ ରୁରାଲ ଡ଼େଭଲପମେଣ୍ଟ ଦ୍ୱାରା ମେଳା ଆୟୋଜିତ ହୋଇଥିଲା। ଏଥିରେ ସରାପାଲି ଗ୍ରାମର ମା' ମଙ୍ଗଳା ଓ ଦିବ୍ୟ ଭାରତୀ ମହିଳା ସ୍ୱୟଂସହାୟିକା ଗୋଷ୍ଠୀର ସଦସ୍ୟା ମାଣ୍ଡିଆରେ ପ୍ରସ୍ତୁତ ଖାଦ୍ୟ ପ୍ରଦର୍ଶନ କରିଥିଲେ। ଓଡ଼ିଶା ମିଲେଟ ମିଶନର ବ୍ଲକ ସଂଯୋଜକ ବିଦ୍ୟାଧର ପ୍ରଧାନଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଏବିଡିଓ ବିଦ୍ୟାଧର ରାଉତରାୟ, ସିଡ଼ିପିଓ କ୍ଷୀରାବ୍ଧି ପାଣ୍ଡିଆ, କୃଷି ପରିଦର୍ଶକ ବୈକୁଣ୍ଠ ରାଉଳ ପ୍ରମୁଖ ଯୋଗଦେଇ ମାଣ୍ଡିଆ ଚାଷର ପ୍ରଣାଳୀ, ଏହି ଶସ୍ୟରେ ରହିଥିବା ଭିଟାମିନ ଗୁଣ ସମ୍ପର୍କରେ ଆଲୋଚନା କରିଥିଲ। ମିଲେଟ ମିଶନର ଅତିରିକ୍ତ ବ୍ଲକ ସଂଯୋଜକ କାମେଶ ରଞ୍ଜନ ବେହେରା ଓ ସିଆର୍‌ପିମାନେ ସହଯୋଗ କରିଥିଲେ।


ମାଣ୍ଡିଆ ପ୍ରସ୍ତୁତ ଖାଦ୍ୟ ଷ୍ଟଲ ବୁଲିଦେଖୁଛନ୍ତି ଅତିଥି।

# ଉଚ୍ଚ ବିଦ୍ୟାଳୟର ବାର୍ଷିକ ମହୋତ୍ସବ

ଜମନକିରା,୨୧।୧୨ (ରବୀନ୍ଦ୍ର ପ୍ରସାଦ ଦାନି)

ଜମନକିରା ବ୍ଲକ ବଡରମା ପଞ୍ଚାୟତ ଷଣ୍ଢପଥର ସରକାରୀ ଏସ୍‌ଏସ୍‌ଡି ଉଚ୍ଚ ବିଦ୍ୟାଳୟର ବାର୍ଷିକ ମହୋତ୍ସବ ବୁଧବାର ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ରାଜେନ୍ଦ୍ର କୁମାର ଜଗତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ସତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ ଶୋଭାରାମ ପଧାନ ଯୋଗଦେଇ ଶିକ୍ଷା ହିଁ ସଫଳତାର ମୂଳମନ୍ତ୍ର ବୋଲି ଛାତ୍ରୀଛାତ୍ରଙ୍କୁ ବୁଝାଇଥିଲେ। ଜିଲା ଶିକ୍ଷା ମଣ୍ଡଳାଧିଶ ପାନାମଣି ମୁର୍ମୁ ମୁଖ୍ୟବକ୍ତା ଓ ଜିଲା ପରିଷଦ ଜୋନ ୧ ସଭ୍ୟା ସୁଜାତା ଖୁଣ୍ଟିଆ, ଶିକ୍ଷା ଜିଲା ନିରୀକ୍ଷକ ନରେଶ କୁମାର ଖମାରୀ, ଷଣ୍ଢପଥର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟକ୍ଷା ଜ୍ୟୋତିର୍ମୟୀ ଜ୍ୟୋସ୍ନା ଦାଶ, ସହ ଶିକ୍ଷା ଅଧିକାରୀ ଦେବକୀ ନାଏକ, ସରପଞ୍ଚ ବିଜୟ କୁମାର ନାୟକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ କୃତୀ ଛାତ୍ରୀଛାତ୍ରଙ୍କୁ ମାନପତ୍ର ସହ ଟ୍ରଫି ପ୍ରଦାନ କରିଥିଲେ। ସହକାରୀ ଶିକ୍ଷକ ହିମାଦ୍ରି କଂଶରାଲି ବାର୍ଷିକ ବିବରଣୀ ପାଠ କରିଥିବା ବେଳେ ସହକାରୀ ଶିକ୍ଷୟିତ୍ରୀ ଅଳକା ପଟେଲ ଧନ୍ୟବାଦ ଅର୍ପଣ କରିଥିଲେ। ଶେଷରେ ପିଲାମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା।



ଉତ୍ସବରେ ମଞ୍ଚାସୀନ ଅତିଥିମାନେ।

DSPL-478
ଓଡ଼ିଶା ସ୍ଥାବର ସମ୍ପତ୍ତି ନିୟାମକ ପ୍ରାଧିକରଣ
Odisha Real Estate Regulatory Authority
Block-A1, 3rd Floor, Toshali Bhawan, Satya Nagar, Bhubaneswar-751007

Facilitation Center (ସହଯୋଗ କେନ୍ଦ୍ର)
ରେରା ସମ୍ବନ୍ଧିତ ବିଭିନ୍ନ ସୂଚନା ପ୍ରଦାନ ତଥା ଉପଭୋକ୍ତା ଓ ସାଧାରଣ ଲୋକଙ୍କ ସହାୟତା ନିମନ୍ତେ ଓରେରା ଅଫିସ ପରିସରରେ ସହଯୋଗ କେନ୍ଦ୍ର ଖୋଲାଯାଇଛି, ଯାହାର ସୁଯୋଗ ଯେ କେହି ମଧ୍ୟ ନେଇପାରିବେ।

CDR ସେଲ୍
Conciliation & Dispute Resoluton ସେଲ୍ (ସି.ଡି.ଆର.) ଅଭିଯୋଗକାରୀ ମାନଙ୍କର ଅଭିଯୋଗର ଆପୋସ ଆଲୋଚନା ମାଧ୍ୟମରେ ତ୍ୱରିତ ସମାଧାନ ପାଇଁ ଗଠନ କରାଯାଇଛି।

QPR
Quarterly Progress Report (QPR)
ପ୍ରତ୍ୟେକ ଗୃହ ନିର୍ମାଣକାରୀ ସଂସ୍ଥା ପ୍ରତି ୩ ମାସ ବ୍ୟବଧାନରେ ସେମାନଙ୍କର ପ୍ରକଳ୍ପର କ୍ରମୋନ୍ନତି ଏବଂ ଆର୍ଥିକ ପ୍ରଗତିର ବିବରଣୀ ଓରେରା ୱେବସାଇଟ୍ www.rera.odisha.gov.inରେ ଦେବାକୁ ବାଧ୍ୟ। ଏହା ଫଳରେ ଗୃହକ୍ରେତାମାନେ ସେମାନଙ୍କର ପ୍ରକଳ୍ପର ଅଗ୍ରଗତି ସମ୍ବନ୍ଧିତ ଧାରଣା ପାଇପାରିବେ।

ORERA Regn. No. ଏବଂ website
ପ୍ରତ୍ୟେକ ଗୃହ ନିର୍ମାଣକାରୀ ସଂସ୍ଥା ନିଜ ବିଜ୍ଞାପନରେ ଓରେରା ରେଜିଷ୍ଟ୍ରେସନ୍ ନମ୍ବର ଏବଂ ୱେବସାଇଟ୍ (www.rera.odisha.gov.in) ଦେବାକୁ ବାଧ୍ୟ। ଏହାର ଅନୁପାଳନରେ ଖିଲାପ କଲେ ଜରିମାନା ଧାର୍ଯ୍ୟ ହେବ।

ନିଜ ସ୍ୱପ୍ନର ଘର କିମ୍ବା ଜାଗା ସମ୍ପର୍କରେ ଅଧିକ ଜାଣିବା ପାଇଁ www.rera.odisha.gov.inରେ ଲଗଇନ୍ କରନ୍ତୁ ବା ଓରେରା ଅଫିସ୍ ସହିତ ଯୋଗାଯୋଗ କରନ୍ତୁ।
"ଆପଣଙ୍କର ଅଧିକାର, ଆମ ଦାୟିତ୍ୱ"
OIPR-13223/13/0010/2324

# ଗାନ୍ଧୀ ଷ୍ଟାଡିୟମ ନୂଆ ପାଭିଲିୟନ ଉଦ୍‌ଘାଟିତ

**ବଲାଙ୍ଗୀର, ୨୧।୧୨ (ବୀରେନ୍ଦ୍ର କୁମାର ଝାଙ୍କର)**



ବଲାଙ୍ଗୀର ଗାନ୍ଧୀ ଷ୍ଟାଡିୟମ ପାଭଲିଅନ୍ ଉଦ୍‌ଘାଟନ ଉତ୍ସବରେ ମଞ୍ଚାସୀନ ଅତିଥି।

ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ଅଧ୍ୟକ୍ଷ ଅସିତ୍ ତ୍ରିପାଠୀ ଗୁରୁବାର ବଲାଙ୍ଗୀର ଗାନ୍ଧୀ ଷ୍ଟାଡିୟମ୍‌ରେ ନିର୍ମିତ ନୂଆ ପାଭିଲିୟନକୁ ଉଦ୍‌ଘାଟନ କରିଛନ୍ତି। ଏଥିପାଇଁ ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ପାଣ୍ଠିରୁ ୨.୪୨ କୋଟି ଟଙ୍କାର ଅନୁଦାନ ପ୍ରଦାନ କରାଯାଇଛି। ଏହାସହିତ ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ପକ୍ଷରୁ ଅନୁମୋଦିତ ୩.୩୦ କୋଟି ଟଙ୍କା ଅନୁଦାନରେ ଫ୍ଲଡ୍ ଲାଇଟ୍ ବ୍ୟବସ୍ଥାର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ଅଧ୍ୟକ୍ଷ ତ୍ରିପାଠୀ ତାଙ୍କ ବକ୍ତବ୍ୟରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦିଗଦର୍ଶନରେ ପଶ୍ଚିମ ଓଡ଼ିଶାର କ୍ରୀଡା ଭିତ୍ତିଭୂମିର ବିକାଶରେ ଏହା ନିଶ୍ଚିତ ଭାବରେ ସହାୟକ ହେବ। ବଲାଙ୍ଗୀରର ଏହି ନୂଆ ପାଭିଲିୟନ୍ କଳିଙ୍ଗ ଷ୍ଟାଡିୟମରେ ଥିବା ଭିତ୍ତିଭୂମିରୁ କୌଣସି ଗୁଣରେ କମ୍ ନୁହେଁ ବୋଲି କହିଥିଲେ।

ବଲାଙ୍ଗୀର ଗସ୍ତର ଦ୍ୱିତୀୟ ଦିନରେ ଅଧ୍ୟକ୍ଷ ତ୍ରିପାଠୀ ପୁଇଁତଲା ବ୍ଲକ ରଣ୍ଡା ଗ୍ରାମରେ ନୂଆ କଲ୍ୟାଣ ମଣ୍ଡପର ଉଦ୍‌ଘାଟନ କରିଥିଲେ। ଏହାର ନିର୍ମାଣ ପାଇଁ ପରିଷଦ ପକ୍ଷରୁ ୧୦ ଲକ୍ଷ ଟଙ୍କାର ଆର୍ଥିକ ଅନୁଦାନ ପ୍ରଦାନ କରାଯାଇଥିଲା। ଜନସାଧାରଣଙ୍କୁ ସମ୍ବୋଧନ କରି ତ୍ରିପାଠୀ କଲ୍ୟାଣ ମଣ୍ଡପର ରକ୍ଷଣାବେକ୍ଷଣା ଏବଂ ଆନୁସଙ୍ଗିକ ବ୍ୟବସ୍ଥା କରିବା ପାଇଁ ଅତିରିକ୍ତ ୫ ଲକ୍ଷ ଟଙ୍କାର ଅନୁଦାନ ଘୋଷଣା କରିଥିଲେ। ଅନ୍ୟପକ୍ଷେ ମାଧିଆପାଲି ଗ୍ରାମପଞ୍ଚାୟତରେ ନିର୍ମିତ ଗୋଷ୍ଠୀ କେନ୍ଦ୍ର ପରିଦର୍ଶନ କରିଥିଲେ। ଏହାର ନିର୍ମାଣ କାମପାଇଁ ପରିଷଦ ପକ୍ଷରୁ ୭.୮୦ ଲକ୍ଷ ଟଙ୍କାର ଅନୁଦାନ ପ୍ରଦାନ କରାଯାଇଛି। ଆସନ୍ତା ଦୁଇ ମାସ ମଧ୍ୟରେ ଏହାକୁ ସମ୍ପୂର୍ଣ୍ଣ କରିବା ପାଇଁ ଲକ୍ଷ୍ୟ ରଖାଯାଇଛି। କାର୍ଯ୍ୟକ୍ରମରେ ରାଜେନ୍ଦ୍ର ନାରାୟଣ ସିଂଦେଓ ଷ୍ଟାଡିୟମରେ ଫେନସିଂ, ବୋଲିଂ ଓ ଆର୍ଚେରୀର ବିକାଶ ପାଇଁ ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ପକ୍ଷରୁ ଆର୍ଥିକ ଅନୁଦାନ ଯୋଗାଇ ଦିଆଯିବ ବୋଲି ଘୋଷଣା କରିଥିଲେ। ସଭାରେ ଜିଲାପାଳ ଚଞ୍ଚଳ ରାଣା ବକ୍ତବ୍ୟ ରଖି ଗାନ୍ଧୀ ଷ୍ଟାଡିୟମରେ ଯେପରି ଖେଳର ବିକାଶ ହେବ ଏବଂ ସମସ୍ତ ଖେଳାଳୀଙ୍କୁ ଉଚିତ୍ ସୁଯୋଗ ମିଳିବ ସେଦିଗରେ ଗୁରୁତ୍ୱ ଦେବାକୁ ଜିଲା କ୍ରୀଡା ସଂସଦ ସଦସ୍ୟଙ୍କୁ କହିଥିଲେ। କୌଣସି କ୍ରୀଡାବିତ୍‌ଙ୍କୁ ଯେପରି ବାରଣ କରାଯିବ ନାହିଁ ସେଦିଗରେ ଦୃଷ୍ଟି ଦେବାକୁ ସେ କହିଥିଲେ। ଏହି ଅବସରରେ ପରିଷଦ ପକ୍ଷରୁ ମିଳିଥିବା ସହଯୋଗ ପାଇଁ ଅଧ୍ୟକ୍ଷ ତ୍ରିପାଠୀଙ୍କୁ ଜିଲାପାଳ ରାଣା କୃତଜ୍ଞତା ଜଣାଇଥିଲେ। ଏହି ସଭାରେ ରାଜ୍ୟ ଗୃହ ନିର୍ମାଣ ବୋର୍ଡ ଅଧ୍ୟକ୍ଷ କଳିକେଶ ନାରାୟଣ ସିଂଦେଓ ବକ୍ତବ୍ୟ ରଖି ରାଜେନ୍ଦ୍ର ନାରାୟଣ ସିଂଦେଓ ସ୍ପୋର୍ଟସ୍ କମ୍ପ୍ଲେକ୍ସର ବିକାଶ ଦିଗରେ ମଧ୍ୟ ପରିଷଦ ଅନୁଦାନ ଯୋଗାଇ ଦେବାକୁ ଅଧ୍ୟକ୍ଷଙ୍କୁ ନିବେଦନ କରିଥିଲେ। ସଭାରେ ଅନ୍ୟମାନଙ୍କ ମଧ୍ୟରେ ଆରକ୍ଷୀ ଅଧୀକ୍ଷକ ରିଷିକେଶ ଖିଲାରୀ, ପୌରାଧ୍ୟକ୍ଷା ଲିକା ସାହୁ, ଉପାଧ୍ୟକ୍ଷା ଗାୟତ୍ରୀ ଭୋଇ, ଜିଲା କ୍ରୀଡା ସଂସଦ ସଭାପତି ଡ. ଶ୍ରୀକର ମିଶ୍ର, ସମ୍ପାଦକ ହରିନାରାୟଣ ପୂଜାରୀ, ପରିଷଦ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଡ. ଅଜିତ୍ କୁମାର ମିଶ୍ର, ପରିଷଦ ବିଶେଷଜ୍ଞ ସଦସ୍ୟ ହଂସରାଜ ଜୈନ ମଞ୍ଚାସୀନ ଥିଲେ। କାର୍ଯ୍ୟକ୍ରମକୁ କ୍ରୀଡା ସଂସଦ ସଭାପତି ଡ ମିଶ୍ର ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ବହୁ କ୍ରୀଡାବିତ୍ ଓ ବୁଦ୍ଧିଜୀବୀ ଯୋଗଦାନ କରିଥିଲେ।

## ଏକ୍ସପ୍ରେସ ଟ୍ରେନ୍ ରହଣି ପାଇଁ କେନ୍ଦ୍ରମନ୍ତ୍ରୀଙ୍କ ନିକଟରେ ଦାବି କଲେ ବିଧାୟକ

**ଲୋଇସିଂହା, ୨୧।୧୨ (ସୁଶାନ୍ତ ବାରିକ)**

ବଲାଙ୍ଗୀର ଜିଲା ଲୋଇସିଂହା ଆଦର୍ଶ ଷ୍ଟେଶନରେ ପୁରୀ-ଦୁର୍ଗ ଓ ହାୱଡା-ଜଗଦଲପୁର ସମ୍ବଲେଶ୍ୱରୀ ଏକ୍ସପ୍ରେସ ଟ୍ରେନ ରହଣୀ ନେଇ କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ବୁଧବାର ଏକ ଦାବିପତ୍ର ବିଧାୟକ ମୁକେଶ ମହାଲିଙ୍ଗ ପ୍ରଦାନ କରିଛନ୍ତି। ଗତ ମେ ମାସରେ ପ୍ରଧାନମନ୍ତ୍ରୀ ଭାରତ ବନ୍ଦେ ଏକ୍ସପ୍ରେସ ଲୋକାର୍ପଣ ଉପଲକ୍ଷେ ଲୋଇସିଂହା ଆଦର୍ଶ ଷ୍ଟେଶନରେ ଏକ ଭବ୍ୟ ସମାରୋହ ଆୟୋଜିତ ହୋଇଥିଲା। ଏଠାରେ ସ୍ଥାନୀୟ ବୁଦ୍ଧିଜୀବୀ, ବରିଷ୍ଠ ନାଗରିକ ଉପସ୍ଥିତ ରହି ଏଭଳି ପଦକ୍ଷେପକୁ ନେଇ ପ୍ରଧାନମନ୍ତ୍ରୀ, କେନ୍ଦ୍ର ରେଳମନ୍ତ୍ରୀ ଓ କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇଥିଲେ। ତେବେ ଏହି ଦାବି ଅଦ୍ୟାବଧି ପୂରଣ ହୋଇ ପାରିନାହିଁ। ଏହି ଷ୍ଟେଶନ ଉପରେ ଲୋଇସିଂହା ନିର୍ବାଚନ ମଣ୍ଡଳୀ ଅଧିବାସୀଙ୍କ ସହ ସୀମାନ୍ତ ସୁବର୍ଣ୍ଣପୁର ଜିଲା ତରଭା ବ୍ଲକ ଏବଂ ବରଗଡ ଜିଲା ପଦ୍ମପୁର ନିର୍ବାଚନ ମଣ୍ଡଳୀବାସୀ ନିର୍ଭର କରିଥାନ୍ତି। ତେଣୁ ଦାବି ଯୁକ୍ତିଯୁକ୍ତ ବୋଲି ଦାବିପତ୍ରରେ ବିଧାୟକ ଉଲ୍ଲେଖ କରିଛନ୍ତି।

## ନୂଆ ଓଡ଼ିଶା ଯୁବ ଓଡ଼ିଶା କାର୍ଯ୍ୟକ୍ରମ

**ଖପ୍ରାଖୋଲ, ୨୧।୧୨ (ଅଭୟ ତ୍ରିପାଠୀ)**

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ହରିଶଙ୍କର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ନୂଆ ଓଡ଼ିଶା ଯୁବ ଓଡ଼ିଶା କାର୍ଯ୍ୟକ୍ରମର ଉଦ୍‌ଯାପନୀ ଉତ୍ସବ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଉଦ୍‌ଯାପନୀ ଉତ୍ସବରେ ଅଧ୍ୟକ୍ଷ ବଳଭଦ୍ର ଦାଶ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥିଭାବେ ଜିଲା ପରିଷଦ ଅଧ୍ୟକ୍ଷା ଦେବକୀ ସାହୁ, ମୁଖ୍ୟବକ୍ତା ରାଜେନ୍ଦ୍ର ବିଶ୍ୱ ବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ପ୍ରଫେସର ଡ଼ ବିଜୟ କୁମାର ଜେନା, ଖପ୍ରାଖୋଲ ବିଡିଓ ଆକାଶ ରଞ୍ଜନ ସାହୁ, ବିଶିଷ୍ଟ କଳାକାର ରୁକ୍କୁ ସୁନା, ଧୁମାଭଟା ଉଚ୍ଚମାଧ୍ୟମିକ ବିଦ୍ୟାଳୟ ଅଧ୍ୟକ୍ଷ ଦେବାର୍ଚ୍ଚନା ନାଗ, ସରପଞ୍ଚ ବେଟିଖାଇ ସେନ୍ଦ୍ରିଆ ଯୋଗଦେଇଥିଲେ। ଛାତ୍ରୀଛାତ୍ରମାନେ ମନଲଗାଇ ପାଠ ପଢିବାକୁ ଅତିଥିମାନେ ଆହ୍ୱାନ ଦେଇଥିଲେ। ଅଧ୍ୟାପକ ପ୍ରଶାନ୍ତ କୁମାର ତ୍ରିପାଠୀ ବିବରଣୀ ପଠନ କରିଥିଲେ। ଛାତ୍ରୀଛାତ୍ରମାନେ ସାତ ଦିନ ଧରି ବିଭିନ୍ନ ସଚେତନତା କାର୍ଯ୍ୟକ୍ରମ, ସଫେଇ ସହ ବିଭିନ୍ନ ପ୍ରତିଯୋଗିତାରେ ଅବତୀର୍ଣ୍ଣ ହୋଇଥିଲେ। ଏହି ଅବସରରେ ଅତିଥିମାନେ କୃତୀ ପ୍ରତିଯୋଗୀଙ୍କୁ ସମ୍ବର୍ଦ୍ଧିତ କରିଥିଲେ।

## ଆସ୍ଥା ପବ୍ଲିକ ସ୍କୁଲର ବାର୍ଷିକ ଉତ୍ସବ




ବାର୍ଷିକ ଉତ୍ସବରେ ପରିବେଷିତ ସାଂସ୍କୃତିକ କାର୍ଯ୍ୟକ୍ରମ।

**ବେଲପଡା, ୨୧।୧୨ (ମନୋଜ କୁମାର ମିଶ୍ର)**

ବଲାଙ୍ଗୀର ଜିଲା ବେଲପଡା ଆସ୍ଥା ପବ୍ଲିକର ବାର୍ଷିକ ଉତ୍ସବ ଆସ୍ଥା ସ୍ପନ୍ଦନ ଗୁରୁବାର ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ଶିକ୍ଷକ ସିଦ୍ଧେଶ୍ୱର ମେହେରଙ୍କ ପରିଚାଳନା ଓ ପ୍ରିନସିପାଲ ବି.ସରକାରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବରେ ଓଡ଼ିଶା ହାଉସିଂ ବୋର୍ଡ଼ ଚେୟାରମ୍ୟାନ କଳିକେଶ ନାରାୟଣ ସିଂଦେଓ, ସମ୍ମାନୀତ ଅତିଥି ଭାବେ ପୂର୍ବତନ ବ୍ଲକ ଅଧ୍ୟକ୍ଷ ବନମାଳୀ ଖମାରୀ, ସ୍କୁଲ ଚେୟାରମ୍ୟାନ ଅନନ୍ତ ଜୈନ, ସ୍କୁଲ ପ୍ରତିଷ୍ଠାତା ଶଙ୍କର ପ୍ରସାଦ ଜୈନ, ଟ୍ରଷ୍ଟି ସଭ୍ୟ ଆନନ୍ଦ ଜୈନ, ମୁଖ୍ୟବକ୍ତାଭାବେ ଟିଟିଲାଗଡ ପ୍ରଭାବତୀ ସ୍କୁଲ ପ୍ରିନ୍ସିପାଲ ସୁନନ୍ଦା ଜ୍ୟୋତି ଯୋଗ ଦେଇଥିଲେ। ମୁଖ୍ୟ ଅତିଥି ସିଂଦେଓ ତାଙ୍କ ବକ୍ତବ୍ୟରେ କହିଥିଲେ ଯେ, ପିଲାମାନଙ୍କ ଅନ୍ତର୍ନିହିତ ଗୁଣର ପରିପ୍ରକାଶ ବିଦ୍ୟାଳୟରୁ ହୋଇଥାଏ। ଏହାକୁ ସଠିକ ରୂପ ଦେବା ଦାୟିତ୍ୱ ଶିକ୍ଷକ ଓ ଅଭିଭାବକଙ୍କ ବୋଲି କହିଥିଲେ। ଏହି ଅବସରରେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ଅତିଥି ଗଣ ପୁରସ୍କୃତ କରିଥିଲେ। ପରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## ନୂଆ-ଓ କ୍ରୀଡ଼ା କାର୍ଯ୍ୟକ୍ରମ ଉଦ୍‌ଯାପିତ

**ଦେଓଗାଁ, ୨୧।୧୨ (କୃଷ୍ଣପ୍ରସାଦ ପାଣିଗ୍ରାହୀ)**

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ କୁତୁର୍ଲା ହାଇସ୍କୁଲ ଖେଳ ପଡିଆରେ ବ୍ଲକସ୍ତରୀୟ ନୂଆ-ଓ କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇଯାଇଛି। ବିଡିଓ କ୍ଷମାନିଧି ଭୋଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଯାପନୀ ଦିବସରେ ପଞ୍ଚାୟତ ସମିତି ଅଧ୍ୟକ୍ଷ ଦୟାନିଧି ଖମାରୀ, ଉପାଧ୍ୟକ୍ଷା ସୂର୍ଯ୍ୟକାନ୍ତି ଛତ୍ରିଆ, ସ୍ଥାନୀୟ ସରପଞ୍ଚ ତେଜ ହରପାଲ, ଏବିଡିଓ ପୁଷ୍ପାଞ୍ଜଳି ନାଏକ, ସହକାରୀ ଯନ୍ତ୍ରୀ ପ୍ରାଚୀ ପରମିତା ସାବତ ଉପସ୍ଥିତ ଥିଲେ। ଛଅଦିନ ଧରି ଖୋଖୋ, କବାଡି, ଭଲିବଲ, ହକି, ଫୁଟବଲ, କ୍ରିକେଟ ଖେଳ ଅନୁଷ୍ଠିତ ହୋଇଥିଲା। ବିଭିନ୍ନ ବିଭାଗରେ ବିଜୟ ହାସଲ କରିଥିବା ଦଳମାନଙ୍କୁ ଟ୍ରଫି, ମାନପତ୍ର ଓ ଅର୍ଥରାଶି ଅତିଥିମାନେ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଇଓ ବୀଣା ପଧାନ, ମଧୁସୂଦନ ପଟେଲ, ହେମରାଜ ରଣା, ଖେଳ ଶିକ୍ଷକ ଶୁଶିଲ ପଧାନ, ଉମେଶ ପାଣିଗ୍ରାହୀ, ବିରାଟ ପଧାନ, ବ୍ୟାସଦେବ ପଧାନ, ପୁଷ୍ପାଞ୍ଜଳି କିଷାନ, ଗଜମୋହନ ସାହୁ ସହଯୋଗ କରିଥିଲେ। ସେହିପରି ଦେଓଗାଁ ଡିଗ୍ରୀ ମହାବିଦ୍ୟାଳୟରେ ନୂଆ-ଓ କାର୍ଯ୍ୟକ୍ରମ ଅନ୍ତର୍ଗତ କ୍ରୀଡା ପ୍ରତିଯୋଗିତା କଲେଜ ଷ୍ଟାଡିୟମରେ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ରମେଶ ଚନ୍ଦ୍ର ପ୍ରଧାନୀଙ୍କ ସଭାପତିତ୍ୱ ଓ ପ୍ରାଧ୍ୟାପକ ଡ. ସୁରେଶ ପ୍ରସାଦ ଷଡଙ୍ଗୀଙ୍କ ପରିଚାଳନାରେ ମୁଖ୍ୟ ଅତିଥି ଭାବେ ପୂର୍ବ ବ୍ଲକ ଅଧ୍ୟକ୍ଷ ଲକ୍ଷ୍ମଣ କୁମାର ମେହେର ଓ ସମ୍ମାନୀତ ଅତିଥି ପୂର୍ବ ପରିଚାଳନା କମିଟି ସଭାପତି ଶୈଳେନ୍ଦ୍ର କୁମାର ସାହୁ ଯୋଗଦେଇ ପାଠପଢା ସହ କ୍ରୀଡାରେ ମନୋନିବେଶ କରିବାକୁ ପରାମର୍ଶ ଦେଇଥିଲେ। ଅଧ୍ୟାପକ ସାରଦା ଭଞ୍ଜଦେଓ, ରିଙ୍କି ସେଠ, ଅଙ୍କିତା ତ୍ରିପାଠୀ, ଆଶିଷ ପଣ୍ଡା, ଆଲୋକ ପଣ୍ଡା, ରମେଶ ନାଏକ, ଭାଗ୍ୟଶ୍ରୀ ତ୍ରିପାଠୀ କାର୍ଯ୍ୟକ୍ରମ ଆୟୋଜନରେ ସହଯୋଗ କରିଥିଲେ।

## ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର

**ବଲାଙ୍ଗୀର, ୨୧।୧୨ (ବୀରେନ୍ଦ୍ର କୁମାର ଝାଙ୍କର):** ବଲାଙ୍ଗୀର ସଦର ବ୍ଲକ୍ କାର୍ଯ୍ୟାଳୟରେ ଗୁରୁବାର ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଛି। ଏହି କାର୍ଯ୍ୟକ୍ରମରେ ବ୍ଲକ ଅନ୍ତର୍ଗତ ବିଭିନ୍ନ ଗ୍ରାମପଞ୍ଚାୟତରୁ ଆସିଥିବା ଭିନ୍ନକ୍ଷମମାନେ ଯୋଗ ଦେଇଥିଲେ। ଭିନ୍ନକ୍ଷମମାନଙ୍କୁ ସରକାରଙ୍କ ଯୋଜନା ବିଷୟରେ ଅବଗତ କରିବା ଏବଂ ସେମାନଙ୍କ ପାଖକୁ ଯୋଜନା ସୁଫଳ ପହଞ୍ଚାଇବା ଦିଗରେ ସଭାରେ ସୂଚନା ଦିଆଯାଇଥିଲା। ଏହି କାର୍ଯ୍ୟକ୍ରମରେ ସଦର ବ୍ଲକ ଅଧ୍ୟକ୍ଷା ସରିତା ବାଗ, ବଲାଙ୍ଗୀର ପୌରାଧ୍ୟକ୍ଷା ଲିକା ସାହୁ, ବିଡିଓ, ସଦର ବ୍ଲକ ବିଡିଓ ଶରତ କୁମାର ସେଠୀ, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ମଦନଜିତ ହୋତା, ବ୍ଲକ ଉପାଧ୍ୟକ୍ଷା ପୁଷ୍ପାଞ୍ଜଳି ହୋତା, ପୂର୍ବତନ ବ୍ଲକ୍ ଅଧ୍ୟକ୍ଷ ତଥା ସମିତି ସଭ୍ୟ ଗୋଲାପ ବାଗ ମଞ୍ଚାସୀନ ଥିଲେ। ଏହି ଶିବିରରେ ଶାରୀରିକ ଭିନ୍ନକ୍ଷମ, ମାନସିକ ଭିନ୍ନକ୍ଷମ ବ୍ୟକ୍ତିଙ୍କ ପଞ୍ଜୀକରଣ ଏବଂ ସରକାରୀ ସହାୟତା ପାଇଁ ଅନ୍‌ଲାଇନ୍ ଆବେଦନ ବିଷୟରେ ଅବଗତ କରାଯାଇଥିଲା। ବିଶେଷକରି ଯେଉଁ ଭିନ୍ନକ୍ଷମ ମାନେ ଭତ୍ତା ପାଉନାହାନ୍ତି ବା ଭିନ୍ନକ୍ଷମ ଉପକରଣ ପାଇଁ ଆବେଦନ ସମ୍ପର୍କରେ ଜାଣି ପାରୁନାହାନ୍ତି ସେମାନେ କିଭଳି ସୁବିଧା ପାଇବେ ସେ ଉପରେ ଅତିଥିମାନେ ଗୁରୁତ୍ୱାରୋପ କରିଥିଲେ। ଏହି ଅବସରରେ ବିଭିନ୍ନ ଗାଁରୁ ଆସିଥିବା ଭିନ୍ନକ୍ଷମ ମାନଙ୍କୁ ଅତିଥିମାନେ ଭିନ୍ନକ୍ଷମ ପ୍ରମାଣପତ୍ର ସହ ଟ୍ରାଇସାଇକେଲ ଏବଂ ଅନ୍ୟ ଉପକରଣ ବଣ୍ଟନ କରିଥିଲେ।

## ଦେଓଗାଁ ରେଞ୍ଜ ବନାଞ୍ଚଳ ବାରାକ୍ ଉଦ୍‌ଘାଟିତ

**ଦେଓଗାଁ, ୨୧।୧୨ (କୃଷ୍ଣପ୍ରସାଦ ପାଣିଗ୍ରାହୀ)**

ବଲାଙ୍ଗୀର ଜିଲା ଦେଓଗାଁ ବନାଞ୍ଚଳ ରେଞ୍ଜ ପରିସରରେ ତିଆରି ହୋଇଥିବା ନୂତନ ବାରାକ୍ ଉଦ୍‌ଘାଟନ ହୋଇଛି। ରେଞ୍ଜର ଯୁଧିଷ୍ଠିର ଜାଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଆଞ୍ଚଳିକ ମୁଖ୍ୟ ବନ ସଂରକ୍ଷକ ଅଶ୍ୱିନୀ କୁମାର କର, ସମ୍ମାନୀତ ଅତିଥି ଡିଏଫ୍‌ଓ ନୀତିଶ କୁମାର, ଏସିଏଫ୍ ଜିତେନ୍ଦ୍ର ସାହୁ, ଘନଶ୍ୟାମ ସାହୁ ଯୋଗଦେଇଥିଲେ। ବନାଞ୍ଚଳ କର୍ମଚାରୀଙ୍କ ରହିବା ପାଇଁ ୨୦ଲକ୍ଷ ବ୍ୟୟ ଅଟକଳରେ ନିର୍ମିତ କୋଠା ଉଦ୍‌ଘାଟିତ ହୋଇଯାଇଛି। ହାତୀଙ୍କ ଗତିବିଧି ନିୟନ୍ତ୍ରିତ ପାଇଁ ବନ କର୍ମଚାରୀ ସ୍କ୍ୱାଡ ଏହି ବାରେକରେ ରହି ନିରୀକ୍ଷଣ କରିବେ ବୋଲି ଡିଏଫଓ କୁମାର ସୂଚନା ଦେଇଥିଲେ। ସ୍ଥାନୀୟ ଫରେଷ୍ଟର ବ୍ୟାସଦେବ ସାହୁ, ଗୁଡଭେଲା ଫରେଷ୍ଟର ମଧୁସୁଦନ ଚାନ୍ଦ, କୁଡାସିଂହା ଫରେଷ୍ଟର ବିଘ୍ନରାଜ ପୋଢ ଓ ଅନ୍ୟ କର୍ମଚାରୀ ଉପସ୍ଥିତ ଥିଲେ।

## ବ୍ଲକ୍‌ସ୍ତରୀୟ ଶିଶୁମେଳା ଉଦ୍‌ଯାପିତ

**ଦେଓଗାଁ, ୨୧।୧୨ (କୃଷ୍ଣପ୍ରସାଦ ପାଣିଗ୍ରାହୀ):** ବଲାଙ୍ଗୀର ଜିଲା ଦେଓଗାଁ ପଞ୍ଚାୟତ ସମିତି ଉଚ୍ଚ ବିଦ୍ୟାଳୟରେ ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ ଆନୁକୂଲ୍ୟରେ ବ୍ଲକସ୍ତରୀୟ ଶିଶୁ ମେଳା ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ବ୍ଲକ ସଭାପତି ଗୌତମ ପଟେଲ ଓ ସମ୍ପାଦକ ପ୍ରେମରାଜ ପଧାନଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଉଦ୍‌ଯାପନୀ ସଭାରେ ମୁଖ୍ୟ ଅତିଥି ଭାବେ ଓସ୍ତାର ପୂର୍ବତନ ସଭାପତି ବିନୋଦ ବିହାରୀ ପାଣିଗ୍ରାହୀ, ମୁଖ୍ୟବକ୍ତାଭାବେ ବନ୍ଧପାଲି ହାଇସ୍କୁଲ ପ୍ରଧାନଶିକ୍ଷକ ବିଭୂତି ଭୂଷଣ ବେହେରା, ସମ୍ମାନୀତ ଅତିଥିଭାବେ ତାରାକାନ୍ତ ମିଶ୍ର, ଶଙ୍କର ପ୍ରସାଦ ମିଶ୍ର ଯୋଗଦେଇ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରିଥିଲେ। ମେଳାରେ ୯ ବିଦ୍ୟାଳୟର ୬୦ଜଣ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ଏବିଇଓ ଅଜିତ ମିଶ୍ର, ସମ୍ମାନୀତ ଅତିଥିଭାବେ ସ୍ଥାନୀୟ ହାଇସ୍କୁଲ ପ୍ରଧାନ ଶିକ୍ଷକ ଅମ୍ବରିଶ ଭୋଇ, ଏବିଇଓ ଦାଶରଥି ଥନାପତି ଯୋଗଦେଇଥିଲେ। ଶିକ୍ଷକ ପ୍ରଶାନ୍ତ କୁମାର ପାଣ୍ଡେ ଧନ୍ୟବାଦ ଅର୍ପଣ କରିଥିଲେ।

## ରାୟଗଡା-ନୂଆପଡା ଫାଇନାଲ ମୁକାବିଲା

**ଦେଓଗାଁ, ୨୧।୧୨ (କୃଷ୍ଣପ୍ରସାଦ ପାଣିଗ୍ରାହୀ):** ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଜରାସିଂହା ମିନି ଷ୍ଟାଡିୟମଠାରେ ପାଟଖଣ୍ଡା କପ୍ ଫୁଟବଲ ଟୁର୍ନାମେଣ୍ଟର ଗୁରୁବାର ଦ୍ୱିତୀୟ ସେମିଫାଇନାଲ ମ୍ୟାଚ ରାୟଗଡା ଓ ଫୁଲବାଣୀ ମଧ୍ୟରେ ହୋଇଥିଲା। ଖେଳ ବରାବର ରହିବା ପରେ ଟାଇବ୍ରେକରରେ ରାୟଗଡା ଦଳ ୪-୩ଗୋଲରେ ଫୁଲବାଣୀକୁ ହରାଇ ଦ୍ୱିତୀୟ ଦଳ ଭାବେ ଫାଇନାଲକୁ ଉନ୍ନୀତ ହୋଇଛି। କମିଟି ସଭାପତି ଲକ୍ଷ୍ମଣ କୁମାର ମେହେରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ ଅତିଥିଭାବେ କୋଷାଧ୍ୟକ୍ଷ ଚିତ୍ତରଞ୍ଜନ ଥନାପତି, ଉଜ୍ଜ୍ୱଳ ଝାଙ୍କର, ବିଏନଏଏ ସଭାପତି ରାଜକିଶୋର ସେଠ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ।

### କ୍ରୀଡା ମହୋତ୍ସବ ଉଦ୍‌ଯାପିତ

## ପତ୍ରାପାଲି(କ) ଫୁଟ୍‌ବଲ, କ୍ରିକେଟରେ ଶିରୋଲ ଚାମ୍ପିୟନ




ଅତିଥିଙ୍କ ସହ ବିଜେତା ମହିଳା ଫୁଟବଲ ଦଳର ଖେଳାଳିମାନେ।

**ମୁରିବାହାଲ, ୨୧।୧୨ (ଶ୍ରୀବତ୍ସ ବେହେରା):** ଓଡ଼ିଶା ସରକାରଙ୍କ ନୂଆ-ଓ ଯୁବ ଓଡ଼ିଶା ନବୀନ ଓଡ଼ିଶା ପକ୍ଷରୁ ଗତ ୫ଦିନ ଧରି ଚାଲିଥିବା ମୁରିବାହାଲ ବ୍ଲକସ୍ତରୀୟ କ୍ରୀଡା ମହୋତ୍ସବ ବୁଧବାର ଉଦ୍‌ଯାପିତ ହୋଇଯାଇଛି। ଫୁଟବଲରେ ପତ୍ରାପାଲି(କ) ଓ କ୍ରିକେଟରେ ଶିରୋଲ ଦଳ ଚାମ୍ପିୟନ ହୋଇଛି। ବ୍ଲକ ପ୍ରଶାସନ ତରଫରୁ ହକି, ଫୁଟବଲ, ଭଲିବଲ, ଖୋଖୋ, କବାଡି ଓ କ୍ରିକେଟ ଖେଳ ମୁରିବାହାଲ, ଲଖନା, ଘଣ୍ଟବାହାଲ, ବନବାହାଲ, ଓ ଦେବଙ୍ଗଖେଳ ପଡିଆରେ ଅନୁଷ୍ଠିତ ହୋଇଥିଲା। ଫୁଟବଲ ଫାଇନାଲ ଖେଳ ମୁରିବାହାଲ ପଞ୍ଚାୟତ ହାଇସ୍କୁଲ ଖେଳ ପଡିଆରେ ଅନୁଷ୍ଠିତ ହୋଇଥିଲା। ହଲଦୀ ଓ ପତ୍ରପାଲି(କ) ମୁହାଁମୁହିଁ ହୋଇଥିଲେ। ଟାଇବ୍ରେକରେ ମଧ୍ୟମରେ ପତ୍ରାପାଲି ବିଜୟୀ ହୋଇ ଚାମ୍ପିୟନ ହୋଇଛି। ସେହିପରି କ୍ରିକେଟରେ ବାଙ୍କେଲକୁ ହରାଇ ଶିରୋଲ ଚାମ୍ପିୟନ ହୋଇଛି। ଏଡି ଉପଲକ୍ଷେ ବ୍ଲକ ବିଏସଏସଓ ରିଙ୍କୁ ମେହେରଙ୍କ ସଭାପତିତ୍ୱ ତଥା ଓଏଲଏମ ବିପିଏମ ଡ. ଗୋପାଳକୃଷ୍ଣ ଦୀପଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଜିଲା ପରିଷଦ ଉପାଧ୍ୟକ୍ଷା ମିଥିଳା ମାଝି ମୁଖ୍ୟ ଅତିଥିଭାବେ ଯୋଗଦେଇ କ୍ରୀଡା ମହୋତ୍ସବର ଚାମ୍ପିୟନ ଦଳଗୁଡ଼ିକୁ ପୁରସ୍କୃତ କରିଥିଲେ। ସମ୍ମାନୀତ ଅତିଥିଭାବେ ବ୍ଲକ ବିଡ଼ିଓ ଅଧିକାରୀ ଘେନୁରାମ ତାଣ୍ଡି, ସାମାଜିକ କର୍ମୀ ଦୁର୍ଗାନନ୍ଦ ମହାକୁର, ବ୍ଲକ କ୍ରୀଡା ସମ୍ପାଦକ କୁବେରଲାଲ ବେହେରା, ପୂର୍ବ ବିଟାବନ୍ଧ ସରପଞ୍ଚ ଅଗସ୍ତି ବାଗ ଓ ଶଙ୍କର ଧଙ୍ଗଡାମାଝି ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ମାନପତ୍ର, ଟ୍ରଫି ଓ ପୁରସ୍କାର ରାଶି ପ୍ରଦାନ କରିଥିଲେ। ପୁରୁଷ ଫୁଟବଲରେ ପତ୍ରାପାଲି(କ) ଚାମ୍ପିୟନ, ହଲଦୀ ରନର ଅପ, ମହିଳା ଫୁଟବଲରେ ମୁରିବାହାଲ ଚାମ୍ପିୟନ, ସିରୋଲ ରନର ଅପ, କ୍ରିକେଟରେ ସିରୋଲ ଚାମ୍ପିୟନ, ବାଙ୍କେଲ ରନର ଅପ, ଖୋଖୋ ଉଭୟ ପୁରୁଷ ଓ ମହିଳା ବର୍ଗରେ ହଲଦୀ, ଭଲିବଲ ପୁରୁଷରେ ଗୁଡିଘାଟ ଓ ମହିଳାରେ ମୁରିବାହାଲ ଏବଂ କବାଡିରେ ଉଭୟ ପୁରୁଷ ଓ ମହିଳା ବର୍ଗରେ ମୁରିବହାଲ ଚାମ୍ପିୟନ ଆଖ୍ୟା ଅର୍ଜନ କରି ଜିଲାସ୍ତରକୁ ମନୋନୀତ ହୋଇଥିଲେ। ଏପିଓ ବସନ୍ତ ବଳିଆର ସିଂ, ଡବ୍ଲ୍ୟୁଇଓ ଭୀମରାମ ମାଝି, ବିଆରସି ଶ୍ରୀକାନ୍ତ ଜେନା, ସୌମ୍ୟରଞ୍ଜନ ଦେହୁରୀ, ରାଜ ସିଂ ବାବୁ, ପ୍ରତାପ ଗଡତ୍ୟା, ହରିହର ବାଗ ଓ ବ୍ଲକର ସମସ୍ତ ୩୨ ଖେଳ ଶିକ୍ଷକ କ୍ରୀଡା ପରିଚାଳନା କରିଥିଲେ।

DSPL-478

ଓଡ଼ିଶା ସ୍ଥାବର ସମ୍ପତ୍ତି ନିୟାମକ ପ୍ରାଧିକରଣ
ODISHA REAL ESTATE REGULATORY AUTHORITY — ORERA
Odisha Real Estate Regulatory Authority

Block-A1, 3rd Floor, Toshali Bhawan, Satya Nagar, Bhubaneswar-751007

Facilitation Center (ସହଯୋଗ କେନ୍ଦ୍ର)
ରେରା ସମ୍ବନ୍ଧିତ ବିଭିନ୍ନ ସୂଚନା ପ୍ରଦାନ ତଥା ଉପଭୋକ୍ତା ଓ ସାଧାରଣ ଲୋକଙ୍କ ସହାୟତା ନିମନ୍ତେ ଓରେରା ଅଫିସ ପରିସରରେ ସହଯୋଗ କେନ୍ଦ୍ର ଖୋଲାଯାଇଛି, ଯାହାର ସୁଯୋଗ ଯେ କେହି ମଧ୍ୟ ନେଇପାରିବେ।

CDR ସେଲ୍
Conciliation & Dispute Resoluton ସେଲ୍ (ସି.ଡି.ଆର.) ଅଭିଯୋଗକାରୀ ମାନଙ୍କର ଅଭିଯୋଗର ଆପୋସ ଆଲୋଚନା ମାଧ୍ୟମରେ ତ୍ୱରିତ ସମାଧାନ ପାଇଁ ଗଠନ କରାଯାଇଛି।

QPR
Quarterly Progress Report (QPR)
ପ୍ରତ୍ୟେକ ଗୃହ ନିର୍ମାଣକାରୀ ସଂସ୍ଥା ପ୍ରତି ୩ ମାସ ବ୍ୟବଧାନରେ ସେମାନଙ୍କର ପ୍ରକଳ୍ପର କ୍ରମୋନ୍ନତି ଏବଂ ଆର୍ଥିକ ପ୍ରଗତିର ବିବରଣୀ ଓରେରା ୱେବସାଇଟ୍ www.rera.odisha.gov.inରେ ଦେବାକୁ ବାଧ୍ୟ। ଏହା ଫଳରେ ଗୃହକ୍ରେତାମାନେ ସେମାନଙ୍କର ପ୍ରକଳ୍ପର ଅଗ୍ରଗତି ସମ୍ବନ୍ଧିତ ଧାରଣା ପାଇପାରିବେ।

ORERA Regn. No. ଏବଂ website
ପ୍ରତ୍ୟେକ ଗୃହ ନିର୍ମାଣକାରୀ ସଂସ୍ଥା ନିଜ ବିଜ୍ଞାପନରେ ଓରେରା ରେଜିଷ୍ଟ୍ରେସନ୍ ନମ୍ବର ଏବଂ ୱେବସାଇଟ୍ (www.rera.odisha.gov.in) ଦେବାକୁ ବାଧ୍ୟ। ଏହାର ଅନୁପାଳନରେ ଖିଲାପ କଲେ ଜରିମାନା ଧାର୍ଯ୍ୟ ହେବ।

ନିଜ ସ୍ୱପ୍ନର ଘର କିମ୍ବା ଜାଗା ସମ୍ପର୍କରେ ଅଧିକ ଜାଣିବା ପାଇଁ www.rera.odisha.gov.inରେ ଲଗଇନ୍ କରନ୍ତୁ ବା ଓରେରା ଅଫିସ୍ ସହିତ ଯୋଗାଯୋଗ କରନ୍ତୁ।

"ଆପଣଙ୍କର ଅଧିକାର, ଆମ ଦାୟିତ୍ୱ"

OIPR-13223/13/0010/2324

## ସଂକ୍ଷେପରେ

### ଶାଳଗଣ୍ଡି ଜବତ, ୩ କୋର୍ଟ ଚାଲାଣ

**କୁଆଁରମୁଣ୍ଡା,୨୧।୧୨(ମହେନ୍ଦ୍ର କୁମାର ସାହୁ):** ସୁନ୍ଦରଗଡ଼ ଜିଲା ରାଉରକେଲା ବନଖଣ୍ଡ ଅନ୍ତର୍ଗତ କୁଆଁରମୁଣ୍ଡା ବନ ରେଞ୍ଜ କାର୍ଯ୍ୟାଳୟ ଅଧୀନ ବିର୍ଡା ବନାଞ୍ଚଳରୁ ଗୁରୁବାର ଶାଳଗଛ କାଟି ୧୨ଟି ଗଣ୍ଡିକୁ ଏକ ଟ୍ରାକ୍ଟର(ଓଡି୧୪ଭି୯୪୩୮) ଯୋଗେ ଚାଲାଣ କରାଯାଉଥିଲା। ଟାଇଁସରର ସିଙ୍ଗେର-ବାଗଲତା ରୋଡରୁ ବନ ବିଭାଗ ଶାଳ ଗଣ୍ଡି ବୋଝେଇ ଟ୍ରାକ୍ଟର ଜବତ କରି କୁଆଁରମୁଣ୍ଡା ରେଞ୍ଜ କାର୍ଯ୍ୟାଳୟକୁ ଆଣିଛି। ଏଥିସହ ଘଟଣାରେ ସମ୍ପୃକ୍ତ ୩ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ଅଭିଯୁକ୍ତମାନେ ହେଲେ ଲାଠିକଟା ବ୍ଲକ ଟାଇଁସର ଗ୍ରାମର ସାଧୁ ଏକ୍କା(୩୫),ମଙ୍ଗଲ ଲୋହାର(୩୩) ଓ ଗାଡି ଚାଳକ ରାମ ଭଗତ(୩୫) । ଏନେଇ ଏକ ମାମଲା (୧୪୦/୨୩) ରୁଜୁ ହୋଇଛି। ଟାଇଁସର ଗ୍ରାମର ଜଣେ ବ୍ୟକ୍ତିଙ୍କ ନର୍ଦ୍ଦେଶରେ ସେମାନେ ଜଙ୍ଗଲରୁ କାଠ କାଟି ତାଙ୍କ ଘରକୁ ଚାଲାଣ କରୁଥିବା ନେଇ ବନ ବିଭାଗର ପଚରାଉଚରା ବେଳେ ସ୍ୱୀକାର କରିଛନ୍ତି। ତେଣୁ ମାଲିକଙ୍କୁ ଧରିବା ପାଇଁ ବନବିଭାଗ ପକ୍ଷରୁ ତନାଘନା ଜାରି ରହିଛି ।

### ବସ୍ ଧକ୍କାରେ ଜଣେ ମୃତ

**ଲହୁଣୀପଡ଼ା,୨୧।୧୨(ଦାଶରଥି ପଣ୍ଡା):** ଲହୁଣୀପଡ଼ା ଥାନା ଅନ୍ତର୍ଗତ ୧୪୩ନମ୍ବର ଜାତୀୟ ରାଜପଥ ଗୌଡୁଣୀ ପୋଷ ନିକଟରେ ବୁଧବାର ସନ୍ଧ୍ୟାରେ ବସ ଧକ୍କାରେ ଜଣେ ଚାଳକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଉପେନ୍ଦ୍ର ସିଂ। ପୋଲିସ ଘଟଣାର ତଦନ୍ତ ଚଳାଇଛି। ଦିଲଦାର ଯାତ୍ରୀବାହୀ ବସ ରାଉରକେଲାରୁ କୋଇଡା ପଟେ ଯାଉଥିବା ବେଳେ ଅନ୍ୟ ଏକ ଗାଡିର ଚାଳକ ଉପେନ୍ଦ୍ର ରାସ୍ତା ପାରି ହେଉଥିବା ବେଳେ ବସ୍‌ଟି ତାଙ୍କୁ ଧକ୍କା ଦେଇଥିଲା। ଫଳରେ ଚାଳକ ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକଙ୍କ ସହାୟତାରେ ତାଙ୍କୁ ଲହୁଣୀପଡ଼ା ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ପ୍ରାଥମିକ ଚିକିତ୍ସା ପରେ ଅବସ୍ଥା ଜଟିଳ ହେବାରୁ ତାଙ୍କୁ ରାଉରକେଲାକୁ ସ୍ଥାନାନ୍ତର କରାଯାଇଥିଲା। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

### ଫୁଟ୍‌ବଲ ପ୍ରତିଯୋଗିତା: କନ୍ଦାକୁଡ଼ା ଦଳ ଚାମ୍ପିୟନ

**ବ୍ରଜରାଜନଗର,୨୧।୧୨(ବିଜୟ ବରାଡ଼):** ଝାରସୁଗୁଡା ବ୍ଲକ ବରପାଲି ଗ୍ରାମଠାରେ ଜଗନ୍ନାଥ ଯୁବକସଂଘ ପକ୍ଷରୁ ଦ୍ୱିଦିବସୀୟ ଫୁଟବଲ ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚରେ ଟାଇବ୍ରେକର ଜରିଆରେ କଲ୍ୟାଣ କ୍ଲବ କନ୍ଦାକୁଡ଼ା ଦଳ ୪-୩ ଗୋଲରେ ବାଙ୍ଗୁରକେଲା ଦଳକୁ ହରାଇ ଚାମ୍ପିୟନ ହୋଇଛି। ଖେମାସିଲ କିଷାନ, ଅରୁଣ ପ୍ରଧାନ, କିଶୋର ମାଝି, ଅରୁଣ ମିର୍ଦ୍ଧା, ଲଲିନ୍ଦ୍ର ମିର୍ଦ୍ଧା, କ୍ଷୀରୋଦ ଗର୍ଡ଼ିଆ, ମକରଧ୍ୱଜ ପ୍ରଧାନ ଖେଳ ପରିଚାଳନା କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ବ୍ରଜରାଜନଗର ବିଧାୟିକା ଅଳକା ମହାନ୍ତି ମୁଖ୍ୟଅତିଥି ଭାବେ ଯୋଗଦେଇ ବିଜେତା ଦଳକୁ ଟ୍ରଫି ସହ ୩୦,୦୦୦ ହଜାର ଓ ଉପବିଜେତା ଦଳକୁ ଟ୍ରଫି ସହ ୨୦,୦୦୦ ହଜାର ଟଙ୍କା ପ୍ରଦାନ କରି ପୁରସ୍କୃତ କରିଥିଲେ। ଚାନ୍ଦନୀମାଲ ସରପଞ୍ଚ ଲକ୍ଷ୍ମୀ ମିଶ୍ର, ରାଜପୁର ସରପଞ୍ଚ ସରସ୍ୱତୀ ନାଏକ, ଲୋଇସିଂହ ସରପଞ୍ଚ ସନାତନ ରୋହିଦାସ, ଗୌରମାଲ ସରପଞ୍ଚ ରାଜକୁମାର ସାଏ, ବିଜେଡ଼ି ଯୁବ ନେତା ପୁରୁଷୋତ୍ତମ ମହାନ୍ତ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ସମ୍ପାଦକ ହେମନ୍ତ ଧୁରୁଆ ମଞ୍ଚ ପରିଚାଳନା କରିଥିଲେ। କ୍ଲବ ସଭାପତି ହେମନ୍ତ କୁମାର ବଗାରଙ୍କ ଅଧ୍ୟକ୍ଷତାରେ ଉତ୍ସବ ହୋଇଥିଲା। କୋଷାଧ୍ୟକ୍ଷ ଜୟରାମ ବଗାର ଧନ୍ୟବାଦ ଦେଇଥିଲେ।

### ଛାତ୍ରଙ୍କ ଅକାଳରେ ବିୟୋଗ

**ସୁନ୍ଦରଗଡ,୨୧।୧୨(ଜୟ ନାରାୟଣ ମେଣ୍ଟୁଲି):** ସୁନ୍ଦରଗଡ଼ ପବ୍ଲିକ ସ୍କୁଲର ୮ମ ଶ୍ରେଣୀ ଛାତ୍ର ଅର୍ମାନ ଖଣ୍ଡାଙ୍କ ୨୦ ତାରିଖରେ ଅକାଳ ବିୟୋଗ ଘଟିଛି। ଅସମୟରେ ତାଙ୍କର ଏହି ପରଲୋକ ନେଇ ବିଦ୍ୟାଳୟରେ ଶୋକର ଛାୟା ଖେଳିଯାଇଛି। ତାଙ୍କର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ବିଦ୍ୟାଳୟରେ ଗୁରୁବାର ଏକ ଶୋକ ସଭାର ଆୟୋଜନ କରାଯାଇଥିଲା। ସୁନ୍ଦରଗଡ଼ରେ ତାଙ୍କ ମର ଶରୀର ପହଞ୍ଚିବା ପରେ ବିଦ୍ୟାଳୟର ଶିକ୍ଷକ ଅଶୋକ ପରିଡ଼ା ଓ ବିଶ୍ୱଶଙ୍କର ନାୟକ ଶେଷ ଦର୍ଶନ କରି ପରିବାର ବର୍ଗକୁ ସମବେଦନା ଜଣାଇଥିଲେ।

# ପାରସ୍ପରିକ ସହଯୋଗରେ ଜଙ୍ଗଲ ନିଆଁକୁ ରୋକିହେବ

**ସୁନ୍ଦରଗଡ,୨୧।୧୨(ଜୟ ନାରାୟଣ ମେଣ୍ଟୁଲି)**

**ବ୍ଲକ ସ୍ତରୀୟ ଜଙ୍ଗଲ ନିଆଁ ପ୍ରତିରୋଧ ସଚେତନତା କାର୍ଯ୍ୟକ୍ରମ**

ସୁନ୍ଦରଗଡ ବନଖଣ୍ଡ ଅନ୍ତର୍ଗତ ଉଜ୍ଜଲପୁର ବନାଞ୍ଚଳର ଟାଙ୍ଗରପାଲି ପଞ୍ଚାୟତ ସମିତି ସଭା ଗୃହଠାରେ ଜଙ୍ଗଲ ନିଆଁକୁ ରୋକିବା ନିମନ୍ତେ ବ୍ଲକ ସ୍ତରୀୟ ସଚେତନତା କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଏଥିରେ ମୁଖ୍ୟ ଅତିଥିଭାବେ ଟାଙ୍ଗରପାଲି ପଞ୍ଚାୟତ ସମିତି ଅଧ୍ୟକ୍ଷା ତପସ୍ୱିନୀ ମାଝି ଯୋଗଦେଇ ସାମୂହିକ ପ୍ରୟାସ, ଏକତା ଓ ସହଭାଗିତା ଦ୍ୱାରା ଜଙ୍ଗଲ ନିଆଁକୁ ରୋକାଯାଇପାରିବ ବୋଲି ମତ ପ୍ରକାଶ କରିଥିଲେ। ସମ୍ମାନିତ ଅତିଥିଭାବେ ଟାଙ୍ଗରପାଲି ତହସିଲଦାର ରାଜୀବ କୁମାର ହାଁସଦା ଲୋକଙ୍କୁ ସଚେତନ କରି ନିୟନ୍ତ୍ରଣ ମୂଳକ ପଦକ୍ଷେପ ଗ୍ରହଣ, ଗୋଷ୍ଠୀ ସଙ୍ଗଠନକୁ ସୁଦୃଢ଼ୀକରଣ, ବିଭିନ୍ନ ଛୋଟ ଛୋଟ ସକାରାତ୍ମକ ପ୍ରୟାସର ଗ୍ରହଣୀୟତାକୁ ସୁନିଶ୍ଚିତ କରିବା ଦ୍ୱାରା ଜଙ୍ଗଲ ନିଆଁକୁ ରୋକାଯାଇପାରିବ ବୋଲି କହିଥିଲେ। ଅନ୍ୟତମ ସମ୍ମାନିତ ଅତିଥି ଟାଙ୍ଗରପାଲି ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶିବପ୍ରସାଦ ମୁର୍ମୁ ଜଙ୍ଗଲ ନିଆଁକୁ ପ୍ରତିହତ କରିବା ନିମନ୍ତେ ସମସ୍ତ ବିଭାଗ ଏକଜୁଟ ହେବାକୁ ଆହ୍ୱାନ କରିଥିଲେ। ସହଯୋଗୀ ଅନୁଷ୍ଠାନ ସେବକର ଟିମ୍ ଲିଡର ଦିଗାମ୍ବର ଉପାଧ୍ୟାୟ ସଭା ପରିଚାଳନା କରି ଜଙ୍ଗଲ ନିଆଁକୁ ରୋକିବା ନିମନ୍ତେ ଗୋଷ୍ଠୀ ସଚେତନତା ତଥା ବନ ସୁରକ୍ଷା ସମିତି ମାଧ୍ୟମରେ କରାଯାଉଥିବା ବିଭିନ୍ନ କାର୍ଯ୍ୟକ୍ରମର ଉପସ୍ଥାପନା କରିଥିଲେ। ଉଜ୍ଜଲପୁର ବନପାଳ ହେମବତୀ ସିଂ କାର୍ଯ୍ୟକ୍ରମର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ଉପରେ ଆଲୋକପାତ କରିଥିଲେ। ସହକାରୀ ବନାଞ୍ଚଳ ଅଧିକାରୀ ପ୍ରେମ ସାଗର ନାଏକ ଜଙ୍ଗଲ ବିଭାଗ ତରଫରୁ ଜଙ୍ଗଲ ନିଆଁକୁ ରୋକିବା ନିମନ୍ତେ ନିଆଯାଉଥିବା ବିଭିନ୍ନ ପଦକ୍ଷେପ ସମ୍ପର୍କରେ ଉପସ୍ଥାପନା କରିଥିଲେ। ବନରକ୍ଷୀ ଦୋଳଗୋବିନ୍ଦ ପାଣିଗ୍ରାହୀ ଜଙ୍ଗଲ ନିଆଁକୁ ରୋକିବାରେ ଜଙ୍ଗଲ ବିଭାଗର ସଂଘର୍ଷ ଉପରେ ବକ୍ତବ୍ୟ ରଖିଥିଲେ। ଏହାପରେ ଆଗାମୀ ବର୍ଷ ପାଇଁ କାର୍ଯ୍ୟ ଖସଡା ପ୍ରସ୍ତୁତ କରାଯାଇଥିଲା। ଶେଷରେ ବନପାଳ ସନ୍ତୋଷିନୀ ସାହାଣୀ ଧନ୍ୟବାଦ ଅର୍ପଣ କରିଥିଲେ।

# ଜିଲାସ୍ତରୀୟ ଓଷ୍ଟା ଶିଶୁ ଉତ୍ସବ ଉଦ୍‌ଯାପିତ



ଅତିଥିଙ୍କ ଗହଣରେ ଛାତ୍ରୀଛାତ୍ର।

**କୁତ୍ରା,୨୧।୧୨(ଦେବାଶିଷ ସାହୁ)**

କୁତ୍ରା ଉତ୍କୃଷ୍ଟ ଉଚ୍ଚ ବିଦ୍ୟାଳୟ ପରିସରରେ ଗୁରୁବାର ମାଧ୍ୟମିକ ଶିକ୍ଷକ ସଂଘ(ଓଷ୍ଟା)ପକ୍ଷରୁ ଜିଲା ସ୍ତରୀୟ ଶିଶୁ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଜିଲା ସଭାପତି ବିଭୀଷଣ ବାରିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମର ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ଜିଲା ଶିକ୍ଷାଧିକାରୀ ଅମୂଲ୍ୟ କୁମାର ପ୍ରଧାନ ଯୋଗଦେଇ ଗଳ୍ପ ମାଧ୍ୟମରେ ଆଗକୁ ବଢିବା ପାଇଁ ଛାତ୍ରୀଛାତ୍ରଙ୍କୁ ପ୍ରେରଣା ଦେଇଥିଲେ। ମୁଖ୍ୟ ବକ୍ତାଭାବେ ଶିକ୍ଷା ଅଧିକାରୀ ଶରତ କୁମାର ପତି, ସମ୍ମାନିତ ଅତିଥିଭାବେ ପ୍ରାକ୍ତନ ଓଷ୍ଟା ସମ୍ପାଦକ ଇଶ୍ୱର ଚନ୍ଦ୍ର ନାଏକ, ଲାଲମୋହନ ନାଏକ ଯୋଗଦେଇଥିଲେ। କାର୍ଯ୍ୟକ୍ରମକୁ ଜିଲା ସମ୍ପାଦକ ସନ୍ତୋଷ ନାୟକ ପରିଚାଳନା କରିଥିଲେ। ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ନିତ୍ୟାନନ୍ଦ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ରାଜ୍ୟ ଓଷ୍ଟା ସଭାପତି ଅକ୍ଷୟ କୁମାର ମିଶ୍ର, ମୁଖ୍ୟ ବକ୍ତା ବିଶ୍ରା ଗୋଷ୍ଠୀ ଶିକ୍ଷା ଅଧିକାରୀ ବେଣୁଧର ସ୍ୱାଇଁ, ସମ୍ମାନିତ ଅତିଥିଭାବେ ରାଜ୍ୟ ଓଷ୍ଟା ପ୍ରାକ୍ତନ ରାଜ୍ୟ ଉପସଭାପତି ତଥା ଉପଦେଷ୍ଟା ବ୍ରଜେନ୍ଦ୍ର ଦାଶ, ରମାକାନ୍ତ ମଲ୍ଲିକ, ସାମାଜିକ କର୍ମୀ କମଲ ଅଗ୍ରୱାଲ, ଅନିତା ଅଗ୍ରୱାଲ ପ୍ରମୁଖ ଯୋଗଦେଇଥିଲେ। କୃତି ପ୍ରତୀଯୋଗିଙ୍କୁ ଅତିଥିଗଣ ପୁରସ୍କୃତ କରିଥିଲେ। କାର୍ଯ୍ୟକ୍ରମ ସମ୍ପାଦାନରେ ଲୋକନାଥ ପ୍ରଧାନ, ମହେନ୍ଦ୍ର ସିଂ,ଟିକଚାନ୍ଦ ସିଂ, ହେମଚନ୍ଦ୍ର କର, ରବିନ୍ଦ୍ର ପଣ୍ଡା, ଦୀପିକା କେରକେଟା, ଦିଲ୍ଲୀପ ବେହେରା, ଶିଶିର ପାଣି, ମୀନକେତନ ମହାପାତ୍ରଙ୍କ ସମେତ କୁତ୍ରା ଉଚ୍ଚ ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ସହଯୋଗ କରିଥିଲେ। କାର୍ଯ୍ୟକ୍ରମକୁ ଜିଲା ସଭାପତି ବିଭୀଷଣ ବାରିକ, ସମ୍ପାଦକ ସନ୍ତୋଷ ନାୟକ ସଂଯୋଜନା କରିଥିବାବେଳେ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଅରୁଣ କୁମାର ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ।

# ରେଳମନ୍ତ୍ରୀଙ୍କୁ ଭେଟିଲେ ବିଧାୟିକା କୁସୁମ



ବିଧାୟିକା କୁସୁମ ଟେଟେ ରେଳମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରୁଛନ୍ତି।

**ସୁନ୍ଦରଗଡ,୨୧।୧୨(ଜୟ ନାରାୟଣ ମେଣ୍ଟୁଲି)**

ନୂତନ ଟ୍ରେନ ଚଳାଚଳ ଓ ଅନ୍ୟାନ୍ୟ ରେଳ ସେବା ଦାବି ନେଇ କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ନୂଆଦିଲ୍ଲୀଠାରେ ବୁଧବାର ସୁନ୍ଦରଗଡ ବିଧାୟିକା କୁସୁମ ଟେଟେ ଭେଟି ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଏଥିରେ ସେ ଉଲ୍ଲେଖ କରିଛନ୍ତି,ରେଳବିଭାଗର ଚକ୍ରଧରପୁର ରେଳ ଡିଭିଜନ ଓ ଦକ୍ଷିଣ ପୂର୍ବ ରେଳଡିଭିଜନକୁ ସର୍ବାଧିକ ରାଜସ୍ୱ ସୁନ୍ଦରଗଡ ଓ ଝାରସୁଗୁଡା ଜିଲାରୁ ମିଳିଥାଏ। ହେଲେ ରେଳସେବା କ୍ଷେତ୍ରରେ ଏହି ଅଞ୍ଚଳ ଅବହେଳିତ। ତେଣୁ ବିଲାସପୁର - ପୁରୀମଧ୍ୟରେ ନୂତନ ଇଣ୍ଟରସିଟି ଚଳାଚଳ, ଝାରସୁଗୁଡାରୁ ସବ୍‌ଡେଗା ମଧ୍ୟରେ ନୂତନ ପାସେଞ୍ଜର ଟ୍ରେନ ଚଳାଚଳ, ହେମଗିର ଷ୍ଟେଶନର ଉନ୍ନତିକରଣ, ପଶ୍ଚିମ ଓଡ଼ିଶାରୁ ପ୍ରତ୍ୟେହ ନୂଆଦିଲ୍ଲୀକୁ ଟ୍ରେନ ଚଳାଚଳ,ହେମଗିର ଷ୍ଟେସନରେ କଳିଙ୍ଗ-ଉତ୍କଳ ଏକ୍ସପ୍ରେସର ରହଣୀ, ହେମଗିର-କନିକା-ବେଲପାହାଡ ମଧ୍ୟରେ ନୂତନ ଅଣ୍ଡର ବ୍ରିଜ ନିର୍ମାଣ,କିରେଇ-ବାମରା ରାସ୍ତାରେ ନୂତନ ରେଳ ଓଭର ବ୍ରିଜ ନିର୍ମାଣ,ଝାରସୁଗୁଡାର ସରବାହାଲ ଓ ଚୌକିପଡା ରେଳ ଓଭର ବ୍ରିଜ ନିର୍ମାଣ କାର୍ଯ୍ୟ ଯଥାଶୀଘ୍ର ସମ୍ପୂର୍ଣ୍ଣ କରିବା ପାଇଁ ଦାବି କରିଛନ୍ତି।

### ନୂଆ - ଓ, ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ ଉଦ୍‌ଯାପିତ

**ବାଲିଶଙ୍କରା, ୨୧।୧୨(ହୃଦାନନ୍ଦ ବାରିକ)**

ବାଲିଶଙ୍କରା ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଡିସେମ୍ବର ୧ରୁ ୨୦ ପର୍ଯ୍ୟନ୍ତ ଚାଲିଥିବା ନୂଆ - ଓ ଆମ ଓଡିଶା, ନବୀନ ଓଡିଶା ମହୋତ୍ସବ ବୁଧବାର ଉଦ୍‌ଯାପିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ପ୍ରମୋଦ କୁମାର ପଟେଲଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଚାଲିଥିବା ଏହି କାର୍ଯ୍ୟକ୍ରମର ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ବ୍ଲକ ଅଧ୍ୟକ୍ଷା କୁଞ୍ଜଲତା ଭିତ୍ରିଆ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ତାଙ୍କ ଅଭିଭାଷଣରେ ନବୀନ ସରକାର ଯୁବପିଢୀଙ୍କ ପ୍ରତି ଶିକ୍ଷା, କ୍ରୀଡା, ସରଗିଫୁଲ ଏହିପରି ଅନେକ ଯୋଜନା କରି ଛାତ୍ରୀଙ୍କୁ ଉତ୍ସାହିତ କରୁଛନ୍ତି। ଶିକ୍ଷକ ସୁରଜ ପଟେଲ ଅତିଥି ପରିଚୟ ଓ ସଭା ସଞ୍ଚାଳନ କରିଥିବାବେଳେ ସମ୍ମାନିତ ଅତିଥି ବାଲିଶଙ୍କରା ବିଡିଓ ଜ୍ୟୋର୍ତିମୟୀ ପ୍ରଧାନ, ତହସିଲଦାର ଗୌରହରି ମହନ୍ତ, ଜିଲାପରିଷଦ (ଖ) ଜୋନ ସଭ୍ୟା ଜୟନ୍ତୀ ଏକ୍କା, କୁସୁମୁରା ସରପଞ୍ଚ ଜୋହାନି ତିର୍କୀ, ସମିତି ସଭ୍ୟା କସ୍ତୁରୀ ସେଠ, ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ପୁଷ୍ପାଞ୍ଜଳି ନାଏକ ପ୍ରମୁଖ ଯୋଗଦେଇ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟକଳାପକୁ ଗୁରୁତ୍ୱାରୋପ କରିଥିଲେ। ବିଭିନ୍ନ ପ୍ରତିଯୋଗୀତରେ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ମଳୟ ରଞ୍ଜନ ସାମଲ, ସୁଭଦ୍ରା ନାଏକ, ମଞ୍ଜୁଲତା ପଟେଲ, କବିର ପ୍ରଧାନ, ନନ୍ଦିତା ନାଏକ, ସୁସ୍ମିତା କିଷାନ, କପିଳ ହରିଜନ, ସୋନାମ ନାଏକ, ସୁଜାତା ଶତପଥୀ, ଦିପାଞ୍ଜଳି ଓରାମ ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ଶିକ୍ଷକ ସୁରଜ କୁମାର ପଟେଲ ଧନ୍ୟବାଦ ଅର୍ପଣ କରିଥିଲେ।

# ଜଙ୍ଗଲ ନିଆଁ ପ୍ରତିରୋଧ ସଚେତନତା କାର୍ଯ୍ୟକ୍ରମ



କାର୍ଯ୍ୟକ୍ରମରେ ଉପସ୍ଥିତ ଅଧିକାରୀ ଓ ବ୍ଲକ ଅଧ୍ୟକ୍ଷା।

**ବଡ଼ଗାଁ,୨୧।୧୨(ଅଶୋକ ଷଡ଼ଙ୍ଗୀ)**

ସୁନ୍ଦରଗଡ ବନଖଣ୍ଡ ଅଧୀନ ବଡ଼ଗାଁ ବନାଞ୍ଚଳ ପକ୍ଷରୁ ଗୁରୁବାର ବ୍ଲକ ସ୍ତରୀୟ ଜଙ୍ଗଲ ନିଆଁ ପ୍ରତିରୋଧ ସଚେତନତା କାର୍ଯ୍ୟକ୍ରମ ବ୍ଲକ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ବ୍ଲକ ଅଧ୍ୟକ୍ଷା ଦୁଲାରୀ ସୋରେଙ୍ଗ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୁମତି ପଣ୍ଡା ଯୋଗଦେଇ ସାମୂହିକ ପ୍ରୟାସ,ଏକତା, ସହଯୋଗିତା ଓ ସହଭାଗିତା ଦ୍ୱାରା ଜଙ୍ଗଲ ନିଆଁକୁ ପ୍ରତିହତ କରାଯାଇ ପାରିବ ବୋଲି କହିଥିଲେ। ବଡ଼ଗାଁ ବନାଞ୍ଚଳ ଅଧିକାରୀ ପ୍ରଦୀପ ଭୁଡିଆ ଜଙ୍ଗଲ ନିଆଁର କାରଣ ଓ ନିଆଁକୁ ରୋକିବା ପାଇଁ ନିଆଯାଉଥିବା ବିଭିନ୍ନ ପଦକ୍ଷେପ ଉପରେ ସୂଚନା ଦେଇଥିଲେ। କାର୍ଯ୍ୟକ୍ରମରେ ବନ ସୁରକ୍ଷା ସମିତି ସଭାପତି, ବିଭାଗୀୟ କର୍ମଚାରୀ, ପଞ୍ଚାୟତ ପ୍ରତିନିଧି ଉପସ୍ଥିତ ଥିଲେ। ଓଡ଼ିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପ ୨ର ବଡ଼ଗାଁ ସଂଯୋଜକ ସନ୍ତୋଷ କୁମାର ବାରିକ୍ ସଭାକାର୍ଯ୍ୟ ପରିଚାଳନା କରିଥିଲେ।

# ବିଜେଡିର ସାଙ୍ଗଠନିକ ବୈଠକ

**ବିଜେଡିରେ ଯୋଗଦେଲେ ବିଭିନ୍ନ ଦଳର କର୍ମୀ**

**ବଣାଇଁ,୨୧।୧୨(ପ୍ରଦୀପ ତ୍ରିପାଠୀ)**



ସ୍ଥାନୀୟ ପୂର୍ତ୍ତ ବିଭାଗ ଡାକବଙ୍ଗଳାଠାରେ ଗୁରୁବାର ବିଜେଡିର ଏକ ସାଙ୍ଗଠନିକ ବୈଠକ ଜିଲା କାର୍ଯ୍ୟକାରୀ ସଭାପତି ପ୍ରଦ୍ୟୁମ୍ନ କୁମାର ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବଣାଇଁ ନିର୍ବାଚନ ମଣ୍ଡଳୀ ସହ ପର୍ଯ୍ୟବେକ୍ଷକ ଷ୍ଟାଲିନ ପରିଜା, ସୁନ୍ଦରଗଡ ବିଧାନସଭା ମଣ୍ଡଳୀ ସହ ପର୍ଯ୍ୟବେକ୍ଷକ ଦେବେନ୍ଦ୍ର ମଳିକ, ବିରମିତ୍ରପୁର ନିର୍ବାଚନ ମଣ୍ଡଳୀ ସହ ପର୍ଯ୍ୟବେକ୍ଷକ ମନୋଜ ସେନାପତି, ପୂର୍ବତନ ବିଧାୟକ ଭୀମସେନ ଚୌଧୁରୀ, ପୂର୍ବତନ ଜିଲାପରିଷଦ ଅଧ୍ୟକ୍ଷ ରଣଜିତ କିଷାନ, ଜିଲାପରିଷଦ ଉପାଧ୍ୟକ୍ଷ କମଲ ଲାକ୍ରା,ବଣାଇଁ ବ୍ଲକ ଅଧ୍ୟକ୍ଷା ମଞ୍ଜୁଲତା କିଷାନ ମଞ୍ଚାସୀନ ଥିଲେ। ଆଗାମୀ ସାଧାରଣ ନିର୍ବାଚନରେ ବଣାଇଁ ନିର୍ବାଚନ ମଣ୍ଡଳୀରେ ବିଜୁ ଜନତା ଦଳ ଭଲ ପ୍ରଦର୍ଶନ କରିବ ବୋଲି ଦୃଢୋକ୍ତି ପ୍ରକାଶ ପାଇଥିଲା। ବଣାଇଁ , ଗୁରୁଣ୍ଡିଆ, ଲହୁଣୀପଡା, କୋଇଡ଼ା ବିଜେଡି ବ୍ଲକ ସଭାପତି ରଘୁନାଥ ସାହୁ, ରାସଲ ଓରାମ, ପ୍ୟାରା ବାର୍ଲା, ଗୁରୁଚରଣ ସ୍ୱାଇଁ ଏବଂ ଜିଲାପରିଷଦ ସଦସ୍ୟ ରାମଚନ୍ଦ୍ର ସାହୁ, ବୀରବିଚିତ୍ରସେନ ନାଏକ, ଜୁଲିଆନି କାଣ୍ଡିର, ସୁଶିଳା ନାୟକ, ଅଶୋକ କୁମାର ନାଏକ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ଓଡ଼ିଶାର ବିକାଶ ଧାରା ଏବଂ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ସିପିଆଇଏମ, ଭାଜପା ଓ ଆପ ଦଳର ଅନେକ କର୍ମୀ ବିଜେଡିରେ ସାମିଲ ହୋଇଛନ୍ତି। ତାଙ୍କୁ ଦଳୀୟ ଉତ୍ତୋରୀୟ, ଉପଢୌକନ ଦେଇ ଦଳକୁ ସ୍ୱାଗତ କରାଯାଇଥିଲା। କେଦାର କୁମାର ମାହାନ୍ତ, ଅଜୟ ନାୟକ, ବୌଲୋଚନ ନାଏକ, ରମେଶ ସ୍ୱାଇଁ, ଜୟନ୍ତୀ ମାହାନ୍ତ, ଦମୟନ୍ତୀ ସାଣ୍ଡିଲ, ଦ୍ରୌପଦୀ କିଷାନ, ସୁମିତ୍ରା ଚର୍ଦ୍ଦିଆ, ସୁମିତ୍ରା ମାହାନ୍ତ, ଡଲି ମୁଣ୍ଡା, ଚମାନୀ ମୁଣ୍ଡା, ଆଲୋକ ପଟେଲ, କୁଳମଣି ପ୍ରଧାନ, ସଞ୍ଜୟ ଦାସ ପ୍ରମୁଖ ବହୁ ବିଜେଡି କର୍ମୀ, କର୍ମକର୍ତ୍ତା ଉପସ୍ଥିତ ଥିଲେ। ସଭା ଶେଷରେ ମୁଖପାତ୍ର ସୁନ୍ଦର ମଣି ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

### କଳିଙ୍ଗ ହର୍ବାଲ ମେଳା ସ୍ଥଗିତ

**ରାଉରକେଲା,୨୧।୧୨(ସଙ୍ଗୀତା ଜେନା):** ରାଉରକେଲା ବନ ବିଭାଗ ଓ ରାଜ୍ୟ ବୃକ୍ଷ ପରିଷଦ ପକ୍ଷରୁ ୨୨ ତାରିଖରୁ ସେକ୍ଟର-୫ ପ୍ରଦର୍ଶନୀ ପଡ଼ିଆରେ ହେବାକୁ ଥିବା କଳିଙ୍ଗ ହର୍ବାଲ ମେଳାକୁ ସ୍ଥଗିତ ରଖାଯାଇଛି। ହଇଜା ସଂକ୍ରମଣକୁ ଦୃଷ୍ଟିରେ ରଖି ପ୍ରଶାସନ ପକ୍ଷରୁ ଏଭଳି ନିଷ୍ପତ୍ତି ନିଆଯାଇଛି। ବିଭାଗ ପକ୍ଷରୁ ପୁଣିଥରେ ତାରିଖ ଘୋଷଣା କରାଯିବ ବୋଲି କୁହାଯାଇଛି। ଏ ନେଇ ଗୁରୁବାର ସକାଳେ ରାଉରକେଲା ବନଖଣ୍ଡ ଅଧିକାରୀ ଯଶୋବନ୍ତ ସେଠୀ ସୂଚନା ଦେଇଛନ୍ତି।

# ବ୍ୟାସଦେବ ଉଚ୍ଚ ବିଦ୍ୟାଳୟର ବାର୍ଷିକୋତ୍ସବ

**ଲାଠିକଟା,୨୧।୧୨(ରାମେଶ୍ୱର ଖାଡେଙ୍ଗା)**

ବ୍ୟାସଦେବ ଉଚ୍ଚ ବିଦ୍ୟାଳୟରେ ୨୯ତମ ବାର୍ଷିକୋତ୍ସବ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ପରିଚାଳନା କମିଟି ସଭାପତି ପ୍ରମୋଦ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ସ୍ଥାନୀୟ ସେଣ୍ଟ୍ରାଲ ବ୍ୟାଙ୍କ ଶାଖା ପ୍ରବନ୍ଧକ ଦେବଦତ୍ତ ମିଶ୍ର କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟ ଅତିଥିଭାବେ ଭାରତୀୟ ଷ୍ଟେଟ୍ ବ୍ୟାଙ୍କ, କଲୁଙ୍ଗା ଏଡିବିର ଉପ- ଶାଖା ପରିଚାଳକ ମାନସ କୁମାର ସାହୁ, ସ୍ୱତନ୍ତ୍ର ଅତିଥି ଅନ୍ତର୍ଜାତୀୟ ଲାୟନ୍ସ କ୍ଲବର ପୂର୍ବତନ ଜିଲା ଗଭର୍ଣ୍ଣର୍ ରାକେଶ କୁମାର ସିଂହ, ମୁଖ୍ୟ ବକ୍ତା ବିଶିଷ୍ଟ ଶିକ୍ଷାବିତ ପ୍ରମୋଦ କୁମାର ନାଟ୍ୟୁଲା ଯୋଗଦେଇଥିଲେ। ପ୍ରଧାନଶିକ୍ଷକ ପ୍ରଫୁଲ୍ଲ ଚନ୍ଦ୍ର ବାରିକ ସ୍ୱାଗତ ଭାଷଣ ସହିତ ବାର୍ଷିକ ବିବରଣୀ ପାଠ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସମ୍ମାନିତ ବକ୍ତା ଭାବେ ସାମାଜିକ କର୍ମୀ ବିବେକାନନ୍ଦ ଦାସ, ଶିକ୍ଷା ସଂଯୋଜକ ରମେଶ ଚନ୍ଦ୍ର ବାରିକ, ଲେଖକ ସତ୍ୟବ୍ରତ ଦାସ, ବେତାର ନାଟ୍ୟକାର ନିକୁଞ୍ଜ ବିହାରୀ ଦାଶ, ଇଞ୍ଜିନିୟର କିରଣ ପ୍ରସାଦ ମେହେର୍, ବାର୍ତ୍ତା ସମ୍ପାଦକ ଶରତ କୁମାର ଦାସ, ସଂଗ୍ରାମ କେଶରୀ ଭୂୟାଁ ପ୍ରମୁଖ ଯୋଗ ଦେଇଥିଲେ। କୃତୀ ପ୍ରତିଯୋଗୀଙ୍କୁ ପରୁସ୍କୃତ କରାଯାଇଥିଲା। ୨ୟ ପର୍ଯ୍ୟାୟ ଅଧିବେଶନରେ ମୁଖ୍ୟ ଅତିଥିଭାବେ ଇଣ୍ଟରନ୍ୟାସନାଲ ଲାୟନ୍ସ କ୍ଲବର ଜିଲା ଗଭର୍ଣ୍ଣର ପ୍ରବୀଣ କୁମାର ଅଗ୍ରୱାଲ, ମୁଖ୍ୟ ବକ୍ତା ବିଶିଷ୍ଟ ଯୁବ ସାମାଜିକ କର୍ମୀ ପ୍ରକାଶ ଚନ୍ଦ୍ର ଧଳ, ସମ୍ମାନିତ ଅତିଥି ଫିରୋଜ ଅହମ୍ମଦ ଯୋଗଦେଇଥିଲେ। ସୁଶାନ୍ତ କୁମାର ପାଢ଼ୀ, ଉମେଶ ଚନ୍ଦ୍ର ଦାଶ, ସୁବାସ ଚନ୍ଦ୍ର ସାହୁ, ମଞ୍ଜୁବାଳା ତ୍ରିପାଠୀ, ସୁପ୍ରିୟା ମହାରଣା, ସୀତା ନାଗ ପ୍ରମୁଖ ଶିକ୍ଷୟିତ୍ରୀ ଶିକ୍ଷକ ସହଯୋଗ କରିଥିଲେ।

# ଓପିଜିସି ପକ୍ଷରୁ ସ୍ୱାସ୍ଥ୍ୟସେବା ଶିବିର

**ସମ୍ବଲପୁର,୨୧।୧୨(ବି.ଶଙ୍କର)**

ଝାରସୁଗୁଡ଼ା ଜିଲା ଇବ୍‌ଥର୍ମାଲ ବନହରପାଲିସ୍ଥିତ ଓପିଜିସି ପକ୍ଷରୁ ମାଗଣା ସ୍ୱାସ୍ଥ୍ୟସେବା ଶିବିର ଲଖନପୁର ବ୍ଲକ ରେମେଣ୍ଡା ପଞ୍ଚାୟତ କାର୍ଯ୍ୟାଳୟରେ ବୁଧବାର ଅନୁଷ୍ଠିତ ହୋଇଛି। ସ୍ଥାନୀୟ ସରପଞ୍ଚ ଶୁଶାନ୍ତ ନାଏକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶିବିର ଶୁଭାରମ୍ଭ କରିଥିଲେ। ସମିତି ସଭ୍ୟା ମାଧବୀ ପ୍ରଧାନ, ନାଏବ ସରପଞ୍ଚ ସେବତୀ ପେରେ, ୱାର୍ଡସଭ୍ୟ ସଞ୍ଜୟ ବୁଡା ସମ୍ମାନିତ ଅତିଥି ଥିଲେ । ରେମେଣ୍ଡା ପଞ୍ଚାୟତ ଅନ୍ତର୍ଗତ ରେମେଣ୍ଡା, ଝାରକଣ୍ଟା, ଚାରମାଲ, ସାଡେରା, ଭୁଡିଆ, ଅଁଏଲାଝରଣ, ପଣ୍ଡରି ଆଦି ଗ୍ରାମରୁ ଆସିଥିବା ୨୩୮ ଜଣଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ଓପିଜିସି ଚିକିତ୍ସାଧିକାରୀ ଡା. ମାନସ ରଞ୍ଜନ ପାଣିଗ୍ରାହୀ, ଡା. ଦେବାଶିଷ ସେନାପତି ଓ ଅଡାପଡା ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ଡା. ଏକାନ୍ତ ପଧାନ, ଡା. ଶଶି ଗୋୟାଲ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ମାଗଣାରେ ଔଷଧ ବଣ୍ଟନ କରାଯାଇଥିଲା। ଓପିଜିସି ଡାକ୍ତରଖାନା କର୍ମଚାରୀ ସୁଜାତା ନାଏକ, ସବିତା ନାଏକ, ଡଲି ପଧାନ, ସନ୍ଧ୍ୟାରାଣୀ କିଷାନ, ପ୍ରଭାତ କୁମାର ବାରିକ, ରତନ ପଧାନ ସହାୟତା କରିଥିଲେ ।



ଓପିଜିସି ଆୟୋଜିତ ସ୍ୱାସ୍ଥ୍ୟସେବା ଶିବିର।

# ସମାଜର ପ୍ରଗତି ପାଇଁ ଗଣମାଧ୍ୟମ, ପ୍ରଶାସନର ଗୁରୁଦାୟିତ୍ୱ ରହିଛି

**ଟେନ୍‌ସା,୨୧।୧୨(ସମୀର କୁମାର ପାଢ଼ୀ)**



କୋଇଡା ହାଇସ୍କୁଲ ପଡ଼ିଆଠାରେ କୋଇଡା ପ୍ରେସ କ୍ଲବ୍ ଆନୁକୂଲ୍ୟରେ ସଭାପତି ସଂଗ୍ରାମ କେଶରୀ ନାୟକଙ୍କ ସଭାପତିତ୍ୱରେ ପ୍ରଥମ ବାର୍ଷିକ ଉତ୍ସବ ବୁଧବାର ପାଳିତ ହୋଇଯାଇଛି। ସକାଳେ ଏକ ମାରାଥନ ଦୌଡ଼ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥିଭାବେ ବଣେଇଁ ଉପଖଣ୍ଡ ଉପଜିଲାପାଳ ସୁରଞ୍ଜନ କୁମାର ସାହୁ, ସୁନ୍ଦରଗଡ ଜିଲା ପରିଷଦ ଉପାଧ୍ୟକ୍ଷ କମଲ ଲାକ୍ରା, ବିଡିଓ ରଶ୍ମିରେଖା ପାତ୍ର, ତହସିଲଦାର ଅନିଲ ଆଚାର୍ଯ୍ୟ, ଜିଲା ପରିଷଦ ସଦସ୍ୟ ଅଶୋକ ନାଏକ ପ୍ରମୁଖ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଗଣମାଧ୍ୟମ ହେଉଛି ଗଣତନ୍ତ୍ରର ରକ୍ଷା କବଚ। ଗଣମାଧ୍ୟମ ତଥ୍ୟ ଭିତ୍ତିକ ଖବର ପରିବେଷଣକୁ ଗୁରୁତ୍ୱ ଦେଲେ ପ୍ରଶାସନ ତାହାର ସମାଧାନ ପାଇଁ ପାଦେ ଆଗେଇବ। ସମାଜର ପ୍ରଗତି ପାଇଁ ଗଣମାଧ୍ୟମ ଏବଂ ପ୍ରଶାସନ ଉଭୟଙ୍କ ଗୁରୁଦାୟିତ୍ୱ ରହିଛି ବୋଲି ଅତିଥିମାନେ କହିଥିଲେ। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ରାଜ୍ୟ ଗ୍ରାମ୍ୟ ଉନ୍ନୟନ ବିଭାଗ, ଦକ୍ଷତା ବିକାଶ ମନ୍ତ୍ରୀ ପ୍ରୀତି ରଞ୍ଜନ ଘଡେଇ, ମୁଖ୍ୟବକ୍ତା ଉତ୍କଳ ସାମ୍ବାଦିକ ସଂଘ ରାଜ୍ୟ ସଭାପତି ବିଭୂତି ଭୂଷଣ କର, ସମ୍ମାନିତ ଅତିଥି ହକି ଫେଡେରେଶନ ସଭାପତି ପଦ୍ମଶ୍ରୀ ଦିଲୀପ ତିର୍କୀ ଯୋଗଦେଇଥିଲେ। ମିଶନ ଶକ୍ତି ଷ୍ଟଲରେ ସ୍ୱୟଂ ସହାୟିକା ଗୋଷ୍ଠୀ ଦ୍ୱାରା ପ୍ରସ୍ତୁତ ବିଭିନ୍ନ ଉତ୍ପାଦିତ ଦ୍ରବ୍ୟକୁ ସେମାନେ ପରିଦର୍ଶନ କରିଥିଲେ। ପରେ ଅତିଥିଗଣ ବରିଷ୍ଠ ନାଗରିକ, ସମାଜିକ ସେବୀ, କ୍ରୀଡାବିତ, ଶିକ୍ଷକ, ଖବରଦାତାଙ୍କୁ ଉତ୍ତରୀୟ ଓ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରିଥିଲେ। ଷ୍ଟଲଖୋଲିଥିବା ୩୦ରୁ ଉର୍ଦ୍ଧ୍ୱ ସ୍ୱୟଂ ସହାୟିକା ଗୋଷ୍ଠୀକୁ ମାନପତ୍ର ଓ ମେଡାଲ ଦେଇ ସମ୍ମାନିତ କରାଯାଇଥିଲା। ୨୫ରୁ ଉର୍ଦ୍ଧ୍ୱ ଅସହାୟ ଗରିବ ବୟସ୍କଙ୍କୁ ଅତିଥିଗଣ କମ୍ବଳ ବଣ୍ଟନ କରିଥିଲେ। ଉତ୍କଳ ସାମ୍ବାଦିକ ରାଜ୍ୟ ସଭାପତି ବିଭୂତି ଭୂଷଣ କର ସାମ୍ବାଦିକ ସୁରକ୍ଷା,ପେନସନ,ଗୃହ ଯୋଗାଣ, ଗୋପବନ୍ଧୁ ସ୍ୱାସ୍ଥ୍ୟ ବୀମାରେ ମାତାପିତା ସମେତ ୨୫ ବର୍ଷର ଅଧିକ ସନ୍ତାନଙ୍କୁ ଅନ୍ତର୍ଭୁକ୍ତ କରିବା ଉପରେ ସରକାର ନୀତିଗତ ନିଷ୍ପତ୍ତି ନେବାପାଇଁ ଅନୁରୋଧ କରିଥିଲେ। ଏହି ବାର୍ଷିକ ଉତ୍ସବରେ କୋଇଡା ସମେତ ଆଖପାଖ ତଥା ସୁନ୍ଦରଗଡ ଏବଂ ରାଉରକେଲାରୁ ବହୁ ଖବରଦାତା ଯୋଗ ଦେଇଥିଲେ।

### ରେଳ ଧାରଣାରେ ଯୁବକଙ୍କ ଆତ୍ମହତ୍ୟା

**ସମ୍ବଲପୁର,(ପ୍ରମୋଦ ବହିଦାର):** ସମ୍ବଲପୁର ରେଳଷ୍ଟେଶନ ରେଳଧାରଣାରେ ଜଣେ ଯୁବକ ଗୁରୁବାର ଅପରାହ୍ଣରେ ଆତ୍ମହତ୍ୟା କରିଥିବା ଖବର ମିଳିଛି। ତେବେ ମୃତ ଯୁବକଙ୍କ ପରିଚୟ ମିଳିପାରିନାହିଁ। ରେଳବାଇ ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଏହାକୁ ନେଇ ରେଳବାଇ ଥାନାରେ କେସ୍ ନଂ୫୭/୨୩ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇ ତଦନ୍ତ କରାଯାଉଛି।

## ସଂକ୍ଷେପରେ

### ଧନୁଯାତ୍ରା କମିଟି ଗଠିତ

**ସମ୍ବଲପୁର,୨୧।୧୨ (ଭବାନୀ ଶଙ୍କର ଭୋଇ):** ସମ୍ବଲପୁରରେ ପ୍ରଥମଥର ସମ୍ବଲପୁରୀ ଭାଷାରେ ଧନୁଯାତ୍ରା ଆୟୋଜିତ ହେବାକୁ ଯାଉଛି। ଏଥିପାଇଁ ସର୍ବସମ୍ମତି କ୍ରମେ ଆୟୋଜକ କମିଟି ଗଠନ କରାଯାଇଛି। ଏଥିରେ ସଞ୍ଜୟ କୁମାର ବାବୁ ସଭାପତି, କମଳ ଲୋଚନ ପଣ୍ଡା କାର୍ଯ୍ୟକାରୀ ସଭାପତି, ରାମଦାସ ପଣ୍ଡା ଓ ଜୟକୃଷ୍ଣ ବେହେରା ଉପସଭାପତି, କୃଷ୍ଣଚନ୍ଦ୍ର ବାଗ ଓ ଲିଲିମା ନାୟକ ସହ ସମ୍ପାଦକ ଏବଂ ନିଶିକାନ୍ତ ବିଶ୍ୱାଳ ଓ ଚୈତନ୍ୟ ନାୟକ କୋଷାଧକ୍ଷ ଭାବେ ମନୋନୀତ ହୋଇଛନ୍ତି। ସହରର ପ୍ରତିଷ୍ଠିତ ବ୍ୟକ୍ତି ବିଶେଷଙ୍କୁ ମଧ୍ୟ ସାମିଲ କରାଯାଇଛି।

### ସେଣ୍ଟ ଜେମ୍ସ ଚର୍ଚ୍ଚରେ କାରୋଲ ଉତ୍ସବ

**ସମ୍ବଲପୁର,୨୧।୧୨(ପ୍ରମୋଦ ବହିଦାର):** ସମ୍ବଲପୁର ବିଣାଖଣ୍ଡିସ୍ଥିତ ସେଣ୍ଟ ଜେମ୍ସ ଚର୍ଚ୍ଚରେ ଆନନ୍ଦ ଉଲ୍ଲାସର ସହିତ ଖ୍ରୀଷ୍ଟମାସ କାରୋଲ ଉତ୍ସବ ପାଳିତ ହୋଇଯାଇଛି। ଚର୍ଚ୍ଚର ପାଦ୍ରି ସୁନୀଲ କୁମାର ତାଣ୍ଡି ପ୍ରାରମ୍ଭିକ ପ୍ରାର୍ଥନା ଗାନ ପୂର୍ବକ ଉତ୍ସବର ଶୁଭାରମ୍ଭ କରିଥିଲେ। ଏଥିରେ ବିଜେଡି ରାଜ୍ୟ ସାଧାରଣ ସମ୍ପାଦକ ସିଦ୍ଧାର୍ଥ ଦାସ, ସମ୍ମାନିତ ଅତିଥି ଭାବେ ବିଜେଡି ଜିଲା ଉପସଭାପତି ଅଶୋକ ମହାକୁଡ଼, ଜିଲା ସାଧାରଣ ସମ୍ପାଦକ ସୀତାକାନ୍ତ ପଣ୍ଡା ଯୋଗ ଦେଇଥିଲେ। ଆସନ୍ତା ୨୫ରେ ପରମେଶ୍ୱର ଯୀଶୁଙ୍କ ଜନ୍ମଦିନ ଉପଲକ୍ଷେ କାରୋଲ ପ୍ରାର୍ଥନା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ଅତିଥିଗଣ ପ୍ରକାଶ କରିଥିଲେ। କାର୍ଯ୍ୟକ୍ରମରେ ସମ୍ବଲପୁର ସେଣ୍ଟ ଜେମ୍ସ ଚର୍ଚ୍ଚର ବାଳିକାବାଳକଙ୍କ ସହିତ ବୁର୍ଲା ସିଏନ୍ଆଇ ଚର୍ଚ୍ଚର ମହିଳା ସମିତି ଓ ଉଦ୍‌ଯୋଗ ସମିତିର ବାଳିକାବାଳକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। କାର୍ଯ୍ୟକ୍ରମକୁ ଆଶିଷ ସୁନାର, ସମ୍ପାଦକ ପ୍ରତିବୋଦ ଜଗଦଲା, କୋଷାଧକ୍ଷ ଷ୍ଟିଫେନ ନନ୍ଦ ପରିଚାଳନା କରିଥିଲେ।

### ଗ୍ରାମାଞ୍ଚଳର ପ୍ରତିଭା ବିକାଶରେ ସହାୟକ ହେବ ନୂଆ-ଓ କାର୍ଯ୍ୟକ୍ରମ

**ନାକଟିଦେଉଳ,୨୧।୧୨ (ବୈକୁଣ୍ଠ ନାଥ ସାହୁ):** ନାକଟିଦେଉଳ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ବାର୍ଷିକ କ୍ରୀଡ଼ା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ଅଧ୍ୟକ୍ଷ ଡ. ମନୋରଞ୍ଜନ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଘାଟନୀ ସଭାରେ ନାକଟିଦେଉଳ ପଞ୍ଚାୟତ ସମିତିର ପୂର୍ବତନ ଅଧ୍ୟକ୍ଷ ସୁଦର୍ଶନ ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ଓଡିଶା ସରକାରଙ୍କ ନୂଆ-ଓ ଯୁବ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ ଅଧୀନରେ ଆୟୋଜିତ ସାଂସ୍କୃତିକ, ସାମାଜିକ ଓ କ୍ରୀଡା ଦ୍ୱାରା ଗ୍ରାମାଞ୍ଚଳ ପ୍ରତିଭାର ବିକାଶ ହୋଇପାରିବ ବୋଲି ମତବ୍ୟକ୍ତ କରିଥିଲେ। ନୋଡାଲ ଅଫିସର ଅଧ୍ୟାପକ ସଞ୍ଜୀବ ଦାଶଙ୍କ ପରିଚାଳନାରେ କାର୍ଯ୍ୟକ୍ରମ ହୋଇଥିଲା। କ୍ରୀଡ଼ା ଶିକ୍ଷକ ଜିତେନ୍ଦ୍ରୀୟ ପ୍ରଧାନ, ବାସୁଦେବ ଗଡତିଆ, ଭିକାରି ମହାକୁଡ ଓ ଗୋବର୍ଦ୍ଧନ ସାହୁଙ୍କ ତତ୍ତ୍ୱାବଧାନରେ ଉଭୟ ବାଳକ ବାଳିକାଙ୍କ ମଧ୍ୟରେ ଦୌଡ, ରିଲେ ରେସ, ସାଇକେଲ ରେସ, ଉଚ୍ଚ ଡିଆଁ, ଲମ୍ବ ଡିଆଁ ଆଦି ପ୍ରତିଯୋଗିତା ହୋଇଥିଲା।

### ମିଳିତ ବିଦ୍ୟାଳୟର କ୍ରୀଡ଼ା ପ୍ରତିଯୋଗିତା

**ନାକଟିଦେଉଳ,୨୧।୧୨(ବୈକୁଣ୍ଠ ନାଥ ସାହୁ):** ନାକଟିଦେଉଳ ବ୍ଲକ ଘୋଷରାମାଳ ଉଚ୍ଚ ବିଦ୍ୟାଳୟ, ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଓ ସରକାରୀ ପ୍ରାଥମିକ ବିଦ୍ୟାଳୟ ପକ୍ଷରୁ ମିଳିତ ଭାବେ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଭିନ୍ନ ବର୍ଗରେ ମୋଟ ୧୫୦ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ପ୍ରତିଯୋଗିତାକୁ କାଦୋବାହାଲ ପଞ୍ଚଖଣ୍ଡା ଉଚ୍ଚବିଦ୍ୟାଳୟର ଅବସରପ୍ରାପ୍ତ କ୍ରୀଡ଼ା ଶିକ୍ଷକ ବାସୁଦେବ ସାହୁ ପରିଚାଳନା କରିଥିଲେ। ଘୋଷରାମାଳ ଉଚ୍ଚବିଦ୍ୟାଳୟର ପ୍ରଧାନ ଶିକ୍ଷକ କ୍ଷିତି ଭୁଷଣ ବିଶ୍ୱାଳଙ୍କ ସଭାପତିତ୍ୱରେ ଆୟୋଜିତ ପୁରସ୍କାର ବିତରଣୀ ସମାରୋହରେ ଏବିଇଓ ଡ଼. ସୁଧାକର ପ୍ରଧାନ ମୁଖ୍ୟ ଅତିଥି, ଅବସରପ୍ରାପ୍ତ ଶିକ୍ଷକ ଭୀମସେନ ବେହେରା ମୁଖ୍ୟବକ୍ତା ଓ ଘୋଷରାମାଳ ସରପଞ୍ଚ ପ୍ରେମଶୀଳା ପ୍ରଧାନ, ସିଆର୍‌ସିସି ତରୁଣ କୁମାର ମେହେର ସମ୍ମାନିତ ଅତିଥି ଭାବେ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ବିମଳା ଟପୋ ଧନ୍ୟବାଦ ଅର୍ପଣ କରିଥିଲେ। ଶେଷରେ ଛାତ୍ରୀଛାତ୍ରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

## ଚାଷୀଙ୍କ ଅଭିଯୋଗ
# ଜମି ହିସାବରେ ଟୋକନ୍ ଆସୁନାହିଁ

**ସମ୍ବଲପୁର,୨୧।୧୨ (ଭବାନୀ ଶଙ୍କର ଭୋଇ)**



ଚାଷୀଙ୍କ ଧାନ ଗଦା ହୋଇରହିଛି।

ଖରିଫ ଚାଷ ସିଜନରେ ଧାନ କ୍ରୟ ଶେଷ ପର୍ଯ୍ୟାୟରେ ପହଞ୍ଚିବାକୁ ବସିଛି। ହେଲେ ଏ ପର୍ଯ୍ୟନ୍ତ ଟୋକନ ସମସ୍ୟାର ସମାଧାନ ହୋଇପାରିନି। ଅନେକ ଚାଷୀଙ୍କୁ ବିଳମ୍ବରେ ଟୋକନ ମିଳିଥିବା ବେଳେ ସେମାନେ ଅନ୍ୟ ଚାଷୀଙ୍କ ଟୋକନରେ ଧାନ ବିକିବାକୁ ବାଧ ହୋଇଥିବା ଅଭିଯୋଗ କରିଛନ୍ତି। ତେବେ ଏବେ ଚାଷୀଙ୍କୁ ଟୋକନ ହସ୍ତଗତ ହେଉଥିବା ବେଳେ ନିଜ ଚାଷ ଜମି ଅନୁପାତରେ ଧାନ ବିକିବା ନେଇ ବହୁ କମ୍ ପରିମାଣର ଟାର୍ଗେଟ ଆସୁଥିବାରୁ ଚାଷୀ ବଳକା ଧାନକୁ କ'ଣ କରିବେ ସେ ନେଇ ଚିନ୍ତାରେ ପଡିଛନ୍ତି।

ସିନ୍ଦୂରପଙ୍କ ଅଞ୍ଚଳର ଚାଷୀ ରାମ ସାଗର ସାହୁ କହିଛନ୍ତି, ତାଙ୍କର ଦୁଇପୁଅ ୪ ଏକର ଧାନ ଚାଷ କରିଥିବା ବେଳେ ୭୬ କୁଇଣ୍ଟାଲ ବଦଳରେ ମାତ୍ର ୫୦କୁଇଣ୍ଟାଲ ଧାନ ବିକିବା ପାଇଁ ଟୋକନ ଆସିଛି। ସେହିଭଳି ଅନେକ ଚାଷୀଙ୍କ ଟୋକନ କମ ଆସିଥିବା ନେଇ ଗୁରୁବାର ଜିଲା ସମବାୟ ସମିତି ନିବନ୍ଧକଙ୍କୁ ଭେଟି ଅବଗତ କରିଛନ୍ତି। ସାଟେଲାଇଟ ସର୍ଭେପରେ ଯାହାକୁ ଯେତିକି ଟୋକନ ମିଳିବା କଥା ତାହା ମିଳିଛି ବୋଲି ନିବନ୍ଧକ କହିଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। ଏହାସହ ଅଭିଯୋଗ ଥିଲେ ଟୋଲଫ୍ରି ନମ୍ବରରେ ଜଣାଇବାକୁ ସେ ପରାମର୍ଶ ଦେଇଥିବା ଚାଷୀମାନେ କହିଛନ୍ତି। ତେବେ ଟୋଲଫ୍ରି ନମ୍ବରରେ ଅଧିକାଂଶ ସମୟରେ ଫୋନ ଲାଗୁ ନ ଥିବା ବେଳେ ଚାଷୀ ବଳକା ଧାନକୁ କମ୍ ଦରରେ ବିକ୍ରି କରିବାକୁ ବାଧ ହେବେ ବୋଲି ପଶ୍ଚିମ ଓଡିଶା କୃଷକ ସଂଗଠନ ଆବାହକ ଅଶୋକ ପ୍ରଧାନ ଅଭିଯୋଗ କରିଛନ୍ତି। ଟୋକନ ବ୍ୟବସ୍ଥା ଭୁବନେଶ୍ୱରରୁ ନିୟନ୍ତ୍ରଣ କରାଯିବା ହିଁ ସବୁ ସମସ୍ୟାର କାରଣ ବୋଲି ସେ କହିଛନ୍ତି। ପ୍ରଧାନ ଆହୁରି ଅଭିଯୋଗ କରିଛନ୍ତି, ସମ୍ବଲପୁର, ବରଗଡ ସମେତ ପଶ୍ଚିମାଞ୍ଚଳରେ ଧାନ ଉତ୍ପାଦନ ସର୍ବାଧିକ ହୋଇଥାଏ। ଏପରି କି ଅଗ୍ରଣୀ ଚାଷୀମାନେ ଏକର ପ୍ରତି ୨୫ରୁ ୩୦ କୁଇଣ୍ଟାଲ ଧାନ ଉତ୍ପାଦନ କରୁଛନ୍ତି। ସେହି ଚାଷୀଙ୍କୁ ଅନ୍ୟ ଜିଲାର ଚାଷୀଙ୍କ ସହ ସମାନ ଭାବେ ବିଚାର କରି ପ୍ରତି ଜିଲାରେ ଏକର ପ୍ରତି ୧୯ କୁଇଣ୍ଟାଲ ଧାନ ସଂଗ୍ରହ କରିବା ନିଷ୍ପତ୍ତି ଯୋଗୁ ସମ୍ବଲପୁର, ବରଗଡ ଆଦି ଜିଲାର ଚାଷୀ କ୍ଷତିଗ୍ରସ୍ତ ହେଉଛନ୍ତି। ଏ ସମ୍ପର୍କରେ ଜିଲା ସମବାୟ ସମିତି ନିବନ୍ଧକ ଲିଙ୍ଗରାଜ ନାୟକ କହିଛନ୍ତି, ଧାନ ସଂଗ୍ରହ ପୂର୍ବରୁ ଦୁଇ ସ୍ତରରେ ସର୍ଭେ କରାଯାଉଛି। ପ୍ରଥମରେ ଆର୍ଆଇ, କୃଷି ଅଧିକାରୀ ଓ ସମବାୟ ଅଧିକାରୀଙ୍କ ମିଳିତ ସର୍ଭେ ପରେ ପୁଣି ସାଟେଲାଇଟ ଦ୍ୱାରା ସର୍ଭେ କରାଯାଉଛି। ତେଣୁ ସାଟେଲାଇଟ ସର୍ଭେରେ ଚାଷୀଙ୍କ ଯେତିକି ଧାନ ଚାଷ ହୋଇଥିବା ଜଣାପଡେ ସେତିକି ଧାନ ବିକିବା ପାଇଁ ଟୋକନ ଦିଆଯାଉଛି। ସାଟେଲାଇଟ ସର୍ଭେ ବୈଜ୍ଞାନିକ ଆଧାରରେ କରାଯାଉଥିବାରୁ ତାକୁ ଚାଲେଞ୍ଜ କରାଯାଇ ପାରିବ ନାହିଁ ବୋଲି ସେ କହିଛନ୍ତି।

## କଲେଜରେ କ୍ୟାମ୍ପସ୍ ଆଲୋଚନା ଦିବସ



ଜିଏମ୍‌ୟୁ ପରିସରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଏବିଭିପି କର୍ମକର୍ତ୍ତାଙ୍କ ସହ ଛାତ୍ରୀଛାତ୍ର।

**ସମ୍ବଲପୁର,୨୧।୧୨ (ଭବାନୀ ଶଙ୍କର ଭୋଇ)**

ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ (ଏବିଭିପି) ପକ୍ଷରୁ ଗୁରୁବାର ସମ୍ବଲପୁର ଜିଲାର ବିଭିନ୍ନ କଲେଜରେ କ୍ୟାମ୍ପସ ଆଲୋଚନା ଦିବସ ପାଳିତ ହୋଇଯାଇଛି। ସମ୍ବଲପୁର ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ, ନେତାଜୀ ସୁଭାଷ ଚନ୍ଦ୍ର ବୋଷ ମହାବିଦ୍ୟାଳୟ, ରେଢାଖୋଲ ଭୀମ ଭୋଇ ମହାବିଦ୍ୟାଳୟରେ ଏଥିପାଇଁ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜନ ହୋଇଥିଲା। କଶ୍ମୀରରେ ଧାରା ୩୭୦ ଉଚ୍ଛେଦ ଆଲୋଚନା ଦିବସର ବିଷୟବସ୍ତୁ ରହିଥିଲା। ପ୍ରାନ୍ତ ସହ ସଂଗଠନ ମନ୍ତ୍ରୀ ନିକୁଞ୍ଜ ବିହାରୀ ପଣ୍ଡା ବିଦ୍ୟାର୍ଥୀମାନଙ୍କୁ ଧାରା ୩୭୦ ବିଷୟରେ କହିଥିଲେ। ରାଷ୍ଟ୍ରୀୟ କାର୍ଯ୍ୟକାରିଣୀ ସଦସ୍ୟ ଶ୍ୱେତାଂଶୁ ଶେଖର ବରାଇ, ରାଜ୍ୟ ସହ ସମ୍ପାଦିକା ସିମରନ ପ୍ରଧାନ, କ୍ୟାମ୍ପସ ଆଲୋଚନା କାର୍ଯ୍ୟକ୍ରମର ରାଜ୍ୟ ସଂଯୋଜକ ଅମନ ପ୍ରତୀକ ଦାସ, ପ୍ରାନ୍ତ ସଂଯୋଜକ ଶୁଭମ ମିଶ୍ର ଉପସ୍ଥିତ ରହି ତଥ୍ୟ ଉପସ୍ଥାପନ କରିଥିଲେ। ସମ୍ବଲପୁର ନଗର ସମ୍ପାଦକ ନଗେନ ରାଉତ, ସମ୍ବଲପୁର ନଗର ମିଡିଆ ସଂଯୋଜକ ନୀତେଶ ପାଣିଗ୍ରାହୀ ଓ ରେଢ଼ାଖୋଲ ନଗର ସମ୍ପାଦକ ରାଜା ପ୍ରଧାନ ସହଯୋଗ କରିଥିଲେ।

## ବୁଢ଼ାରଜା ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ



ବାର୍ଷିକ ଉତ୍ସବରେ ମଞ୍ଚାସୀନ ଅତିଥିମାନେ।

**ସମ୍ବଲପୁର,୨୧।୧୨(ବି.ଶଙ୍କର)**

ସମ୍ବଲପୁର ସହର ବୁଢ଼ାରଜା ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ବୁଧବାର ରାତିରେ ପାଳିତ ହୋଇଯାଇଛି। ପ୍ରଧାନଶିକ୍ଷୟିତ୍ରୀ ସୁମିତା ପତ୍ରୀ ସଭାପତିତ୍ୱ କରିଥିଲେ। ଉତ୍ତରାଞ୍ଚଳ ରାଜସ୍ୱ ଆୟୁକ୍ତ (ଆର୍‌ଡିସି) ଡ. ସୁରେଶ ଚନ୍ଦ୍ର ଦଳେଇ ମୁଖ୍ୟଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ମୁଖ୍ୟବକ୍ତା ସମ୍ବଲପୁର ଅତିରିକ୍ତ ଜିଲାପାଳ ଅଜାମ୍ବର ମହାନ୍ତି ଶିକ୍ଷାଗ୍ରହଣ ସହ ଛାତ୍ରୀଛାତ୍ର ଭଲ ମଣିଷ ହେବା ପାଇଁ ଚେଷ୍ଟା କରିବା ଉଚିତ ବୋଲି ମତପ୍ରକାଶ କରିଥିଲେ। ବିଦ୍ୟାଳୟର ପୂର୍ବତନ ପ୍ରଧାନଶିକ୍ଷକ ଯଶୋବନ୍ତ ସାହୁ, ବିଜ୍ଞାନ ଶିକ୍ଷୟିତ୍ରୀ ଦୀପାଳୀ ଚୌଧୁରୀ, ଅନୀମାରାଣୀ କୁଜୁର, ନିବେଦିତ ସାହୁ, ବିଜୟଲକ୍ଷ୍ମୀ ନାୟକ, ଲୋପାମୁଦ୍ରା ସାହୁ ଓ ଜଟାଭୂଷଣ ସାହୁଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ। ପୁରସ୍କାର ବିତରଣ କାର୍ଯ୍ୟକ୍ରମକୁ ଶିକ୍ଷୟିତ୍ରୀ ଅନୁବିନ୍ଦା ଦାଶ, ପ୍ରଦୀପ କୁମାର ସାହୁ, ଅପର୍ଣ୍ଣା ପଣ୍ଡା ପରିଚାଳନା କରିଥିଲେ। ଶିକ୍ଷକ ହରିନାରାୟଣ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ । ଶେଷରେ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା। ଚଳିତ ବର୍ଷ ବିଭିନ୍ନ କ୍ଷେତ୍ରରେ ଉତ୍କର୍ଷତା ଲାଭ କରିଥିବା ଛାତ୍ରୀଛାତ୍ରଙ୍କୁ ସ୍ୱର୍ଗତ ବିପିନ ବିହାରୀ ପଣ୍ଡା ସ୍ମାରକୀ ଟ୍ରଫି, ସ୍ୱର୍ଗତ ପୁରନ୍ଦର ପାଢ଼ୀ ଓ ପ୍ରମୋଦିନୀ ପାଢ଼ୀ ସ୍ମୃତି ପୁରସ୍କାର, ସ୍ୱର୍ଗତ ପ୍ରଫୁଲ୍ଲ ପଟ୍ଟନାୟକ ସ୍ମୃତି ପୁରସ୍କାର, ଜିଏନ୍ ମିଶ୍ର ସ୍ମୃତି ପୁରସ୍କାର, ସୁଶ୍ରୀ ସଙ୍ଗୀତା ବେହେରାଙ୍କ ପ୍ରଦତ୍ତ ଟ୍ରଫି, ଲିଲି ସାହୁଙ୍କ ପ୍ରଦତ୍ତ ଟ୍ରଫି, ସ୍ୱର୍ଗତ ନିତ୍ୟାନନ୍ଦ ନନ୍ଦ, ସ୍ୱର୍ଗତା ଗୋମତୀ ନନ୍ଦ, ସ୍ୱର୍ଗତ ପ୍ରମୋଦ କୁମାର ନନ୍ଦ ସ୍ମୃତି ପୁରସ୍କାର ପ୍ରଦାନ କରାଯାଇଥିଲା ।

## ବନ୍ଧୁକ ମୁନରେ ଡକାୟତି ଘଟଣା: ୨ ଗିରଫ

**କୁଚିଣ୍ଡା,୨୧।୧୨(ବିରଞ୍ଚି ଦର୍ଦ୍ଦା)**

ମହୁଲପାଲି ଥାନା ଡଙ୍ଗାଯୋର ଗ୍ରାମରେ ଗତ ଅକ୍ଟୋବର ୧୯ରେ ହୋଇଥିବା ଡକାୟତି ଘଟଣାରେ ପୋଲିସ ୨ ଅଭିଯୁକ୍ତଙ୍କୁ ଗିରଫ କରି ଗୁରୁବାର ଏସ୍‌ଡିଜେଏମ୍ କୋର୍ଟ ଚାଲାଣ କରିଛି। ଜାମିନ ନାମଞ୍ଜୁର ହେବାରୁ ଉଭୟଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି। ସେମାନେ ହେଲେ ସୁନ୍ଦରଗଡ ଜିଲା ଟାଉନ ଥାନା ମୁସଲିମ ପଡାର ତଥା ବର୍ତ୍ତମାନ ସମ୍ବଲପୁର ଜିଲା ଧନୁପାଲି ଥାନା ମୋତିଝରନରେ ରହୁଥିବା ସେକ ସାହେବ (୨୧) ଓ ମହୁଲପାଲି ଥାନା କେଶାଇବାହାଲର ସୁମିତ ଗୌଡ ଓରଫ ରୋଜା(୨୪)। ପୋଲିସ ସେମାଙ୍କଠାରୁ ଏକ ଦେଶୀ ପିସ୍ତଲ, ମୋବାଇଲ ଫୋନ ଜବତ କରିଛି। ସୂଚନା ଅନୁଯାୟୀ, ମହୁଲପାଲି ଥାନା ଡଙ୍ଗାଯୋର ଗ୍ରାମର ଭିକାରୀ ରଣାଙ୍କ ଘରେ ଅକ୍ଟୋବର ୧୯ ରାତିରେ ଦୁର୍ବୃତ୍ତମାନେ ବନ୍ଧୁକ ମୁନରେ ଲକ୍ଷାଧିକ ଟଙ୍କା ଓ ସୁନାଗହଣା ଲୁଟି ନେଇଥିଲେ। ଏ ନେଇ ଅଭିଯୋଗ ପରେ ପୋଲିସ ଆଇପିସି ୩୯୫/ଅସ୍ତ୍ରଶସ୍ତ୍ର ନିରୋଧ ଆଇନ ୨୫/୨୭ରେ ମାମଲା (ନଂ.୧୩୬/୨୩) ରୁଜୁ କରି ତଦନ୍ତ ଚଳାଇଥିଲା। ସେହିପରି ଗତ ଜୁନ ୧ରେ ଜରାବଗା ପଞ୍ଚାୟତର ଅମଲିଖମନ ଚର୍ଚ୍ଚରେ ପଶି ଦୁର୍ବୃତ୍ତମାନେ ବନ୍ଧୁକ ମୁନରେ ଲକ୍ଷାଧିକ ଟଙ୍କା ଲୁଟି ନେଇଥିଲେ। ଏ ନେଇ ପୋଲିସ ଏକ ମାମଲା (ନଂ.୬୩/୨୩) ରୁଜୁ କରିଥିଲା।

## ଚିତ୍ରକଳା ପ୍ରଦର୍ଶନୀ ଉଦ୍‌ଯାପିତ



ପୁସ୍ତକ ଉନ୍ମୋଚନ କରୁଛନ୍ତି ଅତିଥି।

**ସମ୍ବଲପୁର,୨୧।୧୨(ପ୍ରମୋଦ ବହିଦାର)**

ସମ୍ବଲପୁର ଗୌରୀଶଙ୍କର ସାହାଣୀ ପାର୍କରେ ଚିତ୍ରକଳା ପ୍ରଦର୍ଶନୀ 'ସିମ୍ଫନି ଅଫ କଲର୍ସ' ଗୁରବାର ଉଦ୍‌ଯାପିତ ହୋଇଯାଇଛି। ପାର୍କସ୍ଥିତ ଲଳିତକଳା ଏକାଡେମୀ ଆଞ୍ଚଳିତ ଆର୍ଟ ଗ୍ୟାଲେରିରେ ରାଷ୍ଟ୍ରପତି ପୁରସ୍କାର ପ୍ରାପ୍ତ କଳା ଶିକ୍ଷକ ବୃନ୍ଦାବନ ମହାରଣାଙ୍କ ପ୍ରାୟ ଶହେଟି ଏକକ କଳାକୃତି ପ୍ରଦର୍ଶିତ ହୋଇଥିଲା। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ସିଆର୍‌ପିଏଫ୍ କମାଣ୍ଡାଣ୍ଟ ଅଚ୍ୟୁତାନନ୍ଦ ବସ୍ତିଆ, ସମ୍ମାନିତ ଅତିଥି ଭାବେ ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କର ପ୍ରାକ୍ତନ ନିର୍ଦ୍ଦେଶକ ବିକାଶ ନାରାୟଣ ମିଶ୍ର ଓ ବିଶିଷ୍ଟ ଚିତ୍ରଶିଳ୍ପୀ ସବିତା ତ୍ରିପାଠୀ ଯୋଗ ଦେଇଥିଲେ। ଚିତ୍ରଶିଳ୍ପୀ ଅନାମିକା ମହାରଣାଙ୍କ ସଂଯୋଜନାରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ଅତିଥିଙ୍କ ଦ୍ୱାରା ଚିତ୍ରଶିଳ୍ପୀଙ୍କ ଚିତ୍ର ସମ୍ବଳିତ ପୁସ୍ତିକା ଉନ୍ମୋଚିତ ହେବା ସହ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ବିଭିନ୍ନ ବ୍ୟକ୍ତିବିଶେଷଙ୍କୁ ସମ୍ମାନିତ କରାଯାଇଥିଲା। ଶେଷରେ ସରୋଜ ରାଉତ ଧନ୍ୟବାଦ ଅର୍ପଣ କରିଥିଲେ।

## ଟ୍ରକ୍ ଚାପାରେ ରିକ୍ସା ଚାଳକଙ୍କ ମୃତ୍ୟୁକୁ ନେଇ ଉତ୍ତେଜନା

**ସମ୍ବଲପୁର,୨୧।୧୨ (ପ୍ରମୋଦ ବହିଦାର)**



ଧନୁପାଲି ଛକରେ ରାସ୍ତାରୋକୋ କରାଯାଇଛି।

ସମ୍ବଲପୁର ଧନୁପାଲି ଛକରେ ଗୁରବାର ସନ୍ଧ୍ୟାରେ ଏକ ମାଲ ବୋଝେଇ ଟ୍ରକ୍ ଚାପାରେ ଜଣେ ରିକ୍ସା ଚାଳକଙ୍କ ମୃତ୍ୟୁକୁ ନେଇ ଉତ୍ତେଜନା ପ୍ରକାଶ ପାଇଥିଲା। ସ୍ଥାନୀୟ ଲୋକେ ଦୀର୍ଘ ସମୟ ଧରି ରାସ୍ତାରୋକୋ କରି ମୃତକଙ୍କ ପରିବାରଙ୍କୁ କ୍ଷତିପୂରଣ ଦାବି କରିଥିଲେ। ଖବର ପାଇ ଘଟଣାସ୍ଥଳରେ ପୋଲିସ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିବା ପରେ ଉତ୍ତେଜନା ପ୍ରଶମିତ ହୋଇଥିଲା। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ମୃତକ ଧନୁପାଲିର ପ୍ରସନ୍ନ ସୁନା ବୋଲି ପରିଚୟ ମିଳିଛି। ଅପରପକ୍ଷରେ ଦୁର୍ଘଟଣା ଘଟାଇଥିବା ଟ୍ରକ୍‌କୁ ପୋଲିସ ଜବତ କରିବା ସହ ଚାଳକଙ୍କୁ ଗିରଫ କରି ଧନୁପାଲି ଥାନାରେ ଏକ ମାମଲା ରୁଜୁ କରିଛି।

## ପବ୍ଲିକ ସ୍କୁଲର ବାର୍ଷିକ କ୍ରୀଡ଼ା

**ରେଙ୍ଗାଲି,୨୧।୧୨(ଦେବବ୍ରତ ପଣ୍ଡା)**

ସମ୍ବଲପୁର ଜିଲା ରେଙ୍ଗାଲିସ୍ଥିତ ମଡର୍ଣ୍ଣ ପବ୍ଲିକ ସ୍କୁଲର ବାର୍ଷିକ କ୍ରୀଡ଼ା ଶୁଭାରମ୍ଭ ହୋଇଛି। ସ୍କୁଲ ଅଧ୍ୟକ୍ଷ ଅନ୍ତର୍ଯ୍ୟାମୀ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ସ୍କୁଲ ପରିଚାଳନା କମିଟି ସଦସ୍ୟ ବିନୋଦ ବିହାରୀ ନନ୍ଦ ମୁଖ୍ୟ ଅତିଥି ଓ ନରେଶ କୁମାର ମାହାଣା ସମ୍ମାନିତ ଅତିଥି ଭାବରେ ଯୋଗଦେଇଥିଲେ। ପ୍ରତିଯୋଗିତା ତିନିଦିନ ଧରି ଅନୁଷ୍ଠିତ ହେବ। ସ୍କୁଲର କ୍ରୀଡ଼ା ଶିକ୍ଷକ ପ୍ରଫୁଲ୍ଲ ଗହୀରଙ୍କ ତତ୍ତ୍ୱାବଧାନରେ ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି। ସ୍କୁଲର ସମସ୍ତ ଶିକ୍ଷୟିତ୍ରୀଶିକ୍ଷକ ସହଯୋଗ କରୁଛନ୍ତି।

## ମହାନଗର ନିଗମ ପୂର୍ବତନ ପ୍ରବର୍ତ୍ତନ ଅଧିକାରୀଙ୍କ ବିରୋଧରେ ଥାନାରେ ମାମଲା

**ସମ୍ବଲପୁର,୨୧।୧୨ (ଭବାନୀ ଶଙ୍କର ଭୋଇ)**

ବୁର୍ଲା ସହରରେ ରାସ୍ତା ପ୍ରଶସ୍ତୀକରଣ ସମୟରେ ଅନେକ ଘର ଓ ଦୋକାନ ଭଙ୍ଗା ଯାଇଥିଲା। ପ୍ରଶାସନ ଓ ସମ୍ବଲପୁର ମହାନଗର ନିଗମ ପକ୍ଷରୁ ପୂର୍ବତନ ପ୍ରବର୍ତ୍ତନ ଅଧିକାରୀ ଶୁଭଙ୍କର ମହାନ୍ତି ଏବଂ ତାଙ୍କ ସହଯୋଗୀମାନେ ବୁର୍ଲା ଗୋପବନ୍ଧୁ ଛକ ନିକଟରେ ଥିବା ଘରକୁ ଭାଙ୍ଗିଦେଇଥିବା ନେଇ ଗତ ଅଗଷ୍ଟ ୧୬ରେ ଡ. ମମତା ଶୁକ୍ଳା ବୁର୍ଲା ଥାନାରେ ଅଭିଯୋଗ କରିଥିଲେ। ହାଇକୋର୍ଟଙ୍କ ସ୍ଥଗିତାଦେଶ ସତ୍ତ୍ୱେ ଘର ଭଙ୍ଗାଯାଇଥିବା ଓ ବିନା ନୋଟିସରେ ଘର ଭାଙ୍ଗିବା ଯୋଗୁ ଘରେ ଥିବା ମୂଲ୍ୟବାନ ଜିନିଷ ନଷ୍ଟ ହୋଇଯାଇଥିବା ଅଭିଯୋଗରେ ଦର୍ଶାଇଥିଲେ। ମାତ୍ର ପୋଲିସ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ନ ହେବାରୁ ମମତା ଉଚ୍ଚନ୍ୟାୟାଳୟଙ୍କ ଦ୍ୱାରସ୍ଥ ହୋଇଥିଲେ। ପରେ ଉଚ୍ଚନ୍ୟାୟାଳୟ କେସ ନଂ.୧୯୫୭ /୨୩ ଅନୁସାରେ ଏଆଇଆର୍ ୨୦୧୪ ଏସ୍‌ସି ୧୮୭ ଆଧାରରେ ୪ ସପ୍ତାହ ମଧ୍ୟରେ ପଦକ୍ଷେପ ନେବାକୁ ସମ୍ବଲପୁର ଏସ୍‌ପିଙ୍କୁ ନିର୍ଦ୍ଦେଶ ଦେଇଥିଲେ। ବୁର୍ଲା ପୋଲିସ ଉଚ୍ଚନ୍ୟାୟାଳୟଙ୍କ ନିର୍ଦ୍ଦେଶ ପାଳନ କରି ଗତ ୯ ଡିସେମ୍ବରରେ ମାମଲା ନଂ.୫୫୦ ଅନୁସାରେ କେସ୍ ପଞ୍ଜୀକୃତ କରିଥିଲା। ଆଇପିସି ଅଧିନିୟମ ୪୪୮, ୫୦୬, ୪୨୭, ୩୮୦, ୩୪, ୩୫୪ ଧାରାରେ କେସ ପଞ୍ଜୀକରଣ କରାଯାଇଛି। ଜାଗା ବନ୍ଦୋବସ୍ତ ଆଇନ ମୁତାବକ ୧୯୮୨ରୁ ଅନ୍ତର୍ଭୁକ୍ତ ହୋଇ ପରିବାର ନାମରେ ପ୍ରାଥମିକ ରେକର୍ଡ଼ ରହିଥିବା ବେଳେ ସ୍ଥାୟୀ ପଟ୍ଟା ପ୍ରଦାନ କରିବାକୁ ମମତା ଦାବି କରିଛନ୍ତି । ଅନ୍ୟପକ୍ଷରେ ବୁର୍ଲା ଥାନାରେ କେସ ରୁଜୁ ହେବା ପରେ ତତ୍କାଳୀନ ପ୍ରବର୍ତ୍ତନ ଅଧିକାରୀ ଶୁଭଙ୍କର ମହାନ୍ତିଙ୍କ ସହ ସମ୍ବଲପୁର ଜିଲାପାଳ ଓ ସମ୍ବଲପୁର ମହାନଗର ନିଗମ କମିଶନରଙ୍କୁ କେସ ବିଷୟରେ ସୂଚିତ କରାଯାଇଥିବା ବୁର୍ଲା ଏସ୍‌ଡିପିଓ ସତ୍ୟବ୍ରତ ଦାସ କହିଛନ୍ତି।

## ବିରାଟ ମେଧାବୃତ୍ତି ପରୀକ୍ଷାଫଳ ପ୍ରକାଶିତ



ବିରାଟ ମେଧାବୃତ୍ତି ପରୀକ୍ଷା ଫଳ ପ୍ରକାଶିତ କରାଯାଉଛି।

**ସମ୍ବଲପୁର,୨୧।୧୨(ବି.ଶଙ୍କର)**

ସମ୍ବଲପୁର ସହଯୋଗ ନଗରସ୍ଥିତ ବିରାଟ ଶିକ୍ଷାନୁଷ୍ଠାନର ମେଧାବୃତ୍ତି ପରୀକ୍ଷାଫଳ ୨୦୨୩-୨୪ ଗୁରୁବାର ପ୍ରକାଶିତ ହୋଇଛି। ଏ ନେଇ ବିରାଟ ଅଧ୍ୟକ୍ଷ ରାହୁଲ ରାଜ ଖବରଦାତା ସମ୍ମିଳନୀରେ ପରୀକ୍ଷାଫଳ ଘୋଷଣା କରିଥିଲେ। ସେ ସୂଚନା ଦେଇ କହିଥିଲେ, ଚଳିତବର୍ଷ ଅଧିକାଂଶ ମେଧାବୀ ଛାତ୍ରୀଛାତ୍ରଙ୍କୁ ସ୍କଲାରଶିପ ପ୍ରଦାନ ବ୍ୟବସ୍ଥା କରାଯାଇଛି। ମେଧାବୃତ୍ତି ପରୀକ୍ଷା ଗତ ନଭେମ୍ବର ଓ ଡିସେମ୍ବରରେ ୫ଟି ପର୍ଯ୍ୟାୟରେ ହୋଇଥିଲା। ଏଥିରେ ଷଷ୍ଠରୁ ଦ୍ୱାଦଶଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରୀଛାତ୍ର ସାମିଲ ହୋଇଥିଲେ। ଷଷ୍ଠରୁ ନବମ ଶ୍ରେଣୀ ପରୀକ୍ଷାରେ ସଫଳ ଛାତ୍ରୀଛାତ୍ରଙ୍କୁ ବିରାଟ ଫାଉଣ୍ଡେଶନ କାର୍ଯ୍ୟକ୍ରମ, ଦଶମରେ ସଫଳ ଛାତ୍ରୀଛାତ୍ରଙ୍କୁ ଇଣ୍ଟିଗ୍ରେଟେଡ ଓ ନିୟମିତ ପାଠ୍ୟକ୍ରମ, ଦ୍ୱାଦଶରେ ସଫଳ ଛାତୀଛାତ୍ରଙ୍କୁ ଇଞ୍ଜିନିୟରିଂ ଓ ମେଡିକାଲି ପ୍ରସ୍ତୁତି ପାଇଁ ମେଧାବୃତ୍ତି ଦିଆଯାଇଛି । ଖବରଦାତା ସମ୍ମିଳନୀରେ ଶିକ୍ଷାନୁଷ୍ଠାନର ମୟଙ୍କ କଶ୍ୟପ ଓ ରଞ୍ଜନ ଆଚାର୍ଯ୍ୟ ଉପସ୍ଥିତ ଥିଲେ ।

# କୁଚିଣ୍ଡା ଉପଖଣ୍ଡକୁ ଜିଲା ଦାବିରେ ବନ୍ଦ ପାଳନ

## ସାଧାରଣ ଲୋକଙ୍କ ସ୍ୱତଃସ୍ଫୂର୍ତ୍ତ ସମର୍ଥନ

**କୁଚିଣ୍ଡା,୨୧।୧୨(ବିରଞ୍ଚି ଦର୍ଦ୍ଦା)**



ବନ୍ଦ ଯୋଗୁ ରାସ୍ତାରେ ଠିଆହୋଇଥିବା ଟ୍ରକ୍।



କୁଚିଣ୍ଡା ବଜାର ଶୂନଶାନ୍।

କୁଚିଣ୍ଡା ଉପଖଣ୍ଡକୁ ଜିଲା ଦାବିରେ ଗୁରୁବାର କ୍ରିୟାନୁଷ୍ଠାନ କମିଟି ଆହ୍ୱାନକ୍ରମେ ୧୨ଘଣ୍ଟିଆ ବନ୍ଦ ପାଳନ ହୋଇଥିଲା। ସକାଳ ୬ରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଆନ୍ଦୋଳନ ଯୋଗୁ ସମସ୍ତ ସରକାରୀ ବେସରକାରୀ ଅଫିସ, ସ୍କୁଲ, କଲେଜ ଦୋକାନ ବଜାର ସାଙ୍ଗକୁ ଯାନବାହନ ଚଳାଚଳ ସମ୍ପୂର୍ଣ୍ଣ ବନ୍ଦ ରହିଥିଲା। ଫଳରେ ସହରର ଉଭୟ ପାର୍ଶ୍ୱରେ ୪୯ନଂ.ଜାତୀୟ ରାଜପଥରେ ହଜାର ହଜାର ସଂଖ୍ୟକ ଗାଡିମୋଟର ଅଟକି ରହିଥିଲା। ସାଧାରଣ ଲୋକେ ସ୍ୱତଃସ୍ଫୂର୍ତ୍ତ ଭାବେ ସମର୍ଥନ କରି ବନ୍ଦରେ ସାମିଲ ହୋଇଥିଲେ। କୁଚିଣ୍ଡା ସହରରେ ଜିଲା କ୍ରିୟାନୁଷ୍ଠାନ କମିଟି ଆବାହକ ତଥା ଓକିଲ ସଂଘ ସଭାପତି ପ୍ରମୋଦ ଛୁରିଆଙ୍କ ନେତୃତ୍ୱରେ ସମସ୍ତ ରାଜନୈତିକ ଦଳ ନେତା, ବୁଦ୍ଧିଜୀବୀ, ବରିଷ୍ଠ ନାଗରିକ, ବ୍ୟବସାୟୀ ସଂଘ, ସାମ୍ବାଦିକ ସଂଘ, ଘରୋଇ ବସ୍‌ମାଲିକ ସଂଘ ଓ ସାଧାରଣ ଜନତା ସାମିଲ ହୋଇ ବନ୍ଦକୁ ସଫଳ କରିଥିଲେ। କୁଚିଣ୍ଡା ସମେତ ଜମନକିରା, ଭୋଜପୁର, ଫାସିମାଲ, କୁସୁମୀ, କୁନ୍ତରା, କେଶାଇବାହାଲ, ବାମରା, ଗଡପୋଷରେ ସମର୍ଥନ କରି ବନ୍ଦ ପାଳନ କରାଯାଇଥିଲା। କ୍ରିୟାନୁଷ୍ଠାନ କମିଟି ଆବାହକ ପ୍ରମୋଦ ଛୁରିଆ, ଗଗନ ଶର୍ମା, ସଚ୍ଚିଦାନନ୍ଦ ଶର୍ମା, ବିଧାୟକ କିଶୋର ଚନ୍ଦ୍ର ନାଏକ, ପୂର୍ବତନ ବିଧାୟକ ରବିନାରାୟଣ ନାଏକ, ରାଜେନ୍ଦ୍ର ଛତ୍ରିଆ, ବୃନ୍ଦାବନ ମାଝି, ଏନଏସି ଅଧ୍ୟକ୍ଷ ପ୍ରଦ୍ୟୁତ କୁମାର ମହାନ୍ତି, ଗଣେଶ ଅଗ୍ରୱାଲ, ସୁଶିଳ କର, ଜିଲାପରିଷଦ ସଭ୍ୟ ଦିବ୍ୟରାଜ କିଷାନ ପ୍ରମୁଖ ପିକେଟିଂ କରି ଦୋକାନ ବଜାର ଓ ଅଫିସ ବନ୍ଦ କରିଥିଲେ। କୁଚିଣ୍ଡା ସହରର ଜାତୀୟ ରାଜପଥ ବାଇପାସ ରୋଡ ସଇଡା, କୁସୁମୀ ଛକ ଓ ଘୋଷା ଛକଠାରେ ଆନ୍ଦୋଳନକାରୀ ପିକେଟିଂ କରି ଯାନବାହନ ଅଟକାଇଥିଲେ। କୁଚିଣ୍ଡା ଉପଖଣ୍ଡ ଆରକ୍ଷୀ ଅଧିକାରୀ ଅମିତାଭ ପଣ୍ଡାଙ୍କ ତତ୍ତ୍ୱାବଧାନରେ କୁଚିଣ୍ଡା ଆଇଆଇସି ଦିଲିପ କୁମାର ସ୍ୱାଇଁଙ୍କ ନେତୃତ୍ୱରେ ପୋଲିସ ଟିମ ପାଟ୍ରୋଲିଂ କରିଥିବା ବେଳେ ଛକ ମାନଙ୍କରେ ବ୍ୟାପକ ପୋଲିସ ଫୋର୍ସ ମୁତୟନ ହୋଇଥିଲେ। ବାମରାରେ ରେଳ ଚଳାଚଳ ଓ ଜମନକିରା ଦେଇ ଯାଇଥିବା ୫୩ନଂ.ଜାତୀୟ ରାଜପଥକୁ ଆନ୍ଦୋଳନରୁ ବାଦ ଦିଆଯାଇଥିଲା।

## ସଂକ୍ଷେପରେ

### ଗଞ୍ଜେଇ ଚାଲାଣ ଅଭିଯୋଗରେ ୨ ଗିରଫ

**ସୋନପୁର,୨୧।୧୨(ମୃତ୍ୟୁଞ୍ଜୟ ଶତପଥୀ):** ସୁବର୍ଣ୍ଣପୁର ଅବକାରୀ ବିଭାଗର ଜିଲା ମୋବାଇଲ ୟୁନିଟ୍ ପକ୍ଷରୁ ସୋନପୁର ସହର ବୁଢାରାଜା ଛକ ନିକଟରେ ଗୁରୁବାର ସକାଳେ ଚଢାଉ ହୋଇଥିଲା। ସନ୍ଦେହରେ ଏକ ହୁଣ୍ଡା ସିବି ସାଇନ ମୋଟର ସାଇକେଲ ନଂ ଓଡି୧୯ସି-୭୦୭୮ ତନଖି କରାଯିବା ସମୟରେ ଗଞ୍ଜେଇ ଚୋରା ଚାଲାଣ ହେଉଥିବା ଜଣାପଡିଥିଲା। ଏହି ଘଟଣାରେ କେନ୍ଦୁଝର ଜିଲା ଚମ୍ପୁଆର ଭୁପେଶ କୁମାର ମହାନ୍ତ(୩୫) ଓ ଦେବାଶିଷ ପ୍ରଧାନ(୨୭)ଙ୍କୁ ଗିରଫ କରାଯାଇଛି । ଉଭୟ ଏକ ଧଳା ରଙ୍ଗର ଜରି ବସ୍ତାରେ ଗଞ୍ଜେଇ ଚାଲାଣ କରୁଥିଲେ। ଜରି ବସ୍ତାରୁ ୭ କିଲୋ ଗଞ୍ଜେଇ ଜବତ ହୋଇଛି। ସେହିପରି ବ୍ୟବହୃତ ମୋଟର ସାଇକେଲକୁ ଜବତ କରାଯାଇଛି। ଗଞ୍ଜେଇ ବୌଦ୍ଧ ଜିଲାରୁ ଚମ୍ପୁଆକୁ ଚୋରାଚାଲାଣ ହେଉଥିଲା। ଏ ସମ୍ପର୍କରେ ଅବକାରୀ ମୋବାଇଲ ୟୁନିଟ୍ ପକ୍ଷରୁ ନଂ ୨୮୬/୨୩ରେ ଏକ ମାମଲା ରୁଜୁ ହୋଇଛି । ଅବକାରୀ ଅଧୀକ୍ଷକ ସୁମତି ତ୍ରିପାଠୀଙ୍କ ନିର୍ଦ୍ଦେଶକ୍ରମେ ଇନ୍ସପେକ୍ଟର ପ୍ରକାଶ ସା, ସବ୍‌ଇନ୍ସପେକ୍ଟର ସୁମିତ୍ରା ହେମ୍ବ୍ରମ, ଏଏସଆଇ ପୃଥ୍ୱୀରାଜ କୁଅଁର, ଅସିତ କୁମାର ପ୍ରଧାନ ଓ କନଷ୍ଟେବଲମାନେ ଏହି ଚଢାଉରେ ସାମିଲ ହୋଇଥିଲେ।

### ବିନିକା ସିଦ୍ଧାର୍ଥ ଜୁନିୟର କଲେଜରେ ଫୁଟବଲ ମ୍ୟାଚ

**ବିନିକା,୨୧।୧୨ ( ରାମ ଗୋପାଳ ବାଘ)** ସୁବର୍ଣ୍ଣପୁର ଜିଲା ବିନିକା ସିଦ୍ଧାର୍ଥ ଜୁନିୟର କଲେଜରେ ବୁଧବାର ନୂଆ – ଓ ଓଡିଶା ଯୁବ ଓଡିଶା କାର୍ଯ୍ୟକ୍ରମର ତୃତୀୟ ଦିନରେ ଯୁକ୍ତ ୨ ପ୍ରଥମ ବର୍ଷ ଛାତ୍ର ଓ ଦ୍ୱିତୀୟ ବର୍ଷ ଛାତ୍ରଙ୍କ ମଧ୍ୟରେ ଫୁଟବଲ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଟୁର୍ଣ୍ଣାମେଣ୍ଟକୁ ଅଧକ୍ଷା ରେଖା ପଧାନ ଉଦଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଅଧ୍ୟାପକ ସପ୍ତ ସାଗର ପଧାନ, ବିଜୟ ସାହୁ, ଗରିବ ସାଲମା, ସାମାଜିକ କର୍ମୀ ବିଜୟ ବରାଇ, କାଉନସିଲର ଆଶାରାଣୀ ପଣ୍ଡା ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଧନେଶ୍ୱର ସାହୁ ଧାରା ବିବରଣୀ ପ୍ରଦାନ କରିଥିବା ବେଳେ ଖେଳ ଅଧ୍ୟାପକ ନାରାୟଣ ଚୌଧୁରୀ ଖେଳ ପରିଚାଳନା କରିଥିଲେ । ଉଭୟ ଦଳର ଖେଳ ସଂଘର୍ଷପୂର୍ଣ୍ଣ ହୋଇଥିଲା ।ମ୍ୟାଚ ଡ୍ର ହେବାରୁ ପେନାଲଟିକ ଶୁଟ ଆଉଟରେ ୫ –୩ ଗୋଲରେ ପ୍ରଥମ ବର୍ଷ ଛାତ୍ର ବିଜୟୀ ହୋଇଥିଲେ। ସେହିପରି ଗୁରୁବାର ମୁଖ୍ୟଅତିଥି ଭାବେ ନଗରପାଳ ସୁବାଷ ଚନ୍ଦ୍ର ଭୁଏ, ମୁଖ୍ୟବକ୍ତା ଭାବେ ସ୍ପୋର୍ଟ୍ସ କ୍ଲବର ସଭାପତି ସୋମନାଥ ମିଶ୍ର ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ । ଚତୁର୍ଥ ଦିନ କବାଡି ଖେଳ ହୋଇଥିଲା । ପ୍ରଥମ ବର୍ଷ ଛାତ୍ରୀ ଓ ଦ୍ୱିତୀୟ ବର୍ଷ ଛାତ୍ରୀଙ୍କ ମଧ୍ୟରେ ହୋଇଥିବା ଖେଳରେ ପ୍ରଥମ ବର୍ଷ ଛାତ୍ରୀ ୩୬ ପଏଣ୍ଟ କରି ବିଜୟୀ ହୋଇଥିଲେ । ଦ୍ୱିତୀୟ ବର୍ଷ ଛାତ୍ରୀ ମାତ୍ର ୧୧ ପଏଣ୍ଟ କରି ଅଲ୍‌ଆଉଟ ହୋଇଯାଇଥିଲେ । ସେହିପରି ଦ୍ୱିତୀୟ ବର୍ଷର ଛାତ୍ର ୩୨ ପଏଣ୍ଟ କରି ବିଜୟୀ ହୋଇଥିବା ବେଳେ ପ୍ରଥମ ବର୍ଷ ଛାତ୍ର ୧୮ ପଏଣ୍ଟ କରି ଅଲ୍ ଆଉଟ ହୋଇଥିଲେ ।

# ସମ୍ବଲପୁରୀ ନୃତ୍ୟ ଓ ଗୀତରେ ଦର୍ଶକ ବିଭୋର

**ଗଡ଼ଜାତ ଲୋକ ମହୋତ୍ସବ ଓ ପଲ୍ଲିଶ୍ରୀ ମେଳା ଉଦ୍‌ଯାପିତ**

**ବୌଦ୍ଧ,୨୧।୧୨(ଅଜିତ କୁମାର ବାରିକ)**



ମନ୍ତ୍ରୀ ପ୍ରଦୀପ ଅମାତ ଓ ଅନ୍ୟମାନଙ୍କ ଦ୍ୱାରା ମୁଖପତ୍ର ଉନ୍ମୋଚନ କରାଯାଉଛି ।

ବୌଦ୍ଧ ଜିଲା ହରଭଙ୍ଗା ବ୍ଲକର ବୀରନରସିଂହପୁରଠାରେ ସାତ ଦିନ ଧରି ଚାଲିଥିବା ଗଡ଼ଜାତ ଲୋକ ମହୋତ୍ସବ ଓ ପଲ୍ଲିଶ୍ରୀ ମେଳା ଗୁରୁବାର ଦିନ ଉଦ୍‌ଯାପିତ ହୋଇଛି । ଉଦ୍‌ଯାପନୀ ଉତ୍ସବରେ କମିଟିର ଅଧ୍ୟକ୍ଷ ତଥା ଜିଲା ପରିଷଦ ସଭ୍ୟ ବିଶ୍ୱଜିତ ମିଶ୍ର ଅଧ୍ୟକ୍ଷତା କରିଥିଲେ । ମୁଖ୍ୟଅତିଥି ଭାବେ ରାଜ୍ୟ ପଞ୍ଚାୟତିରାଜ, ଜଙ୍ଗଲ ଓ ପରିବେଶ ତଥା ସୂଚନା ଲୋକ ଓ ସଂପର୍କ ମନ୍ତ୍ରୀ ପ୍ରଦୀପ କୁମାର ଅମାତ ଯୋଗ ଦେଇଥିଲେ । ମନ୍ତ୍ରୀ ଅମାତ ତାଙ୍କ ବକ୍ତବ୍ୟରେ ଗଡଜାତ ମହୋତ୍ସବ ଦ୍ୱାରା ଜିଲାର ହଜି ଯାଉଥିବା ପୁରୁଣା ସଂସ୍କୃତି, ପରମ୍ପରା ଉଜ୍ଜୀବିତ ହେବା ସହ ଏହାର ପ୍ରଚାର ପ୍ରସାର ହୋଇପାରିବ ବୋଲି ମତବ୍ୟକ୍ତ କରିଥିଲେ । ୭ ଦିନ ଧରି ଗଡଜାତ ଲୋକ ମହୋତ୍ସବ ଆୟୋଜନ କରିଥିବାରୁ ସେ କମିଟି ସଦସ୍ୟଙ୍କୁ ପ୍ରଶଂସା କରିଥିଲେ। ସମ୍ମାନିତ ଅତିଥି ଭାବେ ସାଧୁଚରଣ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ଓମ୍ ପ୍ରକାଶ ପ୍ରଧାନ, ବିଭୁରଞ୍ଜନ ତରାସିଆ ଯୋଗ ଦେଇଥିଲେ। ଏହି ଅବସରରେ ଅନୁଷ୍ଠାନର ମୁଖପତ୍ର ତୁ ଆମ ବୌଦ୍ଧ ଉନ୍ମୋଚିତ ହୋଇଥିଲା । ବିଜୟ କୁମାର ସାହୁ ମଞ୍ଚ ପରିଚାଳନା କରିଥିବା ବେଳେ ସଦସ୍ୟ ପୂର୍ଣ୍ଣଚନ୍ଦ୍ର ଗାଇଗୌରିଆ ଧନ୍ୟବାଦ ପ୍ରଦାନ କରିଥିଲେ । ଏଥିସହ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ରାଧାନଗର ଅବସରପ୍ରାପ୍ତ ଶିକ୍ଷକ ସଦାନନ୍ଦ ଦେହୁରୀ, ଦନ୍ତ ଚିକିତ୍ସକ ଡ.ମନୋରଞ୍ଜନ ମହାକୁର, କୁଟିବାରି ଗ୍ରାମର କୃଷକ ଗୋଲେଖ ବିହାରୀ ସାହୁ, ସାମ୍ବାଦିକ ରଘୁନାଥ ଷଡଙ୍ଗୀ, ବନରକ୍ଷୀ ପ୍ରକାଶ କୁମାର ପ୍ରଧାନ, ସଙ୍ଗୀତ ନିର୍ଦ୍ଦେଶକ ବୀରପ୍ରତାପ ସିଂ ଓ ତ୍ରିଶୁଳ ବେହେରା, ଜମଟାଙ୍ଗୀ ଗ୍ରାମର ଚିତ୍ରଶିଳ୍ପୀ କୌଶିକ ଜାଲ, ସମ୍ବଲପୁରୀ କଣ୍ଠଶିଳ୍ପୀ ଶାନ୍ତନୁ ସାହୁ ଓ ଶୀତଲ ସାହୁ, ସାମାଜିକ କର୍ମୀ ଦାମୋଦର ସାହୁଙ୍କୁ ମାନପତ୍ର ପ୍ରଦାନ ପୂର୍ବକ ସମ୍ମାନିତ କରାଯାଇଥିଲା । ଉଦ୍‌ଯାପନୀ ସନ୍ଧ୍ୟାରେ ପଇଁରୀ ଅନୁଷ୍ଠାନ ସୋନପୁର ପକ୍ଷରୁ ସମ୍ବଲପୁରୀ ନୃତ୍ୟ, ସମ୍ବଲପୁରୀ କଣ୍ଠଶିଳ୍ପୀ ଶାନ୍ତନୁସାହୁ ଓ ଶୀତଲ ସାହୁଙ୍କ ଦ୍ୱାରା ସମ୍ବଲପୁରୀ ମେଲୋଡି ପରିବେଷଣ ହୋଇଥିଲ । ପ୍ରବଳ ଶୀତ ସତ୍ତ୍ୱେ ଦର୍ଶକ ମନଭରି ସମ୍ବଲପୁରୀ ନାଚ ଓ ଗୀତରେ ବିଭୋର ହୋଇ ପଡିଥିଲେ। କାର୍ଯ୍ୟକ୍ରମକୁ ଅନୁଷ୍ଠାନର ବରିଷ୍ଠ ସଦସ୍ୟ ଦେବାଶିଷ ମହାକୁଡ, ପୂର୍ଣ୍ଣ ଗାଇଗୌରିଆ, ନରେନ୍ଦ୍ର ସାହୁ, ଲିଙ୍ଗରାଜ ମହାକୁଡ, ସୁଶାନ୍ତ ପାତ୍ର, ଜ୍ୟୋତି ଗାଇଗୌରିଆ, ରାକେଶ ମହାକୁଡ, ବିଜୟ କୁମାର ସାହୁ, ବିମ୍ବରାଜ, ରାଜେଶ, ସୁଜ୍ଞାନ ପ୍ରଧାନ, ପୁରନ୍ଦର ଠେଲା ଓ ଦେବେନ୍ଦ୍ର ସାହୁ ପରିଚାଳନା କରିଥିଲେ। ଚଳିତବର୍ଷ ମହୋତ୍ସବକୁ ଅଧିକ ଆକର୍ଷଣୀୟ କରିବାକୁ ପଲ୍ଲିଶ୍ରୀ ମେଳା, ମୀନାବଜାର ଓ ଖାଦ୍ୟ ଷ୍ଟଲ ଖୋଲାଯାଇଥିଲା।

# ଶ୍ରୀଜଗନ୍ନାଥ ଲୀଳା ମହୋତ୍ସବ ନେଇ କଳସ ଶୋଭାଯାତ୍ରା

**ବୌଦ୍ଧ,୨୧।୧୨( ଅଜିତ କୁମାର ବାରିକ)**

ବୌଦ୍ଧ ଶ୍ରୀଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ଗୌରୀ ଗୋପାଳ ସେବାଶ୍ରମ ଓ ବେଦ ପାଠଶାଳା ପକ୍ଷରୁ ଶ୍ରୀଜଗନ୍ନାଥ ମନ୍ଦିର ପରିଚାଳନା କମିଟି ସହଯୋଗରେ ଶ୍ରୀଜଗନ୍ନାଥଙ୍କ ଲୀଳା ମହୋତ୍ସବ ଓ ଦୁର୍ଲଭ ୩୨ବେଶ ଦର୍ଶନ ଉତ୍ସବ ନେଇ ଗୁରୁବାର ଦିନ ଏକ କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଛି । ଅପରାହ୍ନରେ କଳସ ଶୋଭାଯାତ୍ରା ବୌଦ୍ଧ ମଦାନଦୀର ଚନ୍ଦ୍ରଚୁଡ ଘାଟରୁ ବାହାରି ସହର ପରିକ୍ରମା କରି ବୌଦ୍ଧ ଜଗନ୍ନାଥ ମନ୍ଦିରରେ ପହଞ୍ଚିଥିଲା। ଏହି ଶୋଭଯାତ୍ରାରେ ସହରର ଶତାଧିକ ମହିଳା ସାମିଲ ହୋଇ କଳସ ଧରି ଜଗନ୍ନାଥ ମନ୍ଦିରକୁ ଆସିଥିଲେ। ଏହି ଲୀଳା ମହୋତ୍ସବ ଶୁକ୍ରବାର ଦିନ ଶୁଭାରମ୍ଭ ହେବାକୁ ଥିବା ବେଳେ ଗୁରୁବାର ମନ୍ଦିରରେ କଳସ ସ୍ଥାପନ କରାଯାଇଛି। ଏହି ମହୋତ୍ସବ ୨୬ ତାରିଖ ପର୍ଯ୍ୟନ୍ତ ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହେବ । । ଏଥିପାଇଁ ପୁରୀରୁ ବେଶକାରୀମାନେ ଆସି ମନ୍ଦିର ପ୍ରାଙ୍ଗଣ ପଡିଆରେ ନିର୍ମିତ ୩୨ ଗୋଟି ମଣ୍ଡପରେ ଠାକୁରଙ୍କ ଦୁର୍ଲଭ ବେଶ ପ୍ରସ୍ତୁତି କରିବାରେ ଲାଗି ପଡିଛନ୍ତି । ଚତୁର୍ଦ୍ଧା ମୂର୍ତ୍ତିଙ୍କ ଦୁର୍ଲଭ ବେଶ ଦର୍ଶନ ସହିତ ପ୍ରତିଦିନ ସନ୍ଧ୍ୟାରେ ଯଜ୍ଞ ଓ ପ୍ରବଚନ କାର୍ଯ୍ୟକ୍ରମ ରହିଛି । ଶ୍ରୀଜଗନ୍ନାଥ ମନ୍ଦିର ପରିଚାଳନା କମିଟି ସଭାପତି ତଥା ଏନଏସି ଅଧ୍ୟକ୍ଷ ମୃତ୍ୟୁଞ୍ଜୟ ମିଶ୍ର ଏବଂ ଗୌରୀ ଗୋପାଳ ସେବାଶ୍ରମର ପଣ୍ଡିତ ସଚ୍ଚିଦାନନ୍ଦ ମହାପାତ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ଲୀଳା ମହୋତ୍ସବ ଅନୁଷ୍ଠିତ ହେବାକୁ ଯାଉଛି ।



ମହିଳାମାନେ କଳସ ଶୋଭାଯାତ୍ରାରେ ଯାଉଛନ୍ତି।

# ନିଆରା ଢଙ୍ଗରେ ପାଳନ କଲେ ଆଦିବାସୀ

**ବୌଦ୍ଧ,୨୧।୧୨( ଅଜିତ କୁମାର ବାରିକ)**

ବୌଦ୍ଧ ଜିଲାର ହରଭଙ୍ଗା ଏକ ଆଦିବାସୀ ଅଧ୍ୟୁଷିତ ବ୍ଲକ। ଏହିବ୍ଲକରେ ଆଦିବାସୀମାନେ ଭିନ୍ନ ପରମ୍ପରାରେ ମା’ ଲକ୍ଷ୍ମୀଙ୍କୁ ପୂଜା କରିଥାନ୍ତି । ଚଳିତବର୍ଷ ହରଭଙ୍ଗା ବ୍ଲକର ଆଦିବାସୀ ଗ୍ରାମ ଠିଡିକାଯୋରଠାରେ ମାର୍ଗଶୀର ମାସ ଗୁରୁବାର ଦିନ ମା’ ଲକ୍ଷ୍ମୀଙ୍କ ପୂଜା ଧୁମଧାମରେ ପାଳିତ ହୋଇଯାଇଛି। ଆଦିବାସୀଙ୍କ ରୀତିନୀତି ଅନୁଯାୟୀ ମାର୍ଗଶୀର ମାସର ପ୍ରଥମ ଗୁରୁବାର ଦିନ ଠାରୁ ଆଦିବାସୀମାନେ ସେମାନଙ୍କ ଘରକୁ ରଙ୍ଗ ମାଟିରେ ଲିପା ପୋଛା କରିଥାଆନ୍ତି। ମାସର ପ୍ରଥମ ଗୁରୁବାର ଘର ସାରା ଝୋଟି ଦେଇ ଘରେ ପୂଜା କରିଥାନ୍ତି । ଶେଷ ଗୁରୁବାର ଅର୍ଥାତ ଚତୁର୍ଥ ଗୁରୁବାର ଦିନ ଗ୍ରାମବାସୀ ମିଳିତ ଭାବେ ଡାଲଖାଇ ଯାତ୍ରା କରିଥାନ୍ତି। ବୁଧବାର ଅପରାହ୍ନରେ ଗ୍ରାମର ପୂଜକ ଓ ମହିଳା ପୁରୁଷମାନେ ମା’ ଲକ୍ଷ୍ମୀଙ୍କୁ ଗ୍ରାମର ପିତାବଳି ପୀଠରୁ ଧରି ଡାଲଖାଇ ପାହାଡକୁ ଆସି ସେଠାରେ ମାଟିର ଆସ୍ଥାନ କରି ପାହାଡ ସାରା



ପୂଜା ପାଇଁ ଡାଲଖାଇ ପାହାଡକୁ ଆଦିବାସୀ ମହିଳା ଓ ପୁରୁଷ ନାଚି ନାଚି ଯାଉଛନ୍ତି।

**ଠିଡିକାଯୋର ଗ୍ରାମରେ ମା’ ଲକ୍ଷ୍ମୀଙ୍କ ଡାଲଖାଇ ଯାତ୍ରା**

ବିଭିନ୍ନ ଝୋଟି କରିଥିଲେ । ସେଠାରେ ରାତି ସାରା ମା’ଙ୍କ ପୂଜାର୍ଚ୍ଚନା କରିବା ସହିତ ନୂଆ ଧାନ କେଣ୍ଡା ମା’ଙ୍କୁ ଅର୍ପଣ କରିଥିଲେ । ଡାଲଖାଇ ପାହାଡରେ ପୂଜାର୍ଚ୍ଚନା ସାରିବା ପରେ ଗୁରୁବାର ଅପରାହ୍ନରେ ଡାଲଖାଇ ପାହାଡ ଠାରୁ ମା’ଙ୍କ ଶୋଭାଯାତ୍ରା ଗ୍ରାମର ପିତାବଳି ପୀଠକୁ ବାହାରିଥିଲା । ମା’ଙ୍କ ଶୋଭାଯାତ୍ରା ଗାଁକୁ ଫେରିବା ସମୟରେ ଢୋଲ, ନିଶାନ , ମହୁରୀ ବାଦ୍ୟର ତାଳେ ତାଳେ ଗ୍ରାମର ମହିଳା ଓ ପୁରୁଷ ସାମିଲ ହୋଇଥିଲେ । ହାତରେ ଅଁଳା ଗଛର ଡାଳ ଓ ବିଭିନ୍ନ ଗଛର ଡାଳ ଧରି ନାଚି ନାଚି ଗାଁକୁ ଯାଇଥିଲେ । ଆଦିବାସୀଙ୍କ ବିଶ୍ୱାସ ରହିଛି ,ଏହି ପୂଜା ଯୋଗୁ ଗ୍ରାମରୁ ରୋଗ ଦୂର ହେବା ସହ ମା’ ଲକ୍ଷ୍ମୀଙ୍କ କରୁଣାରୁ ଫସଲ ଭଲ ହୋଇଥାଏ । ସେହିପରି ହରଭଙ୍ଗା ବ୍ଲକର ବାଇଶିପଡା ଓ ଛତରଙ୍ଗ ଠାରେ ମଧ ଡାଲଖାଇ ଯାତ୍ରା ଧୁମଧାମରେ ପାଳିତ ହୋଇଛି ।

# ଦୁର୍ଘଟଣାରେ ଦୁଇ ଗୁରୁତର

**ବୌଦ୍ଧ,୨୧।୧୨(ଅଜିତ କୁମାର ବାରିକ)**

ବୌଦ୍ଧ ଜିଲା ଖୋର୍ଦ୍ଧା–ବଲାଙ୍ଗୀର ଜାତୀୟ ରାଜପଥର ବୀରନରସିଂହପୁର ନର୍ସରୀଠାରେ ଗୁରୁବାର ଅପରାହ୍ନରେ ଏକ ଟ୍ରକ ସହ ମୋଟର ସାଇକେଲର ଧକ୍କା ହେବାରୁ ଦୁଇଜଣ ଗୁରୁତର ଆହତ ହୋଇଥିବା ଜଣାପଡିଛି ।

ପ୍ରକାଶ ଯେ, ବୌଦ୍ଧ ଆଡୁ ଏକ ଟ୍ରକ ଚାରିଛକ ପଟକୁ ଯାଉଥିଲା । ଏହି ସମୟରେ ମୋଟର ସାଇକେଲରେ ଆସୁଥିବା ଦୁଇ ଜଣ ଯୁବକ ହଠାତ୍ ମାଟି ରାସ୍ତାରୁ ଜାତୀୟ ରାଜପଥ ଉପରକୁ ଆସିଯିବାରୁ ଟ୍ରକ ସହ ମୋଟର ସାଇକେଲର ଧକ୍କା ହୋଇଥିଲା । ଫଳରେ ମୋଟର ସାଇକଲେରେ ଥିବା ଦୁଇ ଜଣ ଯୁବକ ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ସେମାନଙ୍କୁ ଉଦ୍ଧାର କରି ବୌଦ୍ଧ ମେଡିକାଲକୁ ପଠାଇଥିଲେ। ଆହତ ଯୁବକ ଦ୍ୱୟଙ୍କ ପରିଚୟ ମିଳିନାହିଁ। ଏନେଇ ଏକ ମାମଲା ରୁଜୁ ହୋଇ ତଦନ୍ତ ଚାଲିଥିବା ବୌଦ୍ଧ ଥାନା ଅଧିକାରୀ ପ୍ରକାଶ କରିଛନ୍ତି।

# କୃଷି ଯନ୍ତ୍ରପାତି ମେଳା ଉଦ୍‌ଯାପିତ

**ଅମରପାଲି,୨୧।୧୨(ପୀତାମ୍ବର ସାହୁ)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁରସ୍ଥିତ ବିଜୁ ପଟ୍ଟନାୟକ ମିନି ଷ୍ଟାଡିୟମଠାରେ ତିନି ଦିନ ଧରି ଚାଲିଥିବା ଉପଖଣ୍ଡସ୍ତରୀୟ କୃଷି ଯନ୍ତ୍ରପାତି ମେଳା ଗୁରୁବାର ସନ୍ଧ୍ୟାରେ ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ଉତ୍ସବରେ ସୁବର୍ଣ୍ଣପୁର ଜିଲା ମୁଖ୍ୟ କୃଷି ଅଧିକାରୀ ଡ.ବିଭୂତି ଭୂଷଣ ମିଶ୍ର ଅଧ୍ୟକ୍ଷତା କରିଥିଲେ। ବୀରମହାରାଜପୁର ବିଧାୟକ ପଦ୍ମନାଭ ବେହେରା ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ସେ ତାଙ୍କ ବକ୍ତବ୍ୟରେ ଚାଷକୁ ଆଧୁନିକ ପ୍ରଣାଳୀରେ କରିବା ପାଇଁ ଆଧୁନିକ ଯନ୍ତ୍ରପାତି ବ୍ୟବହାର କରିବାକୁ ପରାମର୍ଶ ଦେଇଥିଲେ। ସରକାର ବିଭିନ୍ନ କୃଷି ଓ ଆନୁସଙ୍ଗିକ ଯନ୍ତ୍ରପାତି କିଣିବା ପାଇଁ ସବ୍‌ସିଡିର ବ୍ୟବସ୍ଥା କରିଛନ୍ତି। ଏଣୁ ଚାଷୀ ଏହାର ଲାଭ ଉଠାଇବାକୁ ସେ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ କୃଷି ଜିଲା ଅଧିକାରୀ ଦିଲରଞ୍ଜନ ମହାଲିକ, ଉଲୁଣ୍ଡା ବ୍ଲକ କୃଷକ ଉପଦେଷ୍ଟା କମିଟିର ଅଧ୍ୟକ୍ଷ ରାମଜୀ ବିଶାଳ, ବୀରମହାରାଜପୁର ସହକାରୀ ଉଦ୍ୟାନ କୃଷି ନିର୍ଦ୍ଦେଶକ ବିଦ୍ୟାଧର ଦାସ, ଏଆରସିଏସ ପାଣ୍ଡୁ ଚରଣ ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦେଇ କୃଷି ସମ୍ବନ୍ଧୀୟ ବାର୍ତ୍ତା ପ୍ରଦାନ କରିଥିଲେ। ସୁଶ୍ରୀ ସ୍ମିତା ପଣ୍ଡା ଅତିଥି ପରିଚୟ ପ୍ରଦାନ ସହିତ କୃଷି ଯନ୍ତ୍ରପାତି ମେଳାର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ବିଷୟରେ ମତବ୍ୟକ୍ତ କରିଥିଲେ। ଏଟିଏମ ମୀନକେତନ ମହକୁର କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ କଲ୍ୟାଣୀ ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ।

# ନୂଆ ଓଡ଼ିଶା ଗଠନ ଲାଗି ଆଗେଇ ଆସିବାକୁ ଆହ୍ୱାନ

**ବାଉଁଶୁଣୀ,୨୧।୧୨(ଦେବାଶିଷ ନେପାକ)**

ବୌଦ୍ଧ ବ୍ଲକ ଜହ୍ନାପଙ୍କସ୍ଥିତ ଗନ୍ଧରାଡ଼ି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟଠାରେ ଗତ ୪ ତାରିଖରୁ ଆରମ୍ଭ ହୋଇଥିବା ନୂଆ ଓ ଯୁବ ଓଡିଶା ନବୀନ ଓଡିଶା କାର୍ଯ୍ୟକ୍ରମ ଗୁରୁବାର ଉଦ୍‌ଯାପିତ ହୋଇ ଯାଇଛି । ଏଥିରେ ମୁଖ୍ୟଅତିଥି ଭାବେ ରାଜ୍ୟ ପଞ୍ଚାୟତିରାଜ, ପାନୀୟ ଜଳ ଏବଂ ସୂଚନା ଓ ଲୋକ ସମ୍ପର୍କ ବିଭାଗ ମନ୍ତ୍ରୀ ପ୍ରଦୀପ କୁମାର ଅମାତ ଯୋଗଦେଇ ସମାଜ ଗଠନରେ ଯୁବଶକ୍ତି ଆଗେଇ ଆସି ନୂଆ ଓଡିଶା ଗଠନ କରିବାକୁ ଆହ୍ୱାନ କରିଥିଲେ । ସମ୍ମାନିତ ଅତିଥି ଭାବରେ ଜିଲାପାଳ ନୃସିଂହ ଚରଣ ସ୍ୱାଇଁ, ବୌଦ୍ଧ ଏନଏସି ଅଧ୍ୟକ୍ଷ ମୃତ୍ୟୁଞ୍ଜୟ ମିଶ୍ର, ଜିଲା ପରିଷଦ ସଦସ୍ୟା କଳ୍ପନା ରାଣୀ ସାହୁ, ଲକ୍ଷ୍ମୀପ୍ରସାଦ ସରପଞ୍ଚ ଭାରତୀ ପୁରୋହିତ, ବରିଷ୍ଠ ଆଇନଜୀବୀ ଅଶୋକ କୁମାର ସାହୁ, ନୋଡାଲ ଅଫିସର ଅଧ୍ୟାପକ ଧ୍ରୁବ ଚରଣ ପାଣିଗ୍ରାହୀ ଯୋଗ ଦେଇଥିଲେ।

ଅତିଥିମାନେ କହିଥିଲେ ଆଗାମୀ ପାଞ୍ଚ ବର୍ଷ ଛାତ୍ରୀଛାତ୍ର ମାନଙ୍କ ପାଇଁ ଗୁରୁତ୍ୱପୂର୍ଣ୍ଣ। ଏହିସମୟକୁ ସଦୁପଯୋଗ କଲେ ସେମାନେ ଚାକିରି ପଛରେ ନ ଗୋଡ଼ାଇ,ଚାକିରି ତାଙ୍କ ପଛରେ ଗୋଡ଼ାଇବ ବୋଲି କହିଥିଲେ।

■ **ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ସହିତ ଉଦ୍‌ଯାପିତ ହେଲା**

■ **ନୂଆ ଓ ଯୁବ ଓଡିଶା ନବୀନ ଓଡିଶା କାର୍ଯ୍ୟକ୍ରମ**

ଅଧ୍ୟକ୍ଷ ପ୍ରଭାତ କୁମାର ଶତପଥୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ଅଧ୍ୟାପକ ଅଶୋକ କୁମାର ପାଣ୍ଡିଆ ସ୍ୱାଗତ ଭାଷଣ ଦେବା ସହ ମଞ୍ଚ ପରିଚାଳନା କରିଥିଲେ। ଅତିଥି ମାନେ ସରକାରଙ୍କ ଏହି କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ କହିଥିଲେ । ଏହି ଅବସରରେ ବାଳକ ବିଭାଗରେ ଚାମ୍ପିୟନ ହୋଇଥିବା ଆଶିଷ ବାରିକ ଓ ବାଳିକା ବିଭାଗରେ ଚାମ୍ପିୟନ ମନିଷା ଦନାୟକଙ୍କ ସମେତ ବିଭିନ୍ନ ବିଭାଗର କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ଟ୍ରଫି ଓ ପ୍ରମାଣପତ୍ର ଦେଇ ପୁରସ୍କୃତ କରିଥିଲେ। ଶେଷରେ ଅଧ୍ୟାପିକା ସୁଶ୍ରୀ ଲିପାରାଣୀ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ଉଦ୍‌ଯାପନୀ ସଭା ପରେ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । କାର୍ଯ୍ୟକ୍ରମରେ ଅଧ୍ୟାପିକା ଅଧ୍ୟାପକ ଓ କର୍ମଚାରୀମାନେ ସହଯୋଗ କରିଥିଲେ ।

# ଓଡିଶା ଆଦର୍ଶ ବିଦ୍ୟାଳୟର ବାର୍ଷିକୋତ୍ସବ

**ଉଲୁଣ୍ଡା,୨୧।୧୨(ଉରୁକ୍ରମ ପାଣ୍ଡିଆ)**

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକ ଅନ୍ତର୍ଗତ ଝାରବାହାଲିସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ବାର୍ଷିକ ଉତ୍ସବ ଗୁରୁବାର ଅନୁଷ୍ଠିତ ହୋଇଯାଇଛି । ଅଧ୍ୟକ୍ଷ ସୁନୀଲ ପଣ୍ଡାଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଉତ୍ସବରେ ବିଧାୟକ ପଦ୍ମନାଭ ବେହେରା ମୁଖ୍ୟଅତିଥି ଓ ମୁଖ୍ୟବକ୍ତା ଭାବେ ରାଜ୍ୟ ପୁରସ୍କାରପ୍ରାପ୍ତ ଶିକ୍ଷକ ଲକ୍ଷ୍ମୀ ନାରାୟଣ ସାହୁ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଉଦ୍‌ବୋଧନ ଦେଇଥିଲେ । ସମ୍ମାନିତ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ଶାନ୍ତିଲତା ମିଶ୍ର, ବିଡ଼ିଓ କରିଷ୍ମା ଶ୍ରୋ , ଗୋଲକ ବିହାରୀ ପଣ୍ଡା ଓ ସ୍ୱତନ୍ତ୍ର ଅତିଥି ଭାବରେ ରେଙ୍ଗାଲି ଆଦର୍ଶ ବିଦ୍ୟାଳୟର ଅଧ୍ୟକ୍ଷ ରମଣୀ କାନ୍ତ ସାହୁ ଯୋଗଦେଇ ବକ୍ତବ୍ୟ ରଖିଥିଲେ । ପ୍ରାରମ୍ଭରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ଗାନ କରାଯାଇଥିଲା । ଏହି ଅବସରରେ ଅତିଥିଙ୍କ ଦ୍ୱାରା ଜାତିର ପିତା ମହାତ୍ମା ଗାନ୍ଧୀ ଏବଂ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ କରାଯାଇଥିଲା । ପରେ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ୧୬୦ ଜଣ ଛାତ୍ରୀଛାତ୍ରଙ୍କୁ ମାନପତ୍ର ସହ ପୁରସ୍କାର ପ୍ରଦାନ କରାଯାଇଥିଲା । ଛାତ୍ରୀ ପ୍ରତୀକ୍ଷା ତ୍ରିପାଠୀ ଏବଂ ସୁପ୍ରିୟା ସାହୁ ମଞ୍ଚ ପରିଚାଳନା କରିଥିଲେ । ଶିକ୍ଷୟିତ୍ରୀ ସରିତା ନାଏକ ଧନ୍ୟବାଦ ଦେଇଥିଲେ। ପରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।

# ଆଜିଠୁ ୨୭ ତମ ସର୍ବଭାରତୀୟ ଲୁଡୁରପଙ୍କ କ୍ରିକେଟ କପ୍

**ଅମରପାଲି,୨୧।୧୨(ପୀତାମ୍ବର ସାହୁ)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ଲୁଡୁରପଙ୍କ ହାଇସ୍କୁଲ ଖେଳ ପଡିଆରେ ଆସନ୍ତାକାଲି ଶୁକ୍ରବାର ଠାରୁ ହେବ ୨୭ ତମ ସର୍ବ ଭାରତୀୟ ଜୟ ଜଗନ୍ନାଥ ଲୁଡୁରପଙ୍କ କ୍ରିକେଟ କପ୍ । ଜେଜେଏସସି ଆନୁକୂଲ୍ୟରେ ହେବାକୁ ଥିବା ଉକ୍ତ ଟୁର୍ଣ୍ଣାମେଣ୍ଟରେ ରାଜ୍ୟ ଓ ରାଜ୍ୟ ବାହାରର ଶ୍ରେଷ୍ଠ ୯ ଟି ଦଳ ଅଂଶଗ୍ରହଣ କରିବାର ଅଛି । ଏଥିପାଇଁ ପ୍ରସ୍ତୁତି ଚୂଡାନ୍ତ ହୋଇସାରିଛି। ବୀରମହାରାଜପୁରସ୍ଥିତ ଉପଖଣ୍ଡୀୟ ସାମ୍ବାଦିକ ଭବନ ପରିସରରେ ଆୟୋଜକ କମିଟି ତରଫରୁ ଅନୁଷ୍ଠିତ ଏକ ଖବରଦାତା ସମ୍ମାଳନୀରେ ଏହି ସୂଚନା ପ୍ରଦାନ କରାଯାଇଛି। ଟୁର୍ଣ୍ଣାମେଣ୍ଟ ପରିଚାଳନା ପାଇଁ ଏକ କମିଟି ଗଠନ ହୋଇଛି। ଏଥିରେ ସୁଶିଲ ପ୍ରଧାନଙ୍କୁ ସଭାପତି ଭାବେ ଚୟନ କରାଯାଇଛି। ଟୁର୍ଣ୍ଣାମେଣ୍ଟରେ ଆୟୋଜକ ଲୁଡୁରପଙ୍କ ସମେତ ଏସଡିସିଏ, ସୋନପୁର, ଏନଏନଏସ କ୍ରିକେଟ ଏକାଡେମୀ ପ୍ରୟାଗରାଜ(ଉତ୍ତରପ୍ରଦେଶ), ଫରେଷ୍ଟ କ୍ରିକେଟ ଛତିଶଗଡ, ସ୍ୱାର୍ଟେନ,ଭୁବନେଶ୍ୱର, ବକାରୋ ରେଲୱେ, ଝାଡଖଣ୍ଡ, ଶ୍ରୀଲତା କ୍ରିକେଟ ଏକାଡେମୀ, ୱେଷ୍ଟ ବେଙ୍ଗଲ, ସେଲ ରାଞ୍ଚି, ଗୁଲବର୍ଗା–୧୧, କର୍ଣ୍ଣାଟକ ଆଦି ଦଳ ଅଂଶଗ୍ରହଣ କରୁଛନ୍ତି। ୨୨ ତାରିଖରେ ଏହାର ଉଦ୍‌ଘାଟନୀ ଉତ୍ସବରେ ସୋନପୁର




ଖବରଦାତା ସମ୍ମିଳନୀରେ ସୂଚନା ପ୍ରଦାନ କରାଯାଉଛି ।

■ **ଅଂଶଗ୍ରହଣ କରିବେ ରାଜ୍ୟ ଓ ରାଜ୍ୟ ବାହାରର ୯ଟି ଦଳ**

■ **ଟି-୨୦ , ଟି -୧୦ ଫର୍ମାଟରେ ହେବ ମ୍ୟାଚ୍**

■ **୨୯ରେ ହେବ ଫାଇନାଲ**

ଓ ଆୟୋଜକ ଲୁଡୁରପଙ୍କ ମଧ୍ୟରେ ମ୍ୟାଚ୍ ହେବ। ୨୩ ତାରିଖରେ ଏନଏନଏସ କ୍ରିକେଟ ଏକାଡେମୀ ପ୍ରୟାଗରାଜ (ଉତ୍ତରପ୍ରଦେଶ) ଓ ୨୨ ତାରିଖର ବିଜେତା ମଧ୍ୟରେ କ୍ୱାର୍ଟର ଫାଇନାଲ ହେବ।

୨୪ ତାରିଖରେ ଫରେଷ୍ଟ କ୍ରିକେଟ କ୍ଲବ ଛତିଶଗଡ଼ ଓ ସ୍ୱାର୍ଟେନ ଭୁବନେଶ୍ୱର ମଧ୍ୟରେ ହେବ। ୨୩ ତାରିଖର ବିଜେତା ଓ ୨୪ ତାରିଖର ବିଜେତା ମଧ୍ୟରେ ୨୫ ତାରିଖ ଦିନ ପୁଲ – ଏର ସେମି ଫାଇନାଲ ହେବ। ୨୬ ତାରିଖରେ ବକାରୋ ରେଲୱେ, ଝାଡ଼ଖଣ୍ଡ ଓ ଶ୍ରିଲତା କ୍ରିକେଟ ଏକାଡେମୀ ,ୱେଷ୍ଟ ବେଙ୍ଗଲ ମଧ୍ୟରେ ହେବ। ୨୭ ତାରିଖରେ ସେଲ ରାଞ୍ଚି ଓ ଗୁଲବର୍ଗା ସିଟି –୧୧ କର୍ଣ୍ଣାଟକ ମଧ୍ୟରେ ହେବ। ୨୮ ତାରିଖରେ ପୁଲ – ବି ର ସେମି ଫାଇନାଲ ୨୬ ତାରିଖର ବିଜେତା ଓ ୨୭ ତାରିଖ ର ବିଜେତା ମଧ୍ୟରେ ହେବ। ୨୯ ତାରିଖରେ ଏହାର ଫାଇନାଲ ମ୍ୟାଚ ହେବ। ଖବରଦାତା ସମ୍ମିଳନୀରେ ଟୁର୍ଣ୍ଣାମେଣ୍ଟ ପରିଚାଳନା କମିଟିର ସଭାପତି ସୁଶିଲ କୁମାର ପ୍ରଧାନ, ଟୁର୍ଣ୍ଣାମେଣ୍ଟର ଆଇନ ପରାମର୍ଶଦାତା ରାଧାକାନ୍ତ ବାଘ ଓ ସନାତନ ପାତ୍ର ପ୍ରମୁଖ ଯୋଗଦେଇ ଏହି ସୂଚନା ପ୍ରଦାନ କରିଛନ୍ତି।

# ଆଜି ସୁବର୍ଣ୍ଣପୁରରେ ନୂଆ-ଓର ସାଂସ୍କୃତିକ ମହୋତ୍ସବ

**ସୋନପୁର,୨୧।୧୨(ମୃତ୍ୟୁଞ୍ଜୟ ଶତପଥୀ)**



ଜିଲାପାଳ ଓ ଏସ୍‌ପି ସାଂସ୍କୃତିକ ମହୋତ୍ସବ ସମ୍ପର୍କରେ ସୂଚନା ଦେଉଛନ୍ତି ।

ସୁବର୍ଣ୍ଣପୁର ସହର ରାମେଶ୍ୱର ଷ୍ଟାଡିୟମଠାରେ ଶୁକ୍ରବାର ନୂଆ–ଓ ଯୁବ ଓଡିଶା ନବୀନ ଓଡିଶା ଅଧୀନରେ ଜିଲାସ୍ତରୀୟ ସାଂସ୍କୃତିକ ମହୋତ୍ସବ ଆୟୋଜିତ ହେବ। ଏଥିପାଇଁ ସମସ୍ତ ପ୍ରସ୍ତୁତି ଚୂଡାନ୍ତ ପର୍ଯ୍ୟାୟରେ ପହଞ୍ଚି ଥିବା ସୁବର୍ଣ୍ଣପୁର ଜିଲାପାଳ ବିମଳେନ୍ଦୁ ରାୟ ଗୁରୁବାର ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। କ୍ରୀଡା, ସାଂସ୍କୃତିକ ଓ ସାମାଜିକ କ୍ଷେତ୍ରରେ ଛାତ୍ରୀଛାତ୍ର ଓ ଯୁବତୀଯୁବକଙ୍କ ପାରଦର୍ଶିତା ବୃଦ୍ଧି ଏବଂ ଆଗ୍ରହ ସୃଷ୍ଟି କରିବା ଲକ୍ଷ୍ୟରେ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି। ଏହି କାର୍ଯ୍ୟକ୍ରମରେ ଜିଲାର ୩୫ ଗୋଟି କଲେଜରୁ ୧୦ ହଜାରରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର ଯୋଗ ଦେବେ । ଛାତ୍ରୀଛାତ୍ରଙ୍କୁ କଲେଜରୁ ନେବା ଆଣିବା ପାଇଁ ୧୩୦ଟି ବସ୍‌ର ବ୍ୟବସ୍ଥା ହୋଇଛି । ପାରମ୍ପରିକ ଲୋକନୃତ୍ୟ ଯୋଡି ଶଙ୍ଖରୁ ଉଦ୍‌ଘାଟନୀ ଉତ୍ସବ ଆରମ୍ଭ ହେବ । ପରେ ଡ. ବିବି ସ୍ୱାଇଁ ଛାତ୍ରୀଛାତ୍ରଙ୍କୁ ମୋଟିଭେଶନ ଟକ୍ ପ୍ରଦାନ କରିବେ । ଉତ୍ସବ ପରିପ୍ରେକ୍ଷୀରେ କଲେଜର ଛାତ୍ରୀଛାତ୍ରଙ୍କ ମଧ୍ୟରେ ଜିଲାସ୍ତରୀୟ ବକ୍ତୃତା, କୁଇଜ୍, ରଙ୍ଗୋଲି, ହସ୍ତଶିଳ୍ପ, ଏକକ ଅଭିନୟ, ଷ୍ଟାଣ୍ଡଅପ୍ କମେଡି, ଏକକ

■ **ସାମିଲ ହେବେ ୧୦ହଜାର କଲେଜ ଛାତ୍ରୀଛାତ୍ର**

■ **ଭୀମଭୋଇଙ୍କ ବାଣୀର ସମୂହ ଗାନ କରାଯିବ**

ଓ ଦଳଗତ ନୃତ୍ୟରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ଛାତ୍ରୀଛାତ୍ରଙ୍କୁ ୩୦ ହଜାରରୁ ୫ ହଜାର ଟଙ୍କା ପର୍ଯ୍ୟନ୍ତ ଅର୍ଥରାଶି ପୁରସ୍କାର ଆକାରରେ ପ୍ରଦାନ କରାଯିବ ବୋଲି ଜିଲାପାଳ ରାୟ କହିଛନ୍ତି । ଏହି ମହୋତ୍ସବରେ ବିଧାୟକ ତଥା ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ଏବଂ ସଂସଦୀୟ ବ୍ୟାପାର ମନ୍ତ୍ରୀ ନିରଞ୍ଜନ ପୂଜାରୀଙ୍କ ସମେତ ଅନ୍ୟମାନେ ଅତିଥି ଭାବରେ ଯୋଗଦେବେ। ରାଜ୍ୟ ଓ ରାଜ୍ୟ ବାହାରର ପ୍ରତିଷ୍ଠିତ କଳାକାରମାନେ ଏଥିରେ ନୃତ୍ୟ ଓ ସଙ୍ଗୀତ ପରିବେଷଣ କରିବେ ବୋଲି ସୂଚନା ଦିଆଯାଇଛି । ଏହି ଅବସରରେ ସନ୍ଥକବି ଭୀମଭୋଇଙ୍କ କାଳଜୟୀ ବାଣୀର ସମୂହ ଗାନ କରାଯିବାର ଯୋଜନା ରହିଛି । ସମ୍ମିଳନୀରେ ଏସ୍‌ପି ଅମରେଶ କୁମାର ପଣ୍ଡା, ଅତିରିକ୍ତ ଜିଲାପାଳ ସୂର୍ଯ୍ୟ ନାରାୟଣ ଦାଶ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ଜିଲାପରିଷଦ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଅଶ୍ୱିନୀ କୁମାର ମେହେର, ଜିଲା କ୍ରୀଡା ଅଧିକାରୀ ଚିତ୍ତରଞ୍ଜନ ମିଶ୍ର ଓ ଡିଆଇପିଆରଓ ଅଶ୍ୱିନୀ କୁମାର ଭୋଇ ଯୋଗଦାନ କରି ପୂର୍ବାହ୍ନ ୧୦ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଆୟୋଜିତ ହେବାକୁ ଥିବା ସାଂସ୍କୃତିକ ମହୋତ୍ସବ ସମ୍ପର୍କରେ ସୂଚନା ଦେଇଥିଲେ।

**ସଂକ୍ଷେପରେ**

## ଗଡ଼ିଲା ମିଲେଟ ମିଶନ ସଚେତନତା ରଥ



**କୋକସରା,୨୧।୧୨(ଦୁଷ୍ମନ୍ତ କୁମାର ପାଟ୍ଟଯୋଶୀ):** କଳାହାଣ୍ଡି ଜିଲା କୋକସରା ବ୍ଲକ କୃଷି କାର୍ଯ୍ୟାଳୟରୁ ଗୁରୁବାର ଗଡ଼ିଲା ମିଲେଟ ମିଶନ ସଚେତନତା ରଥ। ବ୍ଲକ ଗୋଷ୍ଠି କୃଷି ଅଧିକାରୀ ରାକେଶ ରଞ୍ଜନ ମାଝି, ଦ ହ୍ୟୁମାନ ଡେଭଲମେଣ୍ଟ ସଂସ୍ଥାର ବିପିସି ସୁରେନ୍ଦ୍ର ଜୁଏଡ଼ ଉପସ୍ଥିତ ରହି ଶୁଭାରମ୍ଭ କରିଥିଲେ। ମିଲେଟ ମିଶନ ରଥ ବ୍ଲକର ୨୨ ପଞ୍ଚାୟତକୁ ବୁଲି ମାଣ୍ଡିଆ ଚାଷ କରିବା ସହ ମାଣ୍ଡିଆ ବିକ୍ରି ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ପାଇଁ ଉପଯୁକ୍ତ ବଜାର ବ୍ୟବସ୍ଥା ନେଇ ଜନସାଧାରଣଙ୍କୁ ସଚେତନ ବାର୍ତ୍ତା ବାଣ୍ଟିବା ଉଦ୍ଦେଶ୍ୟ ରହିଛି। ଏହି ମିଲେଟ ମିଶନ ଉଦଘାଟନ କାର୍ଯ୍ୟକ୍ରମରେ ଏବିପିସି ଅଭିମନ୍ୟୁ ବାଗ, ରାଜେନ୍ଦ୍ର ବାଗ, ରଶ୍ମିତା ଜୁଏଡ଼, ଗୋବିନ୍ଦ ଚନ୍ଦ୍ର ବାଗ, ସୁଶୀଲ ଭାଟି ପ୍ରମୁଖ କର୍ମଚାରୀମାନେ ଉପସ୍ଥିତ ଥିଲେ।

## ଓଡ଼ିଶା ଆଦର୍ଶ ବିଦ୍ୟାଳୟର ବାର୍ଷିକ ଉତ୍ସବ

**ବେହେରା,୨୧।୧୨(ଭୂପେଶ ତିୱାରୀ)** କଳାହାଣ୍ଡି ଜିଲା ପର୍ଲାସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ ବାର୍ଷିକ ଉତ୍ସବ ଉତ୍କର୍ଷ –୨୦୨୩ ଆୟୋଜିତ ହୋଇଯାଇଛି। ସ୍କୁଲ ଅଧ୍ୟକ୍ଷ ସରୋଜ କୁମାର ସେଠୀଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ଧର୍ମଗଡ଼ ବ୍ଲକ ଅଧ୍ୟକ୍ଷା ବବିତା ପାଟ୍ଟଯୋଷୀ, ତହସିଲଦାର ସଞ୍ଜୟ ସାମନ୍ତରା ପ୍ରମୁଖ ମଞ୍ଚାସୀନ ଥିଲେ। ଛାତ୍ରୀଛାତ୍ରଙ୍କ ମଧ୍ୟରେ ଥିବା ଅନ୍ତର୍ନିହିତ ପ୍ରତିଭାର ପରିପ୍ରକାଶ ପାଇଁ ଏହି କାର୍ଯ୍ୟକ୍ରମ ଆୟୋଜନ ମୁଖ୍ୟ ଉଦ୍ଦେଶ୍ୟ ବୋଲି ଅଧ୍ୟକ୍ଷ ସରୋଜ ସେଠୀ କହିଥିଲେ। ଏହି ଅବସରରେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତା କୃତୀ ପ୍ରତିଯୋଗୀମାନଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ପରେ ସ୍କୁଲର ଛାତ୍ରମାନଙ୍କ ଦ୍ୱାରା ଚିତ୍ତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। କାର୍ଯ୍ୟକ୍ରମରେ ସ୍କୁଲର ସହକର୍ମୀ ଶିକ୍ଷକମାନେ ସହଯୋଗ କରିଥିଲେ।

## ହାତୀସରାରେ ଶିବ ମନ୍ଦିର ପାଇଁ ଶିଳାନ୍ୟାସ

**ନୂଆପଡ଼ା,୨୧।୧୨(ମକାରୁ ବେମାଲ)** ନୂଆପଡ଼ା ଜିଲା କୋମନା ବ୍ଲକ ଅନ୍ତର୍ଗତ ଦର୍ଲିପଡ଼ା ପଞ୍ଚାୟତ ହାତିସରା ଗାଁ ପୋଖରୀଠାରେ ଧୋବାଲେଶ୍ୱର ଶିବ ମନ୍ଦିର ପାଇଁ ରୀତିନୀତି ଅନୁସାରେ ଶିଳାନ୍ୟାସ କରାଯାଇଛି। ଗାଁ ପୂଝାରୀ ଦୀକ୍ଷା ମାଝି ପୂଜା ପାଠ କରି ସାରିବା ପରେ ସ୍ଥାନୀୟ ସରପଞ୍ଚ ରଞ୍ଜିତ ସୁନାନୀ ଶିଳାନ୍ୟାସ କରିଥିଲେ। ରାଜ୍ୟ ସରକାର ଆମ ଓଡ଼ିଶା ନବୀନ ଓଡ଼ିଶା ଯୋଜନା ମଧ୍ୟମରେ ରାଜ୍ୟର ସମସ୍ତ ଗାଁଠାରୁ ସହର ପର୍ଯ୍ୟନ୍ତ ସବୁଠାରେ ଦେବସ୍ଥଳି ନିର୍ମାଣ ପାଇଁ ବ୍ୟୟ ବରାଦ କରିଛନ୍ତି। ଗ୍ରାମ ଝାଙ୍କର ଫଣିନ୍ଦ୍ର ମାଝି, ଗହଟିଆ ମୋହନ ମାଝି, ଜିତୁ ଅହିର, ନରେଶ ଅହିର, ଦିତୀୟା ମହାନନ୍ଦ, ଦୁର୍ଯ୍ୟୋଧନ ସୁନାନି, ମହେନ୍ଦ୍ର ମହାନନ୍ଦ, କୃଷ୍ଣ ମାଝି ପ୍ରମୁଖ ସହ ଗ୍ରାମବାସୀ ଉପସ୍ଥିତ ରହିଥିଲେ।

## ରାଜସ୍ୱ ଗ୍ରାମ ପାଇଁ ଗ୍ରାମବାସୀଙ୍କ ଦାବିପତ୍ର

**କୋକସରା,୨୧।୧୨(ଦୁଷ୍ମନ୍ତ କୁମାର ପାଟ୍ଟଯୋଶୀ):** କଳାହାଣ୍ଡି ଜିଲା କୋକସରା ବ୍ଲକଟେମରା ପଞ୍ଚାୟତ ଅଧୀନ ଖୁର୍ସେଲଗୁଡା ଗ୍ରାମକୁ ସ୍ୱତନ୍ତ୍ର ରାଜସ୍ୱ ଗ୍ରାମ ଘୋଷଣା କରିବା ଦାବିରେ ଖୁର୍ସେଲଗୁଡା ଗ୍ରାମବାସୀ କୋକସରା ତହସିଲଦାର ନବୀନ କିଶୋର ପାଢ଼ୀଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ରାଜସ୍ୱ ଗ୍ରାମ ପାଇଁ ସରକାରୀ ନିୟମ ମୁତାବକ ସମସ୍ତ ପ୍ରକାର ଭିତ୍ତିଭୂମି ରହିଥିବା ଦର୍ଶାଇବା ସହ ରାଜସ୍ୱ ଗ୍ରାମ ଘୋଷଣା କରିବାକୁ ଦର୍ଶାଇଛନ୍ତି। ଦାବିପତ୍ର ସମୟରେ ଲିଙ୍ଗରାଜ ଲଦୁଆ, ଶ୍ୟାମ ପାଳି, କୋକିଳ ପରାଭୋଇ, ସୁରେନ୍ଦ୍ର ପାଳି, ଭୁପେନ୍ଦ୍ର ପୂଝାରୀ, ଚନ୍ଦ୍ରଧଜ ପୂଝାରୀ, କସ୍ତୁରୀ ଲଦୁଆ ପ୍ରମୁଖ ତହସିଲଦାରଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ତହସିଲଦାରଙ୍କ ପ୍ରତିକ୍ରିୟା ନେବାରୁ ଗ୍ରାମବାସୀଙ୍କ ଦାବିକୁ ନେଇ ରାଜସ୍ୱ ବିଭାଗକୁ ପଠାଇବା ପରେ ଯୋଗ୍ୟ ବିବେଚିତ ହେଲେ ଆଗକୁ ପ୍ରକ୍ରିୟା ଆରମ୍ଭ କରାଯିବ ବୋଲି କହିଛନ୍ତି।

# ଶିଶୁନାଟକ, ନୃତ୍ୟ ମହୋତ୍ସବ ଉଦ୍‌ଯାପିତ

**ଭବାନୀପାଟଣା,୨୧।୧୨(ଉତ୍ତମ କୁମାର ଦାଶ)**

ନାଟକ, ନୃତ୍ୟ ଓ ପ୍ରତିଭା ପୂଜନ ପାଇଁ ସମର୍ପିତ 'ସଙ୍ଗମ'ର ଦଶମ ରାଜ୍ୟସ୍ତରୀୟ ନାଟକ ଓ ନୃତ୍ୟ ମହୋତ୍ସବ ଭବାନୀପାଟଣା ଟାଉନହଲଠା ଗୁରୁବାର ସନ୍ଧ୍ୟାରେ ଉଦଯାପିତ ହୋଇଯାଇଛି। ଅନୁଷ୍ଠାନ ଅଧ୍ୟକ୍ଷ ତଥା ନାଟ୍ୟକାର ରାଜୀନ୍ଦ୍ର ପାଢ଼ୀଙ୍କ ସଭାପତିତ୍ୱରେ ଦ୍ୱିତୀୟ ଅଧିବେଶନରେ ମୁଖ୍ୟଅତିଥି ଭାବେ ବରିଷ୍ଠ ରାଜନେତା ଭକ୍ତ ଚରଣ ଦାସ ଓ ପ୍ରଥମ ଅଧିବେଶନରେ ସମବାୟ ବ୍ୟାଙ୍କ ସଭାପତି ଗିରିଶ ଚନ୍ଦ୍ର ବେହେରା ଓ ସମ୍ପାଦକ ରାଧେଶ୍ୟାମ ଦାସ ଅତିଥି ଭାବେ ଯୋଗଦେଇ 'ଶିଶୁଙ୍କ ପାଇଁ ମଞ୍ଚଟିଏ'ଶୀର୍ଷକରେ ମତବ୍ୟକ୍ତ କରିଥିଲେ। ସଙ୍ଗମ କଳାକାରମାନେ ବାଲ୍ୟ ବିବାହ ଓ ନାରୀ ସଶକ୍ତିକରଣ ଉପରେ ଆଧାରିତ ନାଟକ 'ଖରତାପ' ପରିବେଷଣ କରିଥିଲେ। ନାଟ୍ୟରଚନା ସହ ନିର୍ଦ୍ଦେଶନା ଦେଇଥିଲେ ରାଜୀନ୍ଦ୍ର ପାଢ଼ୀ। ଏହି ଅବସରରେ ବିଚାରପତିମାନଙ୍କ ଦ୍ୱାରା ମୂଲ୍ୟାଙ୍କିତ ଶିଶୁ କଳାକାରମାନଙ୍କୁ



ମଞ୍ଚସ୍ଥ ଏକ ନାଟକର ଦୃଶ୍ୟ।

ପୁରସ୍କୃତ କରାଯାଇଥିଲା । ଚଳିତ ବର୍ଷ ଦିଲ୍ଲୀ ପବ୍ଲିକ ସ୍କୁଲ, ରାଉରକେଲାର ନାଟକ 'ରାଣ'ଶ୍ରେଷ୍ଠ ପ୍ରଯୋଜନା, ଶ୍ରେଷ୍ଠ ପାଣ୍ଡୁଲିପି ;ଶ୍ରେଷ୍ଠ ସଂଗୀତ ରାଣ ନାଟକର ଅମୂଲ୍ୟ ବିଶୋଇ, ଶ୍ରେଷ୍ଠ ନିର୍ଦ୍ଦେଶକ ପ୍ରମିଳା ଜେନା(ରାଣ), ଶ୍ରେଷ୍ଠ ଅଭିନେତା ଅମ୍ରିତାଂଶୁ ବିଶୋଇ (ନାଟକ ରାଣ), ଶ୍ରେଷ୍ଠ ଅଭିନେତ୍ରୀ ଦେବଲିନା କୁଣ୍ଡୁ (ନାଟକ ରାଣ), ଶ୍ରେଷ୍ଠ ସହ ଅଭିନେତା ଶ୍ରୀମନ ପାଣିଗ୍ରାହୀ,

### ସମରସତାର ବାର୍ତ୍ତାବହ ସରଳ ଶିଶୁ ପ୍ରତିଭା

ଶ୍ରେଷ୍ଠ ସହ ଅଭିନେତ୍ରୀ ଋତୁପର୍ଣ୍ଣା ଦାସ ଓ ଶ୍ରେଷ୍ଠ ଖଳନାୟକ ଓମ୍ ପ୍ରକାଶ ନାହାକ (ନାଟକ ଜ୍ୟୋତି), ଶ୍ରେଷ୍ଠ ହାସ୍ୟ ଅଭିନେତା ଅଙ୍କୁଶ ପଟେଲ (ନାଟକ–ଦୁଃଖୀ ରାଇଜର କରୁଣ ଗାଥା), ଶ୍ରେଷ୍ଠ ଶୃଙ୍ଖଳିତ ଦଳ ଭାବେ ବୃନ୍ଦାବନ ସ୍ମାର୍ଟ ସ୍କୁଲ ପୁରସ୍କୃତ ହୋଇଥିଲେ। ସେହିପରି ରାଜ୍ୟ ସ୍ତରୀୟ ନୃତ୍ୟ ପ୍ରତିଯୋଗିତାରେ ସକ୍ଷମ ଭବାନୀପାଟଣା ଶ୍ରେଷ୍ଠ ଦଳ, ଏକକ ନୃତ୍ୟରେ ଶୁଭଶ୍ରୀ ମହାପାତ୍ର (କନିଷ୍ଠ) ଓ ଗୁଞ୍ଜନ ମହାପାତ୍ର (ବରିଷ୍ଠ) ଶ୍ରେଷ୍ଠ ବିବେଚିତ ହୋଇଥିଲେ। ବିରଞ୍ଚି ନାରାୟଣ ମୁଣ୍ଡ ମଞ୍ଚ ପରିଚାଳନା କରିଥିବା ବେଳେ କୋଷାଧ୍ୟକ୍ଷ ଶୁଭ୍ରାଂଶୁ ଶେଖର ନନ୍ଦ ଧନ୍ୟବାଦ ଦେଇଥିଲେ। ଯତୀନ ପାଢ଼ୀ, ଚକ୍ରଧର ମହାରଣା, ଯୋଗୀନ୍ଦ୍ର ରଣା, ଭାରତ କୈବର୍ତ୍ତ, ଈଶତ ବାଗ, ଲିପ୍ସା ମହାରଣା, ସୋନି ବାଣୁଆ ପ୍ରମୁଖ ସହଯୋଗ କରିଥିଲେ।

## ଶିକ୍ଷା ଚେତନା ଅଭିଯାନ କାର୍ଯ୍ୟକ୍ରମ



କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଉଛି।

**ଜୁନାଗଡ଼,୨୧।୧୨(ଅଂଶୁମାନ ଯୋଶୀ)**

କଳାହାଣ୍ଡି ଜିଲା ଜୁନାଗଡ଼ ବ୍ଲକ କର୍ଲାକୋଟ ରାଜପୁରସ୍ଥିତ ସୁଧାଂଶୁ ଶେଖର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଗୁରୁବାର ୧୦୬ତମ ଶିକ୍ଷା ଚେତନା ଅଭିଯାନ ଅନୁଷ୍ଠିତ ହେଇଯାଇଛି। ଜିଲାର ଅଗ୍ରଣୀ ସ୍ୱେଚ୍ଛାସେବୀ ସଙ୍ଗଠନ ପ୍ରଫେସର ଭୁବନେଶ୍ୱର ବେହେରା ମେମୋରିଆଲ ୟୁଥ ଅର୍ଗାନାଇଜେସନ ଓ ଭାରତୀୟ ଷ୍ଟେଟ ବ୍ୟାଙ୍କ ଦାସିଗାଁ ଶାଖାର ମିଳିତ ଆନୁକୂଲ୍ୟରେ ସାମାଜିକ କର୍ମୀ ସୁଧାଂଶୁ ଶେଖର ନେଗୀଙ୍କ ଅଧ୍ୟକ୍ଷତାରେ ଜୁନାଗଡ଼ ପଞ୍ଚାୟତ ସମିତି ଅଧ୍ୟକ୍ଷା ସବିତା ମେହେର ମୁଖ୍ୟଅତିଥି, ସମ୍ମାନିତ ଅତିଥି ଭାବେ ଦାସିଗାଁ ଷ୍ଟେଟବ୍ୟାଙ୍କ ଶାଖା ପରିଚାଳକ ବିପୁଳ ପ୍ରଧାନ, ସାମାଜିକ କର୍ମୀ ଉଦ୍ଧବ ଚରଣ ସାହୁ, ପୂର୍ବତନ ଜିଲା ପରିଷଦ ସଦସ୍ୟ ଘନଶ୍ୟାମ ଗୁରୁ ପ୍ରମୁଖ ମଞ୍ଚାସୀନ ଥିଲେ। କାର୍ଯ୍ୟକ୍ରମରେ ବିଜ୍ଞାନ, ସଂସ୍କୃତି, ତିଥି, ପର୍ବପର୍ବାଣି, ପୁରାଣ, ଇତିହାସ, ମହାପୁରୁଷଙ୍କ ଜୀବନି, ସ୍ୱାଧୀନତା ସଂଗ୍ରାମ ଓ ଜଣାଅଜଣା ନେଇ ପ୍ରଶ୍ନମଞ୍ଚରେ କୃତୀ ଛାତ୍ରୀଛାତ୍ରମାନଙ୍କୁ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମରେ ଅଧ୍ୟାପକ ମୂରଲୀଧର ସାହୁ ଓ ଅଧ୍ୟାପିକା ଲକ୍ଷ୍ମୀ ଧଙ୍ଗଡାମାଝି ବିଚାରକ ଭାବେ ଯୋଗଦାନ କରିଥିବା ବେଳେ ଅଧ୍ୟାପକ ଆତ୍ମାରାମ ପାଢ଼ୀ ଗଣକ ଦାୟିତ୍ୱ ସଂପାଦନ କରିଥିଲେ। ସଙ୍ଗଠନ ସମ୍ପାଦକ ଅବିନାଶ ମୁଣ୍ଡ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅଧ୍ୟାପକ ଦଶମନ୍ତ ରଣା ଅତିଥି ପରିଚୟ ପ୍ରଦାନ ଏବଂ କଲେଜ ଅଧ୍ୟକ୍ଷ ମାନସ ରଞ୍ଜନ ପଣ୍ଡା ଧନ୍ୟବାଦ ଦେଇଥିଲେ।

# ବାର୍ଷିକ କ୍ରୀଡ଼ାରେ କୃତୀ ଛାତ୍ରୀଛାତ୍ର ପୁରସ୍କୃତ

**ଭବାନୀପାଟଣା,୨୧।୧୨(ଉତ୍ତମ କୁମାର ଦାଶ)**

କଳାହାଣ୍ଡି ଜିଲା ଭବାନୀପାଟଣା ସଦର ବ୍ଲକ ଅନ୍ତର୍ଗତ ମେଦିନୀପୁର ସରକାରୀ ପ୍ରାଥମିକ ବିଦ୍ୟାଳୟର ଦ୍ୱିତୀୟ ବାର୍ଷିକ କ୍ରୀଡା ମହୋତ୍ସବ ଉଦ୍‌ଯାପିତ ହୋଇଯାଇଛି। ବିଦ୍ୟାଳୟ ପ୍ରଧାନ ଶିକ୍ଷକ ତଥା ପ୍ରକୃତି ବନ୍ଧୁ ପ୍ରଦୀପ କୁମାର ସାହୁଙ୍କ ତତ୍ତ୍ୱାବଧାନରେ ଉଦଘାଟନୀରେ ମୁଖ୍ୟଅତିଥି ଭାବେ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ମନୋଜ କୁମାର ବେହେରା, ମୁଖ୍ୟବକ୍ତା ଭାବେ ଭବାନୀପାଟଣା ବିଇଓ ଆଚାରି ଶବର, ସମ୍ମାନିତ ଅତିଥି ଭାବେ ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ହୃଷୀକେଶ ନାଏକ, ବିଦ୍ୟାଳୟ ପରିଚାଳନା କମିଟି ଜଗଦୀଶ ପ୍ରସାଦ ମୁଣ୍ଡ, ଆଶିଷ ପଣ୍ଡା, କ୍ରୀଡାବିତ୍ ପ୍ରବୀଣ କୁମାର ମହାନ୍ତି, ସୂର୍ଯ୍ୟ ନାରାୟଣ ଦାସ, ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ତୁଳସୀ ରାମ ସାହୁ, ଶିକ୍ଷକ ନେତା ଧନଞ୍ଜୟ ସାହୁ ପ୍ରମୁଖ ଯୋଗଦେଇଥିଲେ।

ବିଦ୍ୟାଳୟ ପ୍ରଧାନ ଶିକ୍ଷକ ପ୍ରଦୀପ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଉଦଯାପନୀରେ ମୁଖ୍ୟଅତିଥି ଭାବେ ଜିଲା ଅତିରିକ୍ତ ଶିକ୍ଷା ଅଧିକାରୀ ଟେମ



କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଉଛି।

### ମେଦିନୀପୁର ସରକାରୀ ପ୍ରାଥମିକ ବିଦ୍ୟାଳୟ

ଲାଲ ଦୁବେ, ମୁଖ୍ୟବକ୍ତା ଭାବେ ଦେବେନ୍ଦ୍ର କୁମାର ବିଶି, ସମ୍ମାନିତ ଅତିଥି ଭାବେ ରାଜକୁମାର ସିଂଦେଓ, ସମିତି ସଭ୍ୟ ସନ୍ତୋଷ କୁମାର ଦାଶ, ୱାର୍ଡମେମ୍ବର ଦେବରାଜ ସାହୁ, ବରିଷ୍ଠ ଶିକ୍ଷକ ଜଗନ୍ନାଥ ତ୍ରିପାଠୀ, ଶିକ୍ଷକ ନେତା ଭୃକୁଟି ଗଉଡ, ଦୁର୍ଯ୍ୟୋଧନ ମାଝି, ବରିଷ୍ଠ ଶିକ୍ଷୟିତ୍ରୀ ରୀନା ମହାପାତ୍ର, ସୁନୀତି ମୁଣ୍ଡ, ଗୌରୀ ଶୁକ୍ଳା ଜ୍ୟୋସ୍ନା ମୟୀ ଦୋରା, ସଭ୍ୟା ମଞ୍ଜରୀ ପଟ୍ଟନାୟକ, ଶିକ୍ଷକ ଅନିଲ ଶମା, ସୂର୍ଯ୍ୟ ନାରାୟଣ ଦାସ, ଆଞ୍ଚଳିକ ସାଧନ ସଂଯୋଜକ ତୁଳସୀ ରାମ ସାହୁ, ଧନଞ୍ଜୟ ସାହୁ ପ୍ରମୁଖ ଯୋଗଦେଇଥିଲେ। ବିଭିନ୍ନ କ୍ରୀଡ଼ାରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। କ୍ରୀଡା ଉତ୍ସବ ବରିଷ୍ଠ ଶିକ୍ଷୟିତ୍ରୀ ଲକ୍ଷ୍ମୀ ବଗର୍ତ୍ତୀ ପରିଚାଳନା କରିଥିବା ବେଳେ ଶିକ୍ଷୟିତ୍ରୀ ପ୍ରତିଭା ଦାଶ, କଲ୍ୟାଣୀ ଦାସ, ନିଶାମଣି ଦେଇ, ଗୀତା ଞ୍ଜଳୀ ସିଂ ଦେଓ, ଯମୁନା ଛତ୍ରୀୟା ଓ ସଂଞ୍ଜୁକ୍ତା ଦାଶ ପ୍ରମୁଖ ସହଯୋଗ କରିଥିଲେ। ବିଦ୍ୟାଳୟ କ୍ୟାପଟେନ ସମୀକ୍ଷା ଦୀପ ଓ କମାଣ୍ଡର କରନ ହିଆଲ କ୍ରୀଡା ଉତ୍ସବର ନାରାବାଜି ସହ ଧନ୍ୟବାଦ ଦେଇଥିଲେ।

## ଭାଗ ନେବେ କଳାହାଣ୍ଡିର ୧୫ ଛାତ୍ରୀଛାତ୍ର

### ଜାତୀୟସ୍ତରୀୟ ଓପନ କରାଟେ ପ୍ରତିଯୋଗିତା

**ଲାଞ୍ଜିଗଡ଼,୨୧।୧୨(ରମେଶ ଚନ୍ଦ୍ର ନାୟକ)**

ଭୁବନେଶ୍ୱରରେ ଆସନ୍ତା ୨୨ରୁ ୨୪ ତାରିଖ ପର୍ଯ୍ୟନ୍ତ ୧୩ତମ ଜାତୀୟସ୍ତରୀୟ ଓପନ କରାଟେ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଏଥିରେ ଭାଗ ନେବାକୁ କଳାହାଣ୍ଡି ଜିଲାର ୧୫ଜଣ ପ୍ରତିଯୋଗୀ ଭୁବନେଶ୍ୱରରେ ଗସ୍ତ କରିଛନ୍ତି। ସେମାନେ ହେଲେ ଲାଞ୍ଜିଗଡ଼ ଡିଏଭି ବେଦାନ୍ତ ଇଣ୍ଟରନ୍ୟାଶନାଲ ସ୍କୁଲର ୧୦ ବର୍ଷରୁ କମ ବାଳକ ବାଳିକା ବିଭାଗରେ କାବ୍ୟଶ୍ରୀ ମହାପାତ୍ର, ସୋର୍ଣିମା ମହାପାତ୍ର, ଆରଧା ଆରଧାନ, ଅଭିଲିପ୍ସା ପଳେଇ, ସୋୟଂମ ଓଡ଼ିଆ, ପୁଷ୍ପେନ୍ଦୁ ବିଶ୍ୱାଳ। ୧୩ବର୍ଷରୁ କମ ବାଳକ ବାଳିକା ବିଭାଗରେ ସୋନକ ସଭଦର୍ଶୀ ସାହୁ, ଆଶୀର୍ବାଦ ବାଡତିଆ, ଅର୍ପିତା ବାଡତିଆ, ଲୋକେଶ ବିଶ୍ୱାଳ ରହିଛନ୍ତି। ସେହିଭଳି ୧୮ ବର୍ଷରୁ କମ ବାଳକ ବାଳିକା ବିଭାଗରେ ହିତେଶ ମହାଖୁଡ଼, କିରନ ବେମାଲ, ଗଙ୍ଗାଧର ମଲ୍ଲିକ, ଲୋକେଶ କୁମାର ମହାଖୁଡ ଓ ଅଦ୍ୟାସା ପ୍ରିୟଦର୍ଶୀନି ଦାସ । କରାଟେ କୋଚ କ୍ଷମାନିଧି ମହାଖୁଡ଼ଙ୍କ ନେତୃତ୍ୱରେ ଏହି ଖେଳାଳିମାନେ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ। ପ୍ରତିଯୋଗୀମାନେ ଲାଞ୍ଜିଗଡ଼ ବେଦାନ୍ତ ଦ୍ୱାରା ପରିଚାଳିତ କରାଟେ ପ୍ରଶିକ୍ଷଣ ଶିବିରରେ ତାଲିମପ୍ରାପ୍ତ କରିଥିବା ବେଳେ କୋଚ ମହାଖୁଡ ଏମାନଙ୍କୁ ତାଲିମ ପ୍ରଦାନ କରୁଛନ୍ତି। ଏହି ପ୍ରତିଯୋଗିମାନଙ୍କୁ ବେଦାନ୍ତ ସିଇଓ ପ୍ରଣବ ଭଟ୍ଟାଚାର୍ଯ୍ୟ, ଡେପୁଟି ସିଇଓ ଗୋବିନ୍ଦ ଗୋପାଳ ପାଲ, ସିଏସଆର୍ ମୁଖ୍ୟ ବିଭେଦେନ୍ଦୁ ପଣ୍ଡା, ଲାଞ୍ଜିଗଡ଼ ଡିଏଭି ବେଦାନ୍ତ ସ୍କୁଲ ଅଧ୍ୟକ୍ଷ ସଦାନନ୍ଦ ହୋତା, କଳାହାଣ୍ଡି ଉତ୍କଳ କରାଟେ ସ୍କୁଲ ସମ୍ପାଦକ ସୁରେଶ ଜାଲ ଯାଦବ, ବେଦାନ୍ତ ସିଏସଆର୍ ଅଭିନବ ପ୍ରତାପଙ୍କ ସମେତ ଡିଏଭି ସ୍କୁଲର ଶିକ୍ଷକ ଶିକ୍ଷୟିତ୍ରୀ ଓ ବେଦାନ୍ତ କର୍ମଚାରୀମାନେ ଖେଳାଳିମାନଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରିବା ସହିତ ତାଙ୍କ ସଫଳତା କାମନା କରିଛନ୍ତି।

## ଯୁବ ଓଡ଼ିଶା ନବୀନ ଓଡ଼ିଶା ସାଂସ୍କୃତିକ, କ୍ରୀଡ଼ା ଉଦ୍‌ଯାପିତ




କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

**ଥୁଆମୂଳ ରାମପୁର,୨୧।୧୨(ଦୁର୍ଗା କୀର୍ତ୍ତି)** କଳାହାଣ୍ଡି ଜିଲା ଥୁଆମୂଳ ରାମପୁରସ୍ଥିତ ମା' ମାଣିକେଶରୀ ପଞ୍ଚାୟତ ସମିତି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟଠାରେ ନୂଆ–ଓ ଯୁବ ଓଡ଼ିଆ ନବୀନ ଓଡ଼ିଶା ଅନୁକୂଲ୍ୟରେ ସାଂସ୍କୃତିକ ଓ କ୍ରୀଡାର ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି। ଏମ.ଏମ.ପି.ଏସ କଲେଜ ଅଧ୍ୟକ୍ଷ ସତ୍ୟନାରାୟଣ ମୁଣ୍ଡଛିନାଙ୍କ ଅଧ୍ୟକ୍ଷତାରେ ମୁଖ୍ୟଅତିଥି ଭାବେ ଓଡିଶା ଅଲିମ୍ପିକ ଆସୋସିଏଶନ ସଭାପତି ଜଗମୋହନ ପଟ୍ଟନାୟକ ଓ କଳାହାଣ୍ଡି ନେହେରୁ ଯୁବ କେନ୍ଦ୍ର ସଂଯୋଜକ ପ୍ରଶନ୍ନ କୁମାର ମେହେର, ସମ୍ମାନିତ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷ ଦୟାନିଧି ମାଝି, ପୂର୍ବତନ ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ସଦସ୍ୟ ମାଣିକ୍ୟ ଚନ୍ଦ୍ର ନାଏକ, ସ୍ଥାନୀୟ ସମିତି ସଭ୍ୟା ପୁଷ୍ପାଞ୍ଜଳି ନାଏକ, ଯୁକ୍ତ ୩ କଲେଜ ଅଧ୍ୟକ୍ଷ ସମୀର ସାହୁ, ଯୁବ ନେହେରୁ ସଦସ୍ୟ ବିଳାସ ନାଏକ, ଶିକ୍ଷକ ଯଦୁମଣି ନାଏକ ପ୍ରମୁଖ ଯୋଗଦେଇଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମ ନୋଡାଲ ଅଧିକାରୀ ଅଧ୍ୟାପକ ବାବୃ ବାହନ ବୁଦ୍ଧିଆ ଓ କ୍ରୀଡା କାର୍ଯ୍ୟକ୍ରମ ନୋଡାଲ ଅଧିକାରୀ ଅଧ୍ୟାପକ ଉଦ୍ଧବ ବାରିକ ଦାୟିତ୍ୱ ତୁଲାଇଥିଲେ। ଅଧ୍ୟାପକ ସତ୍ୟନାରାୟଣ ଦାସ, ଅଧ୍ୟାପକ ଶେଖର ଅବତର ଖାଁ, ଅଧ୍ୟାପକ ସରୋଜ ପଟ୍ଟଯୋଶୀ, ପ୍ରଶାନ୍ତ ମୁଣ୍ଡଛିନା, ସନାତନ ନାଏକ, ଈଶର ଦୁର୍ଗା, ଅଧ୍ୟାପକ ଅଶୋକ ପଟ୍ଟନାୟକ ଅଧ୍ୟାପକ ବନବିହାରୀ ପରିଡ଼ାଙ୍କ ସମେତ କଲେଜ ସମସ୍ତ କର୍ମଚାରୀ ସହଯୋଗ କରିଥିଲେ। ଏଥିରେ ୪୦୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଅଂଶଗ୍ରହଣ କରି କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଅଧ୍ୟାପକ ବବୃବାହାନ ବୁଦ୍ଧିଆ ମଞ୍ଚ ପରିଚାଳନା ଏବଂ ଅଶୋକ ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

# ନବରଙ୍ଗ ସିଂ ମେମୋରିଆଲ କପ୍ କ୍ରିକେଟ ଟୁର୍ନାମେଣ୍ଟ

**ଖଡ଼ିଆଳ,୨୧।୧୨(ସୁଜିତ୍ କୁମାର ପ୍ରଧାନ)**

ନୂଆପଡା ଜିଲା ଖଡିଆଳ ବ୍ଲକ ଜୁନାନୀଗାଁରେ ଗୁରୁବାର ମା' ସୁବଲେନ କ୍ରିକେଟ କ୍ଲବ ଆନୁକୂଲ୍ୟରେ ୩ୟ ନବରଙ୍ଗ ସିଂ ମେମୋରିଆଲ କପ କ୍ରିକେଟ ଟୁର୍ନାମେଣ୍ଟ ଉଦଘାଟିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ବିଡିଓ ବୀରସେନ ବେହେରା, ବିଶିଷ୍ଟ ଅତିଥିଭାବେ କୁନୁ କରୁଆଁ, ସମ୍ମାନିତ ଅଥିତି ଭାବେ ସୁଜିତ କୁମାର ପ୍ରଧାନ, ମନମୋହନ ଶୁକ୍ଳା ଓ ରମେଶ ଚନ୍ଦ୍ର ବାରିକ ପ୍ରମୁଖ ଯୋଗଦେଇ ଟୁର୍ନାମେଣ୍ଟ ଉଦଘାଟନ କରିଥିଲେ। ଉଦଘାଟନୀ ପ୍ରଥମ ମ୍ୟାଚ ଧାମନଡଙ୍ଗା ଓ ଚିନ୍ଦାଗୁଡା ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଧାମନଡ଼ଙ୍ଗା ୪୭ ରନରେ ଚିନ୍ଦାଗୁଡାକୁ ପରାସ୍ତ କରି ବିଜୟୀ ହୋଇଥିଲା। ଦ୍ୱିତୀୟ



ଅତିଥିଙ୍କ ଗହଣରେ ଖେଳାଳିମାନେ।

ମ୍ୟାଚରେ ଗୌଡ଼ଧୁଆପଦର ଦଳ ୪୯ ରନରେ ବିଜେପୁର ଦଳକୁ ହରାଇ ବିଜୟୀ ହୋଇଥିଲା। ମ୍ୟାଚ ଗୋୟଙ୍ଗ କଶ୍ୟପ ଓ ରୋମାଞ୍ଚଳ ଭୋଇ ପରିଚାଳନା କରିଥିଲେ। ଏଥିରେ ସୁବଲେନ କ୍ରିକେଟ କ୍ଲବ ସଭାପତି ରାହୁଲ କୁମାର ସିଂ, ପିଣ୍ଟୁ ସିଂ, ଶ୍ୟାମ କୁମାର, ରମେଶ ଚନ୍ଦ୍ର ବାରିକ, ବିଶାଳ ସିଂ, ରାମ ଲାଲ ସିଂ, ପ୍ରମୁଖ ଟୁର୍ନାମେଣ୍ଟ ପରିଚାଳନା କରିଥିଲା ବେଳେ ସ୍କୱାର ଭାବକ ଭାବେ ପ୍ରତାପ ମାଝି, ଚନ୍ଦ୍ର ସିଂ ଦେଓ ପରିଚାଳନା କରିଥିଲେ। ଏହି ଟୁର୍ନାମେଣ୍ଟ ଆସନ୍ତା ୨୯ ପର୍ଯ୍ୟନ୍ତ ଚାଲିବ।

## ସମନ୍ୱିତ ଯୁବ ବିକାଶ ପକ୍ଷରୁ ବାର୍ଷିକ ଉତ୍ସବ

**ନୂଆପଡ଼ା,୨୧।୧୨(ମକାରୁ ବେମାଲ)** ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମ ପାଳନ ଅବସରରେ ଜନମଙ୍ଗଳ ସରକାରୀ ଉଚ୍ଚ ବିଦ୍ୟାଳୟ କୁଲିଆବନ୍ଧାଠାରେ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ କିଶୋର ଚନ୍ଦ୍ର ବାରିକଙ୍କ ସଭାପତିତ୍ୱରେ ବରିଷ୍ଠ ଅବସରପ୍ରାପ୍ତ ଅଧ୍ୟକ୍ଷ ଶିବ ପ୍ରସାଦ ବେହେରା ମୁଖ୍ୟଅତିଥି, ସଦର ଗୋଷ୍ଠୀ ଉନ୍ନୟନ ଅଧିକାରୀ ନୂଆପଡା ବିପିନ ବିହାରୀ ଦୀପ, ପଞ୍ଚାୟତ ସମିତି ଅଧ୍ୟକ୍ଷା ତରେଶ୍ୱରି ସାହୁ, ଜିଲା ପରିଷଦ ସଭ୍ୟ ଭାନୁ ପ୍ରତାପ ସିଂହ ମାଝି, ଅବସରପ୍ରାପ୍ତ କ୍ରୀଡା ଅଧିକାରୀ ରାଜେନ୍ଦ୍ର ପ୍ରସାଦ ବଢେଇ, ଗୋଷ୍ଠୀ ଶିକ୍ଷା ଅଧିକାରୀ ନୂଆପଡ଼ା ହେମ ସାଗର ମହାନନ୍ଦ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଉପସ୍ଥିତି ଛାତ୍ରୀଛାତ୍ର, ବିଦ୍ୟାଳୟ ପରିଚାଳନା କମିଟି ସଦସ୍ୟ ସଦସ୍ୟା ଓ ଗ୍ରାମବାସୀମାନଙ୍କୁ ଉତ୍ସାହିତ କରିବା ସହିତ ବିଦ୍ୟାଳୟର କୃତୀ ଛାତ୍ରୀଛାତ୍ରମାନଙ୍କୁ ପୁରସ୍କୃତ କରିଥିଲେ। ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ସଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

## ବ୍ଲକସ୍ତରୀୟ କଳାହାଣ୍ଡି ଉତ୍ସବ ପ୍ରସ୍ତୁତି ବୈଠକ

**କୋକସରା,୨୧।୧୨ (ଦୁଷ୍ମନ୍ତ କୁମାର ପାଟ୍ଟଯୋଶୀ)**

କଳାହାଣ୍ଡି ଜିଲା କୋକସରା ବ୍ଲକ ପ୍ରଶାସନ ପକ୍ଷରୁ ବ୍ଲକସ୍ତରୀୟ କଳାହାଣ୍ଡି ଉତ୍ସବ ଘୁମୁରା ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ବିଏସଏସଓ ଦୀପକ କୁମାର ବେହେରାଙ୍କ ପରିଚାଳନାରେ ବ୍ଲକ ଉପାଧ୍ୟକ୍ଷ ରାଜୀବ କୁମାର ଅଗ୍ରୱାଲଙ୍କ ସଭାପତିତ୍ୱରେ ବିଡ଼ିଓ ସ୍ନେହାପ୍ରଭା ମାଝି, ତହସିଲଦାର ନବୀନ କିଶୋର ପାଢ଼ୀ, ପିଏଚଇଓ. ଉର୍ମିଳା ଛାତ୍ରିଆ, ଜିଲା ପରିଷଦ ସଭ୍ୟ ଆମପାଣି ହେମନ୍ତ ମାଝିଙ୍କ ସମେତ ବ୍ଲକର ବିଭିନ୍ନ ପଞ୍ଚାୟତରୁ ଜନପ୍ରତିନିଧି, ବ୍ଲକ ବିଭିନ୍ନ ବିଭାଗୀୟ ଅଧିକାରୀ, ଶିକ୍ଷକ, ବ୍ଲକର ସଚେତନ ନାଗରିକ ପ୍ରମୁଖ ଉପସ୍ଥିତ ରହି ବ୍ଲକସ୍ତରୀୟ କଳାହାଣ୍ଡି ଉତ୍ସବ ଉପରେ ଆଲୋଚନା କରିଥିଲେ। ଆସନ୍ତା ଜାନୁୟାରୀ ୯ ଓ ୧୦ ତାରିଖ ଦୁଇଦିନ ଧରି ବ୍ଲକରେ ଉତ୍ସବ ପାଇଁ ସର୍ବସମ୍ମତିକ୍ରମେ ନିଷ୍ପତ୍ତି ନିଆଯାଇଛି। ଗୁଡ଼ହାଣ୍ଡି ଲୋକ ମହୋତ୍ସବ ପାଳନ ପାଇଁ ବିଭିନ୍ନ କମିଟି ଗଠନ କରାଯାଇ ଦାୟିତ୍ୱ ନିର୍ବାହ କରିବାକୁ ମନୋନୀତ ସଦସ୍ୟଙ୍କୁ କୁହାଯାଇଛି। ଲୋକ ମହୋତ୍ସବ ଗୁଡ଼ହାଣ୍ଡି ପାଳନ ଅବସରରେ ବିଭିନ୍ନ ଶିକ୍ଷାନୁଷ୍ଠାନ ଛାତ୍ରଛାତ୍ରୀଙ୍କ ମଧ୍ୟରେ ପ୍ରତିଯୋଗିତା ସହ ବ୍ଲକ, ଜିଲାର ବିଭିନ୍ନ ସ୍ଥାନରୁ ଲୋକ କଳାକାରଙ୍କ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ପାଇଁ ନିଷ୍ପତ୍ତି ନିଆଯାଇଛି। ଏହାସହ ବ୍ଲକର ବିଭିନ୍ନ କ୍ଷେତ୍ରରେ ସଫଳତା ଛାତ୍ରଛାତ୍ରୀ, ସାମାଜିକ କର୍ମୀ, ବ୍ୟକ୍ତି ବିଶେଷଙ୍କୁ ସମ୍ମାନିତ କରାଯିବା ପାଇଁ ଆଲୋଚନା ହୋଇଛି। ବୈଠକରେ ପୁରୁଷୋତ୍ତମ ଗୁପ୍ତା, ନିମାଇଁ ଚରଣ ଧ. ମାଝି, ସମିତି ସଭ୍ୟ ମୁକ୍ତେଶର ନାଏକ, ଅଧ୍ୟାପକ ଅଇରୀ ନାସନ ଚିନ୍ଦା, ସୁବ୍ରତ କୁମାର ବେହେରା, ବିଜେଡି ବ୍ଲକ ସଭାପତି ସୁଶାନ୍ତ କୁମାର ବେହେରା, ସିଡିପିଓ ନୋଡାଲ ସିଆରସିସି ବୈକୁଣ୍ଠ ଜାଲ, ବସନ୍ତ ସରାବୁ, ପରେଶ ପଟ୍ଟନାୟକ, ସଚେତନ ନାଗରିକ ଉପସ୍ଥିତ ରହିଥିଲେ।

# ଅଭାବକୁ ପୂରା କରିବ ଖରିଫ୍ ପିଆଜ

**ନୂଆପଡ଼ା,୨୧।୧୨(ମକାରୁ ବେମାଲ)**

ପିଆଜ ଅଭାବକୁ ପୂରା କରିବ ଖରିଫ ପିଆଜ। ଜିଲାର ଉପାନ୍ତ ଅଞ୍ଚଳରେ ଏବେ ଅମଳ ହେଉଛି ଖରିଫ ପିଆଜ। ବର୍ତ୍ତମାନ ବଜାରରେ ପିଆଜ ଚାହିଦା ଥିବା ବେଳେ ଅଭାବକୁ ପୁରା କରିବା ସହ ଭଲ ଦୁଇ ପଇସା ପାଇବ ବୋଲି ଆଶା ବାନ୍ଧିଛି ଚାଷୀ। ଚାଷୀଙ୍କ କ୍ଷେତରେ ଚାଷ ହୋଇଛି ପିଆଜ। ଏ ଚାଷ ପାରମ୍ପରିକ ଚାଷ ନୁହେଁ ଏହି ହେଉଛି ଖରିଫ ଋତୁରେ ଉତ୍ପାଦିତ ହୋଇଥିବା ଅମଳ। ନୂଆପଡ଼ା ଜିଲା କୋମନା ବ୍ଲକ ଅନ୍ତର୍ଗତ ଗଣ୍ଡାମେର ପଞ୍ଚାୟତ ଲର୍କି ଗାଁର ଚାଷୀ ଶିବ ବିଶ୍ୱାଳ। ଖରାଟିଆ ପିଆଜ କରି କ୍ଷତି ସହୁଥିବା ବେଳେ ବର୍ତ୍ତମାନ ଖରିଫ ଚାଷ କରି ଭଲ ଉତ୍ପାଦନ କରିଛନ୍ତି। ବିଶ୍ୱ ପନିପରିବା ଗବେଷଣା କେନ୍ଦ୍ର ଏବଂ ଉଦ୍ୟାନ ବିଭାଗ ସହାୟତାରେ ତାଲିମ ନେଇ ବର୍ତ୍ତମାନ ୧୦ ଡେସିମିଲ ଜମିରେ ପରୀକ୍ଷା ମୂଳକ ଭାବେ ଚାଷ କରିଛନ୍ତି ଶିବ। ଆଗରୁ ରବି ଋତୁରେ ପିଆଜ ଚାଷ କରି ଅଭାବୀ ବିକ୍ରିର କ୍ଷତି ସହୁଥିବା ଚାଷୀ ବର୍ତ୍ତମାନ ବଜାରରେ ଚାହିଦା ଥିବାରୁ ଭଲ ଦୁଇ ପଇସା ପାଇବ ବୋଲି ଆଶା କରିଛନ୍ତି। ତାହା ସହିତ ପାରମ୍ପରିକ ଚାଷ ଛାଡ଼ି ବୈଜ୍ଞାନିକ ପଦ୍ଧତିରେ ଚାଷ କରିବାକୁ ମନ ବଳାଇଛନ୍ତି। ଅନ୍ୟପଟେ ବୋଡ଼େନ ଅଞ୍ଚଳର ଜଣେ ଚାଷୀ ମଧ୍ୟ ଏହି ଚାଷ କରିବାକୁ ଇଚ୍ଛା ପ୍ରକାଶ କରିଛନ୍ତି। ଜିଲାର ବିଭିନ୍ନ ଅଞ୍ଚଳରେ ବିଶ୍ୱ ପନିପରିବା ଗବେଷଣା କେନ୍ଦ୍ର ଏବଂ ଉଦ୍ୟାନ ବିଭାଗ



ପିଆଜ ଚାଷ ଅମଳ କରିଥିବା ଚାଷୀ।

ପକ୍ଷରୁ ଚାଷୀଙ୍କୁ ଉତ୍ସାହିତ କରିବା ପାଇଁ ଦିଆଯାଇଛି ପିଆଜ ବିହନ। ବର୍ତ୍ତମାନ ଚାଷୀଙ୍କ କ୍ଷେତରେ ଅମଳ ହେବା ଆରମ୍ଭ ହୋଇଛି ପିଆଜ। ଜିଲାର ୫୫ଜଣ ଚାଷୀଙ୍କୁ ପରୀକ୍ଷା ମୂଳକ ଭାବେ ଦିଆଯାଇଥିବା ବେଳେ ଆଗକୁ ପିଆଜ ଅଭାବକୁ ଦୂର କରିବା ପାଇଁ ସମସ୍ତ ଚାଷୀଙ୍କୁ ପିଆଜ ଚାଷ କରିବାକୁ କହିଛନ୍ତି ଉପନିର୍ଦ୍ଦେଶକ ଉଦ୍ୟାନ ବିଭାଗ ନୂଆପଡା ହରେକୃଷ୍ଣ ହସଦା। ବିଭିନ୍ନ କିସମର ପିଆଜ ଚାଇନା କିଙ୍ଗ, ନନ୍ଦୀ, ଭିମା ସୁପର, ଭୀମା ରାଜ, ଭିମା ଡାର୍କ ରେଡ ଭଳି କିସମ ଚାଷ କରିଛି ଚାଷୀ। ଅନ୍ୟପଟେ ବିଶ୍ୱ ପନିପରିବା ଗବେଷଣା କେନ୍ଦ୍ର ହାଇଦ୍ରାବାଦରୁ ଆସିଥିବା ଅଧିକାରୀ କହିଛନ୍ତି ପ୍ରକଳ୍ପ ନିର୍ଦ୍ଦେଶକ ସୂଜୟ ଓଜେ। ନୂଆପଡ଼ା ଭଳି ଜିଲାରେ ଏହି ଚାଷ କରି ଆମେ ସଫଳ ହୋଇଛୁ ଆଗକୁ ମଧ୍ୟ ଜିଲାବ୍ୟାପୀ ଚାଷୀଙ୍କୁ ପିଆଜ ଚାଷ କରିବାକୁ ଉତ୍ସାହିତ କରିବୁ ବୋଲି କହିଛନ୍ତି।

# ସ୍ମୃତିରେ ୨୦୨୩

## ଜୋକୋଭିଚ୍‌ଙ୍କ ୨୪



ନୋଭାକ୍ ଜୋକୋଭିଚ୍

୨୦ବର୍ଷ ସର୍ବୀୟ ଟେନିସ୍ ତାରକା ନୋଭାକ୍ ଜୋକୋଭିଚ୍ ନିଜ କ୍ୟାରିୟରର ୨୪ତମ ଗ୍ରାଣ୍ଡସ୍ଲାମ ଟାଇଟଲ ହାସଲ କରିବା ସହିତ ସେରେନା ୱିଲିୟମ୍ସଙ୍କୁ ଅତିକ୍ରମ କରିଛନ୍ତି। ୩୬ ବର୍ଷୀୟ ଜୋକୋଭିଚ୍ ୨୦୨୩ରେ ୩ ଗ୍ରାଣ୍ଡସ୍ଲାମ(ଅଷ୍ଟ୍ରେଲିଆନ୍ ଓପନ୍, ଫ୍ରେଞ୍ଚ ଓପନ ଓ ୟୁଏସ୍ ଓପନ) ବିଜୟୀ ହୋଇଥିଲେ

## ଏସିଆଡ୍‌ରେ ସଫଳତା

ହାଂଗଝୋରେ ଅନୁଷ୍ଠିତ ଏସିଆନ୍ ଗେମ୍ସ ୨୦୨୩ରେ ଏସିଆନ୍ ପାରା ଗେମ୍ସରେ ଭାରତୀୟ ଆଥଲେଟ ମାନେ ଇତିହାସ ରଚିଛନ୍ତି। ପ୍ରଥମ ଥର ପାଇଁ ଉଭୟ ଗେମ୍ସରେ ଭାରତର ପଦକ ସଂଖ୍ୟା ୧୦୦ ପାର କରିଛି। ୧୦ ଦିନିଆ ଏସିଆନ୍ ଗେମ୍ସରେ ଭାରତୀୟ କ୍ରୀଡାବିତ ମାନେ ୧୦୭ ପଦକ ସହିତ ଅଭିଯାନ ଶେଷ କରିଛନ୍ତି। ୨୮ ସ୍ୱର୍ଣ୍ଣ, ୩୮ ରୌପ୍ୟ ଓ ୪୧ ବ୍ରୋଞ୍ଜ ପଦକ ସହ ଭାରତ ଏହାର ଅଭିଯାନ ଶେଷ କରିଛି। ୨୦୧୮ ସଂସ୍କରଣରେ ଭାରତ ୭୦ ପଦକ ହାସଲ କରିଥିଲା। ପାରା ଗେମ୍ସରେ ପ୍ରଥମ ଥର ପ ା ଇଁ ଭାରତୀୟ ଆଥଲେଟ ମାନେ ପଦକ ସଂଖ୍ୟାରେ ଶତକ ହାସଲ କରିଥିଲେ। ୨୦୧୮ ଜାକାର୍ତ୍ତା ସଂସ୍କରଣର ପ୍ରଦର୍ଶନରେ ଉନ୍ନତି ଆଣିବା ସହିତ ଭାରତ ୧୧୧ ପଦକରେ ନିଜର ଅଭିଯାନ ଶେଷ କରିଛି। ଭାରତୀୟ ଆଥଲେଟ ମାନେ ୨୯ ସ୍ୱର୍ଣ୍ଣ, ୩୧ ରୌପ୍ୟ ଓ ୫୧ଟି ବ୍ରୋଞ୍ଜ ପଦକ ହାସଲ କରିଥିଲେ।

## ନୀରଜଙ୍କ ସ୍ୱର୍ଣ୍ଣିମ ଯାତ୍ରା



ଅଲିମ୍ପିକ୍ସ ସ୍ୱର୍ଣ୍ଣ ପଦକ ବିଜେତା ଜାଭେଲିନ୍ ଥ୍ରୋୟର ନୀରଜ ଚୋପ୍ରା ୨୦୨୩ରେ ଚମତ୍କାର ପ୍ରଦର୍ଶନ କରିଥିଲେ। ଜୁରିଚ୍ ଓ ଦୋହା ଡାଇମଣ୍ଡ ଲିଗ୍‌ରେ ଦ୍ୱିତୀୟ ସ୍ଥାନରେ ରହିଥିବା ବେଳେ ବୁଦାପେଷ୍ଟରେ ଅନୁଷ୍ଠିତ ବିଶ୍ୱ ଆଥ୍‌ଲେଟିକ୍ ଚାମ୍ପିୟନଶିପ୍‌ରେ ନୀରଜ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ୮୮.୧୭ ମିଟର ଥ୍ରୋ ସହିତ ସେ ବିଶ୍ୱ ଚାମ୍ପିୟନଶିପ୍ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ବିଶ୍ୱ ଚାମ୍ପିୟନଶିପ୍‌ରେ ଏହା ଭାରତର ପ୍ରଥମ ସ୍ୱର୍ଣ୍ଣ ପଦକ ଅଟେ। ସେହିପରି ହାଙ୍ଗଝୋ ଏସିଆନ୍ ଗେମ୍ସରେ ୮୮.୮୮ ମିଟରର ଥ୍ରୋ ସହିତ ନୀରଜ ଆଉ ଏକ ସ୍ୱର୍ଣ୍ଣ ପଦକ ସହିତ ବର୍ଷ ଶେଷ କରିଥିଲେ। ପ୍ୟାରିସ୍ ୨୦୨୪ ପାଇଁ ନୀରଜ ବର୍ତ୍ତମାନ ବିଦେଶରେ ଅଭ୍ୟାସ କରୁଛନ୍ତି।

## ବିବାଦ

୨୦୨୩ କ୍ରୀଡା ବର୍ଷରେ ଅନେକ ବିବାଦ ମୁଣ୍ଡ ଟେକିଥିଲା। ଭାରତୀୟ ରେସ୍‌ଲିଂ ମହାସଂଘ (ଡବ୍ଲ୍ୟୁଏଫ୍ଆଇ) ସଭାପତି ବ୍ରିଜ୍‌ଭୂଷଣ ଶରଣ ସିଂଙ୍କ ନାମରେ ମହିଳା ଖେଳାଳିଙ୍କୁ ଯୌନଶୋଷଣର ଅଭିଯୋଗ ଆସିଥିଲା। ବ୍ରିଜ୍‌ଭୂଷଣଙ୍କୁ ବିଦା କରିବା ଦାବିରେ ଭିନେଶ ଫୋଗଟ୍‌ଙ୍କ ସହିତ ଟୋକିଓ ୨୦୨୦ ବ୍ରୋଞ୍ଜ ବିଜେତା ବଜରଙ୍ଗ ପୁନିଆ, ରିଓ ଅଲିମ୍ପିକ୍ସ ପଦକ ବିଜେତା ସାକ୍ଷୀ ମଲିକ୍, ସରିତା ମୋର, ସଙ୍ଗୀତା ଫୋଗଟ, ସତ୍ୟବ୍ରତ ମଲିକ୍, ଜିତେନ୍ଦର କିହ୍ନା ଓ ସୁମିତ୍ ମଲିକ୍ ପ୍ରମୁଖ ଧାରଣାରେ ବସିଥିଲେ। ସ୍ପେନ୍ ଫୁଟବଲ ମହାସଂଘର ସଭାପତି ରହିଥିବା ଲୁଇସ୍ ରୁବେଲ୍ସ ମହିଳା ଖେଳାଳି‌ଷ୍ଟ୍ରାଇକର ଜେନି ହର୍ମୋସୋଙ୍କୁ ଓଠରେ କିସ୍ କରିଥିଲେ। ଫାଇନାଲ ବିଜୟର ସେଲିବ୍ରେଶନ ସମୟରେ ଏହି ଘଟଣା ଘଟିଥିଲା। ବିଭିନ୍ନ ମହଲରୁ ସମାଲୋଚନା ହେବା ପରେ ରୁବେଲ୍ସ ଏକ ଭିଡିଓ ଜାରି କରି କ୍ଷମା ପ୍ରାର୍ଥନା କରିଥିଲେ। ପରେ ଜେନି ଆପରାଧିକ ମାମଲା ଦାଏର କରିବା ପରେ ରୁବେଲ୍ସ ନିଜ ପଦରୁ ଇସ୍ତଫା ଦେଇଥିଲେ।



ଭାରତୀୟ କ୍ରିକେଟର ଦଳର ମୁଖ୍ୟ ଚୟନକର୍ତ୍ତା ଚେତନ ଶର୍ମା ଏକ ଷ୍ଟିଙ୍ଗ ଅପରେସନରେ ଫସି ଯାଇଥିଲେ। ମୁଖ୍ୟ ଚୟନକର୍ତ୍ତା ଭାବରେ ପୁନର୍ବାର କାର୍ଯ୍ୟରେ ଯୋଗ ଦେବା ପରେ ଏକ ଷ୍ଟିଙ୍ଗ ଅପରେସନରେ ଏଭଳି ବିବାଦୀୟ ବୟାନ ଦେଇଥିଲେ। ପୂର୍ବତନ ବିସିସିଆଇ ସଭାପତି ସୌରଭ ଗାଙ୍ଗୁଲି ଓ ବିରାଟ କୋହଲିଙ୍କ ସମ୍ପର୍କକୁ ନେଇ ସେ ବିବାଦୀୟ ବୟାନ ଦେଇଥିଲେ। କୋହଲି ଇସ୍ତଫା ଦେବା ପଛରେ ଗାଙ୍ଗୁଲିଙ୍କ ବଡ ଭୂମିକା ରହିଥିବା ସେ କହିଥିଲେ।

## ହାତ ନ ଥାଇ ଆର୍ଚର

ହାଙ୍ଗଝୋ ପାରା ଏସିଆନ୍ ଗେମ୍ସରେ ଜଣେ ଆର୍ଚର ସମସ୍ତଙ୍କ ନଜରକୁ ଆସିଥିଲେ। ଏହି ମହିଳା ଖେଳାଳି ଜଣଙ୍କ ନାମ ଥିଲା ଶୀତଲ ଦେବୀ। ଶୀତଲଙ୍କ ହାତ ନ ଥିଲେ ମଧ୍ୟ ପାରା ଏସିଆନ୍ ଗେମ୍ସରେ ସେ ତିନୋଟି ପଦକ ଜିତିଥିଲେ। ଜମ୍ମୁ କଶ୍ମୀରର କ୍ଷିତଓ୍ୱାର ଜିଲାରେ ଜନ୍ମ ଗ୍ରହଣ କରିଥିବା ଶୀତଲ ବିଶ୍ୱର ଏକମାତ୍ର ଆର୍ଚର ଯାହାଙ୍କ ହାତ ନାହିଁ। ଅଧ୍ୟବସାୟ ବଳରେ ସବୁ କିଛି ସମ୍ଭବ ଏହା ସେ ପ୍ରମାଣ କରିଛନ୍ତି। ଏସିଆନ୍ ପାରାଲିମ୍ପିକ୍ସ ପାଇଁ ତାଙ୍କୁ ଶ୍ରେଷ୍ଠ ଯୁବ ଆଥଲେଟ ଘୋଷଣା କରାଯାଇଛି।



ଶୀତଲ ଦେବୀ

# ଏସିଆଡ୍‌ର ଶତକ

ଶେଷ ହେବାକୁ ଯାଉଛି ୨୦୨୩। ଏହି ବର୍ଷ କ୍ରୀଡ଼ା ଜଗତରେ ଅନେକ ଗୁରୁତ୍ୱପୂର୍ଣ୍ଣ ଘଟଣା ଦେଖିବାକୁ ମିଳିଛି। କ୍ରୀଡ଼ାବିତ୍‌ମାନେ ସଫଳତା ବିଫଳତା ସହ ବାଦବିବାଦର ସମ୍ମୁଖୀନ ହୋଇଥିବା ବେଳେ ମହିଳା ଫୁଟବଲ ବିଶ୍ୱକପ, ପୁରୁଷ ଦିନିକିଆ ବିଶ୍ୱକପ୍ ଓ ଏସିଆନ୍ ଗେମ୍ସ ପରି କ୍ରୀଡା ମହାକୁମ୍ଭ ଶେଷ ହୋଇଛି। ଏସିଆଡ୍ ପଦକ ସଂଖ୍ୟାରେ ପ୍ରଥମ ଥର ଶତକ ପାର କରିଛି ଭାରତ। ବର୍ଷ ଶେଷ ଭାଗରେ ସ୍ପିନ କିମ୍ବଦନ୍ତୀ ବିଶନ ସିଂ ବେଦୀଙ୍କ ପରଲୋକ ସମସ୍ତଙ୍କୁ ଶୋକାଭିଭୂତ କରିଥିଲା। .....

## ପରଲୋକରେ



ବିଶେନ ସିଂ ବେଦୀ

୨୦୨୩ ବର୍ଷରେ କ୍ରୀଡା ଜଗତକୁ ଅପୂରଣୀୟ କ୍ଷତି ସହିତ ଅନେକ କିମ୍ବଦନ୍ତୀ ଖେଳାଳି ଇହଧାମ ତ୍ୟାଗ କରିଥିଲେ। ୨୦୨୨ ଡିସେମ୍ବର ୨୯ ତାରିଖରେ ଫୁଟବଲ କିମ୍ବଦନ୍ତୀ ପେଲେ ପରଲୋକ ଗମନ କରିଥିବା ବେଳେ ୨୦୨୩ ଜାନୁୟାରୀ ୩ ତାରିଖରେ ନେକ୍ରୋପୋଲ ଏକୁମେନ୍ସିଆ କବରସ୍ଥାନରେ ଅନ୍ତିମ ସଂସ୍କାର କରାଯାଇଥିଲା। ଭାରତୀୟ ସ୍ପିନ୍ ଯାଦୁକର ବିଶେନ ସିଂ ବେଦୀ ଅକ୍ଟୋବର ୨୩, ୨୦୨୩ରେ ପରଲୋକ ଗମନ କରିଥିଲେ। ୬୭ ଟେଷ୍ଟ ଓ ୧୦ ଦିନିକିଆ ଖେଳିଥିବା ବେଦୀ ଯଥାକ୍ରମେ ୨୬୬ ଓ ୭ ଉଇକେଟ ନେଇଥିଲେ। ବବି ଚାର୍ଲଟନ୍, ଲୁଇସ୍ ସୁଆରେଜ୍ ଓ ଜଷ୍ଟ ଫୋଣ୍ଟେନ୍‌ଙ୍କ ସହିତ ଭାରତୀୟ ଅଲିମ୍ପିଆନ ଫୁଟବଲର ତୁଳସୀଦାସ ବଳରାମଙ୍କ ମଧ୍ୟ ଚଳିତ ବର୍ଷ ମୃତ୍ୟୁ ହୋଇଥିଲା। ଜିମ୍ବାୱେ ଦଳର ପୂର୍ବତନ ଅଧିନାୟକ ହିଥ୍ ଷ୍ଟ୍ରିକ୍ କ୍ୟାନ୍ସର ଲଢେଇରେ ହାରି ଯାଇଥିଲେ।

## ମେସିଙ୍କୁ ବାଲନ୍ ଡି ଅର୍

ବିଶ୍ୱକପ ବିଜୟୀ ଆର୍ଜେଣ୍ଟିନା ଦଳର ଅଧିନାୟକ ତଥା ଇଣ୍ଟର ମାୟାମି ଷ୍ଟ୍ରାଇକର ଲିଓନେଲ ମେସି ରେକର୍ଡ ଅଷ୍ଟମ ଥର ପାଇଁ ବାଲନ୍ ଡି ଅର୍ ପୁରସ୍କାର ହାସଲ କରିଥିଲେ। ମାଞ୍ଚେଷ୍ଟର ସିଟିର ଗୋଲ ସ୍କୋରିଂ ମେସିନ୍ ଏର୍ଲିଙ୍ଗ ହାଲାଣ୍ଡ ଓ ପ୍ୟାରିସ୍ ସେଣ୍ଟ ଜର୍ମେନ(ପିଏସ୍‌ଜି)ର ଫରୱାର୍ଡ କିଲିଆନ୍ ଏମ୍‌ବାପେ ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟ ସ୍ଥାନରେ ରହିଥିଲେ। ବାଲନ୍ ଡି'ଅର୍ ଫେମିନିନ ଟ୍ରଫି ହାସଲ କରିଥିଲେ ସ୍ପେନ୍ ଦଳର ମିଡଫିଲ୍ଡର ଆଇଟାନା ବୋନମାଟି। ସ୍ପେନ୍ ଦଳ ପ୍ରଥମ ଥର ଫିଫା ମହିଳା ବିଶ୍ୱକପ ଟାଇଟଲ ହାସଲ କରିଥିବା ବେଳେ ବୋନମାଟି ଗୋଲ୍ଡେନ୍ ବଲ୍ ହାସଲ କରିଥିଲେ। ସେ ୩ଟି ଗୋଲ ଦେଇଥିବା ବେଳେ ଦୁଇଟି ଗୋଲରେ ଆସିଷ୍ଟ କରିଥିଲେ।



ଆଇଟାନା ବୋନମାଟି ଓ ଲିଓନେଲ ମେସି

## ପୁଣି ଅଷ୍ଟ୍ରେଲିଆ

ଭାରତରେ ଅନୁଷ୍ଠିତ ଦିନିକିଆ କ୍ରିକେଟ ବିଶ୍ୱକପ ଫାଇନାଲରେ ଅଷ୍ଟ୍ରେଲିଆ ନିକଟରୁ ପରାଜିତ ହୋଇଥିଲା ରୋହିତ ଶର୍ମାଙ୍କ ଭାରତୀୟ ଦଳ। ବିଶ୍ୱକପରେ ସବୁଠୁ ସଫଳ ଦଳ ଅଷ୍ଟ୍ରେଲିଆ ଷଷ୍ଠ ଥର ପାଇଁ ଟାଇଟଲ ହାତେଇଥିଲା। ଏହି ପରାଜୟ ସହିତ ରୋହିତ ଶର୍ମା ଓ ବିରାଟ କୋହଲିଙ୍କ ପରି ଖେଳାଳିଙ୍କ ସହିତ ୧୪୦ କୋଟି ଭାରତୀୟଙ୍କ ଆଖିରେ ଲୁହ ଆସି ଯାଇଥିଲା। ଅହମଦାବାଦରେ ଭାରତ ପ୍ରଥମେ ବ୍ୟାଟିଂ କରି ୫୦ ଓଭରରେ ୨୪୦ ରନ୍‌ରେ ସମସ୍ତ ଉଇକେଟ ହରାଇଥିଲା। ଜବାବରେ ଟ୍ରାଭିସ୍ ହେଡ୍‌ଙ୍କ ଶତକ ବଳରେ ଅଷ୍ଟ୍ରେଲିଆ ୪୩ ଓଭରରେ ୪ ଉଇକେଟ ହରାଇ ବିଜୟ ହାସଲ କରି ନେଇଥିଲା। ହେଡ୍‌ଙ୍କୁ ପ୍ଲେୟର ଅଫ୍ ଦ ଟୁର୍ନାମେଣ୍ଟ ଘୋଷଣା କରାଯାଇଥିଲା। କ୍ରମାଗତ ୧୦ ବିଜୟ ସହ ଭାରତ ଫାଇନାଲରେ ପ୍ରବେଶ କରିଥିଲା। ତେନ୍ଦୁଲକରଙ୍କୁ ଅତିକ୍ରମ କରି ବିରାଟ କୋହଲି ରେକର୍ଡ ୭୬୫ ରନ୍ କରି ପ୍ଲେୟର ଅଫ୍ ଦ ଟୁର୍ନାମେଣ୍ଟ ହୋଇଥିଲେ। ୨୪ ଉଇକେଟ ସହ ମହମ୍ମଦ ଶାମି ସର୍ବାଧିକ ଉଇକେଟ ହାସଲକାରୀ ବୋଲର ରହିଥିଲେ।





## ସାନିଆଙ୍କ ଅବସର

ଭାରତୀୟ ଟେନିସ୍ ସୁପରଷ୍ଟାର ସାନିଆ ମିର୍ଜା ପ୍ରଫେଶନାଲ ଟେନିସରୁ ଫେବୃୟାରୀ ୨୦୨୩ରେ ଅବସର ଗ୍ରହଣ କରିଥିଲେ। ଅଷ୍ଟ୍ରେଲିଆନ୍ ଓପନ୍ ମିକ୍ସଡ ଡବଲ୍ସ ଇଭେଣ୍ଟରେ ରନର୍ ଅପ୍ ହେବା ସହିତ ସାନିଆ ଟେନିସରେ ନିଜ ସ୍ୱର୍ଣ୍ଣିମ କ୍ୟାରିୟରରୁ ଅବସର ନେଇଥିଲେ। ୩୬ ବର୍ଷୀୟା ସାନିଆ ନିଜ କ୍ୟାରିୟରରେ ୬ଟି ଗ୍ରାଣ୍ଡସ୍ଲାମ ଟାଇଟଲ୍ ହାସଲ କରିଛନ୍ତି। ଭେଟେରାନ ରୋହନ ବୋପାନ୍ନା ମଧ୍ୟ ନିଜ ଟେନିସ୍ କ୍ୟାରିୟରରେ ପୂର୍ଣ୍ଣଚ୍ଛେଦ ପକାଇଥିଲେ। ଏହା ବ୍ୟତୀତ ଗେରାଥ୍ ବେଲ୍, ଜିଆନ୍ ଲୋଜି ବଫନ୍ ଓ ମେସୁଟ୍ ଓଜିଲଙ୍କ ପରି ଖେଳାଳି ମଧ୍ୟ ଅବସର ଗ୍ରହଣ କରିଥିଲେ। ୱେଲ୍ସ ପକ୍ଷରୁ ରେକର୍ଡ ସଂଖ୍ୟକ ୪୧ ଗୋଲ ସ୍କୋର କରିଥିବା ବେଲ୍ ବର୍ଷର ଆରମ୍ଭରେ ହିଁ ଅବସର ଗ୍ରହଣ କରିଥିଲେ। ମାତ୍ର ୩୪ ବର୍ଷ ବୟସରେ ଜର୍ମାନୀ ମିଡଫିଲ୍ଡର ମେସୁଟ୍ ଓଜିଲ ଅବସର ନେଇଥିଲେ।

ଧରିତ୍ରୀ DHARITRI
www.orissakhabar.com/ www.dharitri.com ପୃଷ୍ଠା ୬ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ଶୁକ୍ରବାର, ଡିସେମ୍ବର ୨୨/୨୦୨୩ Bhubaneswar, Friday, December 22/ 2023



ମହିଳା କ୍ରିକେଟ ଟେଷ୍ଟରେ ଅଷ୍ଟ୍ରେଲିଆର ଆଲାନା କିଙ୍ଗ୍‌ଙ୍କ ଉଇକେଟ ନେବାପରେ ଉଲ୍ଲସିତ ଭାରତର ସ୍ନେହ ରାଣା।

# ଭାରତର ପ୍ରଭାବୀ ପ୍ରଦର୍ଶନ

## ମହିଳା କ୍ରିକେଟ ଟେଷ୍ଟ

**ମୁମ୍ବାଇ, ୨୧।୧୨**

ଭାରତ ଓ ଅଷ୍ଟ୍ରେଲିଆ ମଧ୍ୟରେ ଏକମାତ୍ର ମହିଳା କ୍ରିକେଟ ଟେଷ୍ଟ ଗୁରୁବାର ଏଠାରେ ଆରମ୍ଭ ହୋଇଛି। ଇଂଲଣ୍ଡ ବିପକ୍ଷ ଟେଷ୍ଟକୁ ସହଜରେ ଜିତିଥିବା ଭାରତୀୟ ମହିଳା ଦଳ ଅଷ୍ଟ୍ରେଲିଆ ବିପକ୍ଷ ଟେଷ୍ଟର ପ୍ରଥମ ଦିବସରେ ପ୍ରଭାବୀ ପ୍ରଦର୍ଶନ କରିବାରେ ସକ୍ଷମ ହୋଇଛି। ପୂଜା ବସ୍ତ୍ରକାର, ସ୍ନେହ ରାଣା ଓ ଦୀପ୍ତି ଶର୍ମା ଆକର୍ଷଣୀୟ ବୋଲିଂ କରି ଅଷ୍ଟ୍ରେଲିଆ ପ୍ରଥମ ଇନିଂସକୁ ୭୭.୪ ଓଭରରେ ୨୧୯ ରନରେ ସୀମିତ ରଖିଛନ୍ତି। ପରେ ସ୍ମୃତି ମନ୍ଧାନା ଓ ଶେଫାଳି ବର୍ମାଙ୍କ ଦୃଢ଼ ବ୍ୟାଟିଂ ସହାୟତାରେ ଭାରତ ପ୍ରଥମ ଦିବସ ଖେଳ ଶେଷ ବେଳକୁ ୧ ଉଇକେଟ ହରାଇ ୯୮ ରନ ସଂଗ୍ରହ କରି ନେଇଛି। ୯ ଉଇକେଟ ସୁରକ୍ଷିତ ଥାଇ ଭାରତ ଆଉ ୧୨୧ ରନ ପଛରେ ରହିଛି।

ଅଷ୍ଟ୍ରେଲିଆ ଅଧିନାୟିକା ଅଲିସା ହିଲି ଟସ୍‌ଜିତି ବ୍ୟାଟିଂ ନିଷ୍ପତ୍ତି ନେଇଥିଲେ। ତେବେ ୭ ରନ ମଧ୍ୟରେ ଦଳ ୨ଟି ଉଇକେଟ ହରାଇ ଯେଉଁ ଝଟ୍‌କା ଖାଇଥିଲା ସେଥିରୁ ଶେଷ ପର୍ଯ୍ୟନ୍ତ ମୁକୁଳିପାରି ନ ଥିଲା। ଏକାଧିକ ଖେଳାଳି ଭଲ ଆରମ୍ଭ କରିଥିଲେ ମଧ୍ୟ ଭାରତୀୟ ବୋଲରମାନେ ସେମାନଙ୍କୁ ବଡ଼ ସ୍କୋର କରିବାକୁ ଦେଇ ନ ଥିଲେ। ଏକମାତ୍ର ତହଲିଆ ମ୍ୟାକଗ୍ରା (୫୦ ରନ) ଅର୍ଦ୍ଧଶତକ ହାସଲ କରିଥିଲେ। ବେଥ୍ ମୁନି ୪୦ ଓ ଅଲିସା ହିଲି ୩୮ ରନକରି ପ୍ୟାଭିଲିୟନ ଫେରିଥିଲେ। ୯ ନମ୍ବର ଖେଳାଳି କିମ୍ ଗାର୍ଥ ଧୈର୍ଯ୍ୟପୂର୍ଣ୍ଣ ଇନିଂସ ଖେଳି ୨୮ (୭୧ ବଲ୍) ରନରେ ଅପରାଜିତ ରହିବାରୁ ଅଷ୍ଟ୍ରେଲିଆ ୨୦୦ ରନ ଅତିକ୍ରମ କରିବାକୁ ସମର୍ଥ ହୋଇଥିଲା। ଭାରତୀୟ ବୋଲରଙ୍କ ମଧ୍ୟରେ ପୂଜା ବସ୍ତ୍ରକାର ୫୩ ରନ ବିନିମୟରେ ସର୍ବାଧିକ ୪ଟି ଏବଂ ସ୍ନେହ ରାଣା ୩ଟି ଉଇକେଟ ନେଇଥିଲେ। ଇଂଲଣ୍ଡ ବିପକ୍ଷ ଟେଷ୍ଟର ନାୟିକା ଦୀପ୍ତି ଶର୍ମାଙ୍କୁ ୨ଟି ଉଇକେଟ ମିଳିଥିଲା।

ୱାଙ୍ଖଡେ ପିଚ୍‌ରେ ଅଷ୍ଟ୍ରେଲିଆ ବ୍ୟାଟରମାନେ ସଂଘର୍ଷ କରିଥିଲେ ହେଁ ଭାରତର ସ୍ମୃତି ଓ ଶେଫାଳି ଚମତ୍କାର ଆରମ୍ଭ କରିଥିଲେ। ଦୁହେଁ ଓପନିଂ ଯୋଡ଼ିରେ ୯୦ ରନର ଭାଗୀଦାରି ଗଢ଼ିଥିଲେ। ୧୭ତମ ଓଭରରେ ଶେଫାଳିଙ୍କୁ ଆଉଟ କରି ଅଷ୍ଟ୍ରେଲିଆକୁ ବ୍ରେକ୍ ଥ୍ରୁ ଦେଇଥିଲେ ଜେସ୍ ଜୋନାସେନ। ଶେଫାଳି ୫୯ ବଲ୍‌ରୁ ୪୦ (୮ ଚୌକା) ରନ ସଂଗ୍ରହ କରିଥିଲେ। ଷ୍ଟମ୍ପକ୍ସ ପ୍ରତ୍ୟାହୃତ ହେବା ବେଳକୁ ସ୍ମୃତି ମନ୍ଧାନା ୪୩ (୪୯ ବଲ, ୮ ଚୌକା) ଓ ସ୍ନେହ ରାଣା ୪ ରନରେ ଅପରାଜିତ ରହିଥିଲେ।



ପୂଜା ବସ୍ତ୍ରକାରଙ୍କୁ ସାଥୀ ଖେଳାଳିଙ୍କ ବଧେଇ।

**ସଂକ୍ଷିପ୍ତ ସ୍କୋର**

ଅଷ୍ଟ୍ରେଲିଆ ପ୍ରଥମ ଇନିଂସ: ୨୧୯/ଅଲ୍‌ଆଉଟ (ତହଲିଆ ମ୍ୟାକଗ୍ରା–୫୦, ବେଥ୍ ମୁନି–୪୦, ପୂଜା ବସ୍ତ୍ରକାର–୪/୫୩, ସ୍ନେହ ରାଣା–୩/୫୬, ଦୀପ୍ତି ଶର୍ମା–୨/୪୫)। ଭାରତ ପ୍ରଥମ ଇନିଂସ: ୯୮/୧ (ସ୍ମୃତି ମନ୍ଧାନା–୪୩*, ଶେଫାଳି ବର୍ମା–୪୦, ଜେସ ଜୋନାସେନ–୧/୪)।

# କୁସ୍ତିଯୋଦ୍ଧାଙ୍କ ଧାରଣାଠାରୁ ଡବ୍ଲ୍ୟୁଏଫ୍‌ଆଇ ନିର୍ବାଚନ ପର୍ଯ୍ୟନ୍ତ

# ଘଟଣାକ୍ରମ

**ଜାନୁୟାରୀ ୧୮:** ଡବ୍ଲ୍ୟୁଏଫ୍‌ଆଇ ମୁଖ୍ୟ ବ୍ରିଜ ଭୂଷଣ ସିଂ ଶରଣଙ୍କ ବିରୋଧରେ ଯୌନ ଶୋଷଣ ଏବଂ ଭୟଭୀତ କରିବା ଅଭିଯୋଗ। ତାଙ୍କର ଇସ୍ତଫା ଓ ମହାସଂଘର ଭଙ୍ଗ ଦାବିରେ ଯନ୍ତରମନ୍ତରଠାରେ କୁସ୍ତିଯୋଦ୍ଧାମାନଙ୍କ ଧାରଣା।

**ଜାନୁୟାରୀ ୧୯:** ଆନ୍ଦୋଳନରତ କୁସ୍ତିଯୋଦ୍ଧାଙ୍କୁ ଭେଟିଲେ ରାଜ୍ୟଗୋଷ୍ଠୀ କ୍ରୀଡ଼ା ଚାମ୍ପିୟନ କୁସ୍ତିଯୋଦ୍ଧା ଓ ଭାଜପା ସଦସ୍ୟ ବବିତା ଫୋଗଟ।

**ଜାନୁୟାରୀ ୨୦:** ଭାରତୀୟ ଅଲିମ୍ପିକ ଆସୋସିଏଶନ (ଆଇଓଏ) ସଭାପତି ପି.ଟି ଉଷାଙ୍କ ନିକଟରେ କୁସ୍ତିଯୋଦ୍ଧାଙ୍କ ଅଭିଯୋଗପତ୍ର ଦାଖଲ।

● ଆଇଓଏ ଦ୍ୱାରା ଏମ୍‌ସି ମେରୀକମ୍ ଓ ଯୋଗେଶ୍ୱର ଦତ୍ତଙ୍କ ସମେତ ୭ଜଣ ସଦସ୍ୟ ବିଶିଷ୍ଟ ତଦନ୍ତ କମିଟି ଗଠନ।





**ଜାନୁୟାରୀ ୨୧:** ଠାକୁରଙ୍କ ସହ ବୈଠକ ପରେ ଧାରଣାରୁ ଓହରିଲେ କୁସ୍ତିଯୋଦ୍ଧା।

● ମହିଳା କୁସ୍ତିଯୋଦ୍ଧାମାନେ ଏହାର ସଭାପତି ଓ କୋଚ୍‌ଙ୍କ ଦ୍ୱାରା ଯୌନ ଶୋଷଣର ଶିକାର ହୋଇଥିବା ଅଭିଯୋଗକୁ ଖଣ୍ଡନ କଲା ଡବ୍ଲ୍ୟୁଏଫ୍‌ଆଇ।

**ଜାନୁୟାରୀ ୨୧:** ସମସ୍ତ କାର୍ଯ୍ୟକଳାପକୁ ସସ୍‌ପେଣ୍ଡ କରିବା ସହିତ ଜରୁରିକାଳୀନ ଏଜିଏମ୍ ବୈଠକ ଡକାଇବା ଲାଗି ଡବ୍ଲ୍ୟୁଏଫ୍‌ଆଇକୁ କହିଲା କ୍ରୀଡ଼ା ମନ୍ତ୍ରଣାଳୟ।

● ଡବ୍ଲ୍ୟୁଏଫ୍‌ଆଇର ସହକାରୀ ସମ୍ପାଦକ ବିନୋଦ ତୋମାର ସସ୍‌ପେଣ୍ଡ।

**ଜାନୁୟାରୀ ୨୩:** ଅଭିଯୋଗର ସତ୍ୟତା ଜାଣିବା ଲାଗି ମେରୀକମ୍‌ଙ୍କ ନେତୃତ୍ୱରେ ୫ ସଦସ୍ୟ ବିଶିଷ୍ଟ ନିରୀକ୍ଷଣ କମିଟି ଗଠିତ ଏବଂ ୪ ସପ୍ତାହ ମଧ୍ୟରେ ରିପୋର୍ଟ ଦେବାକୁ ନିର୍ଦ୍ଦେଶ।

**ଫେବୃୟାରୀ ୨୩:** କମିଟି କାର୍ଯ୍ୟକାଳ ଦୁଇ ସପ୍ତାହ ବୃଦ୍ଧି।

**ଏପ୍ରିଲ ୧୬:** କ୍ରୀଡ଼ାମନ୍ତ୍ରୀଙ୍କ ନିକଟରେ ରିପୋର୍ଟ ଉପସ୍ଥାପନ ପରେ ମେ ୭ରେ ନିର୍ବାଚନ ପାଇଁ ଡବ୍ଲ୍ୟୁଏଫ୍‌ଆଇର ଘୋଷଣା।

**ଏପ୍ରିଲ ୨୩:** ଯନ୍ତର ମନ୍ତରକୁ ଫେରିଲେ କୁସ୍ତିଯୋଦ୍ଧା। ବ୍ରିଜ ଭୂଷଣ ଜଣେ ନାବାଳିକାଙ୍କ ସମେତ ୭ ମହିଳା କୁସ୍ତିଯୋଦ୍ଧାଙ୍କୁ ଯୌନ ନିର୍ଯାତନା ଦେଇଥିବା ଅଭିଯୋଗ।

● ନିରୀକ୍ଷଣ କମିଟି ରିପୋର୍ଟକୁ ସାର୍ବଜନିନ କରିବା ଲାଗି କୁସ୍ତିଯୋଦ୍ଧାମାନେ କ୍ରୀଡ଼ା ମନ୍ତ୍ରଣାଳୟକୁ କହିଲେ।

**ଏପ୍ରିଲ ୨୪:** କ୍ରୀଡ଼ା ମନ୍ତ୍ରଣାଳୟ ମେ ୭ ନିର୍ବାଚନକୁ ସ୍ଥଗିତ ରଖିଲେ ଏବଂ ଏକ ଆଡହକ୍ କମିଟି ଗଠନ ସହ ୪୫ ଦିନ ମଧ୍ୟରେ ନିର୍ବାଚନ କରିବା ଲାଗି କହିଲେ।

**ଏପ୍ରିଲ ୨୫:** ବ୍ରିଜ ଭୂଷଣଙ୍କ ବିରୋଧରେ ଏଫ୍‌ଆଇଆର ରେଜିଷ୍ଟ୍ରେଶନ ପାଇଁ ନିର୍ଦ୍ଦେଶ ଅନୁରୋଧ କରି ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହେଲେ କୁସ୍ତିଯୋଦ୍ଧା।

● ଦିଲ୍ଲୀ ପୋଲିସକୁ ସୁପ୍ରିମକୋର୍ଟଙ୍କ ନୋଟିସ।

**ଏପ୍ରିଲ ୨୭:** ଆଇଓଏ ଦ୍ୱାରା ୩ ଜଣ ସଦସ୍ୟ ବିଶିଷ୍ଟ ପ୍ୟାନେଲ ଗଠିତ।

● ଧାରଣରତ କୁସ୍ତିଯୋଦ୍ଧାମାନେ ଶୃଙ୍ଖଳିତ ରହିବା ଉଚିତ। ଦାବି ନେଇ ରାସ୍ତାକୁ ଓହ୍ଲାଇବା ପରିବର୍ତ୍ତେ ଆଇଓଏ ସହିତ ଆଲୋଚନା କରିବା ଉଚିତ ବୋଲି କହିଲେ ପି.ଟି. ଉଷା।

**ମେ ୩:** କୁସ୍ତିଯୋଦ୍ଧା ଓ ଦିଲ୍ଲୀ ପୋଲିସଙ୍କ ମଧ୍ୟରେ ଗଣ୍ଡଗୋଳରେ ଦୁଇ ଜଣ ଆହତ। ମହିଳା କୁସ୍ତିଯୋଦ୍ଧାଙ୍କ ପ୍ରତି ବଳ ପ୍ରୟୋଗ ସହ ଦୁର୍ବ୍ୟବହାର କରାଯାଇଥିବା ଅଭିଯୋଗ।

**ମେ ୪:** ଏଫ୍‌ଆଇଆର ଦରଜ ହେବା ସଙ୍ଗେ ସଙ୍ଗେ ୭ ଅଭିଯୋଗକାରୀଙ୍କୁ ଆବଶ୍ୟକ ସୁରକ୍ଷା ଯୋଗାଇଦିଆଯିବା ପରେ ବ୍ରିଜ ଭୂଷଣଙ୍କ ବିରୋଧରେ ଯୌନ ଶୋଷଣ ଅଭିଯୋଗ ଆଣିଥିବା ୩ ମହିଳା କୁସ୍ତିଯୋଦ୍ଧାଙ୍କ ଦ୍ୱାରା ହୋଇଥିବା ମାମଲାର କାର୍ଯ୍ୟଧାରାକୁ ବନ୍ଦ ରଖିଲେ ସୁପ୍ରିମ କୋର୍ଟ।

**ମେ ୫:** ବ୍ରିଜଭୂଷଣଙ୍କ ବିରୋଧରେ ଯୌନ ଶୋଷଣ ଅଭିଯୋଗ ଆଣିଥିବା କୁସ୍ତିଯୋଦ୍ଧାମାନଙ୍କ ବୟାନକୁ ରେକର୍ଡ କଲା ପୋଲିସ।

**ମେ ୧୦:** ବ୍ରିଜ ଭୂଷଣଙ୍କୁ ଚ୍ୟାଲେଞ୍ଜ କଲେ କୁସ୍ତିଯୋଦ୍ଧା ଏବଂ ନାର୍କୋ ଟେଷ୍ଟ ପାଇଁ କହିଲେ।

**ମେ ୧୧ :** ବ୍ରିଜଭୂଷଣଙ୍କ ବୟାନ ରେକର୍ଡ କଲା ପୋଲିସ।

**ମେ ୨୮:** ସରକାରୀ କର୍ମଚାରୀଙ୍କୁ ସେମାନଙ୍କ କାର୍ଯ୍ୟସ୍ଥଳକୁ ନ ଛାଡ଼ିବା ଅଭିଯୋଗରେ ଭିନେଶ ଫୋଗଟ, ସାକ୍ଷୀ ମଲିକ ଓ ବଜରଙ୍ଗ ପୁନିଆଙ୍କ ସମେତ ଅନ୍ୟ ବିକ୍ଷୋଭକାରୀ ଗିରଫ। ସେମାନେ ଅନ୍ୟ କେତେକଙ୍କ ସହ ନବ ନିର୍ମିତ ପାର୍ଲାମେଣ୍ଟ ଅଭିମୁଖେ ଅଗ୍ରସର ହେଉଥିଲେ।

**ମେ ୩୦:** ଭାରତୀୟ କୁସ୍ତିଯୋଦ୍ଧାଙ୍କ ପ୍ରତି ବଳ ପ୍ରୟୋଗ କରିବା ଏବଂ ସେମାନଙ୍କୁ ଅଟକ ରଖିବା ଘଟଣାକୁ ଅନ୍ତର୍ଜାତୀୟ ଅଲିମ୍ପିକ କମିଟି (ଆଇଓସି) ଏବଂ ୟୁନାଇଟେଡ୍ ୱାର୍ଲ୍ଡ ରେସ୍‌ଲିଂ (ୟୁଡବ୍ଲ୍ୟୁଡବ୍ଲ୍ୟୁ)ର ନିନ୍ଦା।

● ପଦକ ବିସର୍ଜନ ଲାଗି ହରିଦ୍ୱାରରେ ପହଞ୍ଚିଲେ କୁସ୍ତିଯୋଦ୍ଧା।

**ଜୁନ୍ ୭:** ବ୍ରିଜ ଭୂଷଣଙ୍କ ବିରୋଧରେ ପୋଲିସ ତଦନ୍ତ ହେବ ଏବଂ ଡବ୍ଲ୍ୟୁଏଫ୍‌ଆଇ ନିର୍ବାଚନ ଜୁନ ୩୦ରେ ହେବ ବୋଲି ଠାକୁରଙ୍କ ପ୍ରତିଶ୍ରୁତି ପରେ ଧାରଣା ସ୍ଥଗିତ।

**ଜୁନ୍ ୮:** ଚୂଡ଼ାନ୍ତ ଦଳରେ ସ୍ଥାନ ପାଇବା ଉଦ୍ଦେଶ୍ୟ ରଖିବ ଡବ୍ଲ୍ୟୁଏଫ୍‌ଆଇ ମୁଖ୍ୟଙ୍କ ବିରୋଧରେ ଜାଣିଶୁଣି ମିଥ୍ୟା ଅଭିଯୋଗ ଆଣିଥିଲେ ବୋଲି ନାବାଳିକା ପିତା କହିଲେ।

**ଜୁନ୍ ୧୨:** ଜମ୍ମୁ କଶ୍ମୀର ହାଇକୋର୍ଟ ଚିଫ୍ ଜଷ୍ଟିସ ମହେଶ ମିତ୍ତଲ କୁମାରଙ୍କୁ ରିଟର୍ନିଂ ଅଫିସର ଭାବେ ନିଯୁକ୍ତି ଦେଲା ଆଇଓଏ।

**ଜୁନ୍ ୧୩:** ଜୁଲାଇ ୩ରେ ଡବ୍ଲ୍ୟୁଏଫ୍‌ଆଇ ନିର୍ବାଚନ ପାଇ ଦିନ ଧାର୍ଯ୍ୟ।

**ଜୁନ୍ ୧୫:** କୋର୍ଟରେ ଦିଲ୍ଲୀ ପୋଲିସର ଚାର୍ଜଶିଟ ଦାଖଲ।

**ଜୁନ୍ ୨୧:** ଯୋଗ୍ୟତା ହରାଇଥିବା ୫ ରାଜ୍ୟ ଆସୋସିଏଶନ ନିର୍ବାଚନ ପାଇଁ ଭୋଟିଂ ଅଧିକାର ଦାବି କରିବାରୁ ଏକ ଶୁଣାଣିର ଆବଶ୍ୟକ ପଡ଼ିଲା। ଫଳତଃ ଆଇଓଏ ନିର୍ବାଚନ ଜୁଲାଇ ୧୧କୁ ଘୁଞ୍ଚାଇଲା।

**ଜୁନ୍ ୨୨:** ଆଇଓଏ ଆଡହକ୍ ପ୍ୟାନେଲର ଏସିଆନ ଗେମ୍ସ ଓ ବିଶ୍ୱ ଚାମ୍ପିୟନଶିପ୍ ଚୟନ ଲାଗି ଆନ୍ଦୋଳନକାରୀ ୬ କୁସ୍ତିଯୋଦ୍ଧାଙ୍କ ଲାଗି ଗୋଟିଏ ବାଉଟ ରିହାତି ଘୋଷଣା।

**ଜୁନ୍ ୨୩:** ଏହି ୬ କୁସ୍ତିଯୋଦ୍ଧାଙ୍କ ଲାଗି ଏହି ରିହାତିକୁ ହଟାଇବା ଲାଗି ଦାବି କଲେ ବହୁ କୋଚ୍, ଅଭିଭାବକ ଏବଂ କୁସ୍ତିଯୋଦ୍ଧା।

**ଜୁନ୍–୨୫:** ଆସାମ ରେସ୍‌ଲିଂ ଆସୋସିଏଶନର ଏକ ପିଟିଶନକୁ ଭିତ୍ତି କରି ଜୁଲାଇ ୧୧ରେ ହେବାକୁଥିବା ନିର୍ବାଚନ ଉପରେ ରହିତାଦେଶ ଜାରି କଲେ ଗୁଆହାଟୀ ହାଇକୋର୍ଟ।

**ଜୁଲାଇ ୧୮:** ବ୍ରିଜଭୂଷଣ ସିଂ ଶରଣଙ୍କୁ ଦିଲ୍ଲୀ କୋର୍ଟଙ୍କ ଅନ୍ତରୀଣ ଜାମିନ।

● ବଜରଙ୍ଗ ଓ ଭିନେଶଙ୍କୁ ଏସିଆନ ଗେମ୍ସ ଲାଗି ସିଧାସଳଖ ଏଣ୍ଟ୍ରି।

**ଜୁଲାଇ ୧୯:** ବଜରଙ୍ଗ ଓ ଭିନେଶଙ୍କୁ ବେନଆଇନ ଭାବେ ଟ୍ରାଏଲରୁ ଛାଡ଼ କରିବା ପ୍ରତିବାଦରେ ହିସାରରେ ଯୁବ କୁସ୍ତିଯୋଦ୍ଧାଙ୍କ ପ୍ରତିବାଦ।

● ଡବ୍ଲ୍ୟୁଏଫଆଇ ନିର୍ବାଚନ ଅଗଷ୍ଟ ୭କୁ ଘୁଞ୍ଚିଲା।

**ଜୁଲାଇ ୨୦:** ବହୁ ଜୁନିୟର କୁସ୍ତିଯୋଦ୍ଧା, ସେମାନଙ୍କ ଅଭିଭାବକ ଏବଂ କୋଚ୍‌ଙ୍କ ସହ ଆଇଓଏ ମୁଖ୍ୟକାର୍ଯ୍ୟାଳୟରେ ପହଞ୍ଚି ଭିନେଶ ଓ ବଜରଙ୍ଗଙ୍କ କରାଯାଇଥିବା ରହାତିକୁ ପ୍ରତ୍ୟାହାର ଦାବି କଲେ।

● ଡବ୍ଲ୍ୟୁଏଫ୍‌ଆଇ ନିର୍ବାଚନ ଅଗଷ୍ଟ ୧୨କୁ ଘୁଞ୍ଚିଲା।

**ଅଗଷ୍ଟ ୧୧:** ହରିୟାଣା ରେସ୍‌ଲିଂ ଆସୋସିଏଶନର ପିଟିଶନକୁ ଭିତ୍ତି କରି ପଞ୍ଜାବ ଓ ହରିୟାଣା ହାଇକୋର୍ଟଙ୍କ ଅଗଷ୍ଟ ୧୨ ନିର୍ବାଚନ ଉପରେ ସ୍ଥଗିତାଦେଶ।

**ଅଗଷ୍ଟ ୨୩:** ଠିକଣା ସମୟରେ ନିର୍ବାଚନ କରୁ ନ ଥିବାରୁ ରେସ୍‌ଲିଂ ୱାର୍ଲ୍ଡ ଗଭର୍ନିଂବଡି ଡବ୍ଲ୍ୟୁଏଫ୍‌ଆଇକୁ ସସ୍‌ପେଣ୍ଡ କଲା ୟୁଡବ୍ଲ୍ୟୁଡବ୍ଲ୍ୟୁ।

**ଡିସେମ୍ବର ୫:** ଡବ୍ଲ୍ୟୁଏଫ୍‌ଆଇ ନିର୍ବାଚନ ଡିସେମ୍ବର ୨୧ରେ ଧାର୍ଯ୍ୟ।

**ଡିସେମ୍ବର ୨୧:** ବ୍ରିଜ ଭୂଷଣଙ୍କ ଘନିଷ୍ଠ ଅନୁଗତ ସଞ୍ଜୟ ସିଂ ଡବ୍ଲ୍ୟୁଏଫ୍‌ଆଇର ନୂଆ ମୁଖ୍ୟ ଭାବେ ନିର୍ବାଚିତ। ତାଙ୍କ ଗୋଷ୍ଠୀର ଅଧିକାଂଶ ନିର୍ବାଚିତ।

# ଫୁଲ ସୋରେନ ଓଡ଼ିଶା ଅଧିନାୟିକା

**ଭୁବନେଶ୍ୱର, ୨୧।୧୨(ତପନ ସ୍ୱାଇଁ)**

ବେଙ୍ଗାଲୁରୁର ହୁବଲିଠାରେ ଜାତୀୟ ଦୃଷ୍ଟିବାଧିତ ମହିଳା ଟି୨୦ କ୍ରିକେଟ ଟୁର୍ନାମେଣ୍ଟ ଜାନୁୟାରୀ ୮ରୁ ୧୨ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏହି ସମ୍ମାନଜନକ ପ୍ରତିଯୋଗିତା ପାଇଁ ଫୁଲ ସୋରେନଙ୍କୁ ଓଡ଼ିଶା ଦଳର ଅଧିନାୟିକା ମନୋନୀତ କରାଯାଇଛି। ଓଡ଼ିଶା ଦୃଷ୍ଟିବାଧିତ କ୍ରିକେଟ ସଂଘ ପକ୍ଷରୁ ୩୩ ଖେଳାଳିଙ୍କୁ ନେଇ ଚୟନ ଟ୍ରାଏଲ୍ ହେବାପରେ ୧୪ ଜଣିଆ ଦଳ ଘୋଷଣା କରାଯାଇଛି। କେଟି ଗ୍ଲୋବାଲ ସ୍କୁଲ ପରିସରରେ ଓଡ଼ିଶା ଦଳ ୫ ତାରିଖ ପର୍ଯ୍ୟନ୍ତ କ୍ୟାମ୍ପରେ ଟ୍ରେନିଂ ନେବାପରେ ୬ରେ ହୁବଲି ଯାତ୍ରା କରିବ। ଓଡ଼ିଶା ଦଳ ହେଉଛି ଡିଫେଣ୍ଡିଂ ଚାମ୍ପିୟନ। ଫୁଲଙ୍କ ସମେତ ୪ ଅନ୍ତର୍ଜାତୀୟ ଅଭିଜ୍ଞତା ରଖିଥିବା ପଦ୍ମିନୀ ଟୁଡୁ, ବାସନ୍ତି ହାଁସଦା ଓ ଝିଲି ବିରୁଆ ଦଳରେ ସ୍ଥାନ ପାଇଛନ୍ତି। ଲିଲି ବେହେରା ଓ ବିନା ମାଝିଙ୍କୁ ପ୍ରଥମଥର ପାଇଁ ସୁଯୋଗ ଦିଆଯାଇଛି। ପ୍ରତିଯୋଗିତାରେ ମୋଟ ୧୬ଟି ଦଳ ଅଂଶଗ୍ରହଣ କରିବେ। ଓଡ଼ିଶା ଦଳ: ଫୁଲ ସୋରେନ (ଅଧିନାୟିକା), ଯମୁନା ରାଣୀ ଟୁଡୁ, ପଦ୍ମିନୀ ଟୁଡୁ, ରୋହି ମୁଣ୍ଡା, ସ୍ମୃତିରେଖା ପ୍ରଧାନ, ଲିଲି ବେହେରା, ପାର୍ବତୀ ମାଡ଼ି, ସୁଲୋଚନା ସିଂ, ବାସନ୍ତି ହାଁସଦା, ଲିନା ସ୍ୱାଇଁ, ରଚନା ଜେନା, ଝିଲିବିରୁଆ, ମୁନିପୁର୍ତ୍ତୀ, ବିନା ମାଝି। କୋଚ୍: ସୁଖରାମ ମାଝି, ମ୍ୟାନେଜର: ଜାଫର ଇକବାଲ।







Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ–ତଥାଗତ ସତପଥୀ